R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୫୭
ତିଥି: ଏକାଦଶୀ
୦୧ ଡିସେମ୍ବର ୨୦୨୫, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 57
01 December 2025, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ଆଜିଠାରୁ ସଂସଦର ଶୀତ ଅଧିବେଶନ

# ସର୍ବଦଳୀୟ ବୈଠକରେ ସହଯୋଗ ଲୋଡ଼ିଲେ ସରକାର

ନୂଆଦିଲ୍ଲୀ, ୩୦ ।୧୧ : ସୋମବାର ଠାରୁ ସଂସଦର ଶୀତ ଅଧିବେଶନ ଆରମ୍ଭ ହେଉଛି । ସଂସଦର ଶୀତ ଅଧିବେଶନ ଡିସେମ୍ବର ୧୯ ତାରିଖ ଯାଏଁ ଚାଲିବ । ସଂସଦରେ ବିରୋଧୀ ଦଳଗୁଡ଼ିକ ବିଭିନ୍ନ ପ୍ରସଙ୍ଗ ଉଠାଇବାକୁ ସ୍ଥିର କରିଥିବା ବେଳେ ସରକାର ସଂସଦର ଶୀତ ଅଧିବେଶନକୁ ସୁରୁଖୁରୁରେ ଚଳାଇବା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି । ଆଜି ରାଜନୈତିକ ଦଳର ନେତାଙ୍କ ସହ ସରକାର ବୈଠକ କରିଛନ୍ତି । କେନ୍ଦ୍ର ମନ୍ତ୍ରୀଙ୍କ ସମେତ ୩୬ଟି ରାଜନୈତିକ ଦଳର ୫୦ ଜଣ ନେତା ବୈଠକରେ ଯୋଗ ଦେଇଛନ୍ତି



ସଂସଦ ଭବନ ପରିସରରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ରାଜନୈତିକ ଦଳର ନେତାଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଛି ଯାହାଦ୍ୱାରା ସଂସଦର ଆଗାମୀ ଶୀତକାଳୀନ ଅଧିବେଶନ, ୨୦୨୫ ସହିତ ଜଡିତ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇପାରିବ । ଏହି ବୈଠକ ସଂସଦୀୟ ବ୍ୟାପାର ଏବଂ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ଆହ୍ୱା କରିଥିଲେ । ଏହି ବୈଠକରେ କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ଏବଂ ରସାୟନ ଏବଂ ସାର ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା, ଆଇନ ଓ ନ୍ୟାୟ ରାଷ୍ଟ୍ରମନ୍ତ୍ରୀ ଏବଂ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏବଂ ସଂସଦୀୟ ବ୍ୟାପାର ଏବଂ ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ. ମୁରୁଗନ ମଧ୍ୟ ଯୋଗ ଦେଇଥିଲେ । ବୈଠକରେ ମନ୍ତ୍ରୀମାନଙ୍କ ସମେତ ୩୬ ରାଜନୈତିକ ଦଳର ୫୦ ଜଣ ନେତା ଯୋଗ ଦେଇଥିଲେ ।

ଆରମ୍ଭରେ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପ୍ରାରମ୍ଭିକ ମନ୍ତବ୍ୟ ଦେଇଥିଲେ ଏବଂ ବୈଠକରେ ଯୋଗ ଦେଇଥିବା ସମସ୍ତ (୯ ପୃଷ୍ଠାରେ)

# ୪ ଦିନ ପରେ ପୁଣି ଶୀତ ଫେରିବ

ଭୁବନେଶ୍ୱର, ୩୦ ।୧୧ (ସବ୍ୟୁ) : ରାଜ୍ୟରେ ଶୀତ ପ୍ରବଳ ହେଉନଥିଲେ ମଧ୍ୟ ପାହାଡିଆ ଅଞ୍ଚଳରେ ଥଣ୍ଡା ଅନୁଭୂତ ହେଉଛି । ଦାରିଙ୍ଗବାଡିରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ରେକର୍ଡ ହେଉଥିବା ବେଳେ ରାଉରକେଲାରେ ୧୦.୬ ଡିଗ୍ରୀ ରାତିର ତାପମାତ୍ରା ରହିଛି । ବାକି ଜିଲ୍ଲା ଗୁଡିକରେ ରାତିର ତାପମାତ୍ରା ସ୍ୱାଭାବିକ ରହିଛି । ଆସନ୍ତାକାଲି ସୋମବାର ଦକ୍ଷିଣ ଓଡିଶାର କେତକ ଜିଲ୍ଲାରେ ହାଲୁକା ବର୍ଷା ହେବାର ସମ୍ଭାବନା ଅଛି ।

ପାଣିପାଗ ବିଭାଗର କହିବା ଅନୁସାରେ ଉତ୍ତର ଆଭ୍ୟନ୍ତରୀଣ ଓଡିଶାର ସୁନ୍ଦରଗଡ ଓ କଳାହାଣ୍ଡି ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘନକୁହୁଡି ଦେଖାଯାଇଛି । ଦକ୍ଷିଣ ଆଭ୍ୟନ୍ତରୀଣ ଓଡିଶାର ଜିଲ୍ଲାଗୁଡିକରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସର୍ମନିମ୍ନ ତାପମାତ୍ରା ୪ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ବୃଦ୍ଧି ପାଇଛି । ଅନ୍ୟ କିଛି ଜିଲ୍ଲାରେ ପ୍ରାୟ ୨ ରୁ ୪ ଡିଗ୍ରୀ ଯାଏ ରାତିର ତାପମାତ୍ରା ବଢିଛି । ବାକି ଜିଲ୍ଲା ଗୁଡିକରେ ବିଶେଷ ବଡ ପରିବର୍ତ୍ତନ ହୋଇନାହିଁ। ଉତ୍ତର ଆଭ୍ୟନ୍ତରୀଣ ଓଡିଶାରେ ରାତିର ତାପମାତ୍ରା ସ୍ୱାଭାବିକ ଠାରୁ ୩ ଡିଗ୍ରୀ କମ୍ ଥିବା ବେଳେ ଆଭ୍ୟନ୍ତରୀଣ ଓଡିଶାର କିଛି ଜିଲ୍ଲାରେ ହାଲୁକା ବର୍ଷା ହେବାର ସମ୍ଭାବନା ଅଛି । ସୋମବାର ଗଞ୍ଜାମ, ଗଜପତି, ରାୟଗଡା, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ସ୍ୱଳ୍ପ ବର୍ଷା ହେବାର ଥିବା ବେଳେ ଅନ୍ୟ ଜିଲ୍ଲା ଗୁଡିକରେ ପାଗ ମୁଖ୍ୟତଃ ଶୁଖିଲା ରହିବ ।

ଆସନ୍ତା ୪ ଦିନ ପର୍ଯ୍ୟନ୍ତ

## ଆଜି ଦକ୍ଷିଣର ୫ ଜିଲ୍ଲାରେ ବର୍ଷା

ସ୍ଥାନ ଓ ଉପକୂଳ ଅଞ୍ଚଳର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ରାତିର ତାପମାତ୍ରା ସ୍ୱାଭାବିକ ଠାରୁ ୨ ରୁ ୩ ଡିଗ୍ରୀ ସେଲସିୟସ୍ ଅଧିକ ଥିଲା ।

ବାତ୍ୟା ଡିଟୱା ଉତ୍ତର ତାମିଲନାଡୁ ଓ ପୁଡୁଚେରୀ ଉପକୂଳରେ ଘସି ହୋଇଯାଉଛି । ବହୁ ନିକଟରେ ଯାଉଥିବାରୁ ତାମିଲନାଡୁ ଓ ପୁଡୁଚେରୀରେ ପ୍ରବଳ ବର୍ଷା ଜାରି ରହିଛି । ତେବେ ଏହାର ପ୍ରଭାବରେ ଦକ୍ଷିଣ ଓଡିଶାର ୫ ଟି ରାତିର ତାପମାତ୍ରାରେ ବିଶେଷ ବଡ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ । ଆସନ୍ତା ୪ ଦିନ ଯାଏ ରାଜ୍ୟର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ଶୀତ ଅନୁଭୂତ ହେବାକୁ ଥିବା ବେଳେ ବାକି ଜିଲ୍ଲା ଗୁଡିକରେ ଶୀତ ସାମାନ୍ୟ ହ୍ରାସ ପାଇବ । ୪ ଦିନ ପରେ ପୁଣି ଶୀତ ଫେରିବ । ରାତିର ତାପମାତ୍ରା ୨ ରୁ ୩ ଡିଗ୍ରୀ ଯାଏଁ ହ୍ରାସ ପାଇବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।

## ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍

# ଦେଶ ପାଇଁ ସଫଳତାର ମାସ ଥିଲା ନଭେମ୍ବର

ନୂଆଦିଲ୍ଲୀ, ୩୦।୧୧ : ନଭେମ୍ବର ମାସ ଭାରତ ପାଇଁ ଅନେକ ଐତିହାସିକ ଏବଂ ପ୍ରେରଣାଦାୟକ ସଫଳତାରେ ପରିପୂର୍ଣ୍ଣ ଥିଲା । ନଭେମ୍ବର ୨୬ ତାରିଖରେ ସମ୍ବିଧାନ ଦିବସ ଅବସରରେ ସଂସଦର କେନ୍ଦ୍ରୀୟ ହଲରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଯାହା ଦେଶକୁ ଗଣତାନ୍ତ୍ରିକ ମୂଲ୍ୟବୋଧର ମନେ ପକାଇ ଦେଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ତାଙ୍କର ମନ କି ବାତ କାର୍ଯ୍ୟକ୍ରମର ୧୨୮ ତମ ଏପିସୋଡ୍‌ରେ ଦେଶକୁ ସମ୍ବୋଧିତ କରିବାବେଳେ ଏହା ଉଲ୍ଲେଖ କରିଥିଲେ ।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏହି ମାସରେ ବନ୍ଦେ ମାତରମ୍ ଗାନର ୧୫୦ ତମ ବାର୍ଷିକୀ ପାଳନ ପାଇଁ ସାରା ଦେଶରେ ମହାନ କାର୍ଯ୍ୟକ୍ରମର ଆରମ୍ଭ ହୋଇଥିଲା । ସେ ଅଯୋଧ୍ୟାର ରାମ ମନ୍ଦିର ପରିସରରେ ଧର୍ମଧ୍ୱଜ ଉତ୍ତୋଳନ ଏବଂ କୁରୁକ୍ଷେତ୍ରର ଜ୍ୟୋତିସାରରେ ପଞ୍ଚଜନ୍ୟ ସ୍ମାରକୀର ଉଦଘାଟନ ଭଳି



ଐତିହାସିକ ଘଟଣାଗୁଡ଼ିକର ମଧ୍ୟ ଉଲ୍ଲେଖ କରିଥିଲେ । ଏହା ବ୍ୟତୀତ ଆଇଏନଏସ ମାହେକୁ ଭାରତୀୟ ନୌସେନାରେ ସାମିଲ କରାଯାଇଥିଲା, ଯାହା ସାମୁଦ୍ରିକ ସୁରକ୍ଷା କ୍ଷମତାକୁ ଆହୁରି ବୃଦ୍ଧି କରିଥିଲା ।

ମହାକାଶ କ୍ଷେତ୍ର ବିଷୟରେ କହିବାକୁ ଗଲେ, ସେ କହିଛନ୍ତି ଯେ ଭାରତର ଉଦୀୟମାନ ମହାକାଶ ଇକୋସିଷ୍ଟମକୁ ଏକ ପ୍ରମୁଖ ପ୍ରୋତ୍ସାହନ ମିଳିଛି । ଘରୋଇ କମ୍ପାନୀ ସ୍କାଏରୁଟର 'ଇନଫିନିଟି କ୍ୟାମ୍ପସ' ଭାରତର ନୂତନ ଶକ୍ତି ଏବଂ ନବସୃଜନକୁ ବିଶ୍ୱ ସମ୍ମୁଖରେ ପ୍ରଦର୍ଶନ କରିଛି । ଏହି ସଫଳତାଗୁଡ଼ିକ ଦେଶର ନୂତନ ଚିନ୍ତାଧାରା, ନବସୃଜନ ଏବଂ ଯୁବଶକ୍ତି ଦ୍ୱାରା ସମ୍ଭବ ହୋଇପାରିଛି ।

ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଆଇଏନଏସ 'ମାହେ'କୁ ମୁମ୍ବାଇରେ ଭାରତୀୟ ନୌସେନାରେ ସାମିଲ କରାଯାଇଥିଲା । କିଛି ଲୋକ ଏହାର ସ୍ୱଦେଶୀ ଡିଜାଇନକୁ ବହୁତ ପସନ୍ଦ କରିଥିଲେ ।ଏହି ସମୟରେ ପୁଡୁଚେରୀ ଏବଂ ମାଲାବାର ଉପକୂଳର ଲୋକମାନେ ଏହାର ନାମ ଶୁଣି ଖୁସି ହୋଇଥିଲେ । ପ୍ରକୃତରେ, ଏହାର ନାମ 'ମାହେ' ରଖାଯାଇଛି ମାହେ ସ୍ଥାନରୁ, ଯାହାର ଏକ ସମୃଦ୍ଧ ଐତିହାସିକ ଐତିହ୍ୟ ରହିଛି ।

ପ୍ରଧାନମନ୍ତ୍ରୀ ମୋଦୀ ଆହୁରି କହିଛନ୍ତି, ଭାରତ ୩୫୭ ନିୟୁତ ଟନ୍ ଖାଦ୍ୟ ଶସ୍ୟ ଉତ୍ପାଦନ ସହିତ ଏକ ଐତିହାସିକ ରେକର୍ଡ (୯ ପୃଷ୍ଠାରେ)

# ତାମିଲନାଡୁରେ ଡିଟୱା ପ୍ରଭାବ : ବାତ୍ୟା, ବର୍ଷାରେ ୩ ମୃତ

ଚେନ୍ନାଇ ୩୦ ।୧୧: ଘୂର୍ଣ୍ଣିବାତ୍ୟା 'ଡିଟୱା' ପ୍ରଭାବରେ ତାମିଲନାଡୁର ବିଭିନ୍ନ ଅଞ୍ଚଳରେ ରବିବାର ବର୍ଷା ଜାରି ରହିଛି । ଏହି ସମୟରେ ବର୍ଷା ସମ୍ପର୍କିତ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ଖବର ଆସୁଛି । ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁସାରେ ଆଗାମୀ ୨୪ ଘଣ୍ଟାରେ ଘୂର୍ଣ୍ଣିବାତ୍ୟା ରାଜ୍ୟର ଉତ୍ତର ଉପକୂଳ ଓ ପୁଡିଚେରୀ ସମାନ୍ତରରେ ପହଞ୍ଚିବ । ତାମିଲନାଡୁର କାବେରୀ ଡେଲ୍ଟାରେ ରାମନାଥପୁରମ ଓ ନାଗପଟ୍ଟିନମ ଜିଲ୍ଲାରେ ଭୀଷଣ ବର୍ଷା ଲାଗି ରହିଛି । ଉପକୂଳ ସହର ରାମେଶ୍ୱରମ ଓ ନାଗପଟ୍ଟିନମରେ ଲଗାଣ ବର୍ଷା ଯୋଗୁ ଜନଜୀବନ ଗୁରୁତର ପ୍ରଭାବିତ ହୋଇଛି । କାରଣ ବର୍ଷାରେ ତଳିଆ ଅଞ୍ଚଳରେ ପାଣି ପଶି ଯାଇଛି ।

ଆଞ୍ଚଳିକ ପାଣିପାଗ ବିଜ୍ଞାନ ବିଭାଗ ଙ୍କ ତାଜା ବୁଲେଟିନ ଅନୁସାରେ ଘୂର୍ଣ୍ଣିବାତ୍ୟା ଘଣ୍ଟାପ୍ରତି ୭ କିଲୋମିଟର ବେଗରେ ଉତ୍ତର ଦିଗକୁ ବଢୁଛି । ଏହା



ଏବେ କୁଡାଲୋରର ପୂର୍ବ-ଦକ୍ଷିଣ-ପୂର୍ବ ଦିଗରେ ୧୦୦ କିଲୋମିଟର ଦୂରରେ ଥିବା ବେଳେ କରାଇକେଲରୁ ୧୦୦ କିଲୋମିଟର ଉତ୍ତରପୂର୍ବ, ବେଦାରଣ୍ୟମରୁ ୧୪୦ କିଲୋମିଟର ଉତ୍ତର-ପୂର୍ବ, ପୁଡୁଚେରୀରୁ ୧୧୦ କିଲୋମିଟର ଦକ୍ଷିଣ ପୂର୍ବ ଓ ଚେନ୍ନାଇରୁ ୧୮୦ କିଲୋମିଟର ଦକ୍ଷିଣ-ଦକ୍ଷିଣ-ପୂର୍ବ ଦିଗରେ କେନ୍ଦ୍ରିତ ରହିଛି । ଏହା ପୂର୍ବରୁ ମଧ୍ୟାହ୍ନରେ ପାଣିପାଗ ବିଭାଗ ପକ୍ଷରୁ ଜାରି ବୁଲେଟିନରେ କୁହାଯାଇଥିଲା ଯେ ଉତ୍ତର ତାମିଲନାଡୁ ଓ ପୁଡୁଚେରୀ ଉପକୂଳରୁ ଘୂର୍ଣ୍ଣିବାତ୍ୟାର କେନ୍ଦ୍ର ସ୍ଥଳ ଦୂରତା ୭୦ କିଲୋମିଟର ରହିଛି । ଆଗାମୀ ୨୪ ଘଣ୍ଟାରେ ଏହା ଉତ୍ତର ତାମିଲନାଡୁ ଓ ପୁଡୁଚେରୀ ଉପକୂଳ ସମାନାନ୍ତରରେ ଉତ୍ତରକୁ ବଢିବାର ପ୍ରବଳ ସମ୍ଭାବନା ରହିଛି । ଉତ୍ତରଦିଗକୁ ଗତି କରି ଘୂର୍ଣ୍ଣିବାତ୍ୟା କ୍ରମଶଃ ଅବପାତରେ ପରିଣତ ହେବ ।

ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରବନ୍ଧନ ମନ୍ତ୍ରୀ କେ.କେ.ଏସ.ଏସ୍.ଆର ରାମଚନ୍ଦ୍ରନ କହିଛନ୍ତି ଯେ ଘୂର୍ଣ୍ଣିବାତ୍ୟା ଓ ବର୍ଷା ସମ୍ପର୍କିତ ଘଟଣାରେ ରାଜ୍ୟରେ ଏ ପର୍ଯ୍ୟନ୍ତ ୩ ଜଣଙ୍କ ମୃତ୍ୟୁ ହୋଇଛି । ଏଥିରେ ଟୁଟିକୋରିନ ଓ ତାଞ୍ଜାଭୁରୁରେ କାନ୍ଥ ପଡିବା ଯୋଗୁ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ମଇଲାଦୁଥରାଇରେ ବିଦ୍ୟୁତ ଆଘାତରେ ଜଣେ ୨୦ ବର୍ଷ ବୟସ୍କ ଯୁବକର ମୃତ୍ୟୁ ହୋଇଛି । ମନ୍ତ୍ରୀ କହିଛନ୍ତି ଯେ ଡେଲ୍ଟା ଜିଲ୍ଲାରେ ୧୪୯ ଗୃହପାଳିତ ପଶୁଙ୍କ ମୃତ୍ୟୁ ହୋଇଛି । ସେହିପରି ୫୭,୦୦୦ କୃଷିଭୂମି ପ୍ରଭାବିତ ହୋଇଛି ।

## ଓଡ଼ିଶା ଶିଳ୍ପ ସମ୍ମିଳନୀ ୨୦୨୫

# ପୂର୍ବ ଭାରତର ଏମଏସଏମଇ ଗେଟ୍‌ୱେ ହେବ ରାଜ୍ୟ

ଭୁବନେଶ୍ୱର, ୩୦ ।୧୧ (ସବ୍ୟୁ): ଓଡିଶା କଠିନ ପରିଶ୍ରମ, ନବସୃଜନ ଏବଂ ଉଦ୍ୟୋଗର ଏକ ରାଜ୍ୟ । "ଲଘୁ ଉଦ୍ୟୋଗ ଭାରତୀ' ଭୁବନେଶ୍ୱରରେ ଏକ କାର୍ଯ୍ୟାଳୟ ପ୍ରତିଷ୍ଠା କରିବାକୁ ଯୋଜନା କରୁଛି । ଏହା ଜିଲ୍ଲା ତଥା ତୃଣମୂଳ ସ୍ତରରେ ଏବଂ ଉଦ୍ୟୋଗ ସ୍ତରରେ ଶିଳ୍ପ-ସରକାରୀ ସହଯୋଗକୁ ଆହୁରି ଦୃଢ଼ କରିବ । ଆମ ସରକାରର ପ୍ରମୁଖ କାର୍ଯ୍ୟକ୍ରମ "ବିକଶିତ ଓଡ଼ିଶା ଓ ବିକଶିତ ଭାରତ' ଏକ ସ୍ଲୋଗାନ ନୁହେଁ, ଏହା ଏକ ପ୍ରତିଶ୍ରୁତି । ଓଡ଼ିଶା ପୂର୍ବ ଭାରତର ଏମଏସଏମଇ ଗେଟୱେ ଭାବରେ ଉଭା ହେଉ ।

ରେଳ ସଦନ ଠାରେ ଲଘୁ ଉଦ୍ୟୋଗ ଭାରତୀ ଓଡ଼ିଶା ଦ୍ୱାରା ଆୟୋଜିତ ଓଡିଶା ଶିଳ୍ପ ସମ୍ମିଳନୀ-୨୦୨୫ କାର୍ଯ୍ୟକ୍ରମର ( ୯ ପୃଷ୍ଠାରେ)


# ୩୭ ନକ୍ସଲଙ୍କ ଆତ୍ମସମର୍ପଣ

ଦାନ୍ତେୱାଡା, ୩୦ ।୧୧ : ଛତିଶଗଡ଼ର ଦାନ୍ତେୱାଡାରେ ରବିବାର ୩୭ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି । ସେମାନଙ୍କ ମଧ୍ୟରେ ୧୨ ଜଣ ମହିଳା ଅଛନ୍ତି । ସେହିପରି ଆତ୍ମସମର୍ପଣ କରିଥିବା ନକ୍ସଲଙ୍କ ମଧ୍ୟରୁ ୨୭ ଜଣଙ୍କ ନାଁରେ ମିଳିତ ଭାବେ ୬୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା । ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ଇଚ୍ଛା ଜାହିର କରି ଏହି ନକ୍ସଲମାନେ ଦନ୍ତେୱାଡାର ବରିଷ୍ଠ ପୁଲିସ ଅଧିକାରୀ ଓ ସିଆରପିଏଫ ଅଧିକାରୀଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି ।

**୨୭ ଜଣଙ୍କ ଉପରେ ଥିଲା ୬୫ ଲକ୍ଷ ଟଙ୍କାର ପୁରସ୍କାର**

ଆତ୍ମସମର୍ପଣ କରିଥିବା ଏହି ନକ୍ସଲଙ୍କ ମଧ୍ୟରେ ଅଛନ୍ତି କୁମାଲି ଓରଫ ଅନୀତା ମାଣ୍ଡବୀ, ଗୀତା ଓରଫ ଲକ୍ଷ୍ମୀ ମାଡକାମ, ରଞ୍ଜନ ଓରଫ ସୋମା ମାଣ୍ଡବୀ ଓ ଭୀମ ଓରଫ ଜାହାଜ କଲମୁଛ ଏହି ଚାରି ଜଣଙ୍କ ନାଁରେ ୮ ଲକ୍ଷ ଲେଖାଏ ପୁରସ୍କାର ଘୋଷଣା କରାଯାଇଥିଲା । ଛତିଶଗଡ଼ ସରକାରଙ୍କ ବ୍ୟବସ୍ଥା ଅନୁଯାୟୀ ଏହି ନକ୍ସଲମାନଙ୍କୁ ତତ୍‌କ୍ଷଣାତ୍ ୫୦ ହଜାର ଟଙ୍କା ଲେଖାଏ ସହାୟତା ଯୋଗାଇ ଦିଆଯିବ । ତା'ସହିତ ସେମାନଙ୍କ ଦକ୍ଷତା ବିକାଶ ନିମନ୍ତେ ପ୍ରଶିକ୍ଷଣ ଦିଆଯିବା ସହିତ ଚାଷ ଜମି ଆଦି ଯୋଗାଇ ଦିଆଯିବ । ( ୯ ପୃଷ୍ଠାରେ)

DSPL-388



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଅନ୍ତର୍ଜାତୀୟ
ଭିନ୍ନକ୍ଷମ ଦିବସ-୨୦୨୫
(୧-୩ ଡିସେମ୍ବର ୨୦୨୫)



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ମୁଖ୍ୟ ଅତିଥି
ଶ୍ରୀ ନିତ୍ୟାନନ୍ଦ ଗଣ୍ଡ
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ,
ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ

ଗରିମାମୟ ଉପସ୍ଥିତି
ଶ୍ରୀ ବାବୁ ସିଂ
ବିଧାୟକ, ଏକାମ୍ର, ଭୁବନେଶ୍ୱର
ଶ୍ରୀମତୀ ସୁଲୋଚନା ଦାସ
ମେୟର, ବି.ଏମ.ସି, ଭୁବନେଶ୍ୱର


ପଦଯାତ୍ରା
କଳିଙ୍ଗ ଷ୍ଟୁଡିଓ ଛକରୁ ସୋଆ ଷ୍ଟାଡିୟମ୍
୧ ଡିସେମ୍ବର ୨୦୨୫ | ସକାଳ ୭:୩୦
ସୋଆ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ-୨, ଭୁବନେଶ୍ୱର

OIPR: 46001/13/0069/2526

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

# ବ୍ରେନ୍ ଟ୍ୟୁମର

ଆମ ଜୀବନରେ ମସ୍ତିଷ୍କର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ଆମର ସମସ୍ତ ଅଙ୍ଗ ଏହା ଦ୍ୱାରା ହିଁ ପରିଚାଳିତ ହୋଇଥାଏ, ତେଣୁ ଏହାର ଯତ୍ନର ଆବଶ୍ୟକତା ଖୁବ ଅଧିକ । ଏଥିରେ ଦେଖିବାକୁ ମିଳୁଥିବା ବିଭିନ୍ନ ସମସ୍ୟା ଭିତରେ ଗୋଟିଏ ସମସ୍ୟା ହେଲା ବ୍ରେନ୍ ଟ୍ୟୁମର, ଯାହା ବିଷୟରେ ଜାଣିବାର ଆବଶ୍ୟକତା ରହିଛି ।



ବ୍ରେନ୍ ଟ୍ୟୁମର ଆମ ମସ୍ତିଷ୍କର ଯେ କୌଣସି ଟିସୁରେ ହୋଇପାରେ କିମ୍ବା ଟିସୁର ଆଖପାଖରେ ବି ହୋଇପାରେ । ମସ୍ତିଷ୍କ ଆଖପାଖ ଅର୍ଥାତ ସ୍ନାୟୁ, ପିଟୁଟାରୀ ଗ୍ଲାଣ୍ଡ, ପିନେଲ ଗ୍ଲାଣ୍ଡ୍ ଆଦିରେ ଏହା ହେବାର ସମ୍ଭାବନା ରହିଛି । ବ୍ରେନ ଟ୍ୟୁମର ପ୍ରାୟତଃ ମସ୍ତିଷ୍କରୁ ଆରମ୍ଭ ହେବାର ସମ୍ଭାବନା ବେଶିଥାଏ । ଏହାକୁ ପ୍ରାଇମେରୀ ବ୍ରେନ୍ ଟ୍ୟୁମର କୁହାଯାଇଥାଏ । ସେହିଭଳି ଯଦି ଅନ୍ୟ ଅଙ୍ଗରୁ କ୍ୟାନ୍ସର ବ୍ୟାପିଥାଏ ତେବେ ଏହାକୁ ସେକେଣ୍ଡାରୀ ଟ୍ୟୁମର କୁହାଯାଇଥାଏ । ତେବେ ସବୁ ବ୍ରେନ୍ ଟ୍ୟୁମର ଯେ କ୍ୟାନ୍ସର ସେଭଳି ନୁହେଁ । କିଛି ଟ୍ୟୁମର କ୍ୟାନ୍ସରିଅସ ହୋଇନଥାଏ । ତେବେ ବ୍ରେନ କ୍ୟାନସର ଅନେକଙ୍କ କ୍ଷେତ୍ରରେ ଖୁବ ଶୀଘ୍ର ବ୍ୟାପିବାର ଆଶଙ୍କା ମଧ୍ୟ ରହିଥାଏ, ଯାହା ଗମ୍ଭୀର ରୂପ ନେଇଥାଏ । ବ୍ରେନ୍ ଟ୍ୟୁମର ସବୁବେଳେ ଖୁବ ଛୋଟ ଅବସ୍ଥାରୁ ଖୁବ ବଡ ରୂପ ନେଇଥାଏ । ସେହିଭଳି ବେଳେବେଳେ ଏହା ନିଜର ଲକ୍ଷଣ କାରଣରୁ ଖୁବ ଛୋଟ ଅବସ୍ଥାରୁ ଚିହ୍ନଟ କରି ହୋଇଥାଏ, ହେଲେ ବେଳେବେଳେ ଏହା ଚିହ୍ନଟ ହେବାରେ ଖୁବ ଅଧିକ ସମୟ ନେଇଥାଏ । କାରଣ ଏହାର ଲକ୍ଷଣ ଦେଖିବାକୁ ମିଳିନଥାଏ । ସେହିଭଳି ଏହାର ଚିକିତ୍ସା ମଧ୍ୟ ଏହାର ଆକାର ଓ ଅବସ୍ଥିତି ଉପରେ ନିର୍ଭର କରିଥାଏ । ଏହାର ଚିକିତ୍ସା ପାଇଁ ଅପରେସନ୍ ଓ ରେଡିଅସନ ଥେରାପି ଆଦି ରହିଥାଏ ।

୧୮୫୮– ଇଷ୍ଟ ଇଣ୍ଡିଆ କମ୍ପାନୀ ଅଧୀନରୁ ଭାରତର ଶାସନଭାର ବ୍ରିଟେନର ଶାସକ ନିକଟକୁ ସ୍ଥାନାନ୍ତର ହେଲା । ଯାହାଫଳରେ ଗଭର୍ଣ୍ଣର ଜେନେରାଲ ସ୍ଥାନରେ ଭାଇସରାୟଙ୍କ ନିଯୁକ୍ତି କରାଗଲା ।

୧୯୨୨– ଅଟୋମନ୍ ସାମ୍ରାଜ୍ୟର ଅନ୍ତ ଘଟିଲା ଏବଂ ସୁଲତାନ ମହମ୍ମଦ ୬ଙ୍କୁ ବହିଷ୍କାର କରାଗଲା ।

୧୯୫୦– ଚିତ୍ତରଞ୍ଜନ ରେଳ କାରଖାନାରେ ଭାରତର ପ୍ରଥମ ବାଷ୍ପ ଇଞ୍ଜିନ ନିର୍ମାଣ କରାଗଲା ।

୧୯୫୨– ରାଜସ୍ଥାନର ମୁଖ୍ୟମନ୍ତ୍ରୀ ରୂପେ ଜୟନାରାୟଣ ଦାୟିତ୍ୱ ସମ୍ଭାଳିଲେ ।

୧୯୫୬– କର୍ଣ୍ଣାଟକ, କେରଳ, ଆନ୍ଧ୍ରପ୍ରଦେଶ ଆଦି ରାଜ୍ୟଗୁଡ଼ିକର ସ୍ଥାପନା । ଏହାସହ ରାଜଧାନୀ ଦିଲ୍ଲୀକୁ କେନ୍ଦ୍ରଶାସିତ ଅଞ୍ଚଳ ରୂପେ ମାନ୍ୟତା ମିଳିଲା ଏବଂ ପ୍ରଶାସନିକ ରୂପେ ହାଇଦ୍ରାବାଦ ଉପରୁ ରାଜ୍ୟ ମାନ୍ୟତା ପ୍ରତ୍ୟାହାର କରାଗଲା ।

୧୯୬୬– ହରିଆଣା ଏବଂ ଚଣ୍ଡିଗଡ଼ ରାଜ୍ୟର ସ୍ଥାପନା ।

୧୯୮୦– ଭାରତର ପ୍ରମୁଖ ସ୍ୱତନ୍ତ୍ରତା ସେନାନୀଙ୍କ ମଧ୍ୟରେ ଅନ୍ୟତମ ଥିବା ଦାମୋଦର ମେନନ୍‌ଙ୍କ ଦେହାନ୍ତ ।

୨୦୦୦– ଛତିଶଗଡ଼ ରାଜ୍ୟ ଗଠିତ ।

## ଆଜି ଜନ୍ମଦିନ

# ହେମାନନ୍ଦ ବିଶ୍ୱାଳ

ଓଡ଼ିଶାର ଜଣେ ବିଶିଷ୍ଟ ଆଦିବାସୀନେତା ଭାବେ ହେମାନନ୍ଦ ବିଶ୍ୱାଳଙ୍କର ରହିଛି ଅନେକ ଖ୍ୟାତି । ୭ ଡିସେମ୍ବର ୧୯୮୯ ରୁ ୫ ମାର୍ଚ୍ଚ ୧୯୯୦ ପର୍ଯ୍ୟନ୍ତ ଏବଂ ପୁନର୍ବାର ୬ ଡିସେମ୍ବର ୧୯୯୯ ରୁ ୫ ମାର୍ଚ୍ଚ ୨୦୦୦ ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବରେ ସେ କାର୍ଯ୍ୟ କରିଥିଲେ । ୨୦୦୯ ରୁ ୨୦୧୪ ପର୍ଯ୍ୟନ୍ତ ସୁନ୍ଦରଗଡ଼ର ସାଂସଦ ଭାବେ ମଧ୍ୟ ସେ କାର୍ଯ୍ୟ କରିଥିଲେ । ୧ ଡିସେମ୍ବର ୧୯୩୯ରେ ଓଡ଼ିଶାର ଠାକୁରପଡ଼ା ଗ୍ରାମରେ ହେମାନନ୍ଦ



ବିଶ୍ୱାଳଙ୍କର ଜନ୍ମ ହୋଇଥିଲା । ସୁନ୍ଦରଗଡ଼ ସରକାରୀ କଲେଜରୁ ସେ ମଧ୍ୟମା ଶିକ୍ଷା ସମାପ୍ତ କରିଥିଲେ ଏବଂ ପେଶାରେ ଜଣେ କୃଷିବିତ୍ ଥିଲେ । ଶ୍ରୀ ବିଶ୍ୱାଳ ଭାରତୀୟ ଜାତୀୟ କଂଗ୍ରେସ ଦଳର ସଦସ୍ୟ ଥିଲେ । ୧୯୭୪ ମସିହାରେ, ସେ ପ୍ରଥମ ଥର ପାଇଁ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ସେ ପୁଣି ଥରେ ଲାଇକେରାରୁ ବିଧାୟକ ଭାବରେ ନିର୍ବାଚିତ ହୋଇଥିଲେ । ୨୫ ଫେବୃଆରୀ ୨୦୨୨ ରେ ୮୨ ବର୍ଷ ବୟସରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ତାଙ୍କର ମୃତ୍ୟୁ ହୋଇଥିଲା ।

# ପାଠାଗାରରେ ମିଳନ୍ତି ମଣିଷ

ନେଦରଲାଣ୍ଡରେ ରହିଛି ଏଭଳି ଏକ ନିଆରା ଲାଇବ୍ରେରୀ ଯେଉଁଠାରେ ବହି ନୁହେଁ ବରଂ ମଣିଷଙ୍କୁ ଆପଣ ଧାର ନେଇପାରିବେ । ସାଧାରଣତଃ ଲାଇବ୍ରେରୀରେ ଲୋକମାନେ ଲାଇବ୍ରେରୀରୁ ବହି ନେଇଥାଆନ୍ତି ପଢିବାକୁ, ହେଲେ ଏହି ଲାଇବ୍ରେରୀଟି ଖୁବ ସ୍ୱତନ୍ତ୍ର । ନେଦରଲାଣ୍ଡର ଏହି ଲାଇବ୍ରେରୀର ନାଁ ହ୍ୟୁମାନ ଲାଇବ୍ରେରୀ, ଯେଉଁଥିରେ ବହି ବଦଳରେ ଲୋକ ମିଳୁଛନ୍ତି । ଲୋକଏଠାକୁ ଅନ୍ୟ ବ୍ୟକ୍ତିଙ୍କର ଅନୁଭବ ଶୁଣିବାକୁ ଆସନ୍ତି । ଏଠାକୁ ଆସୁଥିବା ପ୍ରତିଟି ଗ୍ରାହକ ପ୍ରଥମେ କ୍ୟାଟଲଗ ଦେଖିଥାଆନ୍ତି । ଏହାପରେ ନିଜ ପସନ୍ଦ ଅନୁସାରେ ବିଷୟ ଚୟନ କରନ୍ତି । ଏହାପରେ ଏହି ବିଷୟ ସମ୍ପର୍କରେ ଜାଣିଥିବା ଜଣେ ଭଲ୍ୟୁଣ୍ଟର ମିଳନ୍ତି । ଏହି ଭଲ୍ୟୁଣ୍ଟରଙ୍କ ସହିତ ଆପଣ ୨୦ ରୁ ୩୦ ମିନିଟ ପର୍ଯ୍ୟନ୍ତ କଥା ହୋଇ ପାରିବେ । ସେମାନେ ନିଜ ଜୀବନରେ ଘଟିଥିବା ପ୍ରକୃତ କଥା ଶୁଣାଇଥାଆନ୍ତି । ଏହାର ଉଦ୍ଦେଶ୍ୟ ସମାଜରୁ ଲୋକଙ୍କ ମନରୁ ବିଭିନ୍ନ ଦ୍ୱନ୍ଦ୍ୱ ଦୂର କରିବା । ଲାଇବ୍ରେରୀର ଏଭଳି ପ୍ରକାର ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଟ୍ରେଣ୍ଡରେ ରହୁଛି । ଲୋକମାନେ ଏହି ନିଆରା ଉପାୟକୁ ଖୁବ ପ୍ରଶଂସା କରୁଛନ୍ତି ।




## ସୋସିଆଲ କୋଟ୍ସ



“ଯଦି ଅଶନୁର ଏଭଳି ଜାଣିଶୁଣି କରିଛନ୍ତି ତେବେ ତାହା ଖୁବ ଖରାପ । ପୁରା ସିଜିନ ସେ ଭଲ ଖେଳିଥିଲେ । ହେଲେ ଶେଷ ବେଳକୁ ଏଭଳି କାଇଁ କି କଲେ ।

କାମ୍ୟା ପଞ୍ଜାବି, ଅଭିନେତ୍ରୀ



“ଧରମ ଜୀ କେବଳ ଜଣେ ଅଭିନେତା ନୁହେଁ ବରଂ ଜଣେ ମହାନ ବ୍ୟକ୍ତିତ୍ୱ ଥିଲେ । ତାଙ୍କର ନିଧନ ଆମ ପାଇଁ ଏକ ବଡ କ୍ଷତି ।

ଆମିର ଖାନ୍, ଅଭିନେତା



“ରାମ ଗୋପାଲଙ୍କୁ ପ୍ରଥମେ ଲାଗିଥିଲା ମୁଁ ତାଙ୍କ କାହାଣୀ ଶୁଣୁନି । ହେଲେ ମୋ ରିଆକସନ୍ ଦେଖି ସେ ନିଶ୍ଚିନ୍ତ ହୋଇଥିଲେ କି ମୁଁ ତାଙ୍କ କଥା ଶୁଣୁଛି ।

ଜ୍ୟାକି ସ୍ରଫ, ଅଭିନେତା

# ପେଟ ଶବ୍ଦ ଶୁଣି ହେବ ଖାଦ୍ୟ ଅର୍ଡର







ଜଣେ ଭାରତୀୟ ଇଞ୍ଜିନିୟରଙ୍କର ନିଆରା ଉଦ୍‌ଭାବନ ଭାଇରାଲ ହେବାରେ ଲାଗିଛି । ଇଞ୍ଜିନିୟର ଜଣଙ୍କ ଏଭଳି ଏକ ମେସିନ ଉଦ୍ଭାବନ କରିଛନ୍ତି ଯାହା ଭୋକର ଶବ୍ଦ ଶୁଣିବାମାତ୍ରେ ଜୋମାଟୋରୁ ଖାଇବା ଅର୍ଡର କରିଦେବ । ଏହି ଡିଭାଇସର ନାଁ ମମ୍ (ମିଲ୍ ଅର୍ଡରିଂ ମୋଡ୍ୟୁଲ) ରଖାଯାଇଛି । ଏହାର ଅର୍ଥ ମାଆଙ୍କ ଭଳି ଭୋକ ହେବାମାତ୍ରେ ଖାଇବା ଦେବା । ଏହି ମେସିନକୁ ବେଲ୍ଟରେ ପିନ୍ଧିବା ଭଳି ତିଆରି କରାଯାଇଛି । ଏହି ଡିଭାଇସରେ ଲଗାଯାଇଥିବା ସେନ୍ସର ସହାୟତାରେ ପେଟର ଶବ୍ଦକୁ ଶୁଣିବାକୁ ହୋଇଥାଏ । ଯାହାପରେ ସେନ୍ସର ଏଆଇର ସାହାଯ୍ୟ ନେଇ ଏହି ଶବ୍ଦ କେଉଁଠୁ ଆସୁଛି ଜାଣିବାକୁ ଚେଷ୍ଟା କରିଥାଏ । ଯଦି ପେଟରେ ଲମ୍ବା ସମୟ ପର୍ଯ୍ୟନ୍ତ ଶବ୍ଦ ହୋଇଥାଏ ତେବେ ମେସିନଟି ବିରିୟାନୀ କିମ୍ବା ପିଜ୍ଜା ଅର୍ଡର କରିଥାଏ । ଏହି ଡିଭାଇସଟି ୱାଇଫାଇ ସହିତ କନେକ୍ଟ ହୋଇଥାଏ, ତେଣୁ ସେ ଜମାଟୋରେ ରେଟିଂ ଅନୁଯାୟୀ ରେସ୍ତୋରାଁରୁ ଖାଇବା ଅର୍ଡର କରିଥାଏ । ବର୍ତ୍ତମାନ ଏହି ଡିଭାଇସକୁ ନେଇ ଖୁବ ଚର୍ଚ୍ଚା ଦେଖିବାକୁ ମିଳିଛି । ଲୋକମାନେ ଏହାକୁ ଖୁବ ପସନ୍ଦ କରୁଛନ୍ତି ।

# ପୋଷାକକୁ ନେଇ ପୂଜା ବିଧି


**ପୂଜାପୂଜିକୁ ନେଇ ହିନ୍ଦୁ ଧର୍ମରେ ଅନେକ ନିୟମ ରହିଛି । ସେହି ଅନୁସାରେ ପ୍ରତ୍ୟେକ ପୂଜାର ନିୟମ ଅଲଗା ହୋଇଥାଏ । ଏହି ନିୟମ ଅନୁସାରେ ସମସ୍ତ ପୂଜା କରାଯାଇଥାଏ । ତେବେ ଜ୍ୟୋତିଷ ଶାସ୍ତ୍ର ସହ ବାସ୍ତୁ ଶାସ୍ତ୍ରରେ ମଧ ଅନେକ ନିୟମ ରହିଥାଏ । ଏହି ଶାସ୍ତ୍ରରେ ପୂଜା ସମୟରେ କେଉଁ ପ୍ରକାର ପୋଷାକ ପିନ୍ଧିବ ସେ ନେଇ ବର୍ଣ୍ଣନା ରହିଛି, ଆସନ୍ତୁ ଜାଣିବା ସେହିଭଳି କେତେକ ନିୟମ ବିଷୟରେ..**

**ପିନ୍ଧନ୍ତୁ ନାହିଁ ଏହି ରଙ୍ଗ :** ବାସ୍ତୁ ଅନୁସାରେ କୌଣସି ବି ବ୍ୟକ୍ତି ପୂଜା ସମୟରେ ନୀଳ ରଙ୍ଗର ବସ୍ତ୍ର ପିନ୍ଧିବା ଉଚିତ୍ ନୁହେଁ । ଆପଣ ଧଳା, ହଳଦିଆ କିମ୍ବା ନାଲି ରଙ୍ଗର ପୋଷାକ ବ୍ୟବହାର କରନ୍ତୁ । ତାହା ଅତ୍ୟନ୍ତ ଶୁଭ ହୋଇଥାଏ । ତେବେ ଶନିଙ୍କର ପ୍ରିୟ ରଙ୍ଗ ନୀଳ ଓ କଳା ହୋଇଥାଏ । ତେଣୁ ଆପଣ ଶନି ପୂଜାରେ ନୀଳ ବଦଳରେ କଳା ରଙ୍ଗର ପୋଷାକ ପିନ୍ଧିପାରିବେ ।

**ଶାଢି ଓ କୁର୍ତ୍ତା ସବୁଠାରୁ ଭଲ :** ବାସ୍ତୁ ଶାସ୍ତ୍ର ଅନୁସାରେ ପୂଜା ସମୟରେ ସ୍ୱଚ୍ଛ ପୋଷାକ ଧାରଣ କରିବା ଉଚିତ୍ । ତେଣୁ ପୁରୁଷ ମାନେ ଧୋତି ଓ କୁର୍ତ୍ତା ଏବଂ ମହିଳା ମାନେ ଶାଢି ପିନ୍ଧି ପାରିବେ । ଯାହା ପୂଜାର ଶୁଦ୍ଧତାକୁ ବଢାଇ ଦେଇଥାଏ ବୋଲି ବିଶ୍ୱାସ ରହିଛି ।

**ଅପରିଷ୍କାର ପୋଷାକଠୁ ରୁହନ୍ତୁ ଦୂରରେ :** ସର୍ବଦା ବ୍ୟକ୍ତିଙ୍କୁ ଧ୍ୟାନ ରଖିବାକୁ ହେବ କି ପୂଜା ସମୟରେ ଅପରିଷ୍କାର ପୋଷାକଠାରୁ କିଭଳି ଦୂରରେ ରହିବେ । କେବେ ବି ଭଗବାନଙ୍କ ପୂଜାରେ ଅପରିଷ୍କାର, ଚିରା ଫଟା ପୋଷାକ ପିନ୍ଧନ୍ତୁ ନାହିଁ । ତେଣୁ ପୂଜାରେ ସର୍ବଦା ସଫା ପିନ୍ଧନ୍ତୁ ।

**ଶୁଭ ହୋଇଥାଏ ହଳଦିଆ ରଙ୍ଗ :** ସବୁ ପୂଜାରେ ଆପଣ ହଳଦିଆ ରଙ୍ଗର ପୋଷାକ ପିନ୍ଧିପାରିବେ । ହଳଦିଆ ରଙ୍ଗ ପୂଜା ପାଠ ପାଇଁ ଶୁଭ ହୋଇଥାଏ । ଭଗବାନ ବିଷ୍ଣୁଙ୍କର ଏହା ପ୍ରିୟ ରଙ୍ଗ । ସେହିଭଳି ଶିବଙ୍କ ପୂଜାରେ ହଳଦିଆ ଓ ଧଳା ରଙ୍ଗର ପୋଷାକ ପିନ୍ଧନ୍ତୁ ପୂଜା ସଫଳ ହେବ । ହେଲେ ଶିବଙ୍କ ପୂଜାରେ କେବେ ବି କଳା ରଙ୍ଗର ପୋଷାକ ଧାରଣ କରନ୍ତୁ ନାହିଁ । ଏହାକୁ ଅଶୁଭ ବୋଲି ବିବେଚନା କରାଯାଇଥାଏ ।



# ଡିଜିଟାଲ ପ୍ରୋଜେକ୍ଟରେ ମାଧୁରୀ



ନିଜ ଦର୍ଶକଙ୍କ ପାଇଁ ଖୁବଶୀଘ୍ର ଏକ ନୂଆ ପ୍ରୋଜେକ୍ଟ ନେଇ ଆସୁଛନ୍ତି ଧକଧକ ଗର୍ଲ ମାଧୁରୀ । ଏଥର ତାଙ୍କୁ ଡିଜିଟାଲ ପ୍ରୋଜେକ୍ଟରେ ଦେଖିବାକୁ ମିଳିବ, ଯାହାର ନାଁ ରହିଛି ମିର୍ସେସ ଦେଶପାଣ୍ଡେ । ଏହି କାହାଣୀ ଏକ ସିରିଏଲ କିଲରର କାହାଣୀ । ଡିସେମ୍ବର ୧୯ ରେ ଏହା ଓଟିଟି ପ୍ଲାଟଫର୍ମରେ ରିଲିଜ ହେବାନେଇ ସୂଚନା ରହିଛି । ଏଥିରେ ମାଧୁରୀଙ୍କର ସାଦାସିଧା ରୂପ ଦେଖିବାକୁ ମିଳିବ । ସେହିଭଳି ମାଧୁରୀଙ୍କର ଏହି ଚରିତ୍ର ଦର୍ଶକଙ୍କୁ ପସନ୍ଦ ଆସିବ ବୋଲି ମେକର୍ସ ଆଶା ରଖିଛନ୍ତି । ପୂର୍ବରୁ ଜାରି ହୋଇଥିବା ପୋଷ୍ଟରରେ ମାଧୁରୀଙ୍କର ନୋ ମେକଅପ ଲୁକ ମଧ ଦେଖିବାକୁ ମିଳିଛି । ଦର୍ଶକ ଏହି ପୋଷ୍ଟରକୁ ଖୁବ ଭଲପାଇବା ଦେଉଛନ୍ତି, ତେଣୁ ସିରିଜକୁ ମଧ ଖୁବ ଭଲ ପାଇବା ଦେବେ ବୋଲି ମେକର୍ସ ଆଶା ରଖିଛନ୍ତି ।

# ଅକ୍ଟୋପସ ଶିଖୁଛି ପିଆନୋ

ସ୍ୱିଡେନ୍‌ର ଜଣେ ପପୁଲାର ୟୁଟ୍ୟୁବର ସହିତ ମ୍ୟୁଜିସିଆନ ମାଥିୟାସ ଏକ ଅକ୍ଟୋପସକୁ ପିଆନୋ ଶିଖାଉଥିବା ଦେଖିବାକୁ ମିଳିଛି । ମାଥିୟାସ ସବୁବେଳେ ସଙ୍ଗୀତକୁ ନେଇ ବିଭିନ୍ନ ପ୍ରକାରର ପରୀକ୍ଷଣ କରିଥାଆନ୍ତି, ଯାହାକୁ ନେଇ ସେ ଚର୍ଚ୍ଚାରେ ମଧ ରହିଥାଆନ୍ତି । ବର୍ତ୍ତମାନ ସେ ନିଜର ଶିଷ୍ୟଭାବେ ଅକ୍ଟୋପସକୁ ଗ୍ରହଣ କରିଛନ୍ତି । ତାଙ୍କ ମତରେ ଗୋଟିଏ ଅକ୍ଟୋପସର ବୁଦ୍ଧି ଜଣେ ତିନିବର୍ଷର ପିଲା ଭଳି । ସେହିଭଳି ସେମାନଙ୍କର ୮ଟି ହାତ ରହିଛି, ଯାହା ସେମାନଙ୍କୁ ପିଆନୋ ବଜଇବାରେ ସହାୟକ ହୋଇଥାଏ । ତେବେ ସେ ତାକୁ ମନପସନ୍ଦର ଖାଇବା ଦେଇ ପିଆନୋ ଶିଖାଇଛନ୍ତି । ସେ ତାକୁ ଗୋଟିଏ କି ପ୍ରେସ କରିବାକୁ କହିଥାଆନ୍ତି ଯାହାପରେ ତାର ମନ ପସନ୍ଦର ଖାଇବା ଅଳ୍ପ କିଛି ବାଟ ପାଇଁ ତା ପାଖକୁ ଆସିଥାଏ । ଏହିପରି ଭାବେ କି ପ୍ରେସ କରିକରି ସେ ନିଜ ମନ ପସନ୍ଦର ଖାଇବା ପାଇଥାଏ । ଏହିପରି ଭାବେ ସେ ପିଆନୋ ବଜାଇବାରେ ସକ୍ଷମ ହୋଇ ପାରିଛି ।



ଡିଜିଟାଲ ପ୍ରୋଜେକ୍ଟରେ ମାଧୁରୀ

ନିଜ ଦର୍ଶକଙ୍କ ପାଇଁ ଖୁବଶୀଘ୍ର ଏକ ନୂଆ ପ୍ରୋଜେକ୍ଟ ନେଇ ଆସୁଛନ୍ତି ଧକଧକ ଗର୍ଲ ମାଧୁରୀ । ଏଥର ତାଙ୍କୁ ଡିଜିଟାଲ ପ୍ରୋଜେକ୍ଟରେ ଦେଖିବାକୁ ମିଳିବ, ଯାହାର ନାଁ ରହିଛି ମିର୍ସେସ ଦେଶପାଣ୍ଡେ । ଏହି କାହାଣୀ ଏକ ସିରିଏଲ କିଲରର କାହାଣୀ । ଡିସେମ୍ବର ୧୯ ରେ ଏହା ଓଟିଟି ପ୍ଲାଟଫର୍ମରେ ରିଲିଜ ହେବାନେଇ ସୂଚନା ରହିଛି । ଏଥିରେ ମାଧୁରୀଙ୍କର ସାଦାସିଧା ରୂପ ଦେଖିବାକୁ ମିଳିବ । ସେହିଭଳି ମାଧୁରୀଙ୍କର ଏହି ଚରିତ୍ର ଦର୍ଶକଙ୍କୁ ପସନ୍ଦ ଆସିବ ବୋଲି ମେକର୍ସ ଆଶା ରଖିଛନ୍ତି । ପୂର୍ବରୁ ଜାରି ହୋଇଥିବା ପୋଷ୍ଟରରେ ମାଧୁରୀଙ୍କର ନୋ ମେକଅପ ଲୁକ ମଧ ଦେଖିବାକୁ ମିଳିଛି । ଦର୍ଶକ ଏହି ପୋଷ୍ଟରକୁ ଖୁବ ଭଲପାଇବା ଦେଉଛନ୍ତି, ତେଣୁ ସିରିଜକୁ ମଧ ଖୁବ ଭଲ ପାଇବା ଦେବେ ବୋଲି ମେକର୍ସ ଆଶା ରଖିଛନ୍ତି ।

# ୩୦ଗ୍ରାମ ବ୍ରାଉନସୁଗର ଜବତ: ଜଣେ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ଆଦର୍ଶଥାନା ପୁଲିସ ଗୁରୁଜଙ୍ଗ ମହୋତ୍ସବ ପଡିଆରେ ଚଢଉ କରି ୩୦ ଗ୍ରାମ୍ ବ୍ରାଉନ୍‌ସୁଗର ଜବ୍‌ତ କରିବା ସହ ଗୁରୁଜଙ୍ଗ ଦେୱାନସାହି ର ସର୍ବେଶ୍ୱର ବେହେରା ଓରଫ୍ ବାପି କୁ ଗିରଫ କରିଛି। ବ୍ରାଉନସୁଗର ବିକ୍ରୀ ଅଭିଯୋଗରେ ୫୦୮/୨୫ରେ ଏକ ମାମଲା ରୁଜୁ କରାଯାଇ ତାକୁ କୋର୍ଟ ଚାଲାଣ କରାଯାଇଥିବା ଆଦର୍ଶଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ନିହାରରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।



ପ୍ରକାଶ ଥାଉକି, ମହୋତ୍ସବ ପଡିଆରେ ବ୍ରାଉନସୁଗର ବେପାର ହେଉଥିବା ଖବର ପାଇଥିଲା ପୁଲିସ। ସେମାନଙ୍କୁ ଧରିବାକୁ ଏସ୍‌ପି ବିବେକାନନ୍ଦ ଶର୍ମା ଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ ଏବଂ ଆଦର୍ଶ ଥାନା ଅଧିକାରୀ ସଞ୍ଜୟ କୁମାର ନାୟକଙ୍କ ତତ୍ୱାବଧାନରେ ଏକ ଟିମ୍ ଗଠିତ ହୋଇଥିଲା। ଏସ୍‌ଆଇ ସସ୍ମିତା ବେହେରାଙ୍କ ନେତୃତ୍ୱରେ ଏହି ସେଠାରେ ଚଢଉ କରିଥିଲେ। ଘଟଣାସ୍ଥଳ ରେ ବାପି ଉପରେ ସନ୍ଦେହ ହେବାରୁ ତାକୁ ଅଟକାଇ ଯାଂଚ କରିଥିଲେ। ଯାଂଚବେଳେ ତା ଠାରୁ ୩୦ଗ୍ରାମ୍ ବ୍ରାଉନ୍‌ସୁଗର, ଗୋଟିଏ ବୁଲେଟ୍ ମୋଟରସାଇକଲ୍ (ଓଡି-୦୨ ସିୱାଇ-୮୩୩୧), ଗୋଟିଏ ନୋକିଆ କିପ୍ୟାଡ୍ ମୋବାଇଲ୍ ଫୋନ୍ ଏବଂ ନଗଦ ୧,୫୦୦ ଟଙ୍କା କୁ ପୁଲିସ ଜବତ କରିଥିଲା। ବ୍ରାଉନସୁଗର ବିକ୍ରି ଅଭିଯୋଗରେ ପୁଲିସ ବାପି କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ମାମଲା ର ତଦନ୍ତଭାର ଏସ୍‌ଆଇ ଦିନେଶ କୁମାର ପିଙ୍ଗୁଆ ଙ୍କୁ ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଥାନା ଅଧିକାରୀ ସଞ୍ଜୟ କୁମାର ନାୟକ, ଏସ୍‌ଆଇ ସସ୍ମିତା ବେହେରା, ଏସ୍‌ଆଇ ଦିନେଶ କୁମାର ପିଙ୍ଗୁଆ ପ୍ରମୁଖ ଉପସ୍ଥିତଥିଲେ।

## ମହିଳାଙ୍କ ବେକରୁ ଝାମ୍ପି ନେଲେ ସୁନାଚେନ୍

ବାଲିପାଟଣା ,(ସବ୍ୟୁ) :ରାଜଧାନୀ ଉପକଣ୍ଠ ବାଲିପାଟଣା ଥାନା ବନମାଳିପୁର ଫାଣ୍ଡି ଆମଣାକୁଦ ଗାଁରେ ଲୁଟ୍‌। ବାଇକରେ ଆସି ମହିଳାଙ୍କ ବେକରୁ ଝାମ୍ପି ନେଲେ ସୁନାଚେନ୍। ଦୁଇ ଦୁର୍ବୃତ୍ତ ବାଇକ୍‌ରେ ଆସି ଲୁଟ୍ କରୁଥିବାର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ରବିବାର ସକାଳୁ ଆମଣାକୁଦ ଗାଁର ସଂଧ୍ୟାରାଣୀ ମହାନ୍ତି ମନ୍ଦିରକୁ ପୂଜାର୍ଚ୍ଚନା କରିବାକୁ ଯାଉଥିଲେ। ଏହି ସମୟରେ ୨ ଜଣ ଯୁବକ ଏକ ସ୍ପିଡ୍ ବାଇକ୍‌ରେ ଆସିଥିଲେ। ଜଣେ ଦୁର୍ବୃତ୍ତ ମହିଳାଙ୍କ ନିକଟକୁ ଚାଲି ଚାଲି ଯାଇ ସୁନାଚେନ୍ ଝାମ୍ପି ନେଇଥିଲେ। ପରେ ଦୁଇ ଜଣ ଦୁର୍ବୃତ୍ତ ବାଇକ୍ ଯୋଗେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଜଣେ ଦୁର୍ବୃତ୍ତ ମୁହଁରେ ମାସ୍କ ସହ ନାଲିରଙ୍ଗର ଟୋପି ପିନ୍ଧିଥିବା ବେଳେ ଅନ୍ୟ ଜଣେ ମାସ୍କ ଏବଂ ହେଲମେଟ୍ ପିନ୍ଧିଥିଲେ। ଲୁଟ୍ ସୁନାଚେନ୍ ଲକ୍ଷାଧିକ ଟଙ୍କାର ହେବ ବୋଲି ମହିଳା ଙ୍କ ସୂତ୍ର ରୁ ଜଣାପଡିଛି।

## ଖୋର୍ଦ୍ଧା ଜିଲ୍ଲା ଭାରତ ଓ ସ୍କାଉଟ ଗାଇଡର ବୈଠକ

# ଜିଲ୍ଲାସ୍ତରୀୟ ଜାମ୍ବୋରୀ ଡିସେମ୍ବର ୧୧ରେ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଭାରତ ସ୍କାଉଟ ଗାଇଡ୍ କାର୍ଯ୍ୟକାରୀ କମିଟି ର ଏକ ବୈଠକ ଜିଲ୍ଲାଶିକ୍ଷାଧିକାରୀ ସୋନାମିକା ରାୟଙ୍କ ଅଧ୍ୟକ୍ଷତାରେ ବି.ଜେ.ବି ହାଇସ୍କୁଲ ଖୋର୍ଦ୍ଧା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ଼ ପ୍ରଜ୍ଞାପରମିତା ଜେନା ବୈଠକକୁ ପରିଚାଳନା କରିଥିବା ବେଳେ ସର୍ବସମ୍ମତି କ୍ରମେ ଆସନ୍ତା ଡିସେମ୍ବର ମାସ ୧୧,୧୨ ଓ ୧୩ ତାରିଖ ୩ ଦିନ ଧରି ବି.ଜେ.ବି ହାଇସ୍କୁଲ ଖୋର୍ଦ୍ଧାଠାରେ ଜାମ୍ବୋରି ହେବାପାଇଁ ସ୍ଥିର କରାଯାଇଥିବା ଜିଲ୍ଲା ସମ୍ପାଦକ ସୁଧାକର ମହାପାତ୍ର ପ୍ରକାଶ କରିଛନ୍ତି। ଏହି ଜାମ୍ବୋରିରେ ଶାରୀରିକ ପ୍ରଦର୍ଶନୀ, ଦୁଃସାହାସିକ କାର୍ଯ୍ୟକଳାପ, ଗାଁ ମେଳା ଓ ଖାଦ୍ୟସମ୍ଭାର, ଶିବିରାଗ୍ନି



ଉତ୍ସବ, ସର୍ବଧର୍ମ ପ୍ରାର୍ଥନା, ଯୋଗ, ଶାନ୍ତିଶୋଭାଯାତ୍ରା ଭଳି ୧୪ଟି ପ୍ରତିଯୋଗୀତା କରାଯିବ। ଜାମ୍ବୋରି ଶୃଙ୍ଖଳିତ ପରିଚାଳନା ପାଇଁ ବିଭିନ୍ନ କମିଟି ମାନ ଗଠନ କରାଯିବା ପାଇଁ ସ୍ଥିରକରାଯାଇଛି। ପ୍ରତିଯୋଗୀତାଗୁଡିକ ପରିଚାଳନା ପାଇଁ ଅଭିଜ୍ଞ ସମ୍ପର୍ଣ୍ଣ ତାଲିମଦାତା ପୀତବାସ ପଟ୍ଟନାୟକ, ରମେଶ କୁମାର ବଳବନ୍ତରାୟ, ଦିବାକର ପଟ୍ଟନାୟକ ପ୍ରମୁଖଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି। ଏହି ବୈଠକରେ ଶାରୀରିକ ଶିକ୍ଷାନିରିକ୍ଷକ ଦିଲ୍ଲୀପ କୁମାର ମୋଦୀ, ଜିଲ୍ଲା ଜୁନିଅର ରେଡକ୍ରସ ଅଫିସର ତୋଫାନ ରାଉତରାୟ, ଜିଲ୍ଲା ସହ ସମ୍ପାଦକ ପ୍ରକାଶ କୁମାର ପଲାଇ, ପ୍ରଧାନଶିକ୍ଷକ ଗଣେଶ୍ୱର ମିଶ୍ର, ଜିଲ୍ଲା ଗାଇଡ କମିଶନର ଜୟନ୍ତୀ କୁମାରୀ ହୋତା, ଜିଲ୍ଲା ସ୍କାଉଟ କମିଶନର ବିଭୁପ୍ରସାଦ ସେନାପତି, କର୍ମକର୍ତା ଚିତରଞ୍ଜନ ବରାଳ, ମାନସ ସେଠୀ, ତପସ୍ୱିନୀ ପଟ୍ଟନାୟକ, ରଚିତା ପଟ୍ଟନାୟକ ପ୍ରମୁଖ ବ୍ଲକ୍ କର୍ମକର୍ତାମାନେ ଯୋଗଦାନ କରିଥିଲେ।







### ରାଜ୍ୟ ଗଠନର ଶତବାର୍ଷିକୀ ଅବସରରେ

# ଉତ୍କଳ ସମ୍ମିଳନୀ ପକ୍ଷରୁ ସଂସ୍କୃତି ମନ୍ତ୍ରୀଙ୍କୁ କୃତଜ୍ଞତା

ଭୁବନେଶ୍ୱର (ସବ୍ୟୁ): ୨୦୩୬ ମସିହାରେ ଓଡିଆ ରାଜ୍ୟ ଗଠନର ଶତବାର୍ଷିକୀ ପାଳନ ଅବସରରେ ରାଜ୍ୟ ଗଠନରେ ମୁଖ୍ୟ ଭୂମିକା ଥିବା ଉତ୍କଳ ସମ୍ମିଳନୀର ବ୍ୟାପକ ପ୍ରଚାର ଓ ପ୍ରସାର ପାଇଁ ପ୍ରସ୍ତାବ ରଖିଥିବାରୁ ରାଜ୍ୟ ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଉତ୍କଳ ସମ୍ମିଳନୀ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଅନୁଷ୍ଠାନର ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖାର କାର୍ଯ୍ୟ ନିର୍ବାହୀ ସମିତି ବୈଠକରେ ସଭାପତିତ୍ୱ କରି ଏଥି ପାଇଁ ରାଜ୍ୟସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । କାର୍ଯ୍ୟନିର୍ବାହୀ ସମିତି ବୈଠକରେ ପ୍ରଥମେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତଗାନ କରାଯିବା ପରେ ଦିବଙ୍ଗତ ସଦସ୍ୟ ଅଜୟ କାନୁନଗୋଙ୍କ ପାଇଁ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ଯୁଗ୍ମ-ସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡନାୟକ ବାର୍ଷିକ ଓ ଆର୍ଥିକ ବିବରଣୀ ପାଠ କରିବା ସହିତ କାର୍ଯ୍ୟକ୍ରମର ସୂଚନା ଦେଇଥିଲେ। ଆସନ୍ତା ଜାନୁଆରୀ ମାସ ୨୬ତାରିଖ ଦିନ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖାର




ନିର୍ବାଚନ ହେବ ବୋଲି ଦିନ ଧାର୍ଯ୍ୟ ହୋଇଥିଲା। ଝାଡଖଣ୍ଡରେ ଓଡିଆ ବିଦ୍ୟାଳୟ ବନ୍ଦ ହେବା ଓ କୋଟିଆ ତଥା ଦୀଘାରେ ପଡୋଶୀମାନଙ୍କ ଅନୁପ୍ରବେଶକୁ ବୈଠକରେ ଦୃଢ ନିନ୍ଦା କରାଯିବା ସହିତ କୋରାପୁଟ ଓ ବାଲେଶ୍ୱର ଜିଲ୍ଲା ପ୍ରଶାସନର ସାହାସକୁ ପ୍ରଶଂସା କରାଯାଇଥିଲା। ବୈଠକରେ ଉପଦେଷ୍ଟା ନିମାଇଁ ଚରଣ ଦାସ, ଯୁଗ୍ମସମ୍ପାଦକ ଅକ୍ଷୟ ଜେଠୀ, କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ମହେଶ୍ୱର ବିଶ୍ୱାଳ, ରାମଚନ୍ଦ୍ର ସାମଲ, ପ୍ରତାପ କୁମାର ନନ୍ଦ, ଧରଣୀଧର ରାଉତ, ଶଶି ଭୂଷଣ ଦାସ, କ୍ଷୀରୋଦ ବେହେରା, ପ୍ରସନ୍ନ ରଥ, ନିରଞ୍ଜନ ପାତ୍ର, ପ୍ରକାଶ କୁମାର ସାମଲ ଓ ସମ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।

## ସହଜ ଶ୍ରୀଜଗନ୍ନାଥ ଦର୍ଶନ ପାଇଁ ଏକାଠି ହୋଇ ଶପଥ ନେଲେ ସାମାଜିକ ଅନୁଷ୍ଠାନ

ପୁରୀ (ସବ୍ୟୁ): ଆଠ ସାହି ଆଖଡାର ମୁଖିଆ ସାମିଲ ହେଲେ ପୁରୀ ବାସୀଙ୍କ ସ୍ୱତନ୍ତ୍ର ଶ୍ରୀ ଜଗନ୍ନାଥ ଦର୍ଶନ ଅଭିଯାନରେ । ଗୋଟିଏ ସ୍ୱରରେ ଆଠ ସାହି ଆଖଡା ସମନ୍ୱୟ ସମିତି ପକ୍ଷରୁ ଦାବି ଉଠିଲା ପୁରୀ ବାସୀଙ୍କ ସୁବିଧାରେ ଶ୍ରୀ ଜଗନ୍ନାଥ ଦର୍ଶନ ଏବଂ ଯାଗା ଆଖଡା ର ସଭାପତି ସମ୍ପାଦକ ଏକ ସ୍ୱରରେ ଆହ୍ୱାନକ ଦେଲେ ଶ୍ରୀ ଗୁଣ୍ଡିଚା ମନ୍ଦିର ସମ୍ମୁଖରଜ ହଜାର ହଜାର ପୁରୀ ବାସୀ ଏକାଠି ହେବା ଏବଂ ପ୍ରତିବାଦ ର ସ୍ୱର ଉଠେଇବା। ପୁରୀ ବାସୀଙ୍କ ସ୍ୱତନ୍ତ୍ର ଶ୍ରୀମନ୍ଦିର ପ୍ରବେଶ ଯୋଜନା ତରଫରୁ ୭ ତାରିଖ ରେ ଶୋଭାଯାତ୍ରା ପାଇଁ ଆଜି ଠାରୁ ପ୍ରକ୍ରିୟା ଆରମ୍ଭ ହେଲା। ପ୍ରକ୍ରିୟାର ପ୍ରଥମ ଚରଣ ରେ ୨୮ ଟି ସାମାଜିକ ଅନୁଷ୍ଠାନ ଏକତ୍ରୀତ ହୋଇ ଗୁକ୍ସମସବକ୍ଷ ଙ୍କରୟସବ ରେ ସଚେତନତା ସୃଷ୍ଟି କରିବେ। ଆଗାମୀ ୨ ତାରିଖ ଠାରୁ ଆଠ ସାହି ବସ୍ତି ଗଳି କନ୍ଦି ରେ ସଚେତନତା ସୃଷ୍ଟି କରା ହେବ ଦସ୍ତଖତ ଅଭିଯାନ ଆରମ୍ଭ ହେବ ଏବଂ ଏ ସଂକ୍ରାନ୍ତରେ. ସନ୍ଧ୍ୟା ସମୟରେ ଆଠ ସାହି ଆଖଡା ମେଳି ହୋଇ ଏକ ସ୍ବରରେ ଦାବି ଉଠାଇଲେ ଶ୍ରୀ ଜଗନ୍ନାଥ ଦର୍ଶନ ପୁରୀ ବାସୀଙ୍କ ମୌଳିକ ଅଧିକାର। ପ୍ରତିଦିନ ଜଗନ୍ନାଥଙ୍କୁ ଦର୍ଶନ କରି ନିଜର ଦୈନନ୍ଦିନ ଜୀବନ ଆରମ୍ଭ କରିଥାନ୍ତି ପୁରୀ ବାସୀ। ଘର ପ୍ରତିଷ୍ଠା, ବ୍ରତୋପନୟନ, ବିହାହ,. ନିର୍ବନ୍ଧ ଏବଂ ଅନେକ ପୂଜାର୍ଚ୍ଚନା କାର୍ଯ୍ୟରେ ମହାପ୍ରସାଦ ପାଇଁ ଯାଇଥାନ୍ତି ପୁରୀ ବାସୀ ଏବେ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ମାଳ ମାହାର୍ଦ୍ଧ ପାଇଁ ମଧ୍ୟ ଯିବା ସମ୍ଭବ ହେଉନାହିଁ।

### କଳାଞ୍ଜଳୀ ଲୋକକଳା ମହୋତ୍ସବ ଉଦ୍‌ଯାପିତ

# ଆମକୁ ପରିଚିତ କରାଇଛି ଲୋକକଳା : ପୂର୍ବତନ ରାଜ୍ୟପାଳ

ଭୁବନେଶ୍ୱର, (ସବ୍ୟୁ): କଳାଞ୍ଜଳୀ ଆଟିଷ୍ଟ୍ରି ଟ୍ରଷ୍ଟ ଆନୁକୁଲ୍ୟରେ ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଓ ଓଡ଼ିଶା ସରକାର ଙ୍କ ସଂସ୍କୃତି ବିଭାଗ ମିଳିତ ସହଯୋଗରେ ହେଉଥିବା ଦୁଇ ଦିନିଆ ଲୋକକଳା ମହୋତ୍ସବ ଶେଷ ହୋଇଛି। କଳାଞ୍ଜଳୀ ଟ୍ରଷ୍ଟ ସର୍ବଦା ଓଡିଶା ତଥା ବିଭିନ୍ନ ରାଜ୍ୟର ହଜିଯାଉଥିବା ଲୋକକଳାକୁ ପଚାର ଓ ପ୍ରସାର ନିମନ୍ତେ ବହୁ ପଦକ୍ଷେପ ମାନ ହାତକୁ ନେଇଛି। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟଅତିଥି ଭାବେ ଅତିଥି ଭାବେ ଓଡିଶାର ପୂର୍ବତନ ରାଜ୍ୟପାଳ ଗଣେଶୀ ଲାଲ ଯୋଗ ଦେଇ କହିଥିଲେ ଯେ ଭାରତର ଲୋକକଳା ଅନ୍ୟନ। ପ୍ରତ୍ୟେକ ରାଜ୍ୟରେ ଭିନ୍ନ ଭିନ୍ନ ଲୋକକଳା ରହିଛି। ଯାହା ଆମକୁ ପରିଚିତ କରିପାରିଛି। ଏହି ଲୋକକଳାକୁ ବଞ୍ଚାଇବାକୁ ସମସ୍ତେ ପ୍ରୟାସ କରନ୍ତୁ, କଳାଞ୍ଜଳୀର ଏହି ପ୍ରୟାସ ସ୍ୱାଗତଯୋଗ୍ୟ।

ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ ଯୋଗଦେଇ କଳାଞ୍ଜଳୀର ଏହି ପ୍ରୟାସକୁ ପ୍ରଶଂସା କରିଥିଲେ। ରୋଟାରିଆନ ଯଜ୍ଞାଶିଷ ମହାପାତ୍ର, ବରିଷ୍ଠ ସାମ୍ବାଦିକ କିଶୋର ଦ୍ୱିବେଦୀ, ଗୁରୁ ଗଜେନ୍ଦ୍ର ପଣ୍ଡା, ଆସ୍ଥା ହସ୍ପିଟାଲ ସିଇଓ ପ୍ରଭାକର ପାଢୀଙ୍କ ସମେତ ବହୁ ମାନ୍ୟଗଣ୍ୟ ଅତିଥି ଯୋଗଦାନ କରିଥିଲେ । ଭାରତର ତଥା ଓଡିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା କଳାକାର ମାନଙ୍କ ଦ୍ୱାରା ଓଡ଼ିଶାର



ପାରମ୍ପରିକ ଲୋକନୃତ୍ୟ ସହ ଯୋଡି ଶଙ୍ଖ ,ବାଘ ନୃତ୍ୟ, କେରଳର ଲୋକନୃତ୍ୟ ମୋହିନିୟାଟ୍ୟମ୍, ମହାରାଷ୍ଟ୍ର ର ଲୋକନୃତ୍ୟ, ଛତ୍ରପୁରର ନୃତ୍ୟ ଶିଳ୍ପୀଙ୍କ ଦ୍ୱାରା କଥାପାଦ, ଲାବନି ନୃତ୍ୟ, ବିହୁ ନୃତ୍ୟ, ସମ୍ବଲପୁରୀ ଲୋକନୃତ୍ୟ, ମହାରାଷ୍ଟ୍ର ର ଲୋକନୃତ୍ୟ ପ୍ରଦର୍ଶନ କରା ଯାଇଥିଲା ଯାହା ଦର୍ଶକ ଙ୍କୁ ବିମୋହିତ କରିଥିଲା । ଏହି କାର୍ଯ୍ୟକ୍ରମକୁ କଳାଞ୍ଜଳୀ ଟ୍ରଷ୍ଟର ପ୍ରତିଷ୍ଠାତା ରାମେଶ୍ୱରୀ ନନ୍ଦ ପରିଚାଳନା କରିବା ସହ ଲୋକକଳା କୁ ବଞ୍ଚାଇ ରଖିବା ସହ ଏହାର ବିକାଶ ନିମନ୍ତେ ଉଦ୍ୟମରେ ଆପଣ ମାନେ ଆମ ସହ ସହଭାଗୀ ହେବା ସହ ଓଡିଶା ତଥା ଦେଶ ବିଦେଶରେ ମଧ୍ୟ ଏହା କିପରି ସୁଦୂର ପ୍ରସାରୀ ହୋଇପାରିବ ସେ ନେଇ ଆମ ଅନୁଷ୍ଠାନ ସର୍ବଦା ଉଦ୍ୟମ କରିବ ବୋଲି ମତ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମକୁ ଟ୍ରଷ୍ଟର ସଭାପତି ବାଇଲଣ୍ଡୁ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ଇଣ୍ଡିଆନ୍ ଗୋଲଡେନ୍ ଆଓ୍ୱାର୍ଡରେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ ।

### ଓଡ଼ିଶା ସଚିବାଳୟ ଲେଖକ ପରିଷଦର ମାସିକ ସାରସ୍ୱତ ଆସର

# କବି ରାଜେନ୍ଦ୍ର କିଶୋର ପଣ୍ଡା ଓ ସୁକାନ୍ତ ସୁବୁଦ୍ଧିଙ୍କୁ ଶ୍ରଦ୍ଧାସୁମନ ଅର୍ପଣ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ସଚିବାଳୟ ଲେଖକ ପରିଷଦର ନଭେମ୍ବର ମାସର ସ୍ୱାରସ୍ୱତ ଆସର



ଲୋକସେବା ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ନିକଟରେ ଇହଲୀଳା ସମ୍ବରଣ କରିଥିବା ପ୍ରଖ୍ୟାତ କବି ରାଜେନ୍ଦ୍ର କିଶୋର ପଣ୍ଡା ଓ ପରିଷଦର ପ୍ରତିଷ୍ଠାତା ସଦସ୍ୟ ତଥା ପୂର୍ବତନ ସଭାପତି ସୁକାନ୍ତ ସୁବୁଦ୍ଧିଙ୍କ ଅମର ଆତ୍ମାର ସଦଗତି ପାଇଁ ସମସ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ । ଜଣାଶୁଣା ଗାଳ୍ପିକା ବିଜନବାଳା ପାଟଯୋଷି ସ୍ୱର୍ଗତ ପଣ୍ଡାଙ୍କର ସ୍ମୃତି ଚାରଣ କଲାପରେ ତାଙ୍କ ସଂଯୋଜନାରେ ସ୍ୱର୍ଗତ ପଣ୍ଡାଙ୍କ ରଚିତ କବିତା ଶ୍ରଦ୍ଧାଞ୍ଜଳି ସ୍ୱରୂପ ପଠନ କରାଯାଇଥିଲା । ପରେ ପରେ ସାଧାରଣ ସମ୍ପାଦକ ସଞ୍ଜୟ ଆନନ୍ଦ କୁମାର ତ୍ରିପାଠୀ ପରିଷଦର ପୂର୍ବତନ ସଭାପତି ସ୍ୱର୍ଗତ ସୁବୁଦ୍ଧିଙ୍କ ସ୍ମୃତିଚାରଣ କରିବା ସହିତ ଲେଖକ ପରିଷଦ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ । ତାପରେ ସ୍ୱର୍ଗତ ସୁବୁଦ୍ଧିଙ୍କ ଲିଖିତ କବିତା ପାଠ କରାଯାଇଥିଲା । ପୂର୍ବତନ ଯୁଗ୍ମ ଶାସନ ସଚିବ ବନ୍ଦିତା ଦାଶ, ପୁଷ୍ପାଞ୍ଜଳି ବିଶୋୟୀ, ସଞ୍ଜୟ ଆନନ୍ଦ କୁମାର ତ୍ରିପାଠୀ, ବିଜନବାଳା ପାଟଯୋଷି ,ସୁଶାନ୍ତ ଧର, ମୌସୁମୀ ଦାଶ , ରଶ୍ମିତା ମହାନ୍ତ ନିବେଦିତା ବେହେରା କବିତା ପାଠରେ ଅଂଶଗ୍ରହଣ କରିଥିଲେ । ସହଯୋଗ କରିଥିଲେ ସଚିବାଳୟ ସେବା ସଙ୍ଘର ଉପ ସଭାପତି ବିଜୟ ସ୍ୱରୂପ ପଣ୍ଡା ।

## ଜାତୀୟ ରାଜ ପଥ ଗୋପଛକରୁ ବ୍ୟବସାୟୀଙ୍କୁ ଉଚ୍ଛେଦ

କେନ୍ଦ୍ରାପଡା, (ସବ୍ୟୁ): ଚଣ୍ଡିଖୋଲ-ପାରାଦ୍ୱୀପ ଜାତୀୟ ରାଜ ପଥ ଗୋପଛକ ରୁ ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯାଇଛି। ଜିଲ୍ଲାର ଅନ୍ୟତମ ବରିଷ୍ଠ ପରିବାହକ ଭାବେ ପରିଚିତ ଗୋପ ହାଟର ଶହ ଶହ ବ୍ୟବସାୟୀ ଜାତୀୟ ରାଜପଥ ଉପରେ ବସି ବ୍ୟବସାୟ କରି ଆସୁଥିଲେ। ଯାହା ଫଳରେ ଜାତୀୟ ରାଜ ପଥରେ ଯାତାୟତ କରୁଥିବା ବଡ ବଡ ଆଇରନ ଟ୍ରକ, ଟ୍ୟାଙ୍କର ଏବଂ ପାରାଦ୍ୱୀପ ପୋର୍ଟକୁ ନେଇ ଯାଉଥିବା ସାମଗ୍ରୀ ଗୁଡ଼ିକୁ ଗାଡି ଚଳାଚଳା ରେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିଲା। ଏଥି ସହିତ ଅନେକ ସମୟରେ ଦୁର୍ଘଟଣା ଘଟି ଲୋକ ଆହତ ହେବା ସହ ପ୍ରାଣ ହରାଉଥିଲେ। ଜିଲ୍ଲପାଳଙ୍କ ନିର୍ଦ୍ଦେଶ କ୍ରମେ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ରବିବାର ସକାଳେ ପୋଲିସ ସହାୟତା ଓ ଡାକବାଜି ଯନ୍ତ୍ର ଯୋଗୁଁ ବ୍ୟବସାୟୀ ମାନଙ୍କୁ ଜାତୀୟ ରାଜପଥ ରୁ ହଟାଯାଇ ବଜାର କମିଟି ଦ୍ୱାରା ନିର୍ମାଣ କରା ଯାଇଥିବା ହାଟ ଭିତରକୁ ପଠାଯାଇଛି।

## ଖୋର୍ଦ୍ଧାରୋଡ଼ ରେଳ ଷ୍ଟେସନରୁ ଗଞ୍ଜେଇ ଜବତ



ଜଟଣୀ, (ସବ୍ୟୁ): ଖୋର୍ଦ୍ଧାରୋଡ଼ ରେଳ ଷ୍ଟେସନ ପରିସରରୁ ଖୋର୍ଦ୍ଧାରୋଡ଼ ଜିଆରପି ହାତରେ ଲାଗିଛି ଚୋରା ଗଂଜେଇ । ଜିଆରପି ଅଧିକାରୀ ଏମ ଶଙ୍କର ରାଓଙ୍କ ସୂଚନା ମତେ ବିହାର ରାଜ୍ୟର ବାରୁଣୀ ଥାନା ଅନ୍ତର୍ଗତ ବିନ୍ଦିଲି ଅଞ୍ଚଳର ସାଜନ ମାହାତୋ (୩୨) ଏବଂ ତାଙ୍କପତ୍ନୀ କାଞ୍ଚନ ଦେବୀ(୨୯) ଟ୍ରେନ ଯୋଗେ ନିଜ ଅଞ୍ଚଳକୁ ଗଞ୍ଜେଇ ନେବା ପାଇଁ ଯୋଜନା କରୁଥିବା ବେଳେ ଜିଆରପି ହାତରେ ଧରା ପଡିଯାଇଥିଲେ । ଜବତ ଗଞ୍ଜେଇ ୧୧କିଲୋ ୩୦୦ ହୋଇଥିବା ବେଳେ ଏ ନେଇ ଜିଆରପି ଥାନାରେ ୧୫୧/୨୫ ରେ ଏକ ମାମଲା ରୁଜୁ ହୋଇ ଆସାମୀ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି ।

### ମଣିପାଲ ହସ୍ପିଟାଲ୍ ଭୁବନେଶ୍ୱର ପକ୍ଷରୁ

# ବୟସ୍କ ଲୋକଙ୍କ ପାଇଁ କାର୍ଯ୍ୟକ୍ରମ "ହେଲ୍‌ଦି ଡେ ଆଉଟ୍ ଫର୍ ଦ ୟଙ୍ଗ ଆଟ୍ ହାର୍ଟ"

ଭୁବନେଶ୍ୱର, (ସବ୍ୟୁ): ମଣିପାଲ ହସ୍ପିଟାଲ୍ ଭୁବନେଶ୍ୱର ପକ୍ଷରୁ ଆଇଜି ପାର୍କ ଠାରେ "ହେଲଦି ଡେ ଆଉଟ୍ ଫର୍ ଦ ୟଙ୍ଗ ଆଟ୍ ହାର୍ଟ " ନାମକ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ବୟସ୍କ ଲୋକଙ୍କୁ ସ୍ୱାସ୍ଥ୍ୟ ସଚେତନ କରାଇବା ଏବଂ ସକ୍ରିୟ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିନିୟର ସିଟିଜେନ୍ସ୍ ଫୋରମର ୫୦ ରୁ ଉର୍ଦ୍ଧ୍ୱ ସଦସ୍ୟ ଯୋଗଦାନ କରିଥିଲେ । ସେମାନଙ୍କୁ ଯାତାୟତ କରିବାରେ ଯେଭଳି କୌଣସି




ଅସୁବିଧା ନ ହୁଏ ସେଥିପାଇଁ ମଣିପାଲ ହସ୍ପିଟାଲ ପକ୍ଷରୁ ବିଶେଷ ଗାଡିର ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ଏହି ସ୍ୱାସ୍ଥ୍ୟ ସେଚେତନ କାର୍ଯ୍ୟକ୍ରମ ଯୋଗ ଓ ଆସନ ଠାରୁ ଆରମ୍ଭ ହୋଇଥିଲା, ଯାହାକି ବୟସ୍କ ଲୋକଙ୍କର ସ୍ୱାସ୍ଥ୍ୟବସ୍ଥା ଓ ଶାରୀରିକ ଫିଟ୍ନେସ୍‌କୁ ଧ୍ୟାନରେ ରଖି ଡାକ୍ତରଙ୍କ ପରାମର୍ଶରେ କରାଯାଇଥିଲା । ଏହା ପରେ ଫିଜିଓଥେରାପି ପ୍ରଦର୍ଶନ ମାଧ୍ୟମରେ ବିଭିନ୍ନ ପ୍ରକାର ଯନ୍ତ୍ରଣା ଠାରୁ କିଭଳି ଉପଶମ ମିଳିପାରିବ ସେ ସମ୍ପର୍କରେ ମଧ୍ୟ ଜଣାଯାଇଥିଲା । ବୟସ୍କ ଲୋକମାନଙ୍କ ମଧ୍ୟରେ ସାଧାରଣ ହୃଦରୋଗ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଆଣିବା ପାଇଁ ମଣିପାଲ ହସ୍ପିଟାଲର ବରିଷ୍ଠ ହୃଦ୍ରୋଗ ବିଶେଷଜ୍ଞ ତଥା ଡାଇରେକ୍ଟର କ୍ୟାଥ ଲ୍ୟାବ ଡାକ୍ତର ଲିଙ୍ଗରାଜ ନାଥ କାର୍ଡିଓଲୋଜି ଟକ ର ଆୟୋଜନ ହୋଇଥିଲା । ଆମୋଦ ପୂର୍ଣ୍ଣ ପରିବେଶ ସୃଷ୍ଟି କରିବା ପାଇଁ 'ଥ୍ରୋ ବଲ୍' ଓ 'ଲେଟର୍ କରେକ୍ସନ୍' ପରି ସହଜ ଖେଳମାନଙ୍କ ମଧ୍ୟ ଆୟୋଜନ ହୋଇଥିଲା, ଯେଉଁଥିରେ ସମସ୍ତେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ଏହା ସଙ୍ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମର ମନୋରମ ପରିବେଶକୁ ଆହୁରି ଜୀବନ୍ତ କରିଦେଇଥିଲା । ଶେଷରେ ଏକ ସ୍ୱତନ୍ତ୍ର ବସରେ ସିଟି ଟୁରରେ ସମସ୍ତ ସିନିୟର୍ ନାଗରିକ ମିଶି ଭୁବନେଶ୍ୱରର ସକାଳୀର ମନୋରମା ଉପଭୋଗ କରି ନିଜ ନିଜ ଘରକୁ ଫେରିଥିଲେ । ଏହି ଅବସରରେ ମଣିପାଲ ହସ୍ପିଟାଲ୍ସ କ୍ଲଷ୍ଟର ଡାଇରେକ୍ଟର (ସାଉଥ୍-ଇଷ୍ଟ) ଡାକ୍ତର ଶକ୍ତିମୟ ମହାପାତ୍ର କହିଥିଲେ, "ଆମର ବୟସ୍କ ନାଗରିକମାନଙ୍କ ପାଇଁ ଏହି ସ୍ୱାସ୍ଥ୍ୟମୟ, ଆନନ୍ଦମୟ ସକାଳ ଆୟୋଜନ କରି ଆମେ ଅତ୍ୟନ୍ତ ଖୁସି । ବୟସ୍କମାନଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ ସୁସ୍ଥ ରହିବା ଆମର ଏକ ଛୋଟିଆ ପ୍ରୟାସ ।"

# ପୁରୀ ଜିଲ୍ଲା ସ୍ତରୀୟ ଯୁବ ଉତ୍ସବ

ପୁରୀ, (ସବ୍ୟୁ): ପୁରୀ ଜିଲ୍ଲା ସ୍ତରୀୟ ଯୁବ ଉତ୍ସବ ଆଜି ଜିଲ୍ଲା ସ୍କୁଲ ଠାରେ ଅନୁଷ୍ଠିତ ହୋଇଥିଲା। ଏହାକୁ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଉଦଘାଟନ କରିବା ସହ ଯୁବବର୍ଗ ଙ୍କ ପ୍ରତିଭାର ଉନ୍ମେଷ ଦିଗରେ ଏହା ଏକ ସୁନ୍ଦର ପଦକ୍ଷେପ ବୋଲି କହିଥିଲେ। ପ୍ରତ୍ୟେକ ପିଲା ମଧ୍ୟରେ କିଛି ନା କିଛି ପ୍ରତିଭା ରହିଛି। ଏହାର ପରିପ୍ରକାଶ ପାଇଁ ଏହିଭଳି ପ୍ଲାଟଫର୍ମ ଉପଯୋଗୀ ସାବ୍ୟସ୍ତ ହୋଇଥାଏ। ପିଲା ଉପରେ ବାପା ମା ଅଯଥା ଚାପ ନ ଦେଇ ତା ଆଗ୍ରହ ର ଶିକ୍ଷା ଲାଭ ଦିଗରେ ସହାୟକ ହେଲେ ତାହା ଅଧିକ ଫଳପ୍ରଦ ହେବ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଯୁବ ଉତ୍ସବ ମାଧ୍ୟମରେ ଯୁବବର୍ଗ ଙ୍କ ସ୍ୱପ୍ନ ଓ ଇଚ୍ଛା କୁ ପୂର୍ଣ୍ଣ କରିବାର ସୁଯୋଗ ରହିଥାଏ। ଆଜି ବିଭିନ୍ନ ବ୍ଲକ ଓ ସହରାଞ୍ଚଳ ରୁ ଚୟନ ହୋଇ ଆସିଥିବା ପ୍ରତିଯୋଗୀ ମାନଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇ ଶ୍ରେଷ୍ଠ ପ୍ରତିଯୋଗୀ ଙ୍କୁ ରାଜ୍ୟ ସ୍ତରକୁ ପ୍ରେରଣ କରାଯିବ। ତେଣୁ ସମସ୍ତ ପ୍ରତିଯୋଗୀ ଯେ କୌଣସି ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ ପ୍ରଦାନ କରିବାକୁ ସେ ଆହ୍ୱାନ ଦେଇଥିଲେ।

### କିସ୍ ବିଶ୍ୱବିଦ୍ୟାଳୟ ୫ମ ସମାବର୍ତ୍ତନ ଉତ୍ସବ

# ଜାଗରଣ, ଆତ୍ମୀୟତା ଓ ପ୍ରତିବଦ୍ଧତା ଜୀବନର ମୂଳମନ୍ତ୍ର: ପ୍ରଫେସର ଗଣେଶୀ ଲାଲ

ଭୁବନେଶ୍ୱର, (ସବ୍ୟୁ): ଜାଗରଣ, ଆତ୍ମୀୟତା ଓ ପ୍ରତିବଦ୍ଧତା ହେଉଛି ଜୀବନର ମୂଳମନ୍ତ୍ର ବୋଲି ଓଡ଼ିଶାର ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ରବିବାର କିସ୍ ବିଶ୍ୱବିଦ୍ୟାଳୟ ୫ମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଫେସର ଲାଲ୍ କହିଲେ, ମୁଁ କିଏ, ମୁଁ କେଉଁଠି ଅଛି ଓ ମୁଁ କାହିଁକି ଅଛି ଏ ଅସମାହିତ ପ୍ରଶ୍ନ ଆଜି ପର୍ଯ୍ୟନ୍ତ ସମାଧାନ ହୋଇପାରିନାହିଁ। ମାତ୍ର କିସ୍ ବିଶ୍ୱବିଦ୍ୟାଳୟରେ ପିଲାମାନଙ୍କୁ ଏହି ଅସମାହିତ ପ୍ରଶ୍ନ ଉତ୍ତର ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଦେଇପାରିଛନ୍ତି। କିସ୍ ଆଜି ବିଶ୍ୱ ପାଇଁ ଏକ ଐତିହ୍ୟ ପାଲଟିଛି। ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସେ କହିଲେ, ସବୁବେଳେ ଇଣ୍ଟରନେଟ୍ ଉପରେ ନିର୍ଭରଶୀଳ ହେବା ଅପେକ୍ଷା ନିଜ ଅନ୍ତରାତ୍ମା ବା ଇନର୍ ନେଟ୍‌କୁ ପଚାରି ଯେ କୌଣସି କାର୍ଯ୍ୟ କରିବା ଉଚିତ। ଜୀବନରେ ସବୁବେଳେ ଅନୁସନ୍ଧିତ୍ସୁ ହେବା ସହ ସମସ୍ତଙ୍କୁ ଭଲ ପାଇବା ଏବଂ ପ୍ରତିବଦ୍ଧତା ରହିଲେ ସଫଳତା ହାସଲ ହୋଇପାରିବ ବୋଲି ପ୍ରଫେସର ଲାଲ୍ କହିଥିଲେ। ଏହି ଉତ୍ସବରେ ଦୀକ୍ଷାନ୍ତ ଅଭିଭାଷଣ ପ୍ରଦାନ କରି ଟ୍ୟୁନିସିଆର ନୋବେଲ ବିଜେତା କୁଇଦେଦ୍ ବୋଚମୁଇ କହିଲେ, ଅଚ୍ୟୁତ ସାମନ୍ତଙ୍କ ଭଳି ଜଣେ ନେତୃତ୍ୱକୁ ନିକଟରେ ପାଇଥିବାରୁ କିସ୍‌ର ଛାତ୍ରଛାତ୍ରୀମାନେ ଭାଗ୍ୟବାନ। ଶାନ୍ତି ଓ ସମାନତା ନିମନ୍ତେ ଶିକ୍ଷା ହେଉଛି ସବୁଠାରୁ




ପ୍ରଭାବୀ ଅସ୍ତ୍ର। ଅନ୍ୟମାନଙ୍କ ଉପରେ ନିଜର କର୍ତ୍ତୃତ୍ୱ ଜାହିର କରିବା ବଳଦରେ ସେମାନଙ୍କ ପ୍ରତି ଦୟାଶୀଳ ଓ ଉଦାର ମନୋଭାବ ପୋଷଣ ଲାଗି ସେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ।

ଏହି ଅବସରରେ ଓଡ଼ିଶାର ତିନିଜଣ ବିଶିଷ୍ଟ ବ୍ୟକ୍ତି ସାଂସଦ ଭର୍ତ୍ତୃହରି ମହତାବ, ଦୈନିକ ସମ୍ବାଦର ପ୍ରତିଷ୍ଠାତା ସୌମ୍ୟ ରଞ୍ଜନ ପଟ୍ଟନାୟକ ଏବଂ ସିଓ୍ୱାଇଏସ୍‌ଡିର ସହପ୍ରତିଷ୍ଠାତା ଜଗଦାନନ୍ଦଙ୍କୁ ସମ୍ମାନସୂଚକ ଡକ୍ଟୋରେଟ ଡିଗ୍ରୀ ପ୍ରଦାନ କରାଯାଇଥିଲା। ସମ୍ମାନ ଗ୍ରହଣ କରି ଶ୍ରୀ ମହତାବ କହିଲେ, ଏହି ସମ୍ମାନସୂଚକ ଡିଗ୍ରୀ ମୋର ଶିକ୍ଷାଗତ ଯୋଗ୍ୟତା ନିମନ୍ତେ ନୁହେଁ, ସାଧାରଣ ଜୀବନରେ ଦୀର୍ଘ ୩୦ବର୍ଷର ମୋର କାର୍ଯ୍ୟର ସ୍ୱୀକୃତି। କିସ୍‌ର ଛାତ୍ରଛାତ୍ରୀମାନେ ଯେଉଁ ଶୃଙ୍ଖଳା ଓ ସଞ୍ଜମ ପ୍ରଦର୍ଶନ କରୁଛନ୍ତି ତାହା ଓଡ଼ିଶାର ଅନ୍ତର୍ନିହିତ ଶକ୍ତିକୁ ହିଁ ପ୍ରଦର୍ଶିତ କରୁଛି ବୋଲି ସେ କହିଥିଲେ। ସମ୍ମାନ ଗ୍ରହଣ ଶ୍ରୀ ପଟ୍ଟନାୟକ କହିଲେ, ଏପରି ସମାବର୍ତ୍ତନ ସଭା ପ୍ରଥମ ଥର ପାଇଁ ମୁଁ ମୋ ଜୀବନରେ ଦେଖୁଛି । ଏହି ସମ୍ମାନ ମୋତେ ଆଗକୁ ଆହୁରି କାର୍ଯ୍ୟ କରିବା ପାଇଁ ଅଧିକ ଶକ୍ତି ଯୋଗାଇବ। ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ ସେ କହିଲେ ଜୀବନରେ ସଫଳତା ପାଇବାକୁ ହେଲେ ପ୍ରଶ୍ନ ପଚାରି ଶିଖ ଏବଂ ମାଆ, ମାଟି ଓ ମାତୃଭାଷା ପ୍ରତି ସମ୍ମାନ ରଖିଥାଅ। ସମ୍ମାନ ଗ୍ରହଣ ଶ୍ରୀ ଜଗଦାନନ୍ଦ କହିଲେ, ନ୍ୟାୟ ଓ ସମ୍ମାନ କ୍ଷେତ୍ରରେ ଓଡ଼ିଶାର ଯାତ୍ରାକୁ ମୋର ଏହି ସମ୍ମାନ ପ୍ରତିଫଳିତ କରୁଛି। କିସ୍ ହେଉଛି ସମ୍ମାନ ଓ ସୁଯୋଗର ଉତ୍ସ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନୀୟ ଅତିଥି ଭାବେ ୟୁଏଇସ୍ଥିତ କେଇଏଫ୍ ର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଫଇଜଲ ଇଦାଭାଲାଥ କୋଟି କୋଟିକୋଲୋନ, ଇଂଲଣ୍ଡସ୍ଥିତ ମାଲହୋତ୍ରା ଗ୍ରୁପ୍ ପିଏଲ୍‌ସିର ଅଧ୍ୟକ୍ଷ ଜେ ଏମ୍ ମିନୁ ମାଲହୋତ୍ରା ପ୍ରମୁଖ ଯୋଗଦେଇଥିଲେ। ସମାବର୍ତ୍ତନରେ ମୋଟ ୪୬୪ ଜଣଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିବା ବେଳେ ୨୦ ଜଣଙ୍କୁ ପିଏଚ୍‌ଡି ଡିଗ୍ରୀ ପ୍ରଦାନ କରାଯାଇଥିଲା। ସେହିପରି ସାମଗ୍ରିକ ଭାବେ ଉତ୍କର୍ଷତା ପ୍ରତିପାଦିତ କରିଥିବା ଜଣଙ୍କୁ ପ୍ରତିଷ୍ଠାତା ସ୍ୱର୍ଣ୍ଣପଦକ ଏବଂ ଶୈକ୍ଷିକ ଉତ୍କର୍ଷତା ପ୍ରତିପାଦନ ନିମନ୍ତେ ୭ଜଣଙ୍କୁ କୁଳାଧିପତି ସ୍ୱର୍ଣ୍ଣପଦକ ଓ ୭ଜଣଙ୍କୁ କୁଳପତି ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ଓ କିସ୍ ଉପସଭାପତି ଉମାପଦ ବୋଷ, କିସ୍ ସମ୍ପାଦକ ଆର ଏନ୍ ଦାଶ, କିଟ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ଅଶୋକ କୁମାର ପରିଜା, କିସ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ସତ୍ୟ ଏସ୍ ତ୍ରିପାଠୀ, ଉପକୁଳାଧିପତି ପ୍ରଫେସର ଅମରେଶ୍ୱର ଗାଲା, କୁଳପତି ପ୍ରଫେସର ଶରଣଜିତ ସିଂହ ଓ କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ପୌରାଞ୍ଚଳରେ ଦୋକାନ ପାଇଁ ବଢି ଚାଲିଛି ରାସ୍ତାକଡ଼ ଜମି ଜବରଦଖଲ

ଜଟଣୀ, (ସବ୍ୟୁ) : ଜଟଣୀ ପୌରାଞ୍ଚଳରେ ସରକାରୀ ଜମି ଜବରଦଖଲ ଏକ ମହାମାରୀରେ ପରିଣତ ହୋଇଥିବା ବେଳେ ତହସିଲ ପ୍ରଶାସନର ନିଷ୍କ୍ରିୟତାର ସୁଯୋଗ ଓ ପୌର ପ୍ରଶାସନ ଏବଂ ଦଖଲକାରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ହୋଇ କିଛି ମୁଷ୍ଟିମେୟ ବ୍ୟକ୍ତି ପ୍ରତିଯୋଗୀତା ପୂର୍ଣ୍ଣ ଭାବେ ଏହି ସୁବିଧା ହାତେଇବାରେ ଲାଗି ପଡ଼ିଥିବା ଦେଖିବାକୁ ମିଳୁଛି। ଦେଖିବାକୁ ମିଳିଛି ପୌରପାଳିକା ନିକଟସ୍ଥ ଶ୍ରୀବତ୍ସପାଠାଗାର ସମ୍ମୁଖ ଠାରୁ ସରକାରି ବାଳିକା ଉଚ୍ଚବିଦ୍ୟାଳୟ ଅଞ୍ଚଳ, ଜଟଣୀ ଉଚ୍ଚବିଦ୍ୟାଳୟ ଠାରୁ ହନୁମାନ ବାଟିକା ଛକ, ଜଟଣୀ ଥାନା ସମ୍ମୁଖ ଆଦି ସ୍ଥାନ ଜବର ଦଖଲକାରୀଙ୍କ ଭୂସ୍ୱର୍ଗ ପାଲଟିଛି। ବାଉଁଶ ବାଡ଼ କରି ଜମି ଓଗାଳିବା ସହ କେବିନ ପକାଇ ଦୋକାନ ବଜାର ଆରମ୍ଭ କରିଦେଇଥିବା ଦେଖିବାକୁ ମିଳିଛି। ସେପଟେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଟିଣ ଚାଦରର ଭେଣ୍ଡିଂ ଜୋନ୍ ଗୃହ ଗୁଡିକ କଳଙ୍କି ଲାଗି ଚତୁଃପାର୍ଶ୍ୱରେ ବଣବୁଦା ସୃଷ୍ଟି ହୋଇଥିବା ବେଳେ ସେଗୁଡିକ କିପରି ବ୍ୟବହାର କରାଯିବ ସେ ବିଷୟରେ ଚିନ୍ତା ନକରି ରାସ୍ତା କଡ଼ରେ ଅନ୍ୟମାନଙ୍କ ଭଳି ବେଆଇନ୍ ଦୋକାନ ଗୃହ ନିର୍ମାଣ କରି ଜବରଦଖଲ କାରୀମାନଙ୍କୁ ପରୋକ୍ଷରେ ପ୍ରୋତ୍ସାହିତ କରାଯାଉଥିବା ଆଲୋଚନା ହେଉଛି । ଆଶ୍ଚର୍ଯ୍ୟର କଥା କିଛିବର୍ଷ ତଳେ ଶ୍ରୀବତ୍ସ ପାଠାଗାର ଅଞ୍ଚଳରେ ତତ୍କାଳୀନ ପୌର ପ୍ରଶାସକ ତଥା ଭୁବନେଶ୍ୱର ଉପଜିଲ୍ଲାପାଳଙ୍କ



ନିର୍ଦ୍ଦେଶରେ ଉକ୍ତ ଅଞ୍ଚଳଟି ଜବରଦଖଲ ମୁକ୍ତ ପାଇଁ ଯୋଜନା ସରିଥିବା ବେଳେ କେଉଁ ନେତାଙ୍କ ଇଙ୍ଗିତରେ ତାହା ସ୍ଥଗିତ ରହିଲା ତାହା ଆଜି ମଧ୍ୟ ରହସ୍ୟାବୃତ । ଅପରପକ୍ଷେ ସ୍ଥାନୀୟ ତହସିଲଦାର ଓ ଅନ୍ୟ ଅଧିକାରୀ ପ୍ରମୁଖ ଉପର ବର୍ଣ୍ଣିତ ରାସ୍ତାରେ ଯିବା ଆସିବା ଜାରି ରଖିଥିଲେ ମଧ୍ୟ ବେଧଡ଼କ ଭାବେ ରାସ୍ତା କଡ ସରକାରି ଜମି ଅଧିଗ୍ରହଣ ହୋଇ ଚାଲିଥିବା ବେଳେ ପ୍ରଶାସନ ଏ ଦିଗରେ ଧୃତରାଷ୍ଟ୍ର ସାଜିବା, ସ୍ୱଚ୍ଛତା ଓ ପାରଦର୍ଶିତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହିପ୍ରକାର ପୌରପାଳିକା ଚତୁଃପାର୍ଶ୍ୱ, ଥାନାକଡ଼, ଖାସ୍ ମାହାଲ ଅଞ୍ଚଳରେ ଥିବା ଭାରତ ସଂଚାର ନିଗମ କାର୍ଯ୍ୟାଳୟ ପଛ ଗଳି, ମ୍ୟୁନିସିପାଲଟି ଛକ ନିକଟରେ ଥିବା ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ନବ ନିର୍ମିତ ଦୋକାନ ଗୃହ ଓ ଆଖପାଖର ଗଳି କନ୍ଦିରେ ହୋଇଚାଲିଥିବା ଅବରୋଧ ଗୁଡିକ ପ୍ରତି ଦୃଷ୍ଟି ନ ଦେଲେ ରାସ୍ତା ସଙ୍କୁଚିତ ହେବା ସହ ଆଗକୁ ସହରର ଉନ୍ନତିକରଣରେ ବାଧା ଉପୁଜିବା ଏକ ପ୍ରକାର ନିଶ୍ଚିତ। ଅପରପକ୍ଷେ ପୌର ପାଳିକା ପକ୍ଷରୁ ଲୋକଦେଖାଣିଆ ଭାବେ କେବେ କେମିତି ପ୍ରିୟାପ୍ରୀତିରେ ଅଳ୍ପ କିଛି ଭଙ୍ଗାଭଙ୍ଗୀ କରି ପଛରେ ହାତଗୁଞ୍ଜା ନେଇ ପୁଣି ସୁଯୋଗ ଦେଉଥିବା ସାଧାରଣରେ ଆଲୋଚନା ହେଉଛି । ଅପରନ୍ତୁ ବେଳ ଥାଉଥାଉ ବନ୍ଧ ବାନ୍ଧିବା ନୀତିରେ ରାସ୍ତା କଡ ସରକାରୀ ଜମିକୁ ସୁରକ୍ଷା ପାଇଁ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଓ ଖୋଦ୍ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମାନେ ମତ ଦେଇଛନ୍ତି ।

# ଝିଅ ଓ ବୋହୂ ମଧ୍ୟରେ କଳି

## ଘରେ ୨୦ ଘଣ୍ଟା ପଡିଲା ମା'ର ଶବ

ଧରାକୋଟ, (ସବ୍ୟୁ): ପୁଣି ମାନବିକତା ହଜିଯିବାକୁ ବସିଥିବା ଭଳି ଏକ ଖବର ମିଳିଛି ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକର ଗୋଲା ଦାମୋଦର ପଲ୍ଲୀ ପଂଚାୟତର କମାଶାସନ ଗ୍ରାମରୁ । ବୋହୂ ଏବଂ ଝିଅର କଳିରେ ଦୀର୍ଘ ୨୦ ଘଣ୍ଟା ଘରେ ମା'ର ଶବ ପଡ଼ିରହିବା ପରେ ଆପୋଷ ସମାଧାନ ପରେ ମିଳିତ ଭାବରେ ଶବ ସତ୍କାର କରାଯାଇଛି । ଗତକାଲି ରାତି ରେ ସେହି ଗ୍ରାମର ରନିାଲୁ ରେଡି (୬୫) ନାମକ ଏକ ମହିଳାଙ୍କ ମୃତ୍ୟୁ ହୋଇଥିଲା । ମୃତ ରନିାଲୁ ଦୁଇ ପୁଅ ଓ ଦୁଇ ଝିଅ ଙ୍କ ମଧ୍ୟରୁ ଦୁଇ ପୁଅ ମୃତ୍ୟୁ ବରଣ କରିଥିବା ବେଳେ ଦୁଇ ବୋହୂ ଓ ଦୁଇ ଝିଅ ରହିଛନ୍ତି । ପୂର୍ବରୁ ଏହି ଦୁଇ ପୁତ୍ର ମରିବା ପରେ ମା ରନିାଲୁ ନାମରେ ଥିବା କିଛି ଟଙ୍କା ପାଇଁ ପରିବାର ସଦସ୍ୟ ଙ୍କ ମଧ୍ୟରେ କଳହ ଲାଗି ରହିଥିଲା । ମା'ର ମୃତ୍ୟୁ ଦିନ ହିଁ ଏହି କଳହ ଉଗ୍ର ରୂପ ନେଇଥିଲା । ଗତ ଶନିବାର ରାତ୍ର ସମୟରେ ରନିାଲୁ ମରିବା ଫଳରେ ଦୁଇ ଝିଅ ମାର ଶବ ନିକଟରେ ଜଗି ରହିଥିଲେ । ପରିବାରର ବିଧବା ବୋହୂ କୂଳ ସମାଜ ଭାଇ ବନ୍ଧୁ ଙ୍କୁ ନେଇ ଶବ ସତ୍କାର ନିମନ୍ତେ ବାହାରିଲା ବେଳେ ଦୁଇ ଝିଅ ମାର ଟଙ୍କା ପଇସା ର ହିସାବ ନତୁଟିଲେ ଶବକୁ ସତ୍କାର କରିବା ପାଇଁ ଦୀର୍ଘ ସମୟ ଧରି ଛାଡି ନଥିଲେ । ଯାହାଫଳରେ ଗାଁ ର ପୂଜା, କର୍ମ, ଗାଁ ର ପ୍ରତ୍ୟେକ ଘରେ ଚୁଲି ଲାଗି ନଥିଲା । ଏଭଳି ପରିସ୍ଥିତିରେ ଶବକୁ ନେଇ ଟଣା ଓଟରା ହେବା ଘଟଣା ଚାରିଆଡେ ଖେଳିଯିବା ପରେ ଧରାକୋଟ ଥାନା ଅଧିକାରୀ ଚନ୍ଦ୍ରିକା ସ୍ବାଇଁ ଏବଂ ତାଙ୍କ ଟିମ ଘଟଣା ସ୍ଥଳରେ ପହଂଚି ବୁଝା ସୁଜା ପରେ ରନିାଲୁ ରେଡିର ଶବ ସତ୍କାର କୂଳ ସମାଜର ରୀତିନୀତି ଅନୁସାରେ ଗ୍ରାମ ଶ୍ମଶାନରେ ହୋଇଥିଲା । ସମ୍ପ୍ରତି ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

# ଲୋକଙ୍କ ଗୁହାରି ଶୁଣିଲେ ଜିଲ୍ଲାପାଳ : ବିଭିନ୍ନ ପ୍ରକଳ୍ପର କଲେ ସମୀକ୍ଷା

ଭଞ୍ଜନଗର, (ସବ୍ୟୁ): ପ୍ରଶାସନିକ ଅଧିକାରୀ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ସମ୍ପର୍କ ଯେତେ ନିବିଡ ହେବ ସେହି ଅନୁପାତରେ ବିକାଶ ମଧ୍ୟ ଆଗକୁ ବଢିବ । ଏହିଭଳି ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତି ଭାସନ ଜିଲାର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ସାଧାରଣ ଜନତାଙ୍କ ନିକଟତର ହୋଇ ଲୋକଙ୍କ ସୁଖଦୁଃଖ ପଚାରି ବୁଝୁଛନ୍ତି । ପରେ ଲୋକଙ୍କ ସମସ୍ୟାକୁ ଯଥାଶୀଘ୍ର ସମାଧାନ ପାଇଁ ଚେଷ୍ଟା କରୁଛନ୍ତି । ଜିଲ୍ଲାପାଳଙ୍କ ଏହିଭଳି କାର୍ଯ୍ୟକୁ ଲୋକେ ପ୍ରଶଂସା କରୁଛନ୍ତି । ତେବେ ଜିଲ୍ଲାପାଳ ଶନିବାର ଭଞ୍ଜନଗର ଉପଖଣ୍ଡ ଧରାକୋଟ ବ୍ଲକ ଝାଡ଼ବନ୍ଧ ପଞ୍ଚାୟତ ଅନ୍ତର୍ଗତ ସୁବର୍ଣ୍ଣପୁର ଗ୍ରାମକୁ ଯାଇଥିଲେ । ଜିଲ୍ଲାପାଳ ଗାଁ ଦାଣ୍ଡରେ ବସି ଗ୍ରାମବାସୀଙ୍କ ସୁଖ ଦୁଃଖ ପଚାରି ବୁଝିଛନ୍ତି । ଏଥିସହ ଗ୍ରାମର ବିଦ୍ୟୁତ ବ୍ୟବସ୍ଥାକୁ ଉଦଘାଟନ କରିଛନ୍ତି । ଦୀର୍ଘବର୍ଷ ହେବ ଉକ୍ତ ଗ୍ରାମକୁ ବିଦ୍ୟୁତ୍ ସେବା ନଥିଲା । ଗ୍ରାମବାସୀ ଏନେଇ



ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଗ୍ରାମରେ ବିଦ୍ୟୁତ୍ ସେବା ବ୍ୟବସ୍ଥା ହୋଇଥିଲା । ମାତ୍ର ୧୦ ଦିନରେ ଟାଟା ପାୱାର ଉକ୍ତ ଗ୍ରାମକୁ ବିଦ୍ୟୁତ୍ ସେବା ଯୋଗାଇ ଦେଇଛି । ବଦ୍ୟୁତ୍ ସେବା ଉ"ାଟନ ପରେ ଗ୍ରାମବାସୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ , ଜିଲାପାଳ ଏବଂ ଉପ ଜିଲାପାଳ ଉମା ଶଙ୍କର ବେହେରାଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏହି ସମୟରେ ଉପ ଜିଲ୍ଲାପାଳ ଉମା ଶଙ୍କର ବେହେରା, ବିଡ଼ିଓ ସଂଗ୍ରାମ କେଶରୀ ଜେନା, ଏବିଡିଓ ସୁଶିଲ କୁମାର ପଟ୍ଟନାୟକ, ଟାଟା ପାଓ୍ୱାର ଅଧିକାରୀମାନେ ଉପସ୍ଥିତ ଥିଲେ । ଏନେଇ ଜିଲ୍ଲାପାଳ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା ସମୟରେ କହିଥିଲେ । ଯେଉଁ ଜିଲାର ଯେଉଁ ଗ୍ରାମରେ ବଦ୍ୟୁତ ସେବା ନାହିଁ ସେଠୀ ବିଦ୍ୟୁତସେବା କିଭଳି ପହଞ୍ଚି ପାରିବ ସେନେଇ ପଦକ୍ଷେପ ନିଆଯାଉଛି । ଏହା ପୂର୍ବରୁ ଜିଲାପାଳ ଭଞ୍ଜନଗର ଗସ୍ତରେ ଆସି ଘୁମୁସର ଇତିହାସର ମୁକସାକ୍ଷି ଚକରା ଘାଟି ପରିଦର୍ଶନ କରିବା ସହ ସେଠାରେ ଚାଲିଥିବା ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ । ଭଞ୍ଜନଗର ପୌରପରିଷଦ ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ଭଞ୍ଜ ଟ୍ରଫି ଆୟୋଜକ କମିଟିର ସଭାପତି ବିଷ୍ଣୁ ପ୍ରସାଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲାରେ ଓଷ୍ଟା ମେଧା ଅନ୍ୱେଷଣ ପରୀକ୍ଷା ଦେଲେ ୧୧୮୨ ଜଣ

ବାରିପଦା, (ସବ୍ୟୁ) : ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଓଷ୍ଟା ଆନୁକୁଲ୍ୟରେ ନବମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ମେଧା ଅନେ୍ୱଷଣ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ମୋଟ୍ ୧୨ଟି ପରୀକ୍ଷା କେନ୍ଦ୍ରରେ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି । ସେଥି ମଧ୍ୟରୁ ବେତନଟୀ ବ୍ଲକର ସଠିଲୋ ହାଇସ୍କୁଲରେ ୯୯ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୯୨ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ, ସେହିପରି ବଡ଼ସାହି ବ୍ଲକ୍ ବିସି ସରକାରୀ ହାଇସ୍କୁଲ ମୁଷାଗଡିଆରେ ୮୪ ରୁ ୭୬, ରାସଗୋବିନ୍ଦପୁର ବ୍ଲକ ଚକାଡୋଳା ବିଦ୍ୟାପୀଠ ମାଣିକପୁରରେ ୧୧୬ ରୁ୧୦୯ ,ମୋରଡା ବ୍ଲକ୍ ଜବାହରଲାଲ ବିଦ୍ୟାପୀଠ ଚିତ୍ରଡାରେ ୬୮ରୁ ୬୭ ଜଣ, ବାରିପଦାର ଭଞ୍ଜପୁର ସରକାରୀ ବାଳିକା ହାଇସ୍କୁଲରେ ୧୧୧ରୁ ୧୦୬ଜଣ, ବାଙ୍ଗିରିପୋଷି ବ୍ଲକ୍ ଅନ୍ତର୍ଗତ ସରସ୍ୱତୀ ହାଇସ୍କୁଲ ଝଂଳାଗୁଆରେ ୧୧୧ ରୁ ୯୨ଜଣ, ଉଦଳା ସରକାରୀ ହାଇସ୍କୁଲରେ ୫୨ ରୁ ୪୯ ଜଣ, କପ୍ତିପଦା ସରକାରୀ ହାଇସ୍କୁଲ ରେ ୧୮୮ ରୁ ୧୮୦ଜଣ, ବହଳଦା ବ୍ଲକ୍ ମାକିଚକେଶ୍ୱରୀ ହାଇସ୍କୁଲ ରେ ୧୩୦ ରୁ ୧୧୯ ଜଣ, ଠିଁଙ୍କ ବ୍ଲକ୍ ସିମାନ୍ତ ହାଇସ୍କୁଲ ଯଦୁନାଥପୁର ହାଇସ୍କୁଲରେ ୧୧୮ ରୁ ୯୧ଜଣ, କରଞ୍ଜିଆ ତାଟୋ ସରକାରୀ ହାଇସ୍କୁଲରେ ୧୧୬ ରୁ ୧୦୯ ଜଣ, ଠାକୁରମୁଣ୍ଡା ସରକାରୀ ହାଇସ୍କୁଲରେ ୧୦୧ ରୁ ୯୭ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ଜଣାପଡିଛି । ପରୀକ୍ଷାର ସ୍ୱଚ୍ଛତା ପାଇଁ ସମସ୍ତ ପରୀକ୍ଷା କେନ୍ଦ୍ର ପାଇଁ ରାଜ୍ୟ ସଂଗଠନ ପକ୍ଷରୁ ପରିଦର୍ଶକ ନିଯୁକ୍ତି କରାଯାଇଥିବା ଜଣାପଡିଛି । ଜିଲ୍ଲାରେ ମୋଟ ୧୨୯୨ ଜଣ ଫର୍ମ ପୂରଣ କରିଥିବା ବେଳେ ୧୧୮୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି ଓ ୧୧୦ ଜଣ ଅନୁପସ୍ଥିତ ଥିବା ଜଣା ପଡିଛି ।

# ଅବସରପ୍ରାପ୍ତ କର୍ମଚାରୀଙ୍କ ମୁଖପତ୍ର ମାସିକ ପତ୍ରିକା ସଂଗ୍ରାମ ବାର୍ତ୍ତାର ୪୭ ତମ ଜୟନ୍ତୀ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁରର କବିସୂର୍ଯ୍ୟ ରଙ୍ଗମଞ୍ଚ ଗଂଜାମ କଳାପରିଷଦ ଠାରେ ଓଡିଶା ସରକାରୀ କର୍ମଚାରୀ ଓ ଅବସରପ୍ରାପ୍ତ କର୍ମଚାରୀଙ୍କର ଏକମାତ୍ର ମାସିକ ପତ୍ରିକା ସଂଗ୍ରାମର ବାର୍ତ୍ତାର ୪୭ ତମ ଜନ୍ମଦିନ ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସଂଗ୍ରାମର ବାର୍ତ୍ତାର ପ୍ରତିଷ୍ଠାତା ତଥା ପୃଷ୍ଠପୋଷକ ଉଦୟନାଥ ମହାପାତ୍ର ସଭାପତିତ୍ୱ କରିଥିଲେ । ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୫୦୦ରୁ ଅଧିକ ସଂଗ୍ରାମର ବାର୍ତାର ପାଠକ/ପାଠିକା , ଲେଖକ / ଲେଖିକା, ଶୁଭେଚ୍ଛୁ ଯୋଗ ଦେଇଥିଲେ । ଏହି ପତ୍ରିକାର ଅନ୍ୟତମ ପ୍ରତିଷ୍ଠାତା ଦିବଂଗତ ସଭ୍ୟ ରାଜେନ୍ଦ୍ର ରାଉତ, ଜଗବନ୍ଧୁ ସାହୁଙ୍କୁ ଶ୍ରଦ୍ଧାଞ୍ଜଳୀ ପ୍ରଦାନ କରାଯାଇ ଏକ ମିନିଟ ନିରବତା ରକ୍ଷାକରି ସ୍ମୃତି ଚାରଣ କରାଯାଇଥିଲା । ଜାତୀୟ ସଙ୍ଗୀତ ଗାନ କରାଯାଇଥିଲାଛ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଡି.ମୋହନ ରାଓ ସମସ୍ତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ଥିଲେ । ଅଭ୍ୟର୍ଥନା କମିଟିର ସମ୍ପାଦକ ନଳିନୀକାନ୍ତ ମିଶ୍ର ସମ୍ପାଦକୀୟ ବିବରଣୀ ରଖିଥିଲେ । ସଭାପତିଙ୍କ ଦ୍ୱାରା ସଂଗ୍ରାମର ବାର୍ତ୍ତାର ୪୭ ତମ ଜୟନ୍ତୀର ବିଶେଷ ସଂଖ୍ୟା ଉନ୍ମୋଚନ କରାଯାଇଛି ଓ ଗଂଜାମ ଜିଲ୍ଲାର ସମସ୍ତ ସଭ୍ୟଙ୍କର ସମସ୍ତ ବିବରଣୀ ଥାଇ ଏକ ଡାଟାବେସ ପୁସ୍ତିକା ଉନ୍ମୋଚିତ କରାଯାଇଛି । ସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଗଂଜାମ ଜିଲ୍ଲାର ଡି.ଗୁରୁମୂର୍ତୀ ପତ୍ର, ମହର୍ଷି ସିଂ, ବି.ଧର୍ମା ରାଓ, ଏ.ସଦାନନ୍ଦ ଆଚାରି ଓ ଡି.ଶ୍ରୀନିବାସଙ୍କୁ ଅଧିକ ସଭ୍ୟା ସଂଗ୍ରହ କରିଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଂଗ୍ରାମର ବାର୍ତ୍ତାର ସମ୍ପାଦକ ନିର୍ମଳ ଚନ୍ଦ୍ର ଦାସ, ଏମ୍ପ୍ଲୟିସ ଫୋରମର ସମ୍ପାଦକ ଦ୍ୱାରିକାନାଥ ମହାନ୍ତି, ମୁଦ୍ରଣ ଦାୟିତ୍ୱ ତୁଲାଉଥିବା ସଭ୍ୟ ଗୋକୁଳାନନ୍ଦ ବେହେରା, ମାନବର ସେତୁ ପତ୍ରିକାର ସମ୍ପାଦକ ଇ. ରମେଶ ଚନ୍ଦ୍ର ମହାନ୍ତି, ସହଯୋଗୀ ସମ୍ପାଦକ ବିକାଶ ଚନ୍ଦ୍ର ମହାପାତ୍ର , ଉପଦେଷ୍ଟା ପ୍ରଫୁଲ୍ଲ କୁମାର ମହାପାତ୍ର ଉପସ୍ଥିତ ରହି ସଂଗ୍ରାମର ବାର୍ତ୍ତାର ବହୁଳ ପ୍ରସାର ପାଇଁ ସମସ୍ତଙ୍କ ପ୍ରଚେଷ୍ଟା କରିବା ଆବଶ୍ୟକ । ଆଗାମୀ ଦରମା ନିର୍ଦ୍ଧାରଣରେ କେନ୍ଦ୍ର ସରକାର ପୁରୁଣା ପେନ୍ସନର ଉପରେ ପ୍ରଚଣ୍ଡ ଆଘାତ ଦେବାକୁ ଯାଉଛନ୍ତି । ମାର୍ଚ୍ଚ ୨୦୨୫ରେ ଅର୍ଥ ଆଇନ ସଂଶୋଧନ କରାଯାଇ ଓ.ପି.ଏସ.ପାଉଥିବା ସୁବିଧାକୁ ସଙ୍କୁଚିତ କରିବାକୁ ଚେଷ୍ଟା କରୁଛନ୍ତି । ଏଥିପାଇଁ ଆସନ୍ତା ଡିସେମ୍ବର ୧୭ ତାରିଖ ପେନସନ ଦିବସ ଅବସରରେ ପେନ୍ସନର ମାନଙ୍କ ଦାବୀ ଜଣାଇବାପାଇଁ *ରାଜଭବନ ଚାଲ* କାର୍ଯ୍ୟକ୍ରମ ରଖା ଯାଇଛି । ଏଥିରେ ବିଭିନ୍ନ ଜିଲ୍ଲାରୁ ହଜାର ହଜାର ସଂଖ୍ୟାରେ ଯୋଗ ଦେବାକୁ ସଭାପତି ଅନୁରୋଧ କରିଥିଲେ । ରାଜ୍ୟ ଉପଦେଷ୍ଟା କେ.ନନ୍ଦେଶୁ ସେନାପତି,କୋରାପୁଟରୁ ଭଗବାନ ନାହକ, ଚିକିଟି ବ୍ଲକରୁ ବି.ଧର୍ମ ରାଓ, ରଙ୍ଗେଇଲୁଣ୍ଡା ବ୍ଲକରୁ କେ. କ୍ରିଷ୍ଣା ମୂର୍ତ୍ତି ରାଓ, ପାତ୍ରପୁର ବ୍ଲକରୁ ଶଶାଙ୍କ ପ୍ରଧାନ, ରାଜ୍ୟ ସଂଗଠନ ସମ୍ପାଦକ ଏ.ସତ୍ୟନାରାୟଣ ଗୁପ୍ତା, କିଶରେ ଚନ୍ଦ୍ର ମିଶ୍ର, ଜ୍ୟୋସ୍ନା ଦେଇ, ଶିଶିର ନାୟକ, ଧରିତ୍ରୀ ସାହୁ, ଶ୍ରୀମତୀ ସାହୁ, ବସନ୍ତ କୁମାର ମହାପାତ୍ର ବାଲେଶ୍ୱରରୁ, ଜଳନ୍ଧର ବାଘ କୋରାପୁଟ, ବେଣୁଧର ଦାସ, ଭୁବନେଶ୍ୱରରୁ, ପ୍ରେମଲତା ମିଶ୍ର କଟକରୁ ବକ୍ତବ୍ୟ ରଖିଥିଲେ । ଏହାର ସଫଳତା ପାଇଁ ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ କମିଟିର ସମସ୍ତ ସଭ୍ୟ ସହଯୋଗ କରିଥିଲେ । ଗଂଜାମ ଜିଲ୍ଲା ଅବସରପ୍ରାପ୍ତ କର୍ମଚାରୀ ସଂଘର ସମ୍ପାଦକ ଶଙ୍କର୍ଷଣ ପାତ୍ର ଧନ୍ୟବାଦ ଦେଇଥିଲେ ।

# ଡ୍ରିମ୍ସ ନର୍ସିଂ ଛାତ୍ରୀ ଜାତୀୟସ୍ତରରେ ପ୍ରଥମ

କଟକ, (ସ୍ୱପ୍ର): ମହାରାଷ୍ଟ୍ରର ପୁଣେ ଠାରେ ଅନୁଷ୍ଠିତ ଷ୍ଟୁଡେଣ୍ଟ ନର୍ସେସ ଆସୋସିଏସନ୍ (ଏସଏନ୍ଏଆଇ)ର ୩୧ତମ ଦ୍ୱିବାର୍ଷିକ ଅଧିବେଶନରେ ସର୍ବଭାରତୀୟ ପୋଷ୍ଟର ପ୍ରଦର୍ଶନରେ ଡ୍ରିମ୍ସ ସ୍କୁଲ ଅଫ ନର୍ସିଂର ଛାତ୍ରୀ ମୋନାଲିସା ପରିଡା ପ୍ରଥମ ସ୍ଥାନ ଅଧିକାର କରିବାର ଗୌରବ ହାସଲ କରିଛନ୍ତି । ବିଏସ୍‌ସି ନର୍ସିଂ ୮ମ ସେମିଷ୍ଟାର ଛାତ୍ରୀ ମୋନାଲିସାଙ୍କ ଏହି ଉଲ୍ଲେଖନୀୟ ସଫଳତା ପାଇଁ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ



ଲୋକନାଥ ବେହେରା ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଶିକ୍ଷାନୁଷ୍ଠାନ ତାଙ୍କ ପାଇଁ ଗର୍ବିତ ବୋଲି କହିଛନ୍ତି । ଶିକ୍ଷାନୁଷ୍ଠାନର ଡିନ୍ ଡ. ପ୍ରଥିମା ପ୍ରକାଶମ୍, ସହକାରୀ ଡିନ୍ ଏନ୍ ପ୍ରେମଲତା ଦେବୀଙ୍କ ମାର୍ଗଦର୍ଶନରେ ସହକାରୀ ପ୍ରାଧାପିକା ସ୍ମୃତିଶ୍ରୀ ପ୍ରିୟଦର୍ଶିନୀ ଦଳାଇ ଓ ଅଧ୍ୟାପିକା ସ୍ମୃତିରେଖା ରାଉତଙ୍କ ତତ୍ତ୍ୱାବଧାନରେ ମୋନାଲିସା ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ଏହା ପୂର୍ବରୁ ମୋନାଲିସା ରାଜ୍ୟସ୍ତରରେ ମଧ୍ୟ ପ୍ରଥମ ହୋଇଥିଲେ ।

## ସର୍ବଭାରତୀୟ ଭଞ୍ଜ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟ

# ମରାଠା ଏଫସି ଚମ୍ପିଆନ, ସୁନ୍ଦରଗଡ ରନର୍ସ ଅପ୍

ଭଞ୍ଜନଗର, (ସବ୍ୟୁ): ସର୍ବଭାରତୀୟ ଭଞ୍ଜ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ମରାଠା ଏକାଦଶ ୩-୧ ଗୋଲ୍‌ରେ ସୁନ୍ଦରଗଡ଼ ଦୋସ୍ତି ବ୍ରଦର୍ସ ଟିମ୍‌କୁ ପରାଜିତ କରି ଚମ୍ପିୟାନ ହେବା ସହ ସମ୍ମାନଜନକ ଭଞ୍ଜ ଟ୍ରଫି ହାସଲ କରିଛି । ସ୍ଥାନୀୟ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚମ୍ପିୟାନ ଟିମ୍ କୁ ୫୫,୫୫୫ ଟଙ୍କା ର ଚେକ୍ ସହ ଟ୍ରଫି ପ୍ରଦାନ କରିଛନ୍ତି । ସେହିପରି ସୁନ୍ଦରଗଡ଼ ଦୋସ୍ତି ବ୍ରଦର୍ସ ଟିମ୍ କୁ ରନର୍ସ ଅପ୍ ଟ୍ରଫି ସହ ୩୩,୩୩୩ ଟଙ୍କା ର ଚେକ୍ ପ୍ରଦାନ କରାଯାଇଛି । ସ୍ଥାନୀୟ କବିସମ୍ରାଟ ଷ୍ଟାଡିୟମରେ ପରିସରରେ ଆୟୋଜିତ ସର୍ବ ଭାରତୀୟ ଭଞ୍ଜ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟ ର ଫାଇନାଲ ମ୍ୟାଚ ଅତ୍ୟନ୍ତ ଚିତ୍ତାକର୍ଷକ ଥିଲା । ପ୍ରଥମାର୍ଦ୍ଧରେ ଭଞ୍ଜନଗରର ମରାଠା ଏକାଦଶ ଏକମାତ୍ର ଗୋଲ୍ ଦେଇ ଅଗ୍ରଣୀ ରହିଥିବା ବେଳେ ଦ୍ୱିତୀୟାର୍ଦ୍ଧ ରେ ଲଗାତାର ୨ ଟି ଗୋଲ୍ ଦେଇ ଦଳ ନିଜର ବିଜୟକୁ ସୁନିଶ୍ଚିତ କରି ଦେଇଥିଲା । ତେବେ ଡି ଏରିଆ ଭିତରେ ମରାଠା ଏକାଦଶର ଏକ ଫାଉଲ ଧରା ପଡିବା ପରେ ରେଫେରି ଶିବ ଶଙ୍କର ପଣ୍ଡାଙ୍କ ଠାରୁ ପେନାଟି ସୁଯୋଗ ପାଇ ସୁନ୍ଦରଗଡ଼ ଏକମାତ୍ର ଗୋଲ୍ ସ୍କୋର କରି ନିଜର ଫାଇନାଲ ଅଭିଯାନ ଶେଷ କରିଥିଲେ । ପ୍ରାରମ୍ଭରେ ମୁଖ୍ୟ ଅତିଥି ବିଧାୟକ ନାୟକଙ୍କ ସମେତ ନଗରପାଳ ଗୋପବନ୍ଧୁ ମହାପାତ୍ର, ଏସଡିପିଓ ଡକଟର ଦୀପକ ମିଶ୍ର, ଡିଏଫଓ ହିମାଂଶୁ ଶେଖର ମହାନ୍ତି, ବିଜେପି ଘୁମୁସର ଜିଲ୍ଲା ସଭାପତି ନୀଳମାଧବ ପାତ୍ର ଆୟୋଜକ କମିଟି କାର୍ଯ୍ୟକର୍ତ୍ତା ମାନଙ୍କ ସହ ପଡିଆ ଭିତରେ ଉଭୟ ଦଳର ଖେଳାଳୀଙ୍କ ସହ କରମର୍ଦ୍ଦନ କରିଥିଲେ । ଶେଷରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବ ଟୁର୍ଣ୍ଣାମେଣ୍ଟ ସଭାପତି ବିଷ୍ଣୁ ପ୍ରସାଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ବିଧାୟକ ନାୟକ ସହରର କେନ୍ଦ୍ରସ୍ଥଳରେ ଥିବା ଏହି ଏକ ମାତ୍ର ଖେଳ ପଡିଆର ବିକାଶ ପାଇଁ କାର୍ଯ୍ୟ ହାତକୁ ନିଆଯାଇଥିବା ଓ ଖୁବଶୀଘ୍ର ଏହାର କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ଦେଇଥିଲେ । ଏହି ଅବସରରେ ଭଞ୍ଜନଗର ସହରର ବହୁ ପ୍ରାକ୍ତନ ଫୁଟବଲ ଖେଳାଳୀ ଙ୍କୁ ଟୁର୍ଣ୍ଣାମେଣ୍ଟ କମିଟି ପକ୍ଷରୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସୁନ୍ଦରଗଡ଼ ଟିମ୍ ର ଆକାଶ ଏମା ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି, ମରାଠା ଏକାଦଶ ର ସିପୁ ବେହେରା ଫାଇନାଲ ମ୍ୟାଚ ର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ । କାର୍ଯ୍ୟକ୍ରମ କୁ ଉପସଭାପତି ଧୀରେଶ ମହାନ୍ତି ସଂଯୋଜନା କରିଥିବା ବେଳେ ଶେଷରେ କୋଷାଧ୍ୟକ୍ଷ ଗିରିଜା ଶଙ୍କର ଭୂୟାଁ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାସ୍ତା ଜାମ କରି ଚାଲିଛି ବ୍ୟବସାୟ, ପ୍ରଶାସନ ନିରବ

କେନ୍ଦ୍ରାପଡା, (ସବ୍ୟୁ): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଟ୍ରାଫିକ ସମସ୍ୟା ଗୁରୁତର ହେଉଥିବା ବେଳେ ଜିଲ୍ଲା ପ୍ରଶାସନ ନିରବଦ୍ରଷ୍ଟା ହେଉଥିବାରୁ ଜନ ସାଧାରଣ ଗାଡି ଚାଳକ ଓ ପଥଚାରୀ ମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସହରର ଗୁରୁତ୍ୱପୂର୍ଣ୍ଣ ତିନିମୁହାଣୀ ଫାଣ୍ଡି ସମ୍ମୁଖରେ ଟ୍ରାଫିକ ସମସ୍ୟା ଗୁରୁତର ହେବରେ ଲଗିଛି। ରାସ୍ତା କଡରେ ଥିବା ମାଛ ଓ ମାଂସ ଦୋକାନରୁ କିଣିବା ପାଇଁ ଆସୁଥିବା ବ୍ୟକ୍ତିମାନେ ରାସ୍ତା ଉପରେ ନିଜ ନିଜ ବାଇକ ରଖି ଦେଉଥିବାରୁ ତିନିମୁହାଣୀ ପଟ୍ଟାମୁଣ୍ଡାଇ ରାଜ୍ୟ ରାଜପଥ ସଂପୂର୍ଣ୍ଣ ବନ୍ଦ ହୋଇ ଯାଉଛି ଏପରିକି ବଡବଡ ଭାରୀଯାନ ଗୁଡିକ ଦୀର୍ଘ ସମୟ ଅଟକି ରହି ହର୍ଣ୍ଣ ଦେଉଥିଲେ ମଧ୍ୟ କେହି ରାସ୍ତା ଛାଡୁ ନାହାଁନ୍ତି । ଏହି ରାସ୍ତାରେ ଦୈନିକ ହଜାର ହଜାର ସଂଖ୍ୟାର ଭାରୀଯାନ ଓ ଲଘୁଯାନ ଯାତାୟତ କରୁଥିବା ବେଳେ ଟ୍ରାଫିକ ସମସ୍ୟା ଗୁରୁତର ହେବାରେ ଲାଗିଛି। ବିଶେଷ କରି ଛୁଟି ଦିନ ମାନଙ୍କରେ ଏହି ସମସ୍ୟା ଗୁରୁତର ଧରଣ କରୁଛି। ତୁରନ୍ତ ଏହି ସମସ୍ୟାକୁ ସମାଧାନ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ପ୍ରଥମ ଏକ ଦିବସୀୟ ପାରସ୍ପରିକ ଭୂମିକା ତାଲିମ

ବ୍ରହ୍ମପୁର, (ସବ୍ୟୁ): ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶ କ୍ରମେ ଗଞ୍ଜାମ ଜିଲ୍ଲା ଆଇନସେବା ପ୍ରାଧିକରଣ, ବ୍ରହ୍ମପୁର ଦ୍ୱାରା ପ୍ରଥମ ଏକ ଦିବସୀୟ ପାରସ୍ପରିକ ବ୍ୟବହାରିକ ତାଲିମ କାର୍ଯ୍ୟକ୍ରମ ଆଞ୍ଚଳିକ ନ୍ୟାୟିକ ଏକାଡେମୀ ବ୍ରହ୍ମପୁର ଠାରେ ଆୟୋଜିତ ହୋଇଯାଇଛି । ଏହି ତାଲିମରେ ନୟାଗଡ଼, ଫୁଲବାଣୀ, ମାଲକାନଗିରି, ଗଜପତି, ନବରଙ୍ଗପୁର,ରାୟଗଡ଼ା ,କୋରପୁଟ ଓ କଳାହାଣ୍ଡିର ଜିଲ୍ଲା ଜର୍ଜ ଏବଂ ଉକ୍ତ ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ମାନେ ଅଂଶ ଗ୍ରହଣ କରିଥିଲେ । ଶ୍ରୀ ଭି.ପି.ଥନକଚନ ସିନିୟର୍ ଟ୍ରେନର ,ଏମ୍ସିପିସି,ସୁପ୍ରିମ କୋର୍ଟ ଅଫ ଇଣ୍ଡିଆ ତାଲିମ୍ ପ୍ରଦାନ କରିଥିଲେ । ଶ୍ରୀ ବ୍ୟୋମକେଶ ନାୟକ , ଭାରପ୍ରାପ୍ତ ଡେପୁଟି ଡାଇରେକଟର ଅତିଥି ପରିଚୟ ପ୍ରଦାନ କରିଥିଲେ ।

# ଭେଙ୍କଟେଶ୍ୱର ବିଦ୍ୟାଳୟରେ ଆଥଲେଟିକ ମିଟ୍ ଉଦ୍‌ଯାପିତ

ବାରିପଦା, (ସବ୍ୟୁ) : ସ୍ଥାନୀୟ ଅମ୍ବିକା ମନ୍ଦିର ନିକଟସ୍ଥ ଭେଙ୍କଟେଶ୍ୱର ବିଦ୍ୟାଳୟର ଅନ୍ତ ବିଦ୍ୟାଳୟ ଆଥଲେଟିକ ମିଟ୍ ବାରିପଦା ସ୍ଥିତ ଷ୍ଟାଡିଅମ ଠାରେ ଉଦ୍‌ଯାପିତ ହେଇଯାଇଛି। ଆଜି ଉଦ୍‌ଯାପନୀ ଉତ୍ସବରେ ବିଭିନ୍ନ ଶ୍ରେଣୀର ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ମାର୍ଚ୍ଚ ପାଷ୍ଟ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ସେନାପତିଙ୍କ ପ୍ରତକ୍ଷ ତତ୍ତ୍ୱାବଧାନରେ ସମସ୍ତ ଖେଳ ଖୁବ ସୁନ୍ଦର ଭାବରେ ସମାପ୍ତ ହୋଇଥିଲା। ବିଦ୍ୟାଳୟର ମ୍ୟାନେଜମେଣ୍ଟ କମିଟିର ମୁଖ୍ୟ ସ୍ୱରୂପ ରଞ୍ଜନ ଦାସଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ ମୟୂରଭଞ୍ଜ ଆଥଲେଟିକ ଆସସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଯୋଗଦେଇ ଜୀବନରେ କ୍ରୀଡାର ଭୂମିକା ଏବଂ ଜୀବନରେ ଭଲ ମଣିଷ ହବା ପାଇଁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ମ୍ୟାନେଜମେଣ୍ଟର ସଦସ୍ୟ ସୌମେନ କାନ୍ତି ମହାନ୍ତି ଖେଳାଳୀଙ୍କ ସହ ଉପସ୍ଥିତ ରହି ତାଙ୍କୁ ପ୍ରତ୍ସାହନ



କରିବା ସହ ଖେଳର ଭୂମିକା ଗୁରୁତ୍ୱାରୋପ କରିଥିଲେ। ବିଦ୍ୟାଳୟର କର୍ଡିନେଟର ଶାନ୍ତନୁ ସିଂହ ପ୍ରତିଟି ଖେଳକୁ ନିଜେ ସ୍ୱତନ୍ତ୍ର ରୂପେ ତଦାରଖ କରୁଥିଲେ। ପୁରସ୍କାର ବିତରଣ ଉତ୍ସବରେ ବିଦ୍ୟାଳୟର ଅନ୍ୟାନ ମ୍ୟାନେଜମେଣ୍ଟ ସଦସ୍ୟ ଅମିତ କୁମାର ବେହେରା, ଦୀପାୟନ ସେନ ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ଥିଲେ। ଶେଷରେ ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱରୂପ ରଞ୍ଜନ ଦାସ ଖେଳକୁ ସୁରୁଖୁରରେ ସମାପ୍ତ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ବୁଗୁଡ଼ାରେ ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ ଦାବି

ବୁଗୁଡ଼ା, (ସବ୍ୟୁ) : ଶବ ବ୍ୟବଛେଦ ପାଇଁ ହଟହଟା ହେଉଛନ୍ତି ବୁଗୁଡ଼ା ଅଞ୍ଚଳବାସୀ । ଦୀର୍ଘ ୪୦ କିଲୋମିଟର ଦୂର ଭଞ୍ଜନଗର ଗଲେ ହେଉଛି ଶବ ବ୍ୟବଛେଦ । ଦୁର୍ଘଟଣା ହେଉ କି ଆତ୍ମହତ୍ୟା କିମ୍ବା ହତ୍ୟାକାଣ୍ଡରେ ଆତ୍ମୀୟ ସ୍ୱଜନଙ୍କ ମୃତ୍ୟୁ ପରେ ପରିବାର ଲୋକେ ଶୋକାକୁଳ ପରିବେଶରେ ବୁଡି ରହିଥିବା ବେଳେ ଶବକୁ ବ୍ୟବଛେଦ ପାଇଁ ଦୀର୍ଘ ବାଟ ନେବାକୁ ଅର୍ଥ ଯୋଗାଡ଼ ସହ ସମୟ ବ୍ୟୟ ବେଡି ଉପରେ କୋରଡ଼ା ମାଡ ସଦୃଶ ହେଉଛି । ପୁଣି ସନ୍ଧ୍ୟା ହେଲେ କଥା ସରିଲା । ତାହା ପରଦିନ ପର୍ଯ୍ୟନ୍ତ ଶବ ପକାଇ ରଖିବାକୁ ପଡୁଥିବାରୁ ପରିବାର ଲୋକେ ଧର୍ଯ୍ୟହରା ହୋଇ ପଡୁଛନ୍ତି । ବୁଗୁଡା ଥାନା ଇଲାକାରେ ପ୍ରତି ବର୍ଷ ବହୁ ସଂଖ୍ୟକ ହତ୍ୟାକାଣ୍ଡ ଏବଂ ଅପମୃତ୍ୟୁ ଜନିତ ମୃତ୍ୟୁ ଘଟୁଥିବା ବେଳେ ମୃତକଙ୍କ ପରିବାର ଲୋକେ ଶବ ବ୍ୟବଚ୍ଛେଦ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବୁଗୁଡ଼ା ସହରରେ ଥାନା, ତହସିଲ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ଆଦି ଥିଲେ ହେଁ ଶବ ବ୍ୟବଛେଦ ବ୍ୟବସ୍ଥା ନଥିବାରୁ ବୁଗୁଡ଼ା ସହର ସମେତ ୨୧ଟି ପଞ୍ଚାୟତର ଲକ୍ଷାଧିକ ଲୋକ ଦୀର୍ଘ ୪୦ କିଲୋମିଟର ଦୂର ଭଞ୍ଜନଗର ଉପରେ ନିର୍ଭର କରୁଛନ୍ତି । ଶବ ନେବା ପାଇଁ ଗାଡି ଗୁଡିକ ଅଧିକ ଭଡା ନେଉଥିବା ବେଳେ ଲୋକଙ୍କ ସମୟ ମଧ୍ୟ ନଷ୍ଟ ହେଉଛି । ପୋଲସରା ନିର୍ବାଚନ ମଣ୍ଡଳୀରେ ଶବ ବ୍ୟବଛେଦ ବ୍ୟବସ୍ଥା ନଥିବାରୁ ଏହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପୋଲସରା ଓ ବୁଗୁଡ଼ା ଥାନା ଅଞ୍ଚଳର ଲକ୍ଷ ଲକ୍ଷ ଲୋକ ହଟହଟାର ସମ୍ମୁଖୀନ ହେଉଛନ୍ତି । ବୁଗୁଡ଼ା ଠାରେ ଶବ ବ୍ୟବଛେଦ ବ୍ୟବସ୍ଥା ପାଇଁ ଅନେକ ବର୍ଷ ହେଲା ବାରମ୍ବାର ଦାବି ହୋଇ ଆସୁଛି । ପ୍ରାୟ ପଚିଶି ବର୍ଷ ତଳେ ବୁଗୁଡ଼ା ଠାରେ ଏକ ଶବ ବ୍ୟବଛେଦ ଗୃହ ନିର୍ମାଣ ପାଇଁ ୩୦ ହଜାର ଟଙ୍କା ଅନୁଦାନ ଆସିଥିଲା ତେବେ ଜାଗା ଚିହ୍ନଟ ହୋଇ ନପାରିବାରୁ ଉକ୍ତ ଟଙ୍କା ଫେରି ଯାଇଥିବା ଜଣାଯାଇଛି ।

## ମୟୂରଭଞ୍ଜ ମହୋତ୍ସବ ପାଇଁ ବିଶାଳ କାର୍ଣ୍ଣିଭାଲ ସୋ'

# ଢେଙ୍କାନାଳର ମୟୂରଭଞ୍ଜ ମହୋତ୍ସବ ଏକ୍ସପ୍ରେସ ଟ୍ରେନ ଟ୍ରୁପ ଆକର୍ଷଣ କେନ୍ଦ୍ରବିନ୍ଦୁ

ବାରିପଦା, (ସବ୍ୟୁ) : ଆରମ୍ଭ ହେଲା ମୟୂରଭଞ୍ଜ ମହୋତ୍ସବ ୨୦୨୫ । ପାରମ୍ପାରିକ ଶୋଭାଯାତ୍ରା ତଥା କାର୍ଣ୍ଣିଭାଲ ସୋ ରେ ଦୁଲୁକିଲା ବାରିପଦା ସହର । ଚଳିତ ବର୍ଷ ଅଷ୍ଟମ ବର୍ଷରେ ପାଦ ଦେଇଥିବା ମୟୂରଭଞ୍ଜ ମହୋତ୍ସବ ଆଜି ପ୍ରଥମ ଦିବସରେ ଏକ ବିଶାଳ କାର୍ଣ୍ଣିଭାଲ ସୋ, ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ବଡ଼ଦାଣ୍ଡ ରୁ ବାହାରି କଲେଜ୍ ଛକ ଓ ଟ୍ରାଫିକ୍ ସ୍କୋୟାର ଦେଇ ସହର ପରିକ୍ରମା କରି ଛଉ ପଡ଼ିଆରେ ପହଞ୍ଚିଥିଲା । ଏଥିରେ ଜିଲ୍ଲାର ଆଦିବାସୀ ପାରମ୍ପରିକ ନୃତ୍ୟଦଳ ଯଥା- ଭାରତରେ ନାମ କରିଥିବା ଅଘରୀ ନାଚ, ଚକ୍ସୁଲିଆପଦାର ପ୍ରସିଦ୍ଧ ପତ୍ର ନାଚ, ଶୁଳିଆପଦାର ଜୁଲୁକାରୁ ଆସିଥିବା ଭୂମିଜ କାଠି ନାଚ, ଉଦଳା ପାଟଶାଣିପୁରର ବିରାଟପାର୍ଟି ମୁଣ୍ଡାରୀ ନାଚ, କପ୍ତିପଦା ବଡସିଂରୀୟାର ବିରବାୟାର ନାଚ, ଶୁଳିଆପଦା କୁଜିଡିହି ଓ ଜାମଦାର ଡାବୁଲ ନାଚ, ଶ୍ୟାମାଖୁଣ୍ଟାର ମୁଣ୍ଡାରୀ ନାଚ, ଶୁଳିଆପଦା ପୋଖରୀୟାର ଦାସାଇଁ ନାଚ ଓ ଖୁଣ୍ଟା ଭୋଳାଗଡିଆର ଆଲ ମନି ଲାଗଣେ ତାମସା ଏନେଜ ଟିମ୍ ପ୍ରମୁଖ ଭାଗ ନେଇ କାର୍ଣ୍ଣିଭାଲର ଶୋଭାକୁ କୋଳାହଳମୟ କରିଥିବାବେଳେ ସବୁଠାରୁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି ଢେଙ୍କାନାଳରୁ ଆସିଥିବା ମୟୂରଭଞ୍ଜ ମହୋତ୍ସବ ଏକ୍ସପ୍ରେସ ଟ୍ରେନ୍ ଟ୍ରୁପ୍ । ସବୁଠାରୁ ନିଆରା ଢଙ୍ଗରେ ପରିବେଷଣ କରାଯାଇଥିବା ଏହି ଏକ୍ସପ୍ରେସ ଟ୍ରେନ୍ ଟ୍ରୁପ୍ ସମସ୍ତଙ୍କୁ ବିମୋହିତ କରିଥିଲା । ଡିସେମ୍ବର





୧୦ତାରିଖ ଯାଏଁ ଚାଲିବାକୁ ଥିବା ଏହି ମହୋତ୍ସବରେ ଜିଲ୍ଲାର କୋଣ ଅନୁକୋଣରେ ରହିଥିବା କଳା ସଂସ୍କୃତି ଓ ଐତିହ୍ୟକୁ ସ୍ଥାନ ଦିଆଯାଇଛି । ଏଥିପାଇଁ ସଜେଇ ହୋଇଛି ବାରିପଦାର ଐତିହାସିକ ଛଉ ପଡ଼ିଆ । ଚଳିତ ବର୍ଷ ବାମନଘାଟି ଉପଖଣ୍ଡ ସ୍ଥିତ ଖଡଖାଇ ବନ୍ଧ ଆକୃତିର ଅବିକଳ ତୋରଣ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ପ୍ରତିଦିନ ସନ୍ଧ୍ୟା ୬ଟା ଠାରୁ ରାତି ୧୧ଟା ପର୍ଯ୍ୟନ୍ତ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବେ ବଲିଉଡ଼ ଓ ଓଲିଉଡର ଅନେକ ନାମିଦାମୀ କଳାକାର । ବିଶେଷ କରି ଶେଷଦିନରେ ଯୋଗଦେଇ ଧୁମ୍ ମଚାଇବେ ବଲିଉଡ ନାୟିକା ମେନେ ପ୍ୟାର କିୟାର ନାୟିକା ଭାଗ୍ୟଶ୍ରୀଙ୍କ ସହିତ ସୁନାମଧନ୍ୟ କଣ୍ଠଶିଳ୍ପୀ ରୂପ କୁମାର ରାଠୋର ଏବଂ ସୁନାଲି ରାଠୋର । ଆଜି ପ୍ରଥମ ଦିନରେ ଆୟୋଜିତ ଏହି କାର୍ଣ୍ଣିଭାଲ ସୋ ରେ ଜିଲ୍ଲାର ୪ଉପଖଣ୍ଡରୁ ମୟୂରଭଞ୍ଜ ମହୋତ୍ସବର ବହୁ ସଦସ୍ୟଙ୍କ ସହ ସାଧାରଣ ଜନତା ଶତପ୍ରବୃତ୍ତ ଭାବେ ଯୋଗ ଦେଇଛନ୍ତି। ଏହି କାର୍ଣ୍ଣିଭାଲ ସୋ ରେ ବିଭିନ୍ନ ନାଚଗୀତ ତାଳରେ ମଜି ଯାଇଥିଲେ ମୟୂରଭଞ୍ଜ ପ୍ରେମୀ।

## ଏମ୍‌ଏସସିବି ବିଶ୍ୱବିଦ୍ୟାଳୟ ଉତ୍ତର ଓଡ଼ିଶା ଅଞ୍ଚଳ ପାଇଁ

# ଆଞ୍ଚଳିକ ଏଆଇ ହାକାଥନର ଆୟୋଜକ ଭାବେ ମନୋନୀତ

ବାରିପଦା, (ସବ୍ୟୁ) : ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟକୁ ଅନୁଗୁଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲା ନେଇ ଉତ୍ତର ଓଡ଼ିଶା ଅଞ୍ଚଳ ପାଇଁ ଉତ୍ତର ଆଞ୍ଚଳିକ ଏଆଇ ହ୍ୟାକାଥନ୍ ୨୦୨୫ ଆୟୋଜନ କରିବା ପାଇଁ ନୋଡାଲ କେନ୍ଦ୍ର ଭାବେ ମନୋନୀତ କରାଯାଇଛି । ଓଏସ୍ଏ (ଦ ଓଡ଼ିଆ ସୋସାଇଟି ଅଫ୍ ଦ ଆମେରିକାସ୍) ଓ ଓଡ଼ିଶା ଏଆଇର ପୃଷ୍ଠପୋଷକତାରେ ହେଉଥିବା ଏହି କାର୍ଯ୍ୟକ୍ରମ ଆସନ୍ତା ୯ ଡିସେମ୍ବର ୨୦୨୫ରେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଅନୁଷ୍ଠିତ ହେବ, ଯାହା କି ଭୁବନେଶ୍ୱରରେ ୧୮ ଡିସେମ୍ବର ୨୦୨୫ ଅନୁଷ୍ଠିତ ହେଉଥିବା ଓଡ଼ିଶା ଏଆଇ ସିମ୍ପୋଜିୟମ୍‌ର ଏକ ପ୍ରାକ୍-କାର୍ଯ୍ୟକ୍ରମ ଅଟେ । ଓଡ଼ିଶାକୁ ବିଶ୍ୱର ବୌଦ୍ଧିକ ଏଆଇ ରାଜଧାନୀ ଭାବେ ସ୍ଥାପନ କରିବାର ବୃହତ୍ ଉଦ୍ୟମର ଅଂଶ ହିସାବରେ ଓଡ଼ିଶା ଏଆଇ ନୀତି, ଓଡ଼ିଶା ଭିଜନ, ଭାରତ ଏଆଇ ମିଶନ ଓ ବିଶ୍ୱବ୍ୟାପୀ ଏଆଇ ଧାରା ସହ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇବା ପାଇଁ ଏହି ହାକାଥନ ଆୟୋଜନ କରାଯାଉଅଛି । ଏହାର ଉଦ୍ଦେଶ୍ୟ ହେଉଛି ଏଆଇ ସମ୍ପର୍କରେ ସଚେତନତା ସୃଷ୍ଟି କରିବା, ଆଞ୍ଚଳିକ ସମସ୍ୟାର ଏଆଇ-ଆଧାରିତ ସମାଧାନ ଖୋଜିବା ଓ ଉଦ୍ଭାବନମୂଳକ ଧାରଣାକୁ ପୁରସ୍କୃତ କରିବା । ଏହି ହ୍ୟାକାଥନ୍‌ରେ ଡିପ୍ଲୋମା, ସ୍ନାତକ, ସ୍ନାତକୋତ୍ତର, ପିଏଚ୍‌ଡି ଛାତ୍ରଛାତ୍ରୀ, ବ୍ୟକ୍ତିଗତ ଉଦ୍ଭାବକ ଓ ପଞ୍ଜିକୃତ/ଅପଞ୍ଜିକୃତ ଷ୍ଟାର୍ଟଅପ୍ ମାନେ ୫ ଡିସେମ୍ବର ୨୦୨୫ ସୁଦ୍ଧା ଆବେଦନ କରିପାରିବେ । ୯ ଡିସେମ୍ବର ୨୦୨୫ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଅନ୍ତିମ ପ୍ରୋଟୋଟାଇପ୍ ଡେମୋ ରହିଛି ଏବଂ ଶ୍ରେଷ୍ଠ ୩ ଟିମ୍ ସିଧାସଳଖ ରାଜ୍ୟସ୍ତରୀୟ ପ୍ରଦର୍ଶନୀ ପାଇଁ ଯୋଗ୍ୟତା ଅର୍ଜନ କରିବେ । ଆଞ୍ଚଳିକ ହାକାଥନ୍‌ରେ ପ୍ରଥମ ପୁରସ୍କାର ୧୨,୦୦୦, ଦ୍ୱିତୀୟ ପୁରସ୍କାର ୮,୦୦୦ ଓ ତୃତୀୟ ପୁରସ୍କାର ଭାବେ ୫,୦୦୦ ରାଶି ଆଇଇଇଇ ୫ଜି/୬ଜି ଇନୋଭେସନ ଟେଷ୍ଟ୍ ବେଡ୍ ଦ୍ୱାରା ବିଜେତା ମାନଙ୍କୁ ଦିଆଯିବ । ହାକାଥନ ଆୟୋଜନ ପାଇଁ ଆଇଇଇଇ କମ୍ୟୁନିକେସନ ସୋସାଇଟି ଦ୍ୱାରା ବିଭିନ୍ନ ସହାୟତା ପ୍ରଦାନ କରାଯାଉଅଛି । ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ଉତ୍ତର ଓଡ଼ିଶାର ସମସ୍ତ ଶିକ୍ଷାନୁଷ୍ଠାନକୁ ଏହି ଗୌରବମୟ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରି ପ୍ରତିଭାବାନ ଯୁବ ଉଦ୍ଭାବକ ମାନଙ୍କୁ ବିଶ୍ୱ ସମ୍ମୁଖରେ ପ୍ରଦର୍ଶିତ କରିବାକୁ ହାର୍ଦ୍ଦିକ ଆହ୍ୱାନ କରୁଛନ୍ତି । ଏଥିନିମନ୍ତେ ଉତ୍ତର ଓଡ଼ିଶାର ସମସ୍ତ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟର ଅଧ୍ୟକ୍ଷ, ଛାତ୍ରଛାତ୍ରୀ, ଉଦ୍ୟୋଗୀ ଏବଂ ସମସ୍ତ ପ୍ରିଣ୍ଟ ଓ ଇଲୋକେଟ୍ରାନିକ୍ସ୍ ମିଡ଼ିଆର ପ୍ରତିନିଧିମାନଙ୍କ ସହଯୋଗ କାମନା କରିଛନ୍ତି । ଅଂଶଗ୍ରହଣ ପାଇଁ ଲିଙ୍କ୍ https://odishaaisummit.org/hackathon ରେ ଆବେଦନ କରିବାକୁ ଆଞ୍ଚଳିକ ନୋଡାଲ୍ ସଂଯୋଜକ ତଥା ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡଃ ସ୍ୱରୂପାନନ୍ଦ ବିଷୟୀ ସୂଚନା ଦେଇଛନ୍ତି ।

# କୋଇଲା ବୋଝେଇ ଜାହାଜରେ ନିଆଁ



ପାରାଦୀପ,( ଜିପ୍ର ) :ରାତି ପ୍ରାୟ ଦୁଇଟା ପାଖାପାଖି ହେବ ହଠାତ ଏକ ଜାହାଜ ଉପରୁ ପ୍ରବଳ ଧୁଁଆ ବାହାରୁଥିବା କିଛି କର୍ମଚାରୀ ଦେଖିଲେ। ଏକ କୋଇଲା ବୋଝେଇ ଜାହାଜରେ ନିଆଁ ଲାଗିଥିବା ଖବର ଚାରିଆଡେ ବ୍ୟାପିଗଲା। ପାରାଦ୍ୱୀପ ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟରେ ଥିବା ବର୍ଥରେ ଘଟିଥିଲା ଏଭଳି ଅଘଟଣା ଇକୋ କୋଲୋନେଲ ମନୋରଭିଆ ଜାହାଜରେ ଲୋଡିଂ ସମୟରେ କୋଇଲାରେ ନିଆଁ ଲାଗି ଯାଇଥିଲା। ବର୍ଥରେ ଲୋଡିଂ ହେଉଥିଲା ଥର୍ମାଲ କୋଇଲା। କନଭର ବେଲଫରେ ଲୋଡିଂ ହେଉଥିଲା ଏହି କୋଇଲା। ସିଆଇଏସଏଫ ,ଅଗ୍ନିଶମ ବାହୀନୀ ତୁରନ୍ତ ନିଆଁକୁ ଆୟତ କରିଥିଲା। ନିଆଁ ଲାଗିବାରୁ ଜାହାଜକୁ ସିକ୍ୱିଉ-୨ ବର୍ଥକୁ ଅଣାଯାଇଛି। ସେଠାରେ ଜାହାଜରୁ କଢା ହେଉଛି କୋଇଲା। ପାଣି ମାରି କୋଇଲା ଲୋଡିଂ ନକରିବାରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି ।

# ରେଫର ହୋଇଥିବା ରୋଗୀ ମୃତ୍ୟୁକୁ ନେଇ ଡାକ୍ତରଖାନାରେ ଉତ୍ତେଜନା

ଗୋପ,(ସବ୍ୟୁ) : ରବିବାର ଅପରାହ୍ନରେ ପାରାଲେସିସ୍ ରୋଗ ସହିତ ଆଉ କେତକ ରୋଗରେ ଆକ୍ରାନ୍ତ ରୋଗି ସରକାରଙ୍କ ୧୦୮ ଆମ୍ବୁଲାନ୍ସ ସେବା ନ ପାଇ ମୃତ୍ୟୁ ବରଣ କରିଥିବା ଅଭିଯୋଗ ହୋଇଛି। ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ୮୦ ବର୍ଷିୟ ବୃଦ୍ଧ ବିନୋଦ ମଲ୍ଲିକଙ୍କୁ ଡାକ୍ତର କାବ୍ୟାରାଣୀ ସ୍ୱାଇଁ ଭୁବନେଶ୍ୱର ସରକାରୀ ଡାକ୍ତରଖାନାକୁ ଗୁରୁତର ଅବସ୍ଥାରେ ରେଫର କରିଥିଲେ। ହେଲେ ଦୀର୍ଘ ଦେଢ଼ ଘଣ୍ଟା ବିଳମ୍ବରେ ଆମ୍ବୁଲାନ୍ସ ଆସିବା ଯୋଗୁଁ ମୋ ବାପାଙ୍କ ମୃତ୍ୟୁ ହୋଇଥିବା ପୁଅ ଅନାମ ମଲ୍ଲିକ ଅଭିଯୋଗ କରିଛନ୍ତି। ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏକ ପୁରାତନ ଡାକ୍ତରଖାନା ହୋଇ ଥିବା ବେଳେ କିଛି ସୂଚନା ନ କରି ରାତି ଅଧରେ ଗୋପ ଡାକ୍ତରଖାନା ଲାଗି ଥିବା ୧୦୮ ଆମ୍ବୁଲାନ୍ସ ନିମାପଡ଼ା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରା ଯିବା ଯୋଗୁଁ ଆଜି ଏପରି ଅବସ୍ଥା ସୃଷ୍ଟି ହୋଇଥିବା ସ୍ଥାନିୟ ଲୋକ ମାନେ କହିଛନ୍ତି। ପ୍ରକାଶ ଯେ ଗୋପ ଥାନା ଅନ୍ତର୍ଗତ କୁଆଁପଡା ପଞ୍ଚାୟତ ଅନ୍ତର୍ଗତ ଓରୁଆଳି ଗ୍ରାମର ବିନୋଦ ମଲ୍ଲିକ (୮୦) ଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ପରିବାର ସଦସ୍ୟ ମାନେ ଅପରାହ୍ନରେ ଗୋପ ଡାକ୍ତରଖାନାକୁ ଆଣିଥିଲେ। ଡିୟୁଟିରେ ରେ ଥିବା ଡ଼ାକ୍ତର କାବ୍ୟାରାଣୀ ସ୍ୱାଇଁ ଚିକିତ୍ସା କରିବା ପରେ ସନ୍ଧ୍ୟା ସାଢ଼େ ପାଞ୍ଚଟାରେ ଭୁବନେଶ୍ୱର ସରକାରୀ ଡାକ୍ତରଖାନା କୁ ପଠାଇଥିଲେ। ଡାକ୍ତର ରେଫର କରିବା ପରେ ପିଡ଼ିତ ରୋଗିଙ୍କ ସାନ ଭ୍ରାଇଁ ରବିନ୍ଦ୍ର ମଲ୍ଲିକ ୧୦୮ ଆମ୍ବୁଲାନ୍ସ କଲ୍ ସେଣ୍ଟର କୁ ୫ ଟା ୩୭ ମିନିଟ୍ ରେ ଟେଲିଫୋନ କରିଥିଲେ। କଲ୍ ସେଣ୍ଟର ରୁ ୫ ଟା ୫୨ ମିନିଟ୍ ରେ ପୁରୀରୁ ଆମ୍ବୁଲାନ୍ସ ଯାଉଥିବା ସୂଚନା ମଧ୍ୟ ଆସିଥିଲା। ଆମ୍ବୁଲାନ୍ସ ବିଳମ୍ବ ହେବା ଫଳରେ ପରିବାର ସଦସ୍ୟ ବାରମ୍ବାର ଆମ୍ବୁଲାନ୍ସ କୁ ଫୋନ୍ ମଧ୍ୟ କରିଥିଲେ। ଆମ୍ବୁଲାନ୍ସ ଟି ଗୋପ ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ବିନୋଦ ମଲ୍ଲିକ ଆଖି ବୁଜିଥିଲେ। ଆମ୍ବୁଲାନ୍ସ ନ ଆସିବା ରୁ ଆମ ରୋଗିର ମୃତ୍ୟୁ ହୋଇଥିବା ନେଇ ପରିବାର ସଦସ୍ୟ ମାନେ ଡ଼ାକ୍ତରଖାନାରେ ହୋହଲ୍ଲା କରିଥିଲେ। ପରେ ଅର୍ଥାଁ ଦୀର୍ଘ ଦେଢ଼ ଘଣ୍ଟା ବିଳମ୍ବରେ ଆମ୍ବୁଲାନ୍ସ ଗାଡ଼ି ନମ୍ବର ଓଡି -୧୫-ଏଲ୍-୩୫୬୦ ପହଞ୍ଚିବାରେ ରୋଗି ସଂପର୍କୀୟମାନେ ଆମ୍ବୁଲାନ୍ସ ଗାଡ଼ିର କାଚ କୁ ବାଡାବାଡ଼ି କରିବା ରୁ ୩ ଜଣ ଆମ୍ବୁଲାନ୍ସ କର୍ମଚାରୀ ବାହାର କୁ ବାହାରି ପାରି ନ ଥିଲେ। ଏହି ଘଟଣା ଘଟିବା ପରେ ସ୍ଥାନୀୟ ପୋଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

# ବୋଲେରୋ ଧକ୍କାରେ ବାଇକ ଚାଳକ ମୃତ

ନିମାପଡା, (ସବ୍ୟୁ) ଆଜି ମଧ୍ୟାହ୍ନରେ ଚାରିଛକ- ଗୋପ ରାସ୍ତାର ଅନ୍ନପୂର୍ଣ୍ଣା ବିଦ୍ୟାପୀଠ ନିକଟରେ ଏକ ବୋଲେରୋ ଗାଡି ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୋପ ଥାନା ଅନ୍ତର୍ଗତ ବାଇଆକୁଦ ଗ୍ରାମର ବ୍ୟବସାୟୀ ଯୋଗେନ୍ଦ୍ର କୁମାର ସେନାପତି (୫୦)। ପ୍ରକାଶ ଯେ, ପରିବା ବ୍ୟବସାୟୀ ଯୋଗେନ୍ଦ୍ର ଆଜି ଏକ ବାଇକରେ ପରିବା ନେଇ ଚାରିଛକରୁ ଗୋପ ଯାଉଥିବା ବେଳେ ଅନ୍ନପୂର୍ଣ୍ଣା ବିଦ୍ୟାଳୟ ନିକଟରେ ବିପରିତ ଦିଗରୁ ଏକ ବୋଲେରୋ ନଂ(ଓଡି-୦୪-ଏମ୍-୨୮୪୭) ଦ୍ରୁତ ଗତିରେ ଆସି ଧକ୍କା ଦେଇଥିଲା। ଯୋଗେନ୍ଦ୍ର ରାସ୍ତାରେ ଛିଟିକି ରଛାଛ ଅବସ୍ଥାରେ ପଡିଥିଲେ। ଆମ୍ବୁଲାନ୍ସରେ ତାଙ୍କୁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତେବେ ଡାକ୍ତର ଯୋଗେନ୍ଦ୍ରଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ମୃତକଙ୍କ ପୁତୁରା ସନ୍ତୋଷ ସେନାପତି ଚାରିଛକ ଥାନାରେ ଏକ ଅଭିଯୋଗ କରିଛନ୍ତି ।

# ଆନ୍ତଃ ବିଦ୍ୟାଳୟ ଶ୍ରୀମଦ୍ ଭଗବଦ୍ ଗୀତା ଜ୍ଞାନ ପ୍ରତିଯୋଗୀତା

ବିଞ୍ଝାରପୁର :ବିଞ୍ଝାରପୁର ବ୍ଲକର ଫତେପୁର ପଞ୍ଚାୟତର ନଚ୍ଛିପୁର ସ୍ଥିତ ନୀଳାଦ୍ରି ବିହାରରେ ଆନ୍ତ ବିଦ୍ୟାଳୟ ଶ୍ରୀମଦ୍ ଭଗବଦ୍ ଗୀତା ଜ୍ଞାନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇ ଯାଇଛି। ପ୍ରତିଯୋଗୀତା ଟିକୁ ସମାଜସେବୀ ପଦ୍ମାକର ଗୁରୁ ଉଦଘାଟନ କରିଥିଲେ। ଏହି ପ୍ରତିଯୋଗୀତାରେ ଶ୍ରୀମଦ୍ ଭଗବଦ୍ ଗୀତାର ଅଷ୍ଟମ ଅଧ୍ୟାୟରୁ ତିରିଶ ଟି ପ୍ରଶ୍ନ ପ୍ରସ୍ତୁତ ହୋଇଥିଲା। ଯୋଗ ଦେଇଥିବ. ଛାତ୍ରଛାତ୍ରୀ ମାନେ ସଫଳତାର ସହିତ ପ୍ରଶ୍ନର ଉତ୍ତର ଲେଖିଥିବା କଥା ନୀଳାଦ୍ରି ବିହାରରେ ଆନ୍ତ ବିଦ୍ୟାଳୟ ଶ୍ରୀମଦ୍ ଭଗବଦ୍ ଗୀତା ଜ୍ଞାନ ପ୍ରତିଯୋଗୀତା କମିଟିର ଅଧ୍ୟକ୍ଷ ସୁଧୀର କୁମାର ଆଚାର୍ଯ୍ୟ କହଛନ୍ତି ପ୍ରତିଯୋଗୀତା ପରୀକ୍ଷାରେ ଦୁଇଜଣ ପ୍ରଥମ ଓ ଦୁଇଜଣ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିଜେତାଙ୍କ ସମେତ ଅଂଶ ଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀ ମାନଙ୍କୁ ପ୍ରମାଣପତ୍ର ଗୀତାଜୟନ୍ତୀ ସମାବେଶ ରେ ପ୍ରଦାନ କରାଯିବ ବୋଲି ସେ କହିଥିଲେ। ନୀଳାଦ୍ରି ବିହାର ଶ୍ରୀ ମନ୍ଦିର ପରିଚାଳନା. ସମିତି ସଭାପତି ରତନଲାଲ ଭୂୟାଁ ଏହି ଅବସରରେ ସୂଚନା ପ୍ରଦାନ କରି କହିଛନ୍ତି ଯେ ନୀଳାଦ୍ରି ବିହାର ଶ୍ରୀ ମନ୍ଦିର ପରିଚାଳନା. ସମିତି ସୌଜନ୍ୟରୁ ଦୀର୍ଘ ଆଠ ବର୍ଷ ହେଲା ମନ୍ଦିର ସଂସ୍ଥାପକ ଦିବଂଗତ ଭକ୍ତ ନିରଞ୍ଜନ ଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ପରିପାଳନ କରାଯାଇ ଆସୁଛି। ଚଳିତ ବର୍ଷ ଡିସେମ୍ବର ୨ତାରିଖ ଦିନ ଗୀତା ଜୟନ୍ତୀ ଅବସରରେ ଚିନ୍ମୟ ମିଶନ, କଟକର ଅଚାର୍ଯ୍ୟ ଓଁ କାରାନନ୍ଦ ସରସ୍ୱତୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଦିବ୍ୟ ପ୍ରବଚନ ପ୍ରଦାବ ସହିତ ଚଳିତ ବର୍ଷର ଭକ୍ତ ନିରଞ୍ଜନ ସ୍ମୃତି ସମ୍ମାନ ପଣ୍ଡିତ ଗୁଣନିଧି ଦାଶଙ୍କୁ ପ୍ରଦାନ କରିବା ସହିତ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରିବେ ବୋଲି ସୂଚନା ଦେଇଥିଲେ। ନୀଳାଦ୍ରି ବିହାର ଶ୍ରୀ ମନ୍ଦିର ଅଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ଅମ୍ବରୀଶ ଆଚାର୍ଯ୍ୟ, ଭକ୍ତହରି ବିଶ୍ୱାଳ,ରମାକାନ୍ତ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ।

# ଷଣ୍ଢ ଚାଲାଣ ଅଭିଯୋଗରେ ୨ ଗିରଫ

କୁଆଖିଆ, (ସବ୍ୟୁ) : ଏକ ଟାଟା ଏ ସି ଗାଡ଼ିରେ ଷଣ୍ଢ ପୁରାଇ ଚାଲାଣ କରିବାକୁ ନେଉଥିବା ବେଳେ ଗତ କାଲି ରାତିରେ ବଜରଙ୍ଗ କାର୍ଯ୍ୟକର୍ତା ଓ ପୋଲିସ ପେଟ୍ରୋଲିଙ୍ଗ ଗାଡି ତାଙ୍କୁ ଅଟକାଇଥିଲା। ଘଟଣାରେ ସମ୍ପୃକ୍ତ ୨ ଜଣକୁ ପୋଲିସ ଗିରଫ କରିଛି । ଗତ କାଲି ଏକ ଟାଟା ଏ ସି ଗାଡ଼ିରେ କିଛି ଷଣ୍ଢ ପୁରାଇ ଯାଜପୁର ସଦର ଥାନା ହସିନପୁର ଗ୍ରାମର ନିହାର ରଞ୍ଜନ ନାୟକ, କଳ୍ପତରୁ ଜେନା ଜାତୀୟ ରାଜପଥ ଦେଇ ନେଉଥିବା ବେଳେ ରସୁଲପୁର ବ୍ଲକ ସମ୍ମୁଖ ରାସ୍ତା ରେ ବଜରଙ୍ଗକର୍ମୀ ଓ ପୋଲିସ ପେଟ୍ରୋଲିଙ୍ଗ ଗାଡି ଅଟକାଇଥିଲା । ପୋଲିସ ସେ ଦ୍ୱୟଙ୍କ ଠାରୁ କଣ ପାଇଁ ଷଣ୍ଢ ନେଉଛ କଥା ନଜାଣି ଅନୁସନ୍ଧାନ ଜାରିରଖିଥିଲା । କୁଆଖିଆ ପୋଲିସ ଅଧିକାରୀ ନରେନ ଦାସ ଘଟଣା ର ତଦନ୍ତ ଜାରି ରଖି କେଶ ନଂ ୫୦୫ ରେ ମାମଲା ରୁଜୁ କରି ଆଜି ନିହାର ରଞ୍ଜନ ନାୟକ ଓ କଳ୍ପତରୁ ଜେନାଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛନ୍ତି । ଟାଟା ଏ ସି ଗାଡିକୁ ଜବତ କରାଯାଇଛି ।

# ଧର୍ମପ୍ରାଣା ମହିଳାଙ୍କ ପରଲୋକ

ଜଗତସିଂହପୁର, (ସବ୍ୟୁ) -ନାଉଗାଁ ବ୍ଲକ ରୋହିଆ ପଞ୍ଚାୟତର ଭୋବନା ନନ୍ଦ ମହାନ୍ତି ଧର୍ମପନି଼ ବିଦ୍ୟୁଲତା ମହାନ୍ତି ଙ୍କର ୫୮ ବୟସରେ ଶୁକ୍ରବାର ଦିନ ପରଲୋକ ହୋଇଯାଇଛି । ତାଙ୍କ ଦେହ ହଠାତ ଖରାପ ହେବାରୁ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ଅବସ୍ଥାରେ ମୃତ ହୋଇଥିଲା,ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ଓ ଧର୍ମପ୍ରାଣା ମହିଳା ଥିଲେ । ତାଙ୍କ ମୃତ୍ୟୁ ଶର୍ଯ୍ୟା ନିକଟରେ ୨ ପୁତ୍ର ତାପସ ମହାନ୍ତି, ରାକେଶ ମହାନ୍ତି, ଝିଅ ଶୁଭ ଲକ୍ଷ୍ମୀ,,ଜ୍ୱାଇଁ ମନୋଜ, ପୁତ୍ର ବଧୂ ମିତାଲି, ନାତି ସାଇ,ନଣନ୍ଦ ବାସନ୍ତୀ,ଶାନ୍ତିଲତା, ଭଣଜା, ରଞ୍ଜୁଆ,ସଞ୍ଜୁଆ,ଟଲା, ଚିକୁ,ଗୁଲୁ, ନଣନ୍ଦ, ନଣଦେଇଙ୍କ ସମେତ ବନ୍ଧୁ ଆତ୍ମୀୟ ସ୍ୱଜନ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ । ଗ୍ରାମ ସ୍ମଶାନରେ ତାଙ୍କର ଶେଷକୃତ୍ୟ ସମାପନ କରାଯାଇଥିଲା, ଜ୍ୟେଷ୍ଠ ପୁତ୍ର ତାପସ ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।



# ଆଖି ପିଛୁଳାକେ ବାଇକ ଚୋରି

କେନ୍ଦ୍ରାପଡା, (ସବ୍ୟୁ) : କେନ୍ଦ୍ରାପଡା ସଦର ଥାନା ଅ"ର୍ଗତ ଗରାପୁର ଭିଆଇପି ରାସ୍ତାର ଦି ପ୍ୟାଲେସ ନିକଟରୁ ଆଖି ପିଛୁଳାକେ ଜଣଙ୍କର ବାଇକ ଚୋରୀ ହୋଇ ଯାଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାଇ କେନ୍ଦ୍ରାପଡା ସଦର ଥାନା ଅ"ର୍ଗତ ଶତିପୁର ଗ୍ରାମର ମେଜର ଭରତ ଚନ୍ଦ୍ର ଜେନା ମଟର ସାଇକେଲ ରଖି ଜିନିଷ କିଣିବା ବେଳେ ତାଙ୍କ ମଟର ସାଇକେଲ ଟି ଚୋରୀ ହୋଇ ଯାଇଥିବା ସେ ସଦର ଥାନାରେ ଅଭିଯୋଗ କରିଛନ୍ତି ।

# କୁରାଳ ପଂଚମୀ ପାଳିତ

କେନ୍ଦ୍ରାପଡା,(ସବ୍ୟୁ) : କେନ୍ଦ୍ରାପଡା ସହରର ଉପକଣ୍ଠ ଚକ୍ରପୁର ଗ୍ରାମରେ କୁମ୍ଭକାର ମାନଙ୍କର ଗଣପର୍ବ କୁରାଳ ପଂଚମୀ ମହା ସମାରୋହରେ ପାଳିତ ହୋଇଯାଇଛି। କେନ୍ଦ୍ରାପଡା ଜିଲ୍ଲା କୁମ୍ଭକାର ସମିତି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅରୁଣ କୁମାର ବେହେରା ତତ୍ୱାବଧାନ ରେ ପାରମ୍ପରିକ ରୀତିନୀତି ରେ ଲକ୍ଷ୍ମୀ ନାରାୟଣଙ୍କ ପୂଜା ବିଧାନ କରାଯାଇ ପାଳନ କରା ଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ପ୍ରଫୁଲ୍ଲ ବେହେରା, ବାମଦେବ ବେହେରା, ଦାମୋଦର ବେହେରା, ଦୈତାରୀ ବେହେରା, କ୍ଷିରୋଦ ବେହେରା ପ୍ରମୁଖ ଗ୍ରାମର ସମସ୍ତ କୁମ୍ଭକାର ମାନେ ସହ ଯୋଗ କରିଥିଲେ।

# ଜାତୀୟସ୍ତରୀୟ ଭିନ୍ନକ୍ଷମ ହୁଇଲ ଚେୟାର କ୍ରିକେଟ ପ୍ରତିଯୋଗିତା ଟ୍ରଫି ଉଦ୍‌ଘାଟିତ

ଧର୍ମଶାଳା, (ସବ୍ୟୁ) : ଧର୍ମଶାଳା ବ୍ଲକ ଜାରକାସ୍ଥିତ ଧର୍ମଶାଳା ଷ୍ଟାଡିୟମରେ ହଲରେ ସାଂସଦ ଖେଲ ଇଣ୍ଡିଆ ୨୦୨୫ ମାଧ୍ୟମରେ ଅନୁଷ୍ଠିତ ଜାତୀୟ ସ୍ତରୀୟ ଭିନ୍ନକ୍ଷମ କ୍ରିକେଟ ପ୍ରତିଯୋଗିତା ଅବସରରେ ଆଜି ଟ୍ରଫି ଉନ୍ମୋଚିତ ହୋଇଯାଇଛି। ମିଶ ଲୋରିଆଙ୍କ ସଂଚାଳନାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଉଦଘାଟକ ଭାବେ ଯାଜପୁର ସାଂସଦ ରବିନ୍ଦ୍ର ନରାୟଣ ବେହେରା, ମୁଖ୍ୟ ଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ମୁଖ୍ୟବକ୍ତା ଭାବେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଅତିଥି ଭାବେ ଯାଜପୁର ବିଜେପି ସଭାପତି ଦେବଯାନୀ ପ୍ରଧାନ, ପୂର୍ବତନ ଜିଲ୍ଲା ସଭାପତି ଆଶୁତୋଷ ପରିଡା,ବିଂଝାରପୁର ବିଜେପିନେତ୍ରୀ ବବିତା ମଲିକ,ଧର୍ମଶାଳା ବ୍ଲକ ଅଧ୍ୟକ୍ଷା ସୁଚିସ୍ମିତା ଦାସ, ଜିଲ୍ଲା କ୍ରୀଡା ଅଧିକାରୀ ଫକିରମୋହନ ଟୁଡୁ ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମ ମାନଙ୍କୁ ବିଭିନ୍ନ ଖେଳରେ ଉତ୍ସାହ ଯୋଗାଇଦେବା ଲାଗି ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ସାଂସଦ ଖେଲ ଇଣ୍ଡିଆ କାର୍ଯ୍ୟକ୍ରମ ମାଧ୍ୟମରେ କ୍ରିକେଟ ପ୍ରତିଯେଗିତା କରାଯାଇ ଖେଳାଳିମାନଙ୍କୁ ଉତ୍ସାହ କରାଯାଉଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅତିଥିମାନେ ସାଂସଦ ଖେଲ ଇଣ୍ଡିଆର ଟ୍ରଫିକୁ ଉନ୍ମୋଚନ କରିଥିଲେ। ଶେଷରେ ବିଜେପି ନେତା କାହ୍ନୁ ଚରଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଧର୍ମଶାଳା ଷ୍ଟାଡିୟମରେ ଖେଲ ଇଣ୍ଡିଆ ୨୦୨୫ ମାଧ୍ୟମରେ ଅନୁଷ୍ଠିତ ଭିନ୍ନକ୍ଷମ କ୍ରିକେଟ ଟୁର୍ଣ୍ଣାମେଂଟରେ ମହାରାଷ୍ଟ୍ର, ଓଡିଶା, ଛତିଶଗଡ, ଗୋଆ, ହିମାଂଚଳ ପ୍ରଦେଶ, ରାଜସ୍ଥାନ ଆଦି ୬ ଗୋଟି ରାଜ୍ୟର କ୍ରିଡାବିତମାନେ ଏହି ପ୍ରତିଯୋଗିତରେ ଅଂଶଗ୍ରହଣ କରିଛନ୍ତି। ଗତକାଲି ଫ୍ଲଡଲାଇଟରେ ଓଡିଶା ଓ ଗୋଆମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ ଓଡିଶା ଦଳ ବିଜୟୀ ହୋଇଥିଲା। ଓଡିସା ତରଫରୁ ସଙ୍କର ୫ଟି ଉଇକେଟ ନେଇଥିବା ବେଳେ ଗୋଆ ଦଳର ହେମନ୍ତ ୨ଟି ଉଇକେଟ ନେଇଥିଲେ। ସେହିପରି ଓଡିଶା ଦଳର ଶଙ୍କର ୩୫ ରନ କରିଥିବା ବେଳେ ଗୋଆ ଦଳର ମହେଶ ୩୫ ରନ ସଂଗ୍ରହ କରିଥିଲେ। ତେବେ ଆଜି ପ୍ରଥମ ମ୍ୟାଚ ଛତିଶଗଡ ଓ ମହାରାଷ୍ଟ୍ର ମଧ୍ୟରେ ହୋଇଥିବା ବେଳେ ମହାରାଷ୍ଟ୍ର ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ଓଡିଶା ଓ ହିମାଂଚଳ ପ୍ରଦେଶ ମଧ୍ୟରେ ହୋଇଥିବା ବେଳେ ହିମାଂଚଳ ପ୍ରଦେଶ ପ୍ରଥମେ ବ୍ୟାଟିଂ କରି ୬୦ ରନ କରିଥିଲା। ଜବାବରେ ଓଡିଶା ବ୍ୟାଟିଂ କରି ୩ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଛି। ଏହି ସମସ୍ତ ଖେଳକୁ ସୁରଥ ପାତ୍ର ଓ ଗୌରୀ ଶଙ୍କର ଜେନା ପରିଚାଳନା କରିଥିବା ବେଳେ ସ୍କୋରରେ ଶିବସୁନ୍ଦର ଦାସ ସହୟତା କରିଥିଲେ। ଡିସେମ୍ବର ୩ ତାରିଖରେ ଏହି କ୍ରିକେଟ ପ୍ରତିଯୋଗିତାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି ।



# ଅସ୍ମିତା ଖେଲୋ ଇଣ୍ଡିଆ ଦୌଡକୁଦ ପ୍ରତିଯୋଗିତା ଉଦ୍‌ଯାପିତ

କେନ୍ଦ୍ରାପଡା, (ସବ୍ୟୁ): କେନ୍ଦ୍ରାପଡା ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟ ରେ ପ୍ରଥମ ବାର୍ଷିକ ଅସ୍ମିତା ଖେଲୋ ଇଣ୍ଡିଆ ଦୌଡକୁଦ ପ୍ରତିଯୋଗିତା ସ୍ୱୟଂ ଶାସିତ ମହା ବିଦ୍ୟାଳୟ ପଡିଆରେ ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର ଆୟାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ଜାତୀୟ ସ୍ତରର ମହିଳା ଫୁଟବଲ ଖେଳାଳୀ ଆଲୋଚନା ସେନାପତି ସଭାପତି ଭାବେ ଯୋଗ ଦେଇଥିଲେ। ୧୪ ବର୍ଷରୁ ଅଧିକ ଓ ୧୬ ବର୍ଷରୁ କମ ୨୫୦ ଜଣ ବାଳୀକା ଖେଳାଳୀ ୬୦ ମିଟର, ୬୦୦ ମିଟର ଦୌଡ, ଲମ୍ବ ଡିଆଁ, ଜାଭେଲିନ ଥ୍ରୋ, ସଟପୁଟ , ଡିସକସ ଥ୍ରୋ ପ୍ରଭୃତି ପ୍ରତିଯୋଗିତା ମାନଙ୍କରେ ଅଂଶ ଗ୍ରହଣ କରିଥିଲେ। ଜିଲ୍ଲାର ବିଭିନ୍ନ ଅଂଚଳରୁ ଆସିଥିବା ଏହି ପ୍ରତିଯୋଗୀ ମାନଙ୍କୁ ପ୍ରମାଣପତ୍ର ସହ ପଦକ ପ୍ରଦାନ କାରଯାଇଥିଲା। ରେକର୍ଡ ଅନୁଯାଇ ଭଲ ପ୍ରଦର୍ଶନ କରିଥିବା ଖେଳାଳୀ ମାନଙ୍କୁ ସରକାରୀ ବାଳିକା କ୍ରୀଡା ହଷ୍ଟେଲ ରେ ରହି ତାଲିମ ନେବାର ସୁଯୋଗ ମିଳିପାରିବ ବୋଲି ସଂସଦର ସାଧାରଣ ସଂପାଦକ ସୟଦ ଆକମଲ ଅଲ୍ଲୀ ସୂଚନା ଦେବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। କ୍ରୀଡା ସଂପାଦକ ଜ୍ୟୋତିମୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅଫିସିଆଲ ଭାବେ ପ୍ରକାଶ ଦାସ, ଶଶାଙ୍କ ସାହୁ, ସସ୍ମିତା ପଣ୍ଡା, ମନୋଜ ସାହୁ, ଦେବେନ୍ଦ୍ର ସାହୁ, ଉମାକା" କର, ସୁହାନା ପରବିନ ପ୍ରମୁଖ ଉପସ୍ଥିତ ଥିଲେ।

# ଅଧିବକ୍ତା ପରିଷଦ ପକ୍ଷରୁ ସମ୍ବିଧାନ ଦିବସ ପାଳନ

ବ୍ୟାସନଗର, (ଜିପ୍ର): ଜିଲ୍ଲା ଅଧିବକ୍ତା ପରିଷଦ ତରଫରୁ ସମ୍ବିଧାନ ଦିବସ ପାଳନ ହୋଇଯାଇଛି । ରାଜ୍ୟ ସଭାପତି ଅଜିତ କୁମାର ପଟ୍ଟନାୟକ, ଉଦୟନାଥ ସାହୁ, ରାଜ୍ୟ ସମ୍ପାଦକ ସତ୍ୟଜିତ ଶତପଥି, ଜିଲ୍ଲା ସଭାପତି ସୁରେଶ ଚନ୍ଦ୍ର ପଣ୍ଡା, ଜିଲ୍ଲା ସମ୍ପାଦକ ଜିତୁ ଗଡ଼ନାୟକ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଅଧିବକ୍ତା ପରିଷଦର ଜିଲ୍ଲା ପୂର୍ବତନ ବରିଷ୍ଠ ସଦସ୍ୟ ନଳିନୀକାନ୍ତ ମିଶ୍ରଙ୍କ ସହଯୋଗରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ତିରିଶ ଜଣ ସହଯୋଗୀ ଅଧିବକ୍ତା ଓ ରଗଡି ଲ କଲେଜ ଅଧ୍ୟକ୍ଷା ସୋନମ ପ୍ରିୟଦର୍ଶିନୀ ସାମଲ ତଥା ଅନ୍ୟ ଛାତ୍ରଛାତ୍ରୀ ଯୋଗ ଦେଇ ସମାଜର ପ୍ରତିଟି ବ୍ୟକ୍ତି ନିକଟରେ ନ୍ୟାୟ ପହଁଚାଇବା ତଥା ସମ୍ବିଧାନର ମୁଲ୍ୟବୋଧ ବୁଝି ଏକ ପରମ ବୈଭବଶାଳୀ ବିକଶିତ ରାଷ୍ଟ୍ର ନିର୍ମାଣାର୍ଥେ ପ୍ରତିଟି ନାଗରିକ ତାର ଦାୟିତ୍ୱ ବୋଧ ଓ କର୍ତବ୍ୟ ପାଳନ ଉପରେ ଆଲୋକପାତ କରିଥିଲେ । ଜିଲ୍ଲାର ଅଧିବକ୍ତା ମାନଙ୍କ ମଧ୍ୟରୁ ତପନ କୁମାର ପଣ୍ଡା, ଅନନ୍ତ ଚନ୍ଦ୍ର କର, ବ୍ରଜ ସୁନ୍ଦର ନାୟକ, ଅଚ୍ୟୁତାନନ୍ଦ ଦାସ, ଭଚ୍ଛବତ୍ସଳ ସାହୁ, ପ୍ରିୟ ଗୋବିନ୍ଦ ଦାସ, ବେବିନା ଓଝା, ହଳଧର ଦାସ, ପରମେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାର କିଛି ପ୍ରମୁଖ ଅଧିବକ୍ତା ସୁବାସ ଚନ୍ଦ୍ର ନନ୍ଦ, ଗୋପାଳ ଚନ୍ଦ୍ର ପଣ୍ଡା, ଚନ୍ଦ୍ରଶେଖର ପଣ୍ଡା, କିଶୋର ଚନ୍ଦ୍ର କର ଓ ନ୍ୟାସନାଲ ଇନଷ୍ଟିଚୁଟ ଅଫ ଲିଗାଲ ଷ୍ଟଡିଜ ମହା ବିଦ୍ୟାଳୟର ଅଧ୍ୟକ୍ଷା ସୋନମ ପ୍ରିୟଦର୍ଶିନୀ ସାମଲଙ୍କୁ ସମ୍ମାନିତ କରାଯାଇଥିଲା ।



# ଆଳୁ ଚାଷର ଚାହିଦା ବଢ଼ାଇବା ପାଇଁ ପ୍ରୋତ୍ସାହନ ଆବଶ୍ୟକ

ରଘୁନାଥପୁର, (ସବ୍ୟୁ): ଆଳୁ ଆମଦାନୀରେ ପଶ୍ଚିମବଙ୍ଗ ସରକାରଙ୍କ ଅସହିଷ୍ଣୁ ନୀତିକୁ ଉପଲବ୍ଧି କରି ରାଜ୍ୟ ସରକାର ନିଜ ରାଜ୍ୟରେ ବ୍ୟାପକ ଆଳୁ ଚାଷ କରି ରାଜ୍ୟ ସ୍ୱାବଲମ୍ବୀ ହେବା ପାଇଁ ଚେଷ୍ଟା ଜାରି ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ରଘୁନାଥପୁର ବ୍ଲକ ଅଂଚଳରେ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୨୦ହେକଟର ଜମିରେ ଆଳୁ ଚାଷ ପାଇଁ ସରକାରୀ ସ୍ତରରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥିପାଇଁ ଆପାତତଃ ୩୦୦କ୍ୱିଣ୍ଟାଲ ଆଳୁ ମଞ୍ଜି ଯୋଗାଇ ଦିଆଯିବା ପାଇଁ ନିର୍ଦ୍ଦେଶ ଥିବା ବେଳେ ନଭେମ୍ବର ୧୫ତାରିଖ ପରେ କେଜି ପ୍ରତି ୨୦ଟଙ୍କା ଦରରେ ରଘୁନାଥପୁର ଉଦ୍ୟାନ ବିଭାଗ ପକ୍ଷରୁ ଚାଷୀମାନଙ୍କୁ ଆଳୁ ମଞ୍ଜି ଯୋଗାଇ ଦିଆଯାଇ ଆସୁଛି। ସେହିପରି ଚାଷ ପରେ ସଂପୃକ୍ତ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ କେଜି ପିଛା ୧୦ଟଙ୍କା ହିସାବରେ ସବସିଡ ଟଙ୍କା ଆସିବ ବୋଲି ବିଭାଗୀୟ କର୍ମଚାରୀ ମାନେ ଜଣାଇଛନ୍ତି। କିନ୍ତୁ ଆଳୁ ଚାଷ ପାଇଁ ଉପଯୁକ୍ତ କ୍ଷେତ୍ରର ଅଭାବ ସହିତ ମାଙ୍କଡ ଓ ଘୁଷୁରୀ ଉପଦ୍ରବ ଯୋଗୁଁ ବହୁ ଆଳୁ ଚାଷୀ ଏହି ଫସଲରୁ ମୁହଁ ଫେରାଇ ଥିବା ଲକ୍ଷ୍ୟ କରାଯାଇଛି। ରଘୁନାଥପୁର ବ୍ଲକ ଅଂଚଳରେ ଆଳୁ ଚାଷ ପାଇଁ ୧୫ରୁ ୨୦ ହେକଟର ଜମି ଉପଯୁକ୍ତ ଥିବା ବେଳେ ଏହି ବ୍ଲକ ଅଞ୍ଚଳରେ ୫୦ ହେକଟର ଆଳୁ ଚାଷ ପାଇଁ ସରକାରଙ୍କ ପକ୍ଷରୁ ଉଦ୍ୟାନ ବିଭାଗ ଉପରେ ଦାୟିତ୍ୱ ଲଦି ଦିଆଯାଇଛି। ଏଥି ପାଇଁ ଆବଶ୍ୟକ ପରିମାଣର ଆଳୁ ମଞ୍ଜି ମଧ୍ୟ ଯୋଗାଇ ଦେବାର ରହିଛି। କିନ୍ତୁ ଆଳୁ ଚାଷ ପାଇଁ ଉପଯୁକ୍ତ କ୍ଷେତ୍ର ଅଭାବରୁ ଏହି ଆଳୁ ମଞ୍ଜି ଗୁଡ଼ିକ ଗୋଦାମରେ ପଡ଼ି ରହିଛି। ଏହାର ସରକାରୀ ମୁଲ୍ୟ ଭରଣା କରିବାକୁ ବିଭାଗୀୟ କର୍ମଚାରୀଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି। ତେବେ ରାଜ୍ୟରେ ବ୍ୟାପକ ଆଳୁ ଉତ୍ପାଦନ ବଢ଼ାଇବା ପାଇଁ ସରକାରୀ ସ୍ତରରେ ଚାଷୀ ମାନଙ୍କୁ ଆଳୁ ଚାଷ ପାଇଁ ଆଗ୍ରହ ସୃଷ୍ଟି କରିବା , ଜିଲ୍ଲାର ବିଭିନ୍ନ ସ୍ଥାନରେ ଉନ୍ନତମାନର ଶୀତଳଭଣ୍ଡାର ନିର୍ମାଣ କରିବା ଏବଂ ଆଳୁ ଚାଷୀ ମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ରାଶି ଯୋଗାଇ ଦେବା ଆବଶ୍ୟକ ବୋଲି ଜିଲ୍ଲା କୃଷକ ସଂଗଠନର ସଂପାଦକ ଙ୍ଂ ବାବାଜୀ ଚରଣ ଜେନା ଓ କୋଷାଧ୍ୟକ୍ଷ ଦିଲ୍ଲିପ ରଥଙ୍କ ସମେତ ବରିଷ୍ଠ ଚାଷୀମାନେ ଦାବି କରିଛନ୍ତି ।

# ନବବଧୂର ସନ୍ଦେହଜନକ ମୃତ୍ୟୁକୁ ନେଇ ମାମଲା

ମହାକାଳପଡ଼ା , (ସବ୍ୟୁ ) : ମହାକାଳପଡ଼ା ବ୍ଲକ ଜମ୍ବୁ ସାମୁଦ୍ରିକ ଥାନାଞ୍ଚଳ ବତୀଘର ପଂଚାୟତ ବରକୋଳି ଖୋଳା ଗାଁରେ ଅଭାବନୀୟ ଘଟଣା ଘଟିଛି । ସୂଚନାରୁ ପ୍ରକାଶ ଜମ୍ବୁ ସାମୁଦ୍ରିକ ଥାନା ଅଧୀନ ଖରିନାସି ପଂଚାୟତ ହରିଆବାଙ୍କ ଗାଁର ସହଦେ ଆଡି ଝିଅ ମଞ୍ଜୁକୁ ୨୦୨୩ମସିହାରେ ବାରକୋଳି ଖୋଳାର ଗୋବିନ୍ଦ ଗିରିଙ୍କ ପୁଅ ତାପସକୁ ବୈଦିକ ରୀତିରେ ବିବାହ ଦେଇଥିଲେ । ବିବାହ ସମୟରେ ସକ୍ଷ ମୁତାବକ ଯୌତୁକ ପତ୍ର ଦେଇ ଝିଅ ବିଦା କରିଥିଲେ । ମାତ୍ର ପରବର୍ତ୍ତୀ ସମୟରେ ଝିଅର ଶାଶୁ ଶକୁନ୍ତଳା ଅଧିକ ଯୌତୁକ ଦାବି କରି ଝିଅକୁ ମାନସିକ ଓ ଶାରୀରିକନିର୍ଯ୍ୟାତନା ଦେଇଆସୁଥିଲେ । ଏପରିକି ଝିଅ ଗର୍ଭବତୀ ଥିବା ଅବସ୍ଥାରେ ମାଡ଼ମାରୀ ଗର୍ଭ ନଷ୍ଟ କରାଇଦେଇଥିଲେ । ବତୀଘର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଠ ମାସର ମୃତ ଶିଶୁ କୁ ଜନ୍ମ ଦେବା ପରେ ବି ଝିଅ ର ଯନ୍ତ୍ରଣା ଥମିବାର ନାଁ ଧରିନଥିଲା । ଯାହାନେଇ ଝିଅକୁ ବାଡେଇ ମାରିଦେଇ ଶାଶୁ ଘର ଲୋକେ ଦେହ ଅସୁସ୍ଥ ପାଇଁ ମରିଯାଇଥିବାର ଅଭିନୟ କରୁଥିବାର ମୃତକଙ୍କ ପିତା ଥାନାରେ ଅଭିଯୋଗ ।

# ଉତ୍କଳ ଭାରତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନାସଭା

ଜଗତସିଂହପୁର, (ସବ୍ୟୁ) : ଉତ୍କଳ ଭାରତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବରିଷ୍ଠ କର୍ମଚାରୀ ସୁରେନ୍ଦ୍ରନାଥ ନାୟକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା କଲେଜ ପରିସରରେ ଅନୁଷ୍ଠିତ ହୋଯାଇଅଛି ।କଲେଜ ଅଧ୍ୟକ୍ଷ ଡଃ ସୁଧୀର କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ କଲେଜର ପ୍ରତିଷ୍ଠାତା ସଦସ୍ୟ ତଥା ବିଶିଷ୍ଟ ସାହିତ୍ୟକ ମହେନ୍ଦ୍ର କୁମାର ଆଚାର୍ଯ୍ୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ମହାବିଦ୍ୟାଳୟର ପ୍ରତିଷ୍ଠାରେ ଶ୍ରୀଯୁକ୍ତ ନାୟକଙ୍କର ମହାର୍ଘ ଅବଦାନ ସମ୍ପର୍କରେ ସ୍ମୃତି ଚାରଣ କରିଥିଲେ ।ଏହି ସଭାରେ ଅଧ୍ୟକ୍ଷତା କରି ଅଧ୍ୟକ୍ଷ ଡ. ସୁଧୀର କୁମାର ମହାନ୍ତି କହିଲେ ଯେ କଲେଜ ପ୍ରତିଷ୍ଠା ଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଶ୍ରୀଯୁକ୍ତ ନାୟକଙ୍କର କଲେଜ ପ୍ରତି ଭଲପାଇବା, ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ମାନଙ୍କ ସହିତ ଭାବପୂର୍ଣ୍ଣ ସଂପର୍କ ସହିତ ନିଜ କାର୍ଯ୍ୟଦକ୍ଷତା ଓ କର୍ତ୍ତବ୍ୟ ପରାୟଣତାର ଯୋଗୁ ସେ ସମସ୍ତଙ୍କର ଆପଣାର ହୋଇପାରିଥିଲେ।କଲେଜର ଉନ୍ନତିରେ ତାଙ୍କର ଅବଦାନ ଅବର୍ଣ୍ଣନୀୟ। ଆଜି ଚାକିରୀ ଜୀବନରୁ ଅବସର ନେଉଥିଲେ ହେଁ ଶ୍ରୀ ନାୟକ ସମସ୍ତଙ୍କର ମାନସ ପଟରେ ରହିବା ସହିତ କଲେଜ ପ୍ରତି ତାଙ୍କର ସେହିଭଳି ଭଲପାଇବା ଜାରି ରହିଥାଉ ବୋଲି କହିଥିଲେ।ଏହା ସହିତ ଅବସର ସମୟ ପରେ ତାଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା କରିଥିଲେ ।ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ସୁରେନ୍ଦ୍ର କୁମାର ରଥ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।ଏହି କାର୍ଯ୍ୟକ୍ରମରେ ପୂର୍ବତନ ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ନାଥଶର୍ମା ଓ ବ୍ରଜ କିଶୋର ସ୍ୱାଇଁ, ପୂର୍ବତନ କର୍ମଚାରୀ ଅରବିନ୍ଦ ମହାନ୍ତି, ଧ୍ରୁବ ଚରଣ ସ୍ୱାଇଁଙ୍କ ସମେତ ଅଧ୍ୟାପକ ପ୍ରଶାନ୍ତ ସ୍ୱାଇଁ,ବିଭୂତି ଭୂଷଣ ଦାସ, ବୈକୁ= ନାଥ ଜେନା,ପ୍ରତିମା ଦାଶ, ମାନସୀ ସାହୁ,ରଞ୍ଜିତ କୁମାର ପରିଡ଼ା,ସମ୍ବିତ ରଥ,ସନ୍ତୋଷ କୁମାର କାନୁନଗୋ, ପ୍ରବୀଣ ମହାନ୍ତି, ବସନ୍ତ ପରିଡ଼ା,ଯୁବରାଜ ମହାନ୍ତି,ପ୍ରଦିପ୍ତା ସେନାପତି, ଅର୍ଘ୍ୟରୂପା ମିଶ୍ର,କ୍ଷେତ୍ର ମୋହନ ସ୍ୱାଇଁ,ଯୁବରାଜ ମହାନ୍ତି ପ୍ରମୁଖ ଯୋଗଦାନ କରିଥିଲେ ।ଅଧ୍ୟାପକ ଅନନ୍ତ ନାରାୟଣ ଚୌଧୁରୀ ଧନ୍ୟବାଦ ଦେଇଥିଲେ ।

# ଲୁଣାହାର ଗ୍ରାମରେ ପଞ୍ଚମୁଖୀ ହନୁମାନ ମନ୍ଦିର ପ୍ରତିଷ୍ଠା

ସାଲେପୁର , (ସବ୍ୟୁ) :-ସାଲେପୁର ବ୍ଲକ ଚନ୍ଦ୍ରାଦେଇପୁର ପଞ୍ଚାୟତର ଲୁଣାହାର ଗ୍ରାମ ମଲ୍ଲସାହି ଠାରେ ପଞ୍ଚମୁଖୀ ହନୁମାନଙ୍କ ମନ୍ଦିର ପ୍ରତିଷ୍ଠା ହୋଇଯାଇଛି। ଏଥିରେ ଲୁଣାହାର ମଲ୍ଲସାହି କେନାଲ କୂଳରେ ପଞ୍ଚମୁଖୀ ହନୁମାନଙ୍କ ମନ୍ଦିର ପ୍ରତିଷ୍ଠା ପରିପେକ୍ଷୀରେ ଗତ ୨୬ ତାରିଖ ଠାରୁ ୨୯ ତାରିଖ ପର୍ଯ୍ୟନ୍ତ ଚାରିଦିନ ଧରି ନୂତନ ମନ୍ଦିର ପ୍ରତିଷ୍ଠା ଓ ପ୍ରଭୁ ପଞ୍ଚମୁଖୀ ହନୁମାନଙ୍କ ପ୍ରାଣ ପ୍ରତୀଷ୍ଠା ଏବଂ ରୀତିନୀତି ଅନୁଯାଇ ପୂଜାପାଠ କରାଯାଇଥିଲା। ଚନ୍ଦ୍ରାଦେଇପୁର ଓ ଲୁଣହାର ଗ୍ରାମବାସୀଙ୍କ ସମେତ ଆଖପାଖ ଗ୍ରାମରୁ ହଜାର ହଜାର ଶ୍ରଦ୍ଧାଳୁ ପ୍ରତିଦିନ ଏହି ମନ୍ଦିର ପ୍ରତୀଷ୍ଠା ଉତ୍ସବରେ ଯୋଗଦେଇ ପ୍ରଭୁଙ୍କ ଆଶିଷ ଭିକ୍ଷା କରିଥିଲେ। ପ୍ରତିଦିନ ପ୍ରସାଦ ସେବନ ଓ ଭଜନ କୀର୍ତ୍ତନର ଆୟୋଜନ କରାଯାଇଥିଲା। ଅନ୍ତିମ ଦିବସରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମନ୍ଦିର ପ୍ରତୀଷ୍ଠା ଉତ୍ସବରେ ଯୋଗଦେଇ ପ୍ରଭୁଙ୍କ ଆଶିଷ ଭିକ୍ଷା କରିଥିଲେ। ଏହି ନୂତନ ପଞ୍ଚମୁଖୀ ହନୁମାନଙ୍କ ମନ୍ଦିର ପ୍ରତୀଷ୍ଠା ଉତ୍ସବରେ ଗ୍ରାମବାସୀ ମାନେ ସମସ୍ତ ପ୍ରକାର ସହଯୋଗ କରିଥିଲେ।

# ବିଧାୟକଙ୍କ ଦ୍ବାରା ଦୁଇ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ



ବାଲିପାଟଣା ,(ସବ୍ୟୁ) :ବାଲିପାଟଣା ର ବିଭିନ୍ନ ରାସ୍ତାର ଉନ୍ନତି କରଣ ପାଇଁ କାର୍ଯ୍ୟର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କଲେ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ । ବନମାଳିପୁର ଠାରେ ବନମାଳିପୁରରୁ ଜୟଦେବ ପୀଠ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତିକରଣ ପାଇଁ ବିଧାୟକ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି କାର୍ଯ୍ୟରେ ମୋଟ ୬ କୋଟି ୬୧ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଏହି ରାସ୍ତାର ଉନ୍ନତିକରଣ ହେଲେ ହଜାର ହଜାର ଲୋକ ଉପକୃତ ହେବେ । ସେହିପରି ମଧୁବନ ଠାରେ ମଧୁବନ ଠାରୁ ଦରଡା ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତିକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ବିଧାୟକ । ଏଥିପାଇଁ ଖର୍ଚ୍ଚ ହେବ ୩ କୋଟି ୩୮ ଲକ୍ଷ ଟଙ୍କା । ଏହା ଦ୍ବାରା ପ୍ରାୟ ୫୦ ଖଣ୍ଡ ଗ୍ରାମବାସୀ ଉପକୃତ ହେବେ ।

କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ଜିଲ୍ଲା ପରିଷଦ ସଭ୍ୟ ଗଙ୍ଗାଧର ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟ ପବିତ୍ର ମୋହନ ପଟେଲ୍ , ବାଲିପାଟଣା ବ୍ଲକ୍ ଉପାଧକ୍ଷା, ସମିତି ସଭ୍ୟ କାହ୍ନୁଚରଣ ପାତ୍ର ସରପଞ୍ଚ ଲିଲିପ୍ରିୟା ସାହୁ, ସରପଞ୍ଚ ଶକୁନ୍ତଳା ଭୋଇ, ଆତ୍ମା ଚେୟାରମ୍ୟାନ୍ ଶରତ ଚନ୍ଦ୍ର ତ୍ରିପାଠୀ , ପ୍ରଦୀପ କୁମାର ଜେନାମଣି, କିଶୋର ଚନ୍ଦ୍ର ଜେନା ସମସ୍ତ ଜନପ୍ରତିନିଧି , ବିଭାଗୀୟ ଅଧିକାରୀ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ ।

## ପିପିଲିରେ କଳା ପଲ୍‌ସର ଆତଙ୍କ

# ବିଭିନ୍ନ ସ୍ଥାନରୁ ଛିନତାଇ ନେଇ ଅଭିଯୋଗ

ପିପିଲି ,(ସବ୍ୟୁ) :ପିପିଲି ଥାନା ଅନ୍ତର୍ଗତ ଜାତୀୟ ରାଜପଥରେ ଏବେ କଳା ପଲସର ଆତଙ୍କ ଖେଳାଇଛି । ଯାହା ପିପିଲି ପୋଲିସ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଛି । ପିପିଲି କଲେଜ ଛକରେ ଏକ କଳା ପଲସରରେ ୩ଜଣ ଯୁବକ ଆସି ଏକ ସପ୍ତମ ଶ୍ରେଣୀ ଛାତ୍ରୀକୁ ଅପହରଣ ପାଇଁ ଉଦ୍ୟମ କରିଥିବା ବେଳେ ସ୍ଥାନୀୟ ଲୋକଙ୍କ ପାଇଁ ଅଳ୍ପକେ ବର୍ତି ଯାଇଥିଲେ ନାବାଳିକା ଛାତ୍ରୀ । ଏହି ଘଟଣା ପିପିଲିରେ ଚର୍ଚ୍ଚା ଥମିନଥିବା ବେଳେ ବାଇପାସ ରାସ୍ତାରେ କଳାରଙ୍ଗର ପଲସର ଦୁଇଟି ସ୍ଥାନରୁ ଛିନତାଇ କରି ଆତଙ୍କ ଖେଳାଇ ଥିବାରୁ ପିପିଲିରେ ଏବେ ଏକ ପ୍ରକାର କୋକୁଆ ଭୟ ସୃଷ୍ଟି ହୋଇଛି । ଦିନ ଦିପ୍ରହରରେ ବାଇପାସ ରାସ୍ତାରେ ଯାତାୟତ ପାଇଁ ଯାତ୍ରୀମାନେ ନିଜକୁ ସୁରକ୍ଷିତ ମନେ କରୁନଥିବା ଅଭିଯୋଗ କରିଛନ୍ତି । ଉତରା ଠାରୁ ପିପିଲି ଥାନା ଅଂଚଳରେ ଜାତୀୟ ରାଜପଥ ପୋଲିସ ପାଟ୍ରୋଲିଙ୍ଗ ଗାଡି ପଇଂତରା ମାରୁଥିବା ବେଳେ ଦୁର୍ବୃତ୍ତ ମାନେ ସେମାନଙ୍କୁ ଖାତିରି ନକରି କଳା ପଲସରରେ ଆତଙ୍କ ରାଜ ଚଳାଇଛନ୍ତି । କଳା ପଲସର ଆତଙ୍କ ରାଜକୁ ନେଇ ବିଭିନ୍ନ ମହଲରେ ପୋଲିସର ପାରିବା ପଣିଆ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହି ଘଟଣାରେ ପୃଥକ ପୃଥକ ଅଭିଯୋଗରେ ପିପିଲି ପୋଲିସ ମାମଲା ରୁଜୁ କରିଛି । ତେବେ ଅଭିଯୁକ୍ତ ମାନଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି । ମିଳିଥିବା ସୁଚନାନୁଯାଇ ଶୁକ୍ରବାର ଦିନ ୩.୩୦ମିନିଟ ସମୟରେ ସତ୍ୟବାଦୀ ଥାନା ଅଂଚଳର ଗୋବିନ୍ଦ ମହାପାତ୍ର ତାଙ୍କ ଧର୍ମ ପତ୍ନୀଙ୍କୁ ମଟର ସାଇକେଲରେ ବସାଇ ଯାଉଥିବା ବେଳେ ପିପିଲି ବାଇପାସ ରାସ୍ତା ନୁଆଶାସନ ଛକ ନିକଟରେ କଳା ରଙ୍ଗର ପଲସର ଗାଡିରେ ଦୁଇ ଜଣ ଯୁବକ ଆସି ତାଙ୍କ ପତ୍ନୀ ଧରିଥିବା ଭ୍ୟାନିଟି ବ୍ୟାଗକୁ ଛଡାଇ ନେଇ ପିପିଲି ଟୋଲଗେଟ ଆଡକୁ ଦ୍ରୁତଗତି ରେ ପଳାଇଥିଲେ । ସେହି ଭ୍ୟାନିଟି ବ୍ୟାଗରେ ୮ହଜାର ଟଙ୍କା ,ରୁପା ଚେନ ,ରୁପା କୁତ ସହିତ ରୁପା ପାଉଜି ,ମୋବାଇଲ ଫୋନ ରହିଥିବା ନେଇ ଶ୍ରୀମହାପାତ୍ର ଅଭିଯୋଗରେ ଦର୍ଶାଇଛନ୍ତି । ସେହିପରୀ ବଳଙ୍ଗା ଥାନା ଅଂଚଳର ମନୋଜ ସାହୁ ତାଙ୍କ ଧର୍ମପତ୍ନୀ ସହ ଏକ ସ୍କୁଟି ଗାଡିରେ ଆସୁଥିବା ବେଳେ ପିପିଲି ବାଇପାସ ରାସ୍ତାର ଓଭର ବ୍ରିଜ ପୁର୍ବରୁ ଏକ କଳା ରଙ୍ଗର ପଲସର ଗାଡିରେ ଦୁଇ ଜଣ ଯୁବକ ଆସି ତାଙ୍କ ପତ୍ନୀଙ୍କ ଭ୍ୟାନିଟି ବ୍ୟାଗଟିକୁ ଛଡାଇ ନେଇ ପଳାଇଥିଲେ । ସେହି ଭ୍ୟାନିଟି ବ୍ୟାଗରେ ଥିବା ଟଙ୍କା ସମେତ ମୋବାଇଲ ଫୋନ ,ଗଡ୍ରେଜ୍ ଚାବୀ,ଏଟିଏମ କାର୍ଡ ସହିତ ଲେଡିଜ୍ ବ୍ୟବହୃତ କସମେଟିକ ସାମଗ୍ରୀ ରହିଥିବା ଶ୍ରୀସାହୁ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତିକରି ପିପିଲି ଥାନାରେ ପୃଥକ ପୃଥକ ମାମଲା ୭୩୨/୨୫ ଓ ୭୩୩/୨୫ରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଥିବା ନେଇ ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ସୁଚନା ଦେଇଛନ୍ତି ।

# କାମ କଲାନି ମେସିନ, ଟିକେଟ ପାଇଁ ହନ୍ତସନ୍ତ ପର୍ଯ୍ୟଟକ

ବାରଙ୍ଗ,(ସବ୍ୟୁ) : ମେସିନରୁ ବାହାରିଲାନି ଟିକେଟ ର୍ଦିଘ ସମୟ ଧାଡ଼ିରେ ଛିଡ଼ାହୋଇ ହନ୍ତସନ୍ତ ହେଲେ ପର୍ଯ୍ୟଟକ । ଯାହାକୁ ନେଇ ରବିବାର ଦିନ ଏକ ପ୍ରକାର ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇଥିଲା ନନ୍ଦନକାନନ ଚିଡିଆଖାନାରେ ।

ସୂଚନା ଯୋଗ୍ୟ , ରବିବାର ଛୁଟି ଥିବାରୁ ସକାଳୁ ପର୍ଯ୍ୟଟକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା ଛ ହେଲେ ସକାଳ ୮ ଟା ସମୟରେ ନନ୍ଦନକାନନର ସର୍ଭର ଡାଉନ୍ ରହିଥିଲା । ଯାହାଫଳରେ ମେସିନ ରୁ ଟିକେଟ ବାହାରି ନଥିଲା । ଫଳରେ ଅଫଲାଇନ୍ ଟିକେଟ କାଉଣ୍ଟର ବନ୍ଦ ରହିଥିଲା । ଟିକେଟ କାଉଣ୍ଟର ନିକଟରେ ପର୍ଯ୍ୟଟକଙ୍କ ଗହଳି ଲାଗିରହିଥିବା ବେଳେ ଟିକେଟ ମିଳିପାରୁନଥିଲା । ନନ୍ଦନକାନନ ମୁଖ୍ୟ ଫାଟକ ସମ୍ମୁଖରେ ଶତାଧିକ ପର୍ଯ୍ୟଟକଙ୍କ ଭିଡ଼ ଜମିରହିଥିଲ । ଅଫଲାଇନ୍ ଟିକେଟ ବନ୍ଦ ଯୋଗୁଁ ପର୍ଯ୍ୟଟକ ଦୀର୍ଘ ସମୟ ଅପେକ୍ଷା କରି ରହିଥିଲେ । ନନ୍ଦନକାନନ ପକ୍ଷରୁ ଜୁ ଭଲ୍ୟୁଣ୍ଟର ସୁବିଧା ଥିଲେ ମଧ୍ୟ କୌଣସି ଭଲ୍ୟୁଣ୍ଟର ସେଠାରେ ଉପସ୍ଥିତ ନ ଥିବାରୁ ପର୍ଯ୍ୟଟକ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହୋଇଥିଲେ । ଗୋଟିଏ ପ୍ରକାର ହୋହାଲ୍ଲା ପରିସ୍ଥିତି ମଧ୍ୟ ଉପୁଜିଥିଲା । ନିକଟରେ ଥିବା ଗାଇଡ ଏବଂ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ପର୍ଯ୍ୟଟକଙ୍କୁ ୱାଟସଆପ ମାଧ୍ୟମରେ ଅନଲାଇନ ଟିକେଟ କରିବାକୁ କହିଥିଲେଛ ହେଲେ ସେଥିରେ ମଧ ବହୁ ଅସୁବିଧାର ସମ୍ମୁଖିନ ହେବାକୁ ପଡ଼ିଥିଲା । ପ୍ରାୟ ସକାଳ ୮.୧୦ ଠାରୁ ତ୍ରୁଟି ଦେଖା ଦେଇଥିଲା । ଦୀର୍ଘ ୨ ଘଣ୍ଟାରୁ ଉର୍ଦ୍ଧ ସମୟ ପରେ ସର୍ଭର ତ୍ରୁଟି ସମାଧାନ କରାଯାଇଥିଲା । ପରେ ଅଫଲାଇନରେ ଟିକେଟ କରି ପର୍ଯ୍ୟଟକ ନନ୍ଦନକାନନ ଭ୍ରମଣ କରିଥିଲେ । ଏ ସଂକ୍ରାନ୍ତରେ ନନ୍ଦନକାନନ କର୍ତ୍ତୃପକ୍ଷ କହିଛନ୍ତି ଯେ,ସର୍ଭରର ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏଭଳି ସମସ୍ୟା ଦେଖା ଦେଇଥିଲାଛ ଯାହାଫଳରେ ଏଭଳି ସମସ୍ୟା ଦେଖାଦେଇଥିଲା । ଆଗକୁ ବଡ ଦିନ ଓ ନୂଆ ବର୍ଷ ପଡୁଥିବାରୁ କିଭଳି ଏଭଳି ସମସ୍ୟା ନ ଉପୁଜେ ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି କହିଛନ୍ତି।

# ଆଜି ୩୬ତମ କୋଣାର୍କ ଉତ୍ସବ ଓ ୧୫ତମ ଆନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବ

କୋଣାର୍କ, (ସବ୍ୟୁ) : ଆଜି ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ଠାରେ ୩୬ତମ କୋଣାର୍କ ଉତ୍ସବ ଓ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ବେଳାଭୂମି କୂଳରେ ୧୫ତମ ଆନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବ ଅନୁଷ୍ଠିତ ହେବ । କୋଣାର୍କ ଉତ୍ସବ ନିମନ୍ତେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ମୁକ୍ତାକାଶ ରଙ୍ଗମଞ୍ଚ, ଦର୍ଶକ ଗ୍ୟାଲେରୀ, ମହୋତ୍ସବ ପ୍ରାଚୀର ଓ କୋଣାର୍କ ଯାତ୍ରୀ ନିବାସ ଠାରେ ସୁନ୍ଦର ସାଜସଜା, ବ୍ୟାପକ ଆଲୋକିକରଣ ବ୍ୟବସ୍ଥା, ପ୍ରାଚୀରରେ ଝୋଟି ଚିତା ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଶେଷ ହୋଇଛି । ସୂର୍ଯ୍ୟ ମନ୍ଦିର ପାଦଦେଶରେ ଥିବା ମୁକ୍ତାକାଶ ରଙ୍ଗମଞ୍ଚ ନୃତ୍ୟ ଶିଳ୍ପୀ ମାନଙ୍କୁ ଅପେକ୍ଷା କରିଛି । ନୁପୁରର ରୁଣୁଝୁଣୁ ଶବ୍ଦରେ ଝଙ୍କୃରିତ ହେବ ମୁକ୍ତାକାଶ ରଙ୍ଗମଞ୍ଚ । କୋଣାର୍କ ମେଡିକାଲ ଛକ ଠାରୁ ଥାନା ଛକ ପର୍ଯ୍ୟନ୍ତ ପୂର୍ତ୍ତବିଭାଗ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ସହ ସୁନ୍ଦର ସାଜସଜ୍ଜାରେ ନବବଧୂ ବେଶ ସାଜିଛି କୋଣାର୍କ । କୋଣାର୍କ ଉତ୍ସବ, ଆନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ଚନ୍ଦ୍ରଭାଗା ବେଳାଭୂମି କୂଳରେ ପଦ୍ମଶ୍ରୀ ଆନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାଲୁକା କଳା ମହୋତ୍ସବ ଅନୁଷ୍ଠିତ ହେବ । ଓଡ଼ିଆ ଅସ୍ମିତାର ପ୍ରତୀକ ବାଲୁକା କଳାର ଇତିହାସ ଅତୀତ ପ୍ରାଚୀନଛ ଏହି ପ୍ରାଚୀନ ପରମ୍ପରାକୁ ବଜାୟ ରଖିବା ପାଇଁ ଚଳିତ ବର୍ଷ ୬ ଗୋଟି ଆନ୍ତର୍ଜାତୀୟ ବାଲୁକା ଷ୍ଟଲ ସହ ୨୯ ଗୋଟିଏ ଦେଶୀୟ ବାଲୁକା କଳା ଷ୍ଟଲ ପ୍ରଦର୍ଶିତ ହେବ । ଏଥିପାଇଁ ପ୍ରସ୍ତୁତି ଶେଷ ହୋଇ ବାଲି ଗୁଡିକୁ ବିଭିନ୍ନ ରଙ୍ଗରେ ରଙ୍ଗାୟିତ କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପର୍ଯ୍ୟଟକ ଓ ଜନସାଧାରଣ ମାନଙ୍କ ସୁରକ୍ଷା ପାଇଁ ସଶସ୍ତ୍ର ପୋଲିସ ମୁତୟନ ସହ ସିସିଟିଭି କ୍ୟାମେରାରେ କୋଣାର୍କ ଓ ଚନ୍ଦ୍ରଭାଗା ପର୍ଯ୍ୟନ୍ତ ସମ୍ବେଦନଶୀଳ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଯାଇଛି ।

# ସରସ୍ୱତୀ ବିଦ୍ୟା ମନ୍ଦିରରେ ବିଜ୍ଞାନମେଳା



ପିପିଲି,(ସବ୍ୟୁ) :ଆଜି ଏହି ବ୍ଲକ ଅନ୍ତର୍ଗତ ଜୈସପାଟଣାସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିରରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ସମ୍ପାଦକ ସଂଜିତ କୁମାର ମହାନ୍ତିଙ୍କ ପ୍ରତକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ବିଜ୍ଞାନ ମେଳାରେ ବିଚାରକ ଭାବେ ବିଜ୍ଞାନ ଶିକ୍ଷକ ରବିନାରାୟଣ ପ୍ରଧାନ ଏବଂ ଚିନ୍ତାମଣି ଓଝା ଯୋଗଦେଇ ପ୍ରାୟ ଏକ ସହ ରୁ ଉର୍ଦ୍ଧ ଅଂଶ ଗ୍ରହଣ କରିଥିବା ପ୍ରକଳ୍ପ ଗୁଡିକର ମୂଲ୍ୟାୟନ କରିଥିଲେ । ମେଳାକୁ ଉକ୍ତ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଟୀକନ ଭଟ ପରିଚାଳନା କରିଥିବା ବେଳେ ଶିକ୍ଷୟତ୍ରୀ ମୋନାଲିସା ବିଶ୍ୱାଳ ସରସ୍ୱତୀ ପ୍ରଧାନ, ସସ୍ମିତା ପ୍ରଧାନ, ଇମ୍ରାନ ଅଲି ଖାଁ ଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ । ଶେଷରେ ପ୍ରଧାନ ଶିକ୍ଷକ ଅଶ୍ୱିନୀ ପାଣ୍ଡେଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ସଭାରେ କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପ୍ରଶଂସାପତ୍ର ଏବଂ ଟ୍ରଫି ପ୍ରଦାନକରି ସମ୍ମାନିତ କରିଥିବା ବେଳେ ବିଦ୍ୟାଳୟ ସଭାପତି ସନ୍ତାପ ସ୍ୱାଇଁ ସଭାକୁ ପରିଚାଳନା କରିଥିଲେ ।

# ମନ୍ଦିର ପାଇଁ ଏକାଠି ହେଲେ ୧୫ ଗ୍ରାମର ଲୋକେ

ବୋଲଗଡ,(ସବ୍ୟୁ୦: ଖୋର୍ଦ୍ଧା ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ପଯ୍ୟଟନ ସ୍ଥଳ ଭାବେ ପରିଚିତ ବୋଲଗଡ ବ୍ଲକର ଖଙ୍ଗୁରିଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ହରିପୁର ଶାସନ ନିକଟରେ ଥିବା ଯକଲା ମହାବୀର ମନ୍ଦିର ବହୁ ବର୍ଷ ଧରି ଅବହେଳିତ ଅବସ୍ଥାରେ ପଡ଼ି ରହିଛି । ବୁଧବାର ଦିନ ଏହାର ଉନ୍ନତି କରଣ ପାଇଁ ମନ୍ଦିରର ଆଖ ପାଖ ୧୫ଗ୍ରାମର ଗ୍ରାମବାସୀମାନେ ମିଳିତ ଭାବରେ ଏହାର ଉନ୍ନତି ପାଇଁ ଶପଥ ନେଇଛନ୍ତି ।ଏହି ଅବସରରେ ମହାବୀର ପ୍ରାଙ୍ଗଣରେ ଏକ ଗୁରୁତ୍ୱ ପୂର୍ଣ୍ଣ ବୈଠକର ଅନୁଷ୍ଠିତ ହୋଇଥିଲା । ଏଥିରେ ମହାବୀର ମନ୍ଦିର କମିଟି ସଭାପତି ଦୀପନ କୁମର ବିଶ୍ୱାଳଙ୍କ ଆବାହକତ୍ୱରେ ଏହି ବୈଠକରେ ମୁଖ୍ୟ ଅତିଥିଭାବେ ମନ୍ଦିରର ପ୍ରାଣ ପ୍ରତିଷ୍ଠାତା ଅଭିମନ୍ୟୁ ପାତ୍ର,ମୁଖ୍ୟବକ୍ତାଭାବେ ମନ୍ଦିରର ମୁଖ୍ୟ ପୁରଧା ବାବା ଦୀନ ବନ୍ଧୁ ଦାସ ମହାରାଜ,ସମ୍ମାନିତ ଅତିଥିଭାବେ ମହାୀର ମନ୍ଦିରର ଟ୍ରଷ୍ଟି ବୋର୍ଡ କମିଟି ସଭ୍ୟ ନବ କିଶୋର ପଣ୍ଡା,ରବୀନ୍ଦ୍ର କୁମର ସାମନ୍ତରାୟ,ଅକ୍ଷୟ କୁମର ଦତ୍ତ, ଲଛିମନ ପରିଡ଼ା, ବରିଷ୍ଠ ପ୍ରଶାସନିକ ଅଧିକାରୀ ସଦାନନ୍ଦ ତ୍ରିପାଠୀ,ବାସୁଦେବ ନାୟକ,ବାବା ପୂର୍ଣ୍ଣ ଚନ୍ଦ୍ର ନାୟକ, ମହାବୀର ମନ୍ଦ୍ରରର ମଠାଦିଶ ବାବା ଦେବଦାସ,ମନ୍ଦିର ଉନ୍ନୟନରେ ସାହାର୍ଯ୍ୟ କରିଥିବା ଅନ୍ୟତମ ସାରଥୀ ଭୁବନେଶ୍ୱରସ୍ଥିତ ଶ୍ରୀମନ୍ତ କୁମର ରାୟ ସିଂହ,ସେବତୀ ରାୟ ସିଂହ ପ୍ରମୁଖ ନିଜ ବକ୍ତ୍ୟରେ ମନ୍ଦିରର ଉନ୍ନତି ପାଇଁ ନିଜ ନିଜ ମତ ପୋଷଣ କରିଥିଲେ । ପୂର୍ବରୁ ୨୦୦୩ମସିହାରୁ ଏହି ମହାବୀର ମନ୍ଦିର ର୍ନିମାଣ ଓ ଭିତ୍ତି ଭୂମିର ବିକାଶ ପାଇଁ ଶ୍ରୀ ଅଭିମନ୍ୟୁ ପାତ୍ର ନିଜସ୍ୱ ଖର୍ଚ୍ଚରେ ୩୦ଲକ୍ଷ ଆର୍ଥିକ ଅନୁଦାନ ରାଶି ପ୍ରଦାନ କରିଥିବା ବେଳେ ବର୍ତମାନ ଦୀର୍ଘ ୧୦ବର୍ଷ କାଳ ଏହି ମହାବୀରଙ୍କ ପୀଠ ଅବହେଳିତ ଅବସ୍ଥାରେ ପଡ଼ିରହିଛି । ଏହି ଅବସରରେ ବିଭିନ୍ନ ଗ୍ରାମର ମୁଖ୍ୟ ଉଦ୍ୟକ୍ତାମାନେ ଦାବୀ କରି ଅଛନ୍ତିକି ନୂତନ ମନ୍ଦିରର ର୍ନିମାଣ, ମନ୍ଦିରକୁ ସବୁଦିନିଆ ପକ୍କା ରାସ୍ତା ର୍ନିମାଣ, ୨୪ଘଣ୍ଟିଆ ପାନୀୟ ଜଳ ଯୋଗାଣ ନିକଟରେ ଥିବା ଯକଲା ଜଳ ସଂରକ୍ଷଣ ପାଇଁ ଏକ କ୍ଷୀଦ୍ର ଜଳ ସେଚନ ପ୍ରକଳ୍ପ ର୍ନିମାଣ ଓ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏହାକୁ ପର୍ଯ୍ୟଟନ ସ୍ଥଳୀ ଭାବେ ମାନ୍ୟତା ପ୍ରଦାନ ପାଇଁ ଦାବୀ କରାଯାଇଛି । ପରିଶେଷରେ ସମାଜ ସେବୀ ମାନସ କୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମଣ୍ଡଳସ୍ତରୀୟ ବିଜ୍ଞାନମେଳା

ଡେଲାଙ୍ଗ,(ସବ୍ୟୁ): ଡେଲାଙ୍ଗ ଷ୍ଟେସନ ବଜାର ରାଧାକାନ୍ତ ବିଦ୍ୟାପିଠ ପରିସରରେ ୨୯ ତମ ମଣ୍ଡଳ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି ମଣ୍ଡଳ ଶିକ୍ଷା ଅଧିକାରୀ ଶତୃଘ୍ନ ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉଦଘାଟନୀ ପୂର୍ବାହ୍ନରେ ମୂଖ୍ୟ ଅତିଥି ଭାବେ ଭୁବନେଶ୍ୱର ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରର ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ ହିମାଂଶୁ ଶେଖର ଶତପଥୀ ଯୋଗଦେଇ ବିଜ୍ଞାନ ମାନବ ସମାଜ ପାଇଁ ଆଶୀର୍ବାଦ ବୋଲି କହି ପ୍ରକଳ୍ପର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପ୍ରାକ୍ତନ ବିଇଓ ସଚ୍ଚିଦାନନ୍ଦ ପ୍ରଧାନ, ଯୁଧିଷ୍ଠିର ପରିଡ଼ା, ବର୍ତ୍ତମାନର ଏବିଇଓ ଲକ୍ଷ୍ମଣ ପ୍ରଧାନ, ସୁଷମା ଦାଶ, ସଞ୍ଜୁକ୍ତା ମିଶ୍ର, ବିଜ୍ଞାନ କମିଟି ସମ୍ପାଦକ ଉମେଶ ଚନ୍ଦ୍ର ଦାଶ, ରାଧାକାନ୍ତ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଅଜୟ କୁମାର ଭୋଇ,ସହ ସମ୍ପାଦକ ପବିତ୍ର ମୋହନ ଜେନା ପ୍ରମୁଖ ଉପସ୍ଥିତ ବିଜ୍ଞାନ ମେଳାର ଲକ୍ଷ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ସିଆରସିସି ତପନ କୁମାର ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ। ଉଦଯାପନୀ ଅପରାହ୍ନରେ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲଶ ବେଳେ ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ, ସରପଞ୍ଚ ହରିହର ସ୍ୱାଇଁ,ମଳୟ କୁମାର ସେଠୀ, ସରପଞ୍ଚଙ୍କ ପ୍ରତିନିଧି ହରେକୃଷ୍ଣ ସ୍ୱାଇଁ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀମାନେ ଛାତ୍ର ଛାତ୍ରୀଙ୍କ ବିଜ୍ଞାନ ଭାବନା ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ୨୧୫ ପ୍ରକଳ୍ପ ମଧ୍ୟରୁ ବିଚାରକ ବିଜ୍ଞାନ ଶିକ୍ଷକ ଯୋଗେଶ ଚନ୍ଦ୍ର ନାୟକ,ଶଙ୍କର ପଲାଇ, ପ୍ରକାଶ ଚନ୍ଦ୍ର ଜେନା ୭ଟି ପ୍ରକଳ୍ପକୁ ଜିଲ୍ଲାସ୍ତରକୁ ମନୋନୀତ କରିଥିଲେ । ବିଜ୍ଞାନ ମେଳାରେ ଆୟୋଜିତ ସାଧାରଣ ଜ୍ଞାନ ପ୍ରତିଯୋଗିତାକୁ ଶିକ୍ଷକ ଜାମିନୀ ନାୟକ ଓ ଲିପ୍ତିରଞ୍ଜନ ପରିଚାଳନା କରିଥିଲେ।ଖେଳ ଶିକ୍ଷକ ନଟବର ସେଠୀଙ୍କ ଦାୟିତ୍ୱରେ ଛାତ୍ର ଛାତ୍ରୀମାନେ ନୃତ୍ୟ ଓ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ବିଜ୍ଞାନ କମିଟି ଓ ଶିକ୍ଷକ ନେତା ସୂର୍ଯ୍ୟ ନାରାୟଣ ସେଠୀଙ୍କ ତତ୍ତ୍ୱାବଧାନରେ ଦଶମ ପରୀକ୍ଷାର ଏ୧ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସୁରଭିରେ ରାଜ୍ୟରେ କୃତ୍ୱିବ ହାସଲ କରିଥିବା ଛାତ୍ରୀ ଓ ଚାରିଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶିକ୍ଷକ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ଅଲ୍ ଓଡିଶା ବାରବାଟୀ କପ୍ କ୍ରିକେଟ ସେମିରେ ୟୁନିୟନ ସ୍ପୋର୍ଟିଂ କଟକ



ନିମାପଡା,(ସବ୍ୟୁ) : ଆଜି ନିମାପଡା ବାରବାଟୀ ପଡିଆରେ ଅଲ୍ ଓଡିଶା ବାରବାଟୀ କପ୍ ତଥା ୫ମ ଟୁବୁଲି ମେମୋରିଆଲ୍ କ୍ରିକେଟ ପ୍ରତିଯୋଗିତା ଉଦ୍ଘାଟିତ ହୋଇଯାଇଛି । ଆଜିର ଉଦ୍ଘାଟନୀ ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚରେ ଏସ୍.ପି ଫାଉଣ୍ଡେସନ ନିମାପଡାକୁ ୯୪ ରନରେ ହରାଇ ୟୁନିୟନ ସ୍ପୋର୍ଟିଂ କଟକ ସେମିରେ ପ୍ରବେଶ କରିଛି । ୨୫ ଓଭର ବିଶିଷ୍ଟ ମ୍ୟାଚ୍‌ରେ ଏସ୍.ପି ଫାଉଣ୍ଡେସନ ପ୍ରଥମେ ଟସ୍ ଜିଣି ବୋଲିଂ କରିବାକୁ ନିଷ୍ପତି ନେଇଥିଲା । ୟୁନିୟନ ସ୍ପୋଟିଂ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୯ଟି ୱିକେଟ ହରାଇ ୧୯୭ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ବିନାୟକ ସାହୁ ସର୍ବାଧିକ ୩୩ ରନ୍,ଅରବିନ୍ଦ ସିଂହ ୩୦ ରନ ସଂଗ୍ରହ କରିଥିଲେ । ପ୍ରତିପକ୍ଷ ବୋଲର ସଦିଗାଜିଜ୍ ୩ଟି ୱିକେଟ୍ ଓ ପ୍ରିୟ ରଂଜନ ମୁଦୁଲି ୨ଟି ୱିକେଟ ନେଇଥିଲେ । ଏହାର ଜବାବରେ ଏସ୍.ପି ଫାଉଣ୍ଡେସନ ବ୍ୟାଟିଂ କରି ୨୩.୫ ଓଭରରେ ମାତ୍ର ୧୦୩ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା । ଦଳ ପକ୍ଷରୁ ଜ୍ୟୋତି ରଂଜନ ବିଶ୍ୱାଳ୨୫ ରନ୍ ଓ ପ୍ରିୟ ରଂଜନ ପଲାଇ ୨୧ ରନ୍ ସଂଗ୍ରହ କରିଥିଲେ । ୟୁନିୟନ ସ୍ପୋର୍ଟିଂ ବୋଲର ବିନାୟକ ସାହୁ ଓ ଗଣେଷ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ । ଉଦ୍ଘାଟନୀ ମ୍ୟାଚରେ ଅତିଥିଭାବେ ଶିକ୍ଷାବିତ୍ କ୍ଷୀରୋଦ ରାୟ ମହାପାତ୍ର,ଅମରେଶ ନନ୍ଦନ ସାହୁ,ପ୍ରଭାତ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ବିଜୟୀ ଦଳର ବିନାୟକ ସାହୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ବିବେଚିତ ହୋଇଥିଲେ । ଆଜି ମ୍ୟାଚକୁ ନିର୍ମଳ ମିଶ୍ର ଓ ଅୟଶ କାନ୍ତ ମିଶ୍ର ପରିଚାଳନା କରିଥିଲେ ।

# ସମାଜସେବୀ ଶ୍ୟାମସୁନ୍ଦର ଦାଶଙ୍କ ସ୍ମୃତିଚାରଣ ଓ ଶ୍ରଦ୍ଧାଞ୍ଜଳି ସଭା




ଫୁଲନଖରା,(ସବ୍ୟୁ) : ୪୨ ମୌଜା ସିପିଆଇ (ଏମ) ଶାଖା ତରଫରୁ ଉତ୍କଳମଣି ଗୋପବନ୍ଧୁ ପ୍ରୌଢ଼ାଶ୍ରାମ ଏରଂଚ ଠାରେ ସମାଜସେବୀ,ସାହିତ୍ୟିକ ତଥା ସାରସ୍ୱତ ସାଧକ ଶ୍ୟାମ ସୁନ୍ଦର ଦାଶଙ୍କ ସ୍ମୃତିଚାରଣ ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଶରତ ପରିଡାଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ଇଂ.ମନମୋହନ ପତି, ବଦ୍ରିନାରାୟଣ ଦାଶ,ନିତ୍ୟାନନ୍ଦ ସାହୁ,ବିମଲ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ନିଜର ବକ୍ତବ୍ୟ ରଖିଥିଲେ । ମନମୋହନ ପତି ଶ୍ୟମ ସୁନ୍ଦର ଦାଶଙ୍କୁ ବହୁମୁଖୀ ପ୍ରତିଭା,ତାଙ୍କ ମହାନ୍ ଆଦର୍ଶ ଉପରେ ଅନେକ ତଥ୍ୟ ଉପସ୍ଥାପନା କରିଥିଲେ । ଆଶ୍ରମର ସମସ୍ତ ଅନ୍ତେବାସୀ ମାନେ ଉପସ୍ଥିତ ଥିଲେ । ଅଭୟ ସ୍ୱାଇଁ ଧନ୍ୟବାଦ ଦେଇ ସଭା ସମାପ୍ତି କରିଥିଲେ ।

# ବ୍ଲକ୍‌ସ୍ତରୀୟ ଯୁବ ମହୋତ୍ସବ

ବାଲିପାଟଣା ,(ସବ୍ୟୁ) :ଶିଶୁ ଅନନ୍ତ ମହାବିଦ୍ୟାଳୟ ପରିସରରେ ଶନିବାର ପୂର୍ବାହ୍ନରେ ବ୍ଲକ ସ୍ତରୀୟ ଯୁବ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସ୍ଥାନୀୟ ୫ ଗୋଟି ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇ ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ, ବକ୍ତୃତା, ପ୍ରବନ୍ଧ, କବିତା ଓ ଗଳ୍ପଲିଖନ ଇତ୍ୟାଦି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ।ବ୍ଲକ ଶିକ୍ଷା ଅଧିକାରୀ ପ୍ରଭାତ କୁମାର୍ ରଥ ଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନ କାର୍ଯ୍ୟକ୍ରମ ରେ କଲେଜ ର ଅଧକ୍ଷ୍ୟା ମଧୁମତି ରଥ ମୁଖ୍ୟ ଅତିଥି,ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା ମୁଖ୍ୟ ବକ୍ତା,ବନମାଳୀପୁର କଲେଜ ଅଧକ୍ଷ ମୁରଲୀଧର ସାହୁ,ସହ ଶିକ୍ଷା ଅଧିକାରୀ ଯଶୋଦା ସାହୁ ଓ ବିଜୟ କୁମାର ବେହେରା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ।କାର୍ଯ୍ୟକ୍ରମ ପରିଶେଷରେ ପ୍ରତିଯୋଗିତାରେ ସଫଳ ହୋଇଥିବା ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ମମିତା ଦଳେଇ କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ। ଝୁନୀ ଦେଇ, ଦୀନବନ୍ଧୁ ମହାନ୍ତିଙ୍କ ସମେତ ସମସ୍ତ ସି ଆର ସି ସି, ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ଥିଲେ।ଲୋପାମୁଦ୍ରା ସାହୁ,ସ୍ୱାଗତିକା ମହାପାତ୍ର,ମହିମା ସେନାପତି, ସ୍ମୃତି ମହାପାତ୍ର ପ୍ରମୁଖ ଜିଲ୍ଲା କାର୍ଯ୍ୟକ୍ରମ ପାଇଁ ମନୋନୀତ ହୋଇଥିଲେ।

# ପୁରୀଜିଲ୍ଲା ପେଶାଦାର ସାମ୍ବାଦିକ ସଂଘର କାର୍ଯ୍ୟକର୍ତ୍ତା ବୈଠକ



କାକଟପୁର ,(ସବ୍ୟୁ) ଉତ୍କଳ ସାମ୍ବାଦିକ ସଙ୍ଘ, ଓଡିଶା ସହିତ ଅନୁବନ୍ଧିତ ପୁରୀଜିଲ୍ଲା ପେଶାଦାର ସାମ୍ବାଦିକ ସଙ୍ଘର ଏକ କାର୍ଯ୍ୟକର୍ତ୍ତା ବୈଠକ ସଙ୍ଘର ସଭାପତି ପୂର୍ଣଚନ୍ଦ୍ର ନାୟକଙ୍କ ପୌରୋହିତ୍ୟରେ କାକଟପୁର ଚନ୍ଦନ ବଜାର ଠାରେ ଆୟୋଜିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ସଂଘର ଉପସଭାପତି ସଞ୍ଜୟ ପତି ପରିଚାଳନା କରିଥିବାବେଳେ କାର୍ଯ୍ୟକାରୀ ସଭାପତି କମଳ ଲୋଚନ ଦୀକ୍ଷିତ,ବରିଷ୍ଠ ଉପଦେଷ୍ଟା ପ୍ରସନ୍ନ ତ୍ରିପାଠୀ,ପୂର୍ବତନ ସଭାପତି ତଥା ଉପଦେଷ୍ଟା ବିଶ୍ୱଜିତ ପଟ୍ଟନାୟକ ଯୋଗଦେଇ ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିବା ସହିତ। ସଂଘକୁ ସୁଦୃଢ କରିବାପାଇଁ ଉପସ୍ଥିତ ସାମ୍ବାଦିକ ମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ବୈଠକ ଆୟୋଜନରେ କାକଟପୁର ପ୍ରେସ କ୍ଲବର ସମସ୍ତ ସାମ୍ବାଦିକ ସହଯୋଗ କରିଥିବାବେଳେ ଅସ୍ତରଙ୍ଗ, କାକଟପୁର,ନିମାପଡା, ଗୋପ, କୋଣାର୍କ, ପିପିଲି, ଡେଲାଙ୍ଗ, କଣାସ, ସତ୍ୟବାଦୀ ଅଞ୍ଚଳରୁ ପ୍ରାୟ ୫୦ ଜଣ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ । ଆଗାମୀ ୨୦୨୬ ମସିହା ଜାନୁଆରୀ ୭ ତାରିଖ ଦିନ ସାତପଡ଼ା ଠାରେ ଜିଲ୍ଲାର କାର୍ଯ୍ୟକାରିଣୀ ବୈଠକ ଆୟୋଜନ କରିବାକୁ ସର୍ବସମ୍ମତି କ୍ରମେ ନିଷ୍ପତି ନିଆଯାଇଥିଲା । ଏଥି ସହିତ ସଂଘକୁ ୮୦ ବର୍ଷ ପୂର୍ତ୍ତି ଅବସରରେ ହୀରକ ଜୟନ୍ତୀ ଏବଂ ବାର୍ଷିକ ଉତ୍ସବ ପାଳନ କରାଯିବ । ଏଥିପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇଦିଆଯିବ ବୋଲି ସଙ୍ଘର ଉପଦେଷ୍ଟା ତଥା ନିମାପଡା ପ୍ରେସ କ୍ଲବର ସଭାପତି ଅକ୍ଷୟ ବେହେରା, ବିଚିତ୍ରା ନନ୍ଦ ସାହୁ ,କାକଟପୁର ପ୍ରେସ କ୍ଲବର ଉପସଭାପତି ତୁଷାର ରଞ୍ଜନ ଦୀକ୍ଷିତ, ପ୍ରଦୀପ୍ତ ଦୀକ୍ଷିତ , ପ୍ରଶାନ୍ତ କୁମାର ଜେନା, ପ୍ରଦୀପ ପଣ୍ଡା , ଶୁଭ ଦର୍ଶନ ମିଶ୍ର, ଅକ୍ଷୟ ପ୍ରସାଦ ମହାନ୍ତି , ପ୍ରଭାତ କୁମାର ଦୀକ୍ଷିତ,ଗୋପ ପ୍ରେସ କ୍ଲବର ସଭାପତି ଭାରତୀ ଭୂଷଣ ଉପାଧ୍ୟାୟ, ସନ୍ତୋଷ ରାୟ, ସୁବାଷ ସେନାପତି, ସୁରେଶ ସାହୁ, ନିରଞ୍ଜନ ଦାସ, ସମୀର କୁମାର କର,ଚାରିଛକ ପ୍ରେସ କ୍ଲବ ସଭାପତି ପ୍ରଫୁଲ୍ଲ କର ପ୍ରତିଶୃତି ଦେଇଥିଲେ ।

# ବେଆଇନ ବାଲି ବୋଝେଇ ଦୁଇ ହାଇୱା ଜବତ

ବାରଙ୍ଗ (ସବ୍ୟୁ) ମୁଣ୍ଡଳୀ ବ୍ୟାରେଜ ନିକଟରୁ ଶନିବାର ରାତିରେ ଦୁଇଟି ବେଆଇନ ବାଲି ବୋଝେଇ ହାଇୱାକୁ ଜବତ କରିଛି ପୁଲିସ । ଶନିବାର ରାତିରେ ଗୋଡିସାହି ଫାଣ୍ଡି ପୁଲିସ ମୁଣ୍ଡଳୀ ବ୍ୟାରେଜ ଛକରେ ରାସ୍ତା ବ୍ଲକିଂ କରି ଚେକିଙ୍ଗ କରୁଥିଲେ । ଏହି ସମୟରେ ଓଡି ୧୯ଏଚ ୧୯୫୨ ଓ ଓଡି ୦୫ଏଜେଡ୍ ୧୩୩୨ ନମ୍ବର ହାଇୱା ଗାଡ଼ି ଦୁଇଟି ବାଲି ବୋଝେଇ କରି ଦୃତଗତିରେ ଆସୁଥିବାବେଳେ ପୁଲିସ ଅଟକାଇଥିଲେ । ଉଭୟ ଗାଡ଼ି ଚାଳକ ବାଲି ଚାଲାଣର ଆବଶ୍ୟକିୟ ବୈଧ କାଗଜପତ୍ର ପୋଲିସ କୁ ଦେଖାଇପାରି ନ ଥିଲେ ଛ ଯାହାଫଳରେ ପୋଲିସ ଗାଡିଦୁଇଟିକୁ ଜବତ କରିବା ସହ ଚାଳକ ଦ୍ୱୟଙ୍କୁ ଅଟକ ରଖି ଲଘୁ ଖଣିଜ ବିଭାଗର ଅଧିକାରୀଙ୍କୁ ସୂଚନା ଦେଇଥିବାର ଜଣାପଡିଛି । ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନ ପାଟଳଦା ଗ୍ରାମ ପଂଚାୟତ ର ସୁନ୍ଦର ଗ୍ରାମରେ ଥିବା ସୁରେନ୍ଦ୍ର ନାଥ ବିଦ୍ୟାଳୟ ର କର୍ମଚାରୀ ରବୀନ୍ଦ୍ର ନାଥ ସ୍ୱାଇଁ ଙ୍କ ର ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ରବିବାର ଦିନ ଅନୁଷ୍ଠିତ ହୋଇ ଯାଇ ଅଛି । ପୂର୍ବତନ ମନ୍ତ୍ରୀ ସ୍ୱର୍ଗତଃ ଶ୍ରୀ ସୁରେନ୍ଦ୍ର ନାଥ ନାୟକଙ୍କ ଏହି ମଣିଷ ତିଆରି କାରଖାନା ରେ ଶ୍ରୀ ସ୍ୱାଇଁ ୪୨ବର୍ଷ ଧରି ଚତୁର୍ଥ ଶ୍ରେଣୀ କର୍ମ ଚାରି ଭାବେ କାର୍ଯ୍ୟ କରି ଆଜିର ଦିନରେ କର୍ମ କ୍ଷେତ୍ରରୁ ବିଦାୟ ନେଉ ଥିବାରୁ, ତାଙ୍କର ଅତୀତର କାର୍ଯ୍ୟକ୍ରମକୁ ଉପସ୍ଥିତ ଅତିଥି ମାନେ ଭୂୟସି ପ୍ରଶଂଶା କରିଥିଲେ ଝ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭାର ଉଦ୍ଘାଟକ ଅତିଥି ଭାବେ କାକଟପୁର ବିଧାୟକ ତୁଷାର କନ୍ତି ବେହେରା ରହି ଥିବା ବେଳେ, ମୁଖ୍ୟ ଅତିଥି ଥିଲେ ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶ୍ରୀ ସ୍ୱାଧୀନ କୁମାର ନାୟକ ଝ ସେହି ପରି ସମ୍ମାନିତ ଅତିଥି ଭାବେ, ଅବସର ପ୍ରାପ୍ତ ପୋଲିସ ଅଧିକାରୀ ଦୁଷ୍ମନ୍ତ ବେହେରା, ପୂର୍ବତନ ପ୍ରଧାନ ଶିକ୍ଷକ ଅଶୋକ ମହାରଣା, ରାମଚନ୍ଦ୍ର ସ୍ୱାଇଁ, ପ୍ରଭୃତି ରହି ରବି ଙ୍କର ଚାକେରି କାଳ ଭିତରେ ସ୍କୁଲ ର ଉର୍ନ୍ନତି, ତଥା ବରିବେଶ ସୁରକ୍ଷା,ପାଠ ପାରେ ଶିକ୍ଷକ ମାନଙ୍କ ଶିକ୍ଷଦାନ ଉପରେ ନଜର, ଛାତ୍ର ଛାତ୍ରୀ ମାନଙ୍କୁ ଉଚିତ ମାର୍ଗ ଦର୍ଶନ ସହ ଯତ୍ନ ବାନ ଓ ଶିକ୍ଷକ ଙ୍କ ପ୍ରିୟ ଭାଜନ ହୋଇ କିପରି ୧୯୮୩ ମାସିହାରୁ ଉକ୍ତ ଅନୁଷ୍ଠାକୁ ନିଜର ଭାବି ଗଢି ତୋଳିଥିଲେ ସେ ବିଷୟ ରେ ଅତିଥି ମାନେ ନିଜ ନିଜର ମତ ବ୍ୟକ୍ତ କରି ଥିଲେ । ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଙ୍କ ସଭପତି ତ୍ୱରେ ଆୟୋଜିତ ଏହି ସଭାରେ ରବି ସ୍ୱାଇଁ ଙ୍କୁ ବର୍ତମାନ ଓ ପୁରାତନ ଛାତ୍ରୀ, ଅଭିଭାବକ, ଶିକ୍ଷକ ମାନଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରା ଯାଇଥିଲା । ଏକ ବିରାଟ ପଟୁଆର ରେ ଶ୍ରୀ ସ୍ୱାଇଁ ଙ୍କୁ ତାଙ୍କ ବାଶ ଗୃହ ପର୍ଯ୍ୟନ୍ତ ପାଛୋଟି ନିଆ ଯାଇ ଥିଲା । ଏହି କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ଶିକ୍ଷକ ଧୀରେନ୍ଦ୍ର ପ୍ରଧାନ ଓ ସାହଯୋଗ କରିଥିଲେ ଶିକ୍ଷକ ଶିକ୍ଷୟତ୍ରୀ, ପୁରାତନ ଛାତ୍ରଛାତ୍ରୀ ବୃନ୍ଦ ।

(ଶ୍ରୀମଦ୍‌ଭଗବଦ୍ ଗୀତା ୧/୨୫)

**ଅର୍ଜ୍ଜୁନ-ବିଷାଦଯୋଗଃ**

**ସଞ୍ଜୟ ଉବାଚ**

**ଭୀଷ୍ମଦ୍ରୋଣପ୍ରମୁଖତଃ ସର୍ବେଷାଞ୍ଚ ମହୀକ୍ଷିତାମ୍ ।**
**ଉବାଚ ପାର୍ଥ ! ପଶ୍ୟୈତାନ୍ ସମବେତାନ୍ କୁରୂନିତି ॥ ୨୫ ॥**

ହେ ଭାରତ ! ହୃଷୀକେଶଃ ଗୁଡ଼ାକେଶେନ (ଗୁଡ଼ାକା-ନିଦ୍ରା, ତସ୍ୟାଈଶେନ, ଜିତନିଦ୍ରେଣ ଅର୍ଜ୍ଜୁନେନ) ଏବଂ ଉକ୍ତଃ (ସନ୍) ଉଭୟୋଃ ସେନୟୋଃ ମଧ୍ୟେ ଭୀଷ୍ମଦ୍ରୋଣପ୍ରମୁଖତଃ ସର୍ବେଷାଂ ଚ ମହୀକ୍ଷିତାଂ (ରାଜ୍ଞାଂ) (ସମ୍ମୁଖେ) ରଥୋତ୍ତମଂ ସ୍ଥାପୟିତ୍ୱା 'ହେ ପାର୍ଥଃ ଏତାନ୍ ସମବେତାନ୍ (ଯୁଦ୍ଧାର୍ଥଂ ଏକସ୍ମିନ୍ ଏବ ରଣାଙ୍ଗନେ ମିଳିତାନ୍) କୁରୁନ୍ ପଶ୍ୟ' ଇତି ଉବାଚ ॥ ୨୫ ॥

# ମୋଦି-ପୁଟିନ ସାକ୍ଷାତ ଗୁରୁତ୍ୱପୂର୍ଣ୍ଣ

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରୁଷର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ମଧ୍ୟରେ ସାକ୍ଷାତ ଆଲୋଚନା ଓ ଉଭୟ ରାଷ୍ଟ୍ର ମଧ୍ୟରେ ବିଭିନ୍ନ ବୁଝାମଣା ସ୍ୱାକ୍ଷରିତ ହେବାକୁ ଥିବାରୁ ଉଭୟ ରାଷ୍ଟ୍ରର ବିକାଶ ଦୃଷ୍ଟିରୁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପୁଣି ସମଗ୍ର ବିଶ୍ୱରେ ଏବେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି, ସେ ଦୃଷ୍ଟିରୁ ଉଭୟ ରାଷ୍ଟ୍ର ମଧ୍ୟରେ ଥିବା ବନ୍ଧୁତାକୁ ଅନ୍ୟାନ୍ୟ ରାଷ୍ଟ୍ରମାନେ ବିଶେଷ କରି ଯୁକ୍ତରାଷ୍ଟ୍ର ଆମେରିକା କେଉଁ ଦୃଷ୍ଟିରୁ ଦେଖୁଛି, ତାହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ କରାଯାଇ ପାରେ ।

ପୂର୍ବରୁ କଂଗ୍ରେସ ଅମଳରେ ରୁଷ ସହିତ ଭାରତର ବନ୍ଧୁତା ଥିଲା । ପ୍ରଧାନମନ୍ତ୍ରୀ ହେବା ପରେ ମୋଦିଜୀ ମଧ୍ୟ ସେହି ସମ୍ପର୍କକୁ ଆହୁରି ନିବିଡ଼ କରିଛନ୍ତି ବୋଲି କୁହାଯାଇ ପାରେ । ଭାରତ ଏକ ପ୍ରକାର ପଡୋଶୀ ରାଜ୍ୟମାନଙ୍କ ସହିତ ସୁସମ୍ପର୍କ ରଖିବାକୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଯେପରି ଚାହିଁଥିଲେ, ତାହାକୁ ଭାରତ ସମ୍ଭବ କରିପାରିଛି । ରୁଷ ମଧ୍ୟ ଭାରତର ବନ୍ଧୁତାକୁ ଗୁରୁତ୍ୱ ଦେଇ ଆସିଛି । ବିଶେଷ କରି ରାଷ୍ଟ୍ରପତି ପୁଟିନ ମଧ୍ୟ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ସହିତ ଘନିଷ୍ଠ ସମ୍ପର୍କ ସ୍ଥାପନ ପାଇଁ ଆଗ୍ରହ ପ୍ରକାଶ କରି ଆସିଛନ୍ତି । ଆସନ୍ତା ଡିସେମ୍ବର ୪ ତାରିଖରେ ରାଷ୍ଟ୍ରପତି ପୁଟିନ ଭାରତ ଗସ୍ତରେ ଆସିବେ । ଭାରତ ରୁଷିଆର ୨୩ତମ ବାର୍ଷିକ ଶିଖର ସମ୍ମିଳନୀରେ ସେ ଯୋଗ ଦେବା ପାଇଁ ଆସୁଛନ୍ତି । ଡିସେମ୍ବର ୪ ତାରିଖ ସନ୍ଧ୍ୟାରେ ସେ ଭାରତରେ ଆସି ପହଞ୍ଚିବେ ବୋଲି ତାଙ୍କ ଗସ୍ତ କାର୍ଯ୍ୟକ୍ରମରୁ ଜଣାଯାଇଛି । ଭାରତ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଆଡ଼କୁ ଗତି କରୁଥିଲେ ସୁଦ୍ଧା ରୁଷର ସହାୟତା ଭାରତର ପ୍ରତିରକ୍ଷା କ୍ଷେତ୍ରକୁ ଆହୁରି ସୁଦୃଢ଼ କରିବ ବୋଲି ମନେ ହେଉଛି । ତେଣୁ ବିଭିନ୍ନ ରାଜିନାମା ଓ ବୁଝାମଣା ପତ୍ର ସ୍ୱାକ୍ଷରିତ ହେବା ବେଳେ ପ୍ରତିରକ୍ଷା କ୍ଷେତ୍ର ବିଷୟ ସ୍ଥାନ ପାଇବ ବୋଲି ଆଶା କରାଯାଉଛି । ସେହିପରି ଉଭୟ ରାଷ୍ଟ୍ର ମଧ୍ୟରେ କୌଶଳପୂର୍ଣ୍ଣ ବାଣିଜ୍ୟିକ ରାଜିନାମା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ନେବ ବୋଲି କୁହାଯାଉଛି ।

ଭାରତର ସାଧାରଣତନ୍ତ୍ର ଓ ରୁଷର ଫେଡେରେସନ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ୧୯୯୧ ମସିହାରୁ ନିବିଡ଼ ହୋଇ ପାରିଛି । ଭାରତ ସହିତ ଦୀର୍ଘ ଦିନ ଧରି ରୁଷର ବନ୍ଧୁତା ସମୟାନୁସାରେ ପରୀକ୍ଷିତ ମଧ୍ୟ ହୋଇଛି । ଅବଶ୍ୟ ଭାରତ ପରି ଚାଇନା ସହ ମଧ୍ୟ ରୁଷ ବନ୍ଧୁତାକୁ ଅତୁଟ ରଖି ପାରିଛି । ବାଣିଜ୍ୟିକ ଓ ବ୍ୟବସାୟିକ କ୍ଷେତ୍ରରେ ଚାଇନା ଓ ରୁଷିଆର ବନ୍ଧୁତା ଦୀର୍ଘ ଦିନର । ଏହା ସତ୍ତ୍ୱେ ରୁଷ-ଭାରତର ସମ୍ପର୍କ ଏଥି ଯୋଗୁଁ ମଳିନ ପଡ଼ି ପାରି ନାହିଁ । ଚାଇନା ତା' ବାଟରେ ଓ ଭାରତ ତା' ବାଟରେ ରହିଛନ୍ତି ।

ଭାରତ ସହିତ ରୁଷର ବାଣିଜ୍ୟିକ ସମ୍ପର୍କ ପ୍ରତିରକ୍ଷା କ୍ଷେତ୍ରରେ ତ ଥିଲା, ଏବେ ତାହା ଶକ୍ତି, ପ୍ରଯୁକ୍ତି ବିଦ୍ୟା, ଭିତ୍ତିଭୂମି ଓ ସଂସ୍କୃତି କ୍ଷେତ୍ରକୁ ସଂପ୍ରସାରିତ ମଧ୍ୟ ହେଉଛି । ଭାରତକୁ ରୁଷ ଅଶୋଧିତ ତୈଳ ଓ ଗ୍ୟାସ ମଧ୍ୟ ଯୋଗାଇ ଆସୁଛି । ଉଭୟ ରାଷ୍ଟ୍ର ପରସ୍ପର ମଧ୍ୟରେ ଉତ୍ତମ ବୁଝାମଣାକୁ ସମ୍ବଳ କରି ଚାଲିଛନ୍ତି । ଏକଦା ଭାରତରେ ନିର୍ମିତ ରାଜ କପୁରଙ୍କ ଚଳଚ୍ଚିତ୍ରଗୁଡ଼ିକ ରୁଷ୍‌ରେ ଖୁବ୍ ଆଦୃତ ହୋଇ ପାରିଥିଲା । ରାଜ କପୁରଙ୍କ ଚଳଚ୍ଚିତ୍ର 'ମେରା ନାମ ଜୋକର' ମଧ୍ୟ ରୁଷ୍‌ର ଲୋକମାନଙ୍କୁ ଆକୃଷ୍ଟ କରି ପାରିଥିଲା । ଏବେ ସଂସ୍କୃତି କ୍ଷେତ୍ରରେ ଉଭୟ ରାଷ୍ଟ୍ରର ରାଜିନାମା ବା ବୁଝାମଣା ପତ୍ର କିପରି କରାଯାଉଛି, ତାହା ଜାଣିବାକୁ ଆମମାନଙ୍କ ମଧ୍ୟରେ ଆଗ୍ରହ ପ୍ରକାଶ ପାଇବା ସ୍ୱାଭାବିକ । ଉଭୟ ରାଷ୍ଟ୍ର ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଆହୁରି ନିବିଡ଼ ହେବ ବୋଲି ଆମେମାନେ ଆଶା ପ୍ରକାଶ କରୁଛୁଁ ।

## ଯଶ

**ସମୟ ସହିତ ତାଳ ଦେଇ ଭଲ କାମ କରିପାରିଲେ ଜୀବନ ଧନ୍ୟ ହୁଏ । ଜୀବନ କ୍ଷଣସ୍ଥାୟୀ । ଏଣୁ ଜୀବନର ପ୍ରତିଟି ମୁହୂର୍ତ୍ତକୁ ଭଲ କାର୍ଯ୍ୟରେ ଉପଯୋଗ କରାଯିବା ଆବଶ୍ୟକ । ଏ ଶରୀର, କାମନା, ଆଶା, ଆକାଂକ୍ଷା, ଧନ ସମ୍ପତ୍ତି ସବୁ କିଛି ଧ୍ୱଂସ ହୋଇଯାଏ ମୃତ୍ୟୁରେ । ମୃତ୍ୟୁ ଆଗରୁ ଏମିତି କିଛି କାମ କରାଯିବା ଆବଶ୍ୟକ, ଯାହା ଫଳରେ କାଳ କବଳିତ କରିପାରିବନି ଯଶ ଓ ସୁନାମକୁ ।**

*ଲେଖକ-ଡ. ପ୍ରଦୀପ କୁମାର ଚୌଧୁରୀ*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଆମ ସମ୍ବିଧାନର ସନ୍ଦେଶ

## ମୋହନ ଚରଣ ବିଷି

ସମ୍ବିଧାନ ପ୍ରଣୟନ ସଭାଟି ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଭା ଥିଲା, ଯାହାଦ୍ୱାରା ଭାରତର ପ୍ରଶାସନିକ, ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ ହୋଇପାରିଲା । ଏହି ସଭା କାର୍ଯ୍ୟ ଆରମ୍ଭ କରିବା ପରେ ୧୯୪୬ ମସିହା ଡିସେମ୍ବର ୧୩ ତାରିଖ ଦିନ ପଣ୍ଡିତ ଜବାହରଲାଲ ନେହରୁ ଆଭିମୁଖ୍ୟ ପ୍ରସ୍ତାବ ଆଗତ କଲେ । ଆଭିମୁଖ୍ୟ ପ୍ରସ୍ତାବଗୁଡ଼ିକ ୧୯୪୭ ମସିହା ଜାନୁୟାରୀ ୨୨ ତାରିଖ ଦିନ ସଭାରେ ଗୃହୀତ ହେଲା । ପ୍ରତ୍ୟେକ ସମ୍ବିଧାନ ପରି ଭାରତ ସମ୍ବିଧାନର ମଧ୍ୟ ଏକ ଦର୍ଶନ ରହିଛି ଯାହା ଏହି ଆଭିମୁଖ୍ୟ ପ୍ରସ୍ତାବଗୁଡ଼ିକରେ ପ୍ରତିଫଳିତ ହୋଇଛି ଏବଂ ସମ୍ବିଧାନର ପ୍ରସ୍ତାବନାରେ ସ୍ଥାନିତ ହୋଇଛି । ସମ୍ବିଧାନରେ ଭାରତୀୟମାନଙ୍କ ସ୍ୱପ୍ନର ପ୍ରକୃତ ପ୍ରତିଫଳନ ଆଣିବା ପାଇଁ ଓ ସଭ୍ୟମାନଙ୍କ ଉପରେ ନ୍ୟସ୍ତ ନୈତିକ ଦାୟିତ୍ୱ ଏହା ଥିଲା ଏକ ସଂକଳ୍ପ । ନାଗରିକମାନଙ୍କ ସଚେତନତା ଓ ସକ୍ରିୟତା ବୃଦ୍ଧି ପାଇଁ ଏହାର ଆଭିମୁଖ୍ୟ ପ୍ରତିଫଳିତ ହୋଇଛି ।

ସମ୍ବିଧାନର ସମାଲୋଚକଙ୍କ ସଂଖ୍ୟା କମ୍ ନୁହେଁ, ମାତ୍ର ସମାଲୋଚନା ଯେତେବେଳେ ଗଠନମୂଳକ ହୁଏ, ସେତେବେଳେ ଗଣତନ୍ତ୍ର ଅଧିକ ଦୃଢ଼ୀଭୂତ ହୁଏ । ଗଣତନ୍ତ୍ରରେ ସ୍ୱାଧୀନ ମତପୋଷଣ ମାଧ୍ୟମରେ ସମାଲୋଚନା ଆହ୍ୱାନ କରାଯାଏ । ସମସ୍ତ ସମାଲୋଚନା ସତ୍ତ୍ୱେ ସମ୍ବିଧାନ ପ୍ରଣୟନ ସଭା ଯେ ଏକ ଗୁରୁଦାୟିତ୍ୱ ଠିକ୍ ଭାବେ ସମ୍ପାଦନ କରିପାରିଛି ସେକଥା ଅସ୍ୱୀକାର କରିହେବ ନାହିଁ । ସେ ସମୟର ଦେଶପ୍ରେମୀ ନେତୃବର୍ଗଙ୍କର ସଂକୀର୍ଣ୍ଣତା ଓ ହୀନମନ୍ୟତା ନଥିଲା । ଏଥିନିମନ୍ତେ ପଣ୍ଡିତ ନେହରୁ, ସର୍ଦ୍ଦାର ପଟେଲ ଏବଂ ଡକ୍ଟର ଭୀମରାଓ ଆମ୍ବେଦକର ଚିର ସ୍ମରଣୀୟ ହୋଇ ରହିଛନ୍ତି । ଏହାକୁ ଆଧାର କରି ସମ୍ବିଧାନର ପ୍ରସ୍ତାବନା ବା ମୁଖବନ୍ଧ ପ୍ରତିଫଳିତ ହୋଇଛି ।

ଭାରତ ସମ୍ବିଧାନର ପ୍ରସ୍ତାବନା ବା ମୁଖବନ୍ଧ ହେଉଛି ସମ୍ବିଧାନର ମୁଖଶାଳା ବା ପ୍ରବେଶ କକ୍ଷ । ସମ୍ବିଧାନର ଆତ୍ମା ବା ପ୍ରାଣସତ୍ତା ସଦୃଶ ଏହା ତାହାର ଭାବ, ନିର୍ଯାସ ଓ ସଂକ୍ଷିପ୍ତସାର ବହନ କରେ । ସମ୍ବିଧାନର ଦର୍ପଣ ସଦୃଶ ଏହା ତାହାର ଆଦର୍ଶ, ଲକ୍ଷ୍ୟ ଓ ଦର୍ଶନକୁ ପ୍ରତିଫଳିତ କରେ । ତାହାର ମଣି ସଦୃଶ ଏହା ତାହାର ଜ୍ୟୋତିକୁ ବିକୀରିତ କରେ । ସମ୍ବିଧାନର ଚାବି ରୂପେ ବ୍ୟବହୃତ ହୋଇ ଏହା ତାହାର ଗୁଢ଼ ରହସ୍ୟ ରୂପକ ତାଲାକୁ ଖୋଲିବାରେ ସହାୟକ ହୁଏ । ପ୍ରସ୍ତାବନା ସମ୍ବିଧାନ-ପୁସ୍ତକର ମୁଖବନ୍ଧ ହିସାବରେ ତାହାର ଆଭିମୁଖ୍ୟ ସ୍ପଷ୍ଟ କରେ ଛ ୮୫ଟି ଶବ୍ଦ ବିଶିଷ୍ଟ ଏହାକୁ ମାତ୍ର ଗୋଟିଏ ବାକ୍ୟରେ ପ୍ରତିବେଦନ କରାଯାଇଛି । ଭାରତ ସମ୍ବିଧାନର ପ୍ରସ୍ତାବନା ଜବାହରଲାଲ ନେହରୁଙ୍କଦ୍ୱାରା ଆଗତ ଓ ସମ୍ବିଧାନ ସଭା ଦ୍ୱାରା ୧୯୪୭ ମସିହା ଜାନୁୟାରୀ ୨୨ ତାରିଖରେ ଗୃହୀତ 'ଉଦ୍ଦେଶ୍ୟ ସଂଖ୍ୟା'ର ଆଧାରରେ ପ୍ରସ୍ତୁତ କରାଯାଇଥିଲା । ଏ ପର୍ଯ୍ୟନ୍ତ ସମ୍ବିଧାନର ପ୍ରସ୍ତାବନା ମାତ୍ର ଗୋଟିଏ ଅଳ୍ପ ସଂଶୋଧିତ ହୋଇଛି । ଏହି ସଂଶୋଧନ ୧୯୭୬ ମସିହାରେ ୪୨ତମ ସମ୍ବିଧାନ ସଂଶୋଧନ ଆଇନ ବଳରେ ଏକ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧିଙ୍କ ନେତୃତ୍ୱରେ ପରିଚାଳିତ କଂଗ୍ରେସ ସରକାରଙ୍କ ଉଦ୍ୟମରେ ହୋଇଥିଲା । ଏହାଦ୍ୱାରା ପ୍ରସ୍ତାବନାରେ ପ୍ରଥମଥର ପାଇଁ 'ସମାଜବାଦୀ' 'ଧର୍ମନିରପେକ୍ଷ' ଓ 'ଅଖଣ୍ଡତା' ଶବ୍ଦମାନ ଯୋଡ଼ା ଯାଇଥିଲା ।

କଡ଼ାକଡ଼ି ଅର୍ଥରେ ପ୍ରସ୍ତାବନା ସମ୍ବିଧାନର ଏକ ଅଂଶ ନୁହେଁ । ମାତ୍ର ୧୯୭୩ ମସିହାରେ କେଶବାନନ୍ଦ ଭାରତୀ ବନାମ କେରଳ ରାଜ୍ୟ ମାମଲାର ରାୟ ପ୍ରକାଶ କାଳରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ତାଙ୍କର ପୂର୍ବମତ ବଦଳାଇ ପ୍ରସ୍ତାବନାକୁ ସମ୍ବିଧାନର ମୌଳିକ ଢାଞ୍ଚାର ଅଂଶବିଶେଷ ବୋଲି ଘୋଷଣା କରିଥିଲେ । ଫଳରେ ପ୍ରସ୍ତାବନା ସମ୍ବିଧାନର ଏକ ଅଂଶ ରୂପେ ଗଣ୍ୟ ହେଲା ।

ଭାରତ ସମ୍ବିଧାନର ପ୍ରସ୍ତାବନା ଘୋଷଣା କରେ ଯେ :

ଆମେ ଭାରତବାସୀ, ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରୂପେ ସଂସ୍ଥାପିତ କରିବା ପାଇଁ ଏବଂ ଏହାର ସମସ୍ତ ନାଗରିକଙ୍କୁ:ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ ଚିନ୍ତା, ମତପ୍ରକାଶ, ଧାରଣା, ଧର୍ମବିଶ୍ୱାସ ଓ ଉପାସନାର ସ୍ୱାଧୀନ ମର୍ଯ୍ୟାଦା ଓ ସୁଯୋଗର ସମାନତା ପ୍ରଦାନ କରିବା ଏବଂ ବ୍ୟକ୍ତିର ମର୍ଯ୍ୟାଦା ଓ ଜାତିର ଏକତା ଓ ଅଖଣ୍ଡତା ସୁନିଶ୍ଚିତ କରିବା ପୂର୍ବକ ସେମାନଙ୍କ ମଧ୍ୟରେ ଭ୍ରାତୃତ୍ୱକୁ ପ୍ରୋତ୍ସାହିତ କରିବା ନିମନ୍ତେ ସତ୍ୟନିଷ୍ଠ ଭାବରେ ସଂକଳ୍ପ କରି ଆତ୍ମମାନଙ୍କର ସମ୍ବିଧାନ ସଭାରେ ଅଦ୍ୟ ୧୯୪୯ ମସିହା ନଭେମ୍ବର ଛବିଶ ତାରିଖରେ ଏତଦ୍ୱାରା ଏହି ସମ୍ବିଧାନକୁ ଅଙ୍ଗୀକାର, ପ୍ରଣୟଣ ଓ ସମର୍ପଣ କରୁଛୁଁ ।'

ସମ୍ବିଧାନର ମୂଳ ଉତ୍ସ ଭାରତର ଜନସାଧାରଣ ହେଲେ ମଧ୍ୟ ସେମାନଙ୍କ ଅଥବା ସେମାନଙ୍କୁ ପ୍ରତିନିଧି କରୁଥିବା ବିଧାନ ପ୍ରଣୟନ ସଭାର ମୌଳିକ ଚିନ୍ତନର ଏହା ସୃଷ୍ଟି ହୋଇ ନାହିଁ । କାରଣ ସମ୍ବିଧାନ ପ୍ରଣୟନ ସଭା ବିଶ୍ୱର ପ୍ରମୁଖମାନଙ୍କର ବ୍ୟାପକ ତଥା ଗଭୀର ଅଧ୍ୟୟନ କରିବା ପରେ ସେଗୁଡିକର କେତେକ ବିଶେଷ ଅଂଶ ଉଦ୍ଧାର କରି ଅବଶ୍ୟକୀୟ ସଂଶୋଧନ ସହ ଆମ ସମ୍ବିଧାନ ପ୍ରସ୍ତୁତ କରାଯାଇଛି । ସମ୍ବିଧାନ ସଭା ଏକ ମୌଳିକ ସମ୍ବିଧାନ ଅପେକ୍ଷା ଏକ ସଫଳ ଓ ଶ୍ରେଷ୍ଠ ପ୍ରଦାନ କରିବା ପାଇଁ ସୟନ୍ ଉଦ୍ୟମ କରିଥିଲା । ସଂସଦୀୟ ଶାସନ ବ୍ୟବସ୍ଥା, ମୌଳିକ ଅଧିକାର ଓ ସଂଘୀୟ ବ୍ୟବସ୍ଥା ଯୁକ୍ତରାଷ୍ଟ୍ର ଆମେରିକାର, ରାଷ୍ଟ୍ର ନିର୍ଦ୍ଦେଶକ ନୀତି ଆୟରଲାଣ୍ଡର, ଜରୁରୀକାଳୀନ ବ୍ୟବସ୍ଥା ଜର୍ମାନୀର, ମୌଳିକ କର୍ତ୍ତବ୍ୟ ସୋଭିଏତ୍ ରୁଷର ସମ୍ବିଧାନମାନଙ୍କର ଉଦ୍ଧାର କରାଯାଇଛି । ଏହାଛଡ଼ା ଆମ ସ୍ୱାଧୀନତା ସଂଗ୍ରାମର ମୂଲ୍ୟବୋଧ, ଭାରତ ଶାସନ ଆଇନ ୧୯୩୫, ସମ୍ବିଧାନ ପ୍ରଣୟନ ସଭାର ଆଭିମୁଖ୍ୟ, ସଂସଦୀୟ ଆଇନ, ନ୍ୟାୟପାଳିକାର ରାୟ, ସାମ୍ବିଧାନିକ ପରମ୍ପରା ମଧ୍ୟ ସମ୍ବିଧାନର କେତେକ ଉତ୍ସ । ସମାଲୋଚକମାନେ ଏହାକୁ ଏକ ଉଧାର ସମ୍ବିଧାନ ଏବଂ ଏକ ତାଳିପକା ସମ୍ବିଧାନ ବୋଲି କହନ୍ତି ।

ସମ୍ବିଧାନ ପ୍ରଣୟନ ସଭାର କାର୍ଯ୍ୟଧାରା ଓ କାର୍ଯ୍ୟଦକ୍ଷତା ପ୍ରଶଂସନୀୟ ହୋଇଥିଲେ ହେଁ ଏହା ସମାଲୋଚକମାନଙ୍କ ସମଲୋଚନାରୁ ମୁକ୍ତ ନୁହେଁ । କେତେକଙ୍କ ମତରେ ସବୁ ଶ୍ରେଣୀର ଭାରତୀୟମାନେ ଏଥିରେ ପ୍ରତିନିଧିତ୍ୱ କରୁନଥିଲେ, କରୁଥିଲେ କେବଳ ଓକିଲମାନେ । ପରୋକ୍ଷ ନିର୍ବାଚନ ପଦ୍ଧତିରେ ଏହି ସଭା ଗଠିତ ହୋଇଥିବାରୁ ଏହା ଏକ ବାସ୍ତବ ପ୍ରତିନିଧିମୂଳକ ଅନୁଷ୍ଠାନ ନଥିଲା । କଂଗ୍ରେସର ବିପୁଳ ସଂଖ୍ୟାଗରିଷ୍ଠତା ଯୋଗୁଁ କେବଳ କଂଗ୍ରେସ ଆଦର୍ଶ ହିଁ ପ୍ରଣୀତ ସମ୍ବିଧାନରେ ସ୍ଥାନ ପାଇଲା । ଦେଶୀୟ ରାଜ୍ୟମାନଙ୍କୁ ଅନ୍ୟ ପ୍ରଦେଶ ସହିତ ସମାନ ସ୍ଥାନ ଓ ସୁଯୋଗ ଦିଆଯାଇନଥିଲା ।

**କାର୍ଯ୍ୟକ୍ଷମ ହେବାପରେ ଅଭିଯୋଗକାରୀମାନଙ୍କ ସନ୍ଦେହ ଅବଶ୍ୟ ଭୁଲ ପ୍ରମାଣିତ ହୋଇଛି । ଭାରତୀୟ ଲିଖିତ ସମ୍ବିଧାନ ହେଉଛି ବିଶ୍ୱର ଦୀର୍ଘତମ ସମ୍ବିଧାନ, ଯେଉଁ ସମ୍ବିଧାନରେ ରହିଛି ସଂସଦୀୟ ଶାସନ ବ୍ୟବସ୍ଥା, ଐକିକ ସଂଘ ବାଦ୍, ନମନୀୟ ଓ ଅନମନୀୟତାର ମିଶ୍ରଣ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର, ରାଷ୍ଟ୍ର ନିର୍ଦ୍ଦେଶକ ନୀତି, ସୁସଂହତ, ସ୍ୱାଧୀନ ଓ ନିରପେକ୍ଷ ନ୍ୟାୟପାଳିକା, ଧର୍ମନିରପେକ୍ଷ ରାଷ୍ଟ୍ର, ଏକକ ନାଗରିକତା ପରି ବ୍ୟବସ୍ଥାଛ ଏହି ସବୁ ସତ୍ତ୍ୱେ ମଧ୍ୟ ଭାରତୀୟ ସମ୍ବିଧାନ ଅନେକ ପ୍ରକାରର ବୈଶିଷ୍ଟ୍ୟ ରହିଛି ଯାହା ଭାରତୀୟମାନଙ୍କୁ ସୁରକ୍ଷା ଓ ସମୃଦ୍ଧିରେ ସହାୟକ ହୋଇଥାଏ ।**

କିନ୍ତୁ କାର୍ଯ୍ୟକ୍ଷମ ହେବାପରେ ଅଭିଯୋଗକାରୀମାନଙ୍କ ସନ୍ଦେହ ଅବଶ୍ୟ ଭୁଲ ପ୍ରମାଣିତ ହୋଇଛି । ଭାରତୀୟ ଲିଖିତ ସମ୍ବିଧାନ ହେଉଛି ବିଶ୍ୱର ଦୀର୍ଘତମ ସମ୍ବିଧାନ, ଯେଉଁ ସମ୍ବିଧାନରେ ରହିଛି ସଂସଦୀୟ ଶାସନ ବ୍ୟବସ୍ଥା, ଐକିକ ସଂଘ ବାଦ୍, ନମନୀୟ ଓ ଅନମନୀୟତାର ମିଶ୍ରଣ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର, ରାଷ୍ଟ୍ର ନିର୍ଦ୍ଦେଶକ ନୀତି, ସୁସଂହତ, ସ୍ୱାଧୀନ ଓ ନିରପେକ୍ଷ ନ୍ୟାୟପାଳିକା, ଧର୍ମନିରପେକ୍ଷ ରାଷ୍ଟ୍ର, ଏକକ ନାଗରିକତା ପରି ବ୍ୟବସ୍ଥାଛ ଏହି ସବୁ ସତ୍ତ୍ୱେ ମଧ୍ୟ ଭାରତୀୟ ସମ୍ବିଧାନ ଅନେକ ପ୍ରକାରର ବୈଶିଷ୍ଟ୍ୟ ରହିଛି ଯାହା ଭାରତୀୟମାନଙ୍କୁ ସୁରକ୍ଷା ଓ ସମୃଦ୍ଧିରେ ସହାୟକ ହୋଇଥାଏ ।

**ଗଡରାମାଲ, କୋକସରା, କଳାହାଣ୍ଡି**
**ମୋ- ୭୯୭୮୪୨୭୭୦୬**

# ବିଳମ୍ବିତ ନ୍ୟାୟ ପ୍ରକ୍ରିୟା ଉଚିତ କି ?

## ସୁଧାଂଶୁ ପାତ୍ର

୨୦୨୫ ନ୍ୟାୟ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଜିଲ୍ଲାମାନଙ୍କରେ ୭୬ ପ୍ରତିଶତ କଏଦୀ ବିଳମ୍ବିତ ନ୍ୟାୟ ପ୍ରକ୍ରିୟାରେ ଜେଲରେ ଜୀବନ କଟାଉଛନ୍ତି । ଏହି ରିପୋର୍ଟ ଉପରେ କ୍ଷୁବ୍ଧ ହୋଇ ସୁପ୍ରିମକୋର୍ଟ ଓ ହାଇକୋର୍ଟଙ୍କ ସମେତ ନିମ୍ନ ଅଦାଲତମାନଙ୍କୁ କଡ଼ା ନିର୍ଦ୍ଦେଶ ଜାରି କରିବା ସତ୍ତ୍ୱେ, ବର୍ଷ ବର୍ଷ ଧରି ବିଭିନ୍ନ ଅଦାଲତମାନଙ୍କରେ ହଜାର ହଜାର ମୋକଦ୍ଦମା ଫଏସଲା ନହୋଇ ପଡ଼ି ରହିଛି । ଜାମିନ୍ ନପାଇ ଜେଲମାନଙ୍କରେ ବିଚାରଧୀନ କଏଦୀଙ୍କ ଭିଡ଼କୁ ତର୍ଜମା କରି ମାନ୍ୟବର ସୁପ୍ରିମକୋର୍ଟ ଇତି ମଧ୍ୟରେ କ୍ଷୋଭ ପ୍ରକାଶ କରିଛନ୍ତି । ଡକାୟତି ଓ ହତ୍ୟା ଉଦ୍ୟମରେ ବିହାରର ଅମନ୍ କୁମାର ନାମକ ଜଣେ ଅଭିଯୁକ୍ତ, ତଳକୋର୍ଟଙ୍କ ଅପରାଧ କ୍ଷେତ୍ରରେ ଅବଗତ ହେବା କ୍ଷେତ୍ରରେ ଦେଖା ଦେଇଥିବା ଅହେତୁକ ବିଳମ୍ବ ପାଇଁ ଜାମିନ ନପାଇ ୨/୩ ବର୍ଷ ଜେଲରେ ରହିବା ପରେ ସୁପ୍ରିମକୋର୍ଟ ବିରକ୍ତି ପ୍ରକାଶ କରି କହିଛନ୍ତି ଯେ ଆରୋପ ନିର୍ଣ୍ଣୟ କ୍ଷେତ୍ରରେ ୩/୪ ବର୍ଷ ଲାଗିବା ଏକ ଦୁର୍ଭାଗ୍ୟଜନକ ଘଟଣା । ଚାର୍ଜସିଟ୍ ଦାଖଲ ହେବା ମାତ୍ରେ ଆରୋପ ନିର୍ଣ୍ଣୟ ହେବା ଜରୁରୀ । ଏହା ଯଦି ନହୁଏ ତେବେ ସୁପ୍ରିମକୋର୍ଟ ବାଧ୍ୟ ହୋଇ ଆଗାମୀ ଦିନରେ ତଳକୋର୍ଟଙ୍କ ପାଇଁ ସମୟ ସୀମା ଧାର୍ଯ୍ୟ କରି ନିର୍ଦ୍ଦେଶ ଜାରି କରିବେ ବୋଲି ତାଗିଦ କରିଛନ୍ତି ।

ଚାର୍ଜସିଟ୍ ଦାଖଲ ହେବା ମାତ୍ରେ କୋର୍ଟ ତାଙ୍କ ତରଫରୁ ତୁରନ୍ତ ଆରୋପ ନିର୍ଣ୍ଣୟ କରିବା ଉଚିତ । କାରଣ ଏହା ନ୍ୟାୟ ପାଇବାର ପ୍ରଥମ ପାହାଚ । ଭାରତୀୟ ଦଣ୍ଡ ବିଧି ସଂହିତା ଓ ଏବେକାର ନାଗରିକ ସୁରକ୍ଷା ସଂହିତାରେ ଚାର୍ଜସିଟ୍ ଫାଇଲ ହେବା ପରେ ପରେ ମାଜିଷ୍ଟ୍ରେଟ କୋର୍ଟ ତୁରନ୍ତ କଗ୍‌ନିଜେନ୍ସ ନେଇ ମୋକଦ୍ଦମା ଆଗକୁ ବଢ଼ାଇବାର ବ୍ୟବସ୍ଥା ରହିଛି । ମାତ୍ର ବାସ୍ତବରେ ଏହି ପ୍ରକ୍ରିୟା ପାଇଁ ୨/୩ ବର୍ଷ ଲାଗିବା ଦ୍ୱାରା ନ୍ୟାୟ ପ୍ରକ୍ରିୟା ଆଗକୁ ବଢ଼ି ପାରୁନାହିଁ ଏବଂ ନ୍ୟାୟ ମିଳିବାରେ ବର୍ଷ ବର୍ଷ ଧରି ବିଳମ୍ବ ଘଟୁଛି । ବିଚରାଧୀନ କଏଦୀ ବର୍ଷ ବର୍ଷ ଧରି ଜେଲ୍‌ରେ ରହୁଛନ୍ତି ।

ଏହି ପରିପ୍ରେକ୍ଷୀରେ ଏବେ ସୁପ୍ରିମକୋର୍ଟ ସମସ୍ୟାର ସମାଧାନ ପାଇଁ କଡ଼ା ପଦକ୍ଷେପ ନେବାର ସଙ୍କେତ ମଧ୍ୟ ଦେଇ ସାରିଛନ୍ତି । ୧୯୭୯ର ମୋକଦ୍ଦମା ହୁସେନ ଆରାଖାତୁନ୍ ବନାମ ବିହାର ଷ୍ଟେଟ ଓ କାଶ୍ମୀର ସିଂ ବନାମ ପଞ୍ଜାବ ଷ୍ଟେଟ ମାମଲାର ଉଦାହରଣ ସହ ସୁପ୍ରିମକୋର୍ଟ କହି ସାରିଛନ୍ତି ଯେ, ଏଭଳି ସ୍ଥିତିରେ ଅଭିଯୁକ୍ତ ସ୍ୱତଃ ଜାମିନ ପାଇବା ପାଇଁ ହକ୍‌ଦାର । ତେଣୁ ପରିସ୍ଥିତି ଯଦି 'ଯଥା ପୂର୍ବମ୍ ତଥା ପରମ୍' ରହେ ଏବଂ ଚାର୍ଜସିଟ୍ ଦାଖଲ ପରେ ଅବଗତି ନେବାରେ ଯଦି ନିମ୍ନ ଅଦାଲତ ଅହେତୁକ ବିଳମ୍ବ କରନ୍ତି ତେବେ, କଡ଼ା ପଦକ୍ଷେପ ସ୍ୱରୂପ ସୁପ୍ରିମ୍‌କୋର୍ଟ ନିମ୍ନ କୋର୍ଟମାନଙ୍କ ପାଇଁ ମାର୍ଗଦର୍ଶିକା ଜାରି କରିବେ । ଚାର୍ଜସିଟ୍ ଦାଖଲ ହେବାର ୬୦ ଦିନ ମଧ୍ୟରେ କୋର୍ଟ ତାଙ୍କ ତରଫରୁ ଅବଗତି ନିଆଯିବା ଏବଂ ମୋକଦ୍ଦମାକୁ ଆଗକୁ ବଢ଼େଇବେ । ତଳ କୋର୍ଟଙ୍କ ପାଇଁ ଏହି ନିର୍ଦ୍ଦେଶନାମା ଜାରି କରିବା ପାଇଁ ସୁପ୍ରିମ୍‌କୋର୍ଟ ବାଧ୍ୟ ହେବେ । କାରଣ ନ୍ୟାୟାଳୟର କାର୍ଯ୍ୟଶୈଳୀର ପରିବର୍ତ୍ତନ ଜରୁରୀ ହୋଇ ପଡ଼ିଛି । ଅବଗତି ନେବାରେ ବିଳମ୍ବ ଅର୍ଥ ଆମ ଲୋକତନ୍ତ୍ରର ଅପମାନ ସଦୃଶ । ଏହା କେବଳ ଅଭିଯୁକ୍ତମାନଙ୍କ ଅଧିକାରର ପ୍ରଶ୍ନ ନୁହେଁ, ଅନ୍ୟପକ୍ଷରେ ନ୍ୟାୟ ବ୍ୟବସ୍ଥା ଉପରେ ରହିଥିବା ଦୃଢ଼ ବିଶ୍ୱାସ ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହେବ । ଭାରତୀୟ ନ୍ୟାୟ ରିପୋର୍ଟ ୨୦୨୫ ଅନୁଯାୟୀ ଦେଶର ଜିଲ୍ଲାମାନଙ୍କରେ ୭୬ ପ୍ରତିଶତ ବିଚାରାଧୀନ କଏଦୀ ଜେଲରେ ଅଛନ୍ତି ଓ ଏଥିରେ ପ୍ରକାଶିତ ରିପୋର୍ଟକୁ ସମୀକ୍ଷା କଲେ ଜଣାଯାଏ ବିଚାରାଧୀନ କଏଦୀ ସଂଖ୍ୟା ବୃଦ୍ଧି ପାଇଁ ଅଧିକ କାନୁନ ସହାୟତାର ଅଭାବ ଘଟୁଛି । ଫଳରେ ଶୁଣାଣି ପ୍ରକ୍ରିୟା ଗତିଶୀଳ ନହୋଇ ବାଧାପ୍ରାପ୍ତ ହେଉଛି ।

ବିଳମ୍ବିତ ନ୍ୟାୟ, ନ୍ୟାୟ ନୁହେଁ । ଏହି ପ୍ରସଙ୍ଗରେ ଦୁଇ ବର୍ଷ ତଳେ ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତିଙ୍କ ଏହି ମନ୍ତବ୍ୟର ମଧ୍ୟ ଗୁରୁତ୍ୱ ରହିଛି । ସେହିପରି ବିଳିମ୍ବିତ ନ୍ୟାୟ ମଧ୍ୟ ମୂଲ୍ୟହୀନ ବୋଲି ଧରାଯିବ । ଏହି ମନ୍ତବ୍ୟର ସତ୍ୟାସତ୍ୟ ସେହି ବର୍ଷ ଆସିଥିବ । ଭାରତୀୟ ତୃତୀୟ ନ୍ୟାୟ ରିପୋର୍ଟରୁ ମିଳିପାରିବା ଡିସେମ୍ବର ୨୦୨୦ ସୁଦ୍ଧା ଉଚ୍ଚ ନ୍ୟାୟାଳୟ ଏବଂ ଜିଲ୍ଲା ନ୍ୟାୟାଳୟମାନଙ୍କରେ ୪ କୋଟି ୯୦ ଲକ୍ଷ ମାମଲା ପଡ଼ି ରହିଛି । ସେଥିମଧ୍ୟରୁ ୧ କୋଟି ୯୦ ଲକ୍ଷ ମାମଲା ବର୍ଷ ବର୍ଷ ଧରି ଚାଲୁଛି । ୧୦ ବର୍ଷର ପୁରୁଣା ମାମଲା ୫୨ ଲକ୍ଷରୁ ଅଧିକ । ପ୍ରାୟ ୭୭ ପ୍ରତିଶତ ଲୋକଙ୍କ ମାମଲା ଏବେ ବି ବିଚାରଧୀନ । ଉଚ୍ଚ ଅଦାଲତ ହାଇକୋର୍ଟଙ୍କ ପାଖରେ ମଧ୍ୟ ସମାନ ଅବସ୍ଥା । ଅଗଷ୍ଟ ୨୦୨୨ ସୁଦ୍ଧା ଉଚ୍ଚତମ ଅଦାଲତରେ ୭୧,୫୦୦ ମୋକଦ୍ଦମା ପଡ଼ିରହିଛି । ସେଥିମଧ୍ୟରୁ ୧୭୦୦୦ ଫୌଜଦାରୀ ମୋକଦ୍ଦମା ରହିଛି । ବାକି ୭୫୦୦୦ ଦେୱାନୀ ମାମଲା ରହିଥିବା ଏହି ରିପୋର୍ଟରେ ଦର୍ଶାଯାଇଛି । ବର୍ଷ ବର୍ଷ ଧରି ମାମଲାଗୁଡ଼ିକ ବିଚାର ନହେବା ଏବଂ ରାୟ ପ୍ରକାଶ ପାଉନଥିବାକୁ ନଜର ରଖି ସୁପ୍ରିମ୍‌କୋର୍ଟ ବିଚାରପତି ଏସ୍.ରବିନ୍ଦ୍ର ଭଟ୍ଟ ଏବଂ ମାନ୍ୟବର ବିଚାରପତି ଅରବିନ୍ଦଙ୍କୁ ନେଇ ଗଠିତ ଖଣ୍ଡପୀଠ ବିରକ୍ତି ପ୍ରକାଶ କରିବା ସହ ୮ ବର୍ଷରୁ ଅଧିକ ସମୟ ଧରି ବିଚାରଧୀନ ମାମଲାର ଫଇସଲା ତ୍ୱରାନ୍ୱିତ କରିବା ଏବଂ ତଦାରଖ କରିବାପାଇଁ ଖଣ୍ଡପୀଠ ହାଇକୋର୍ଟମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଜିଲ୍ଲାସ୍ତର ମାମଲାଗୁଡ଼ିକର ଶୁଣାଣି, ତଥା ଲିଖିତ ବିବୃତି ଦାଖଲ କରିବା, ଆଡ୍‌ମିଶନ, ଡିନାଏଲ ପ୍ରକ୍ରିୟା ଯଥା ସମୟରେ ରେକର୍ଡ଼ କରିବା ଉପରେ ମଧ୍ୟ ଗୁରୁତ୍ୱ ପ୍ରଦାନ କରିଥିଲେ । ମାନ୍ୟବର ସୁପ୍ରିମକୋର୍ଟ ୧୯୪୮ ମସିହାରେ ଗ୍ରହଣୀୟ ମାନବ ଅଧିକାର ସାର୍ବଭୌମିକ ଘୋଷଣା ପତ୍ରରେ ନ୍ୟାୟ ଅଧିକାରରେ ମାନବମାନଙ୍କ ପାଇଁ ନିଶ୍ଚିତ କରାଯାଇଛି । ତେଣୁ ନ୍ୟାୟରେ ବିଳମ୍ବ ଅନ୍ୟାୟ ବରାବର ବୋଲି ଧରାଯିବ ଏବଂ ମାତ୍ରାଧିକ୍ୟ ବିଳମ୍ବ ସମାଜରେ କୁପ୍ରଭାବ ପକାଇବା ସହିତ ନ୍ୟାୟପାଳିକା ଓ ନ୍ୟାୟ ପ୍ରଣାଳୀ ଉପରେ ସାଧାରଣଙ୍କ ଭରସା ହ୍ରାସ ପାଇବାରେ ଲାଗିବ ।

ତେଣୁ ଅଦାଲତ ଓ ସରକାର ମିଳିତ ଭାବେ ବିଚାରର ସମୟସୀମା ଧାର୍ଯ୍ୟରେ ସହାୟକ ହୁଅନ୍ତୁ ଏବଂ ନ୍ୟାୟ ପ୍ରକ୍ରିୟାକୁ ଗତିଶୀଳ କରନ୍ତୁ ନଚେତ୍ ନ୍ୟାୟକୁ ଲୋକତନ୍ତ୍ରର ଆତ୍ମା କୁହାଯାଉଥିବା ବେଳେ ବିଳମ୍ବିତ ନ୍ୟାୟ ଲୋକତନ୍ତ୍ର ପ୍ରତି କୁଠାରଘାତ ସଦୃଶ ହେବ ।

**ଜୟଦେବ ବିହାର**
**ମୋ- ୯୦୯୦୩୨୩୨୬୦**

# ସଦାଚାର...

## ମୂଳହିନ୍ଦୀ-ସୂର୍ଯ୍ୟଦୀପ କୁଶବାହା
## ଅନୁବାଦ-ମନୋଜ କୁମାର ବେହେରା

ସଦାଚାର ଅର୍ଥ ହେଲା ସଜ୍ଜନର ଆଚରଣ ଅଥବା ଶୁଭ ଆଚରଣ । ସତ୍ୟ, ଅହିଂସା, ଈଶ୍ୱର ବିଶ୍ୱାସ, ମୈତ୍ରୀଭାବ, ମହାପୁରୁଷଙ୍କୁ ଅନୁସରଣ କରିବା ଆଦି କଥା ସଦାଚରଣରେ ଗଣାଯାଏ । ସଦାଚାରକୁ ଧାରଣ କରିବାବାଲା ବ୍ୟକ୍ତିକୁ ସଦାଚାରୀ କୁହାଯାଏ । ଏହାର ବିପରୀତ ଆଚରଣ କରିବାବାଲା ବ୍ୟକ୍ତିକୁ ଦୁରାଚାରୀ କୁହନ୍ତି । ସଦାଚାରୀ ବ୍ୟକ୍ତି ସମାଜରେ ପୂଜିତ ହୋଇଥାନ୍ତି । ସ୍ୱଚ୍ଛ ଚରିତ୍ରତା ସଦାଚାରର ସର୍ବୋତ୍ତମ ସାଧନ ଅଟେ । ଧନ ନଷ୍ଟ ହୋଇଥିଲେ ମଧ୍ୟ ମନୁଷ୍ୟର ବିଶେଷହାନି ହୋଇ ନଥାଏ । ସ୍ୱାସ୍ଥ୍ୟ ଖରାପ ହେଲେ କିଛି ହାନି ହୋଇଥାଏ, କିନ୍ତୁ ଚରିତ୍ରର ପତନ ହେଲେ ମନୁଷ୍ୟର ସର୍ବସ୍ୱ ନଷ୍ଟ ହୋଇଯାଏ । ମନୁଷ୍ୟ ଠାରେ ଯେଉଁ କିଛି ମନୁଷ୍ୟତ୍ୱ ଥାଏ, ଏହାର ପ୍ରତିବିମ୍ବିତ ହୋଇଥାଏ ଚରିତ୍ର ମାଧ୍ୟମରେ । ଯେଉଁ ବ୍ୟକ୍ତି ସଦାଚାର ନୁହେଁ, ତାହାର ପତନ ପ୍ରାୟ ସୁନିଶ୍ଚିତ ହୋଇଥାଏ ବୋଲି କୁହାଯାଏ । ରାବଣର ପାଖରେ ଧନ, ବୈଭବ ଆଉ ବିଦ୍ୟା ସବୁ କିଛି ଥିଲା । କିନ୍ତୁ ଅନାଚାରର କାରଣରୁ ତାର ସବୁକିଛି ନଷ୍ଟ ହୋଇଗଲା । ମହାଭାରତର ଗୋଟିଏ କଥା ଅନୁସାରେ ଜଣେ ରାଜାଙ୍କ ନମ୍ରତା ନଷ୍ଟ ହେବାରୁ ତାଙ୍କର ଧର୍ମ ନଷ୍ଟ ହୋଇଗଲା । ସଦାଚାର ମନୁଷ୍ୟକୁ କାମ, କ୍ରୋଧ, ମୋହ ଆଦିଠାରୁ ରକ୍ଷା କରିଥାଏ । ଅହିଂସା ଭାବନାରେ ମନର କ୍ରୁରତା ସମାପ୍ତ ହୋଇଯାଏ ତଥା ସେଥିରେ କରୁଣା, ସହାନୁଭୂତି ଏବଂ ଦୟାର ଭାବନା ଜାଗୃତ ହୋଇଥାଏ । କ୍ଷମା, ସହନଶୀଳତା ଆଦି ଗୁଣରେ ମନୁଷ୍ୟର ନୈତିକ ଉତ୍ଥାନ ହୋଇଥାଏ । ମନୁଷ୍ୟଠୁଁ ଆରମ୍ଭ କରି ପଶୁ-ପକ୍ଷୀ ପର୍ଯ୍ୟନ୍ତଙ୍କ ପ୍ରତି ଉଦାରତାର ଭାବନା ଉତ୍ପନ୍ନ ହୋଇଥାଏ । ଏହି ପ୍ରକାର ସଦାଚାରର ଗୁଣ ଧାରଣ କରିଲେ ମନୁଷ୍ୟର ଚରିତ୍ର ଉଜ୍ଜଳିତ ହୋଇଥାଏ ଆଉ ଏଥିରେ କର୍ତ୍ତବ୍ୟ ନିଷ୍ଠା ଉତ୍ପନ୍ନ ହୋଇଥାଏ । ସଦାଚାରର ବିନା ମନୁଷ୍ୟ କେବେ ବି ନିଜ ଜୀବନର ଲକ୍ଷ୍ୟକୁ ପ୍ରାପ୍ତ ପରିପାରିବ ନାହିଁ । ସତ୍ୟ ଭାଷଣ, ବିଶିଷ୍ଟତା, ବିନମ୍ରତା ଆଉ ସହାନୁଭୂତି ଆଦି ଗୁଣ ଯେଉଁ ବ୍ୟକ୍ତିର ହୋଇଥାଏ, ସେ ସଦାଚାରୀ ବୋଲି କୁହାଯାଏ । ରାମ,କୃଷ୍ଣ ଆଉ ଗାନ୍ଧିଙ୍କ ଚରିତ୍ରକୁ ଆଦର୍ଶ ମାନିକରି ନ୍ୟାୟ ପ୍ରିୟ ଆଚରଣ କରିବା ଦରକାର ।

**ସଦାଚାର ମନୁଷ୍ୟକୁ କାମ, କ୍ରୋଧ, ମୋହ ଆଦିଠାରୁ ରକ୍ଷା କରିଥାଏ । ଅହିଂସା ଭାବନାରେ ମନର କ୍ରୁରତା ସମାପ୍ତ ହୋଇଯାଏ ତଥା ସେଥିରେ କରୁଣା, ସହାନୁଭୂତି ଏବଂ ଦୟାର ଭାବନା ଜାଗୃତ ହୋଇଥାଏ । କ୍ଷମା, ସହନଶୀଳତା ଆଦି ଗୁଣରେ ମନୁଷ୍ୟର ନୈତିକ ଉତ୍ଥାନ ହୋଇଥାଏ । ମନୁଷ୍ୟଠୁଁ ଆରମ୍ଭ କରି ପଶୁ-ପକ୍ଷୀ ପର୍ଯ୍ୟନ୍ତଙ୍କ ପ୍ରତି ଉଦାରତାର ଭାବନା ଉତ୍ପନ୍ନ ହୋଇଥାଏ ।**

**ଭୁବନେଶ୍ୱର-୨୨**
**ଫୋନ୍-୭୯୭୮୮୩୦୬୧୧**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସର୍ବଦଳୀୟ...

ନେତାଙ୍କୁ ସ୍ୱଗତ କରିଥିଲେ ଏବଂ ପରେ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବୈଠକ ପରିଚାଳନା କରିଥିଲେ । ସେ ନେତାମାନଙ୍କୁ ସୂଚନା ଦେଇଥିଲେ ଯେ ସଂସଦର ଶୀତକାଳୀନ ଅଧିବେଶନ, ୨୦୨୫ ସୋମବାର, ୧ ଡିସେମ୍ବର, ୨୦୨୫ ରେ ଆରମ୍ଭ ହେବ ଏବଂ ସରକାରୀ କାର୍ଯ୍ୟର ଆବଶ୍ୟକତା ଅନୁଯାୟୀ, ଅଧିବେଶନ ଶୁକ୍ରବାର, ୧୯ ଡିସେମ୍ବର, ୨୦୨୫ ରେ ଶେଷ ହୋଇପାରେ । ଅଧିବେଶନରେ ୧୯ ଦିନ ମଧ୍ୟରେ ମୋଟ ୧୫ ଟି ବୈଠକ ହେବ ।

ଶ୍ରୀ ରିଜିଜୁ ଆହୁରି ସୂଚନା ଦେଇଥିଲେ ଯେ ଏହି ଅଧିବେଶନରେ ଆଲୋଚନା ପାଇଁ ଆପାତତଃ ୧୪ ଟି ବିଧେୟକ ଏବଂ ଅନ୍ୟାନ୍ୟ କାର୍ଯ୍ୟ ଚିହ୍ନଟ କରାଯାଇଛି । ସରକାର ଉଭୟ ଗୃହର ନିୟମ ଅନୁଯାୟୀ ଗୃହ ମହଲାରେ ଅନ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ପ୍ରସ୍ତୁତ । ସଂସଦର ଆଗାମୀ ଶୀତକାଳୀନ ଅଧିବେଶନରେ ବିଭିନ୍ନ ରାଜନୈତିକ ଦଳର ନେତାମାନେ ସେମାନଙ୍କ ଦ୍ୱାରା ଉଠାଯାଇପାରୁଥିବା ବିଭିନ୍ନ ପ୍ରସଙ୍ଗ ଉପରେ ସେମାନଙ୍କର ମତାମତ ପ୍ରକାଶ କରିଥିଲେ ଏବଂ ସରକାର ପୂର୍ଣ୍ଣ ସହଯୋଗ ଯୋଗାଇବାକୁ ପ୍ରତିଶ୍ରୁତି ଦେଇଥିଲେ । ଶେଷରେ, ଶ୍ରୀ ସିଂହ ଏବଂ ଶ୍ରୀ ରିଜିଜୁ ବୈଠକରେ ଯୋଗଦାନ କରିବା, ସେମାନଙ୍କର ମତାମତ ପ୍ରକାଶ କରିବା ଏବଂ ସକ୍ରିୟ ଏବଂ ପ୍ରଭାବଶାଳୀ ଅଂଶଗ୍ରହଣ ପାଇଁ ସମସ୍ତ ନେତାଙ୍କୁ ଧନ୍ୟବାଦ ଜଣାଇଥିଲେ ।

### ଦେଶ...

ସ୍ଥାପନ କରିଛି । ୧୦ ବର୍ଷ ପୂର୍ବ ତୁଳନାରେ ଭାରତର ଖାଦ୍ୟ ଶସ୍ୟ ଉତ୍ପାଦନ ୧୦ କୋଟି ଟନ୍ ବୃଦ୍ଧି ପାଇଛି । କ୍ରୀଡ଼ା ଜଗତରେ ମଧ୍ୟ ଭାରତ ବିଜୟ ପତାକା ଉଡ଼ାଇଛି । କିଛିଦିନ ପୂର୍ବେ ହିଁ ଭାରତ ଦ୍ୱାରା ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରତିଯୋଗୀତା ଆୟୋଜନ ସମ୍ପର୍କରେ ଘୋଷଣା ହୋଇଛି । ଏସବୁ ଉପଲବ୍ଧି ଦେଶର, ଦେଶବାସୀଙ୍କର । ଭାରତୀୟ କ୍ରୀଡ଼ା ଦୃଷ୍ଟିରୁ ଏହି ମାସଟି ସୁପରହିଟ୍ ରହିଛି । ଏହି ମାସର ଆରମ୍ଭ ଭାରତୀୟ ମହିଳା ଟିମ୍ ଦ୍ୱାରା ଆଇସିସି ମହିଳା ବିଶ୍ୱକପ୍ ବିଜୟରୁ ହୋଇଥିଲା । କିନ୍ତୁ ତା'ପରେ ମଧ୍ୟ ମଇଦାନରେ ଅଧିକ ଆକ୍ସନ୍ ଦେଖିବାକୁ ମିଳିଛି । କିଛିଦିନ ପୂର୍ବେ ଟୋକିଓରେ ଡିଫ୍-ଅଲିମ୍ପିକ୍ସ ହୋଇଥିଲା ଯେଉଁଠାରେ ଭାରତ ସର୍ବୋତ୍ତମ ପ୍ରଦର୍ଶନ କରି ୨୦ଟି ପଦକ ଜିତିଛି । ଆମର ମହିଳା ଖେଳାଳିମାନେ କବାଡ଼ି ବିଶ୍ୱକପ୍ ଜିତି ଇତିହାସ ସୃଷ୍ଟି କରିଛନ୍ତି । ସମଗ୍ର ଟୁର୍ଣ୍ଣାମେଣ୍ଟରେ ସେମାନେ ଉତ୍କୃଷ୍ଟ ପ୍ରଦର୍ଶନ କରି ପ୍ରତ୍ୟେକ ଭାରତୀୟଙ୍କ ମନ ଜିଣିନେଇଛନ୍ତି । ବିଶ୍ୱ ବକ୍ସିଂ କପ୍ ଫାଇନାଲରେ ମଧ୍ୟ ଆମର ଖେଳାଳିମାନଙ୍କର ପ୍ରଦର୍ଶନ ଅସାଧାରଣ ରହିଥିଲା, ଯେଉଁଥିରେ ସେମାନେ ୨୦ଟି ପଦକ ଜିତିଛନ୍ତ ।

### ପୂର୍ବ ଭାରତର...

ଉଦଯାପନୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ଏହା କହିଛନ୍ତି । ସେ କହିଥିଲେ, ଏହି ସମାବେଶ ଆମର ଏମଏସଏମଇ କ୍ଷେତ୍ରରେ ଔଦ୍ୟୋଗୀକତା ନବସୃଜନକୁ ପ୍ରୋତ୍ସାହନ ପ୍ରଦାନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ବିପୁଳ ସମ୍ଭାବନାରେ ପରିପୂର୍ଣ୍ଣ ଆମ ରାଜ୍ୟ, ଆଜି ଏମଏସଏମଇ କ୍ଷେତ୍ରରେ ଭାରତର ସବୁଠାରୁ ଆକର୍ଷଣୀୟ ରାଜ୍ୟ ଭାବରେ ଉଭା ହୋଇପାରିଛି । ଓଡିଶାର ସାଢେ ଚାରି କୋଟି ଲୋକଙ୍କ ସ୍ୱପ୍ନକୁ ବାସ୍ତବତାର ରୂପ ଦେବା ପାଇଁ ଆମ ସରକାରଙ୍କ ପ୍ରତିବଦ୍ଧତା ଯୋଗୁଁ ଏହି ପରିବର୍ତ୍ତନ ଆସିପାରିଛି । ଗତ କିଛି ବର୍ଷ ମଧ୍ୟରେ ଆମେ ଓଡ଼ିଶାରେ ଶିଳ୍ପକୁ ପ୍ରୋତ୍ସାହନ ଦେବା ପାଇଁ ଅନେକ ପଦକ୍ଷେପ ନେଇଛୁ । ଆମର ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥାରେ ମାସ ମାସ ନୁହେଁ, ବରଂ ଗୋଟିଏ ଦିନରେ ମଧ୍ୟ ପ୍ରକଳ୍ପ ଅନୁମୋଦିତ ହେଉଛି । ଚଳିତ ବର୍ଷ ଭିତ୍ତିଭୂମି ନିର୍ମାଣ ପାଇଁ ଆମ ରାଜ୍ୟ ଜିଡିପି ୬.୧ ପ୍ରତିଶତ ବିନିଯୋଗ କରାଯାଇଛି । ଯାହାକି ଭାରତରେ ସର୍ବାଧିକ ।

ଓଡ଼ିଶାର ଶିଳ୍ପାୟନର ଏହି ଯାତ୍ରାରେ ଲଘୁ ଉଦ୍ୟୋଗ ଭାରତୀର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ୯୮୦ରୁ ଅଧିକ ଶିଳ୍ପୟୁନିଟକୁ ସହାୟତା କରିବା, ନିଯୁକ୍ତି ସୃଷ୍ଟି କରିବା, ଉଦ୍ୟୋଗୀଙ୍କୁ ସହାୟତା ଦେବା ଏବଂ ଆତ୍ମନିର୍ଭର ଭାରତର ଲକ୍ଷ୍ୟରେ ନିଜର ଯୋଗଦାନ ଦେବାରେ ଏହି ଅନୁଷ୍ଠାନର ପ୍ରୟାସ, ବିଶେଷ ପ୍ରଶଂସାର ପାତ୍ର । ସାରା ବିଶ୍ୱରେ ୯୦ ପ୍ରତିଶତ ବ୍ୟବସାୟ ଏବଂ ସମସ୍ତ ନିଯୁକ୍ତିର ୫୦ ପ୍ରତିଶତ, ଲଘୁ ଶିଳ୍ପ କ୍ଷେତ୍ରରେ ହିଁ ଉପଲବ୍ଧ ହୋଇଥାଏ । ବର୍ତ୍ତମାନ ବଜାରର ୧୦ଟି ଆନୁଷ୍ଠାନିକ କ୍ଷେତ୍ରର ନିଯୁକ୍ତି ମଧ୍ୟରୁ ୭ଟି ଲଘୁ ବ୍ୟବସାୟିକ ଓ ଶିଳ୍ପ ସଂସ୍ଥାରୁ ଆସୁଛି । ତେଣୁ ଲଘୁ ବ୍ୟବସାୟଗୁଡ଼ିକ କେବଳ ଅର୍ଥନୀତିରେ ଅବଦାନ ରଖନ୍ତି ନାହିଁ, ବରଂ ସେମାନେ ଅର୍ଥନୀତିକୁ ସମୃଦ୍ଧ କରିଥାନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ପିପିଲି, ରଘୁରାଜପୁର, ସମ୍ବଲପୁର ଏବଂ ଗୋପାଳପୁରର କାରିଗରମାନେ ସାରା ବିଶ୍ୱରେ ଜଣାଶୁଣା । ଆମର ଯୁବପିଢ଼ି ଆଇଟି, ଆନିମେସନ୍, ଫିନଟେକ୍ ଏବଂ ଷ୍ଟାର୍ଟଅପରେ ଉତ୍କର୍ଷ ହାସଲ କରୁଛନ୍ତି । ଆମର ମହିଳା ନେତୃତ୍ୱାଧୀନ ଏସଏଚଜି ବିଶ୍ୱସ୍ତରୀୟ ଉତ୍ପାଦ ରପ୍ତାନି କରୁଛନ୍ତି । ସୁଭଦ୍ରା ଯୋଜନା ଆଜି ପ୍ରତ୍ୟେକ ଘରେ ଆଦୃତ । ଏହା ଗରିବ, ବିଶେଷ ଭାବେ ଗ୍ରାମାଞ୍ଚଳର ମହିଳାଙ୍କୁ ନୂଆ ସମ୍ଭାବନାର ରାସ୍ତା ଦେଖାଉଛି । ଏହି ଯୋଜନା ଯୋଗୁଁ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି ହୋଇପାରିଛନ୍ତି । ଆଗାମୀ ଦିନରେ ଆମ ରାଜ୍ୟରେ ମା'ମାନଙ୍କ ଭିତରେ ବ୍ୟବସାୟ କରିବାର ଏକ ପରମ୍ପରା ସୃଷ୍ଟି କରିବା ପାଇଁ ବାତାବରଣ ସୃଷ୍ଟି ହେବ ।

କାର୍ଯ୍ୟକ୍ରମରେ ଯୋଗ ଦେଇ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ, ସମ୍ଭାବନାର ରାଜ୍ୟ ଆଜି ବିକାଶ ପଥରେ ଅଗ୍ରସର ହେଉଛି । ସ୍ୱଦେଶୀ ଉତ୍ପାଦକୁ ପ୍ରୋତ୍ସାହିତ କରିବା, ଏମଏସଏମଇ ଗୁଡ଼ିକୁ ସଶକ୍ତ କରିବା, କାରିଗରମାନଙ୍କୁ ସହାୟତା ପ୍ରଦାନ କରିବା, କିମ୍ବା ସ୍ଥାନୀୟ ସପ୍ଲାଇ ଚେନକୁ ସୁଦୃଢ଼ କରିବା ପାଇଁ ପଦକ୍ଷେପ ଗ୍ରହଣ କରୁଛୁ । ଏହା ଆଗାମୀ କିଛି ଦିନରେ ଓଡ଼ିଶାର ମାନଚିତ୍ରକୁ ପରିବର୍ତ୍ତନ କରିଦେବ ।

କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଲଘୁ ଉଦ୍ୟୋଗ ଭାରତୀର ଅଖିଳ ଭାରତୀୟ ସଭାପତି ମଧୁସୂଦନ ଦାଦୁ, ଲଘୁ ଉଦ୍ୟୋଗ ଭାରତୀର ଅଖିଳ ଭାରତୀୟ କାର୍ଯ୍ୟକାରୀ ସମ୍ପାଦକ ପ୍ରକାଶ ଚନ୍ଦ୍ର ଲଘୁ ଉଦ୍ୟୋଗ ଭାରତୀ, ଓଡିଶାର ସଭାପତି ଗୋପାଳ ଦାସ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ ।

### ୩୭ ନକ୍ସଲଙ୍କ...

ଦାନ୍ତେୱାଡା ଏସପି ଗୌରବ ରାଏ କହିଛନ୍ତି, ଗତ ୨୦ ମାସରେ ଦନ୍ତେୱାଡାରେ ୫୦୮ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି । ସେମାନଙ୍କ ମଧ୍ୟରୁ ୧୬୫ ଜଣଙ୍କ ମୁଣ୍ଡରେ ପୁରସ୍କାର ରାଶି ରହିଥିଲା । ସୁରକ୍ଷା ଅଧିକାରୀମାନଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ୨୩ ମାସରେ ଛତିଶଗଡ଼ରେ ୨୨୦୦ରୁ ଅଧିକ ନକ୍ସଲ ଆତ୍ମସମର୍ପଣ କରିଛନ୍ତି । ସେମାନଙ୍କ ମଧ୍ୟରେ ଅନେକ ଟପ୍ ନକ୍ସଲ ନେତା ରହିଛନ୍ତି । ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶକୁ ନକ୍ସଲ ମୁକ୍ତ କରିବାକୁ କେନ୍ଦ୍ର ସରକାର ପଣ କରିଥିବା ବେଳେ ନକ୍ସଲ ବିରୋଧୀ ଅଭିଯାନକୁ ଜୋରଦାର କରାଯାଇଛ । ଫଳସ୍ୱରୂପ ବିପୁଳ ସଂଖ୍ୟାରେ ନକ୍ସଲ ଆତ୍ମସମର୍ପଣ କରୁଛନ୍ତି । ଏବେ ବି ଯେଉଁ ନକ୍ସଲମାନେ ସକ୍ରିୟ ଅଛନ୍ତି, ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ଛତିଶଗଡ଼ ସରକାର ବାରମ୍ବାର ଆହ୍ୱାନ ଦେଉଛନ୍ତି ।

## ମହାଲକ୍ଷ୍ମୀଙ୍କ ପୂଜା କରୁଥିବାବେଳେ ନିଆଁଲାଗି ଧର୍ମପରାୟଣା ମହିଳାଙ୍କ ମୃତ୍ୟୁ

ନୀଳଗିରି, (ସବ୍ୟୁ) : ପବିତ୍ର ମାର୍ଗଶିର ମାସ ଗୁରୁବାରଦିନ ମହାଲକ୍ଷ୍ମୀଙ୍କ ପୂଜା ଆରାଧନା କରୁଥିବା ସମୟରେ ନିଆଁଲାଗି ଜଣେ ମହିଳାଙ୍କ ମୃତ୍ୟୁକୁନେଇ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି । ବାଲେଶ୍ୱର ଜିଲ୍ଲାର ବିଶିଷ୍ଟ ସମାଜସେବୀ ତଥା ବଣଧୂଳିର ଫୁଲ ସାମାଜିକ ସଂଗଠନର ପ୍ରତିଷ୍ଠାତା ବିଜୟ କୁମାର ଆଚାର୍ଯ୍ୟଙ୍କ ଧର୍ମପନୀ କବିତା ଆଚାର୍ଯ୍ୟ ଏକଲା ନିଜ ଅରଡବଜାର ସ୍ଥିତ ଭଡ଼ାଘରେ ଗତ ୨୭ତାରିଖ ଗୁରୁବାର ଅବସରରେ ମହାଲକ୍ଷ୍ମୀଙ୍କୁ ପୂଜାର୍ଚ୍ଚନା କରୁଥିବାବେଳେ ଧୂପରେ ନିଆଁଲଗାଇବା ପରେ ଜଳନ୍ତା ଦିଆସିଲିକାଠିକୁ ପାଖରେ ଫିଙ୍ଗିଦେଇଥିଲେ । ଅସାବଧାନତା କାରଣରୁ ଶାଢ଼ୀରେ ନିଆଁ ଲାଗିଯାଇଥିଲା । ଚିକାର କରିଥିଲେ ହେଁ ପାଖରେ ଏକ କାଗଜ ଦୋନା ଏବଂ ଥାଳି ତିଆରି କାରଖାନା ଥିବାରୁ ଆବାଜ ନଶୁଭିବାରୁ ତାଙ୍କୁ କେହି ଉଦ୍ଧାର କରିପାରିନଥିଲେ । କିଛି ସମୟପରେ ତାଙ୍କ ରୋଷେୟା ପାଖପଡୋଶୀ ଆସି ଖବରଦେଲା ପରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ରେମୁଣାସ୍ଥିତି ମେଡିକାଲ କଲେଜ ଓ ହସ୍ପିଟାଲକୁ ନିଆଯାଇଥିଲା । ସେତେବେଳକୁ ଶରୀରର ୮୫ପ୍ରତିଶତ ପୋଡିଯାଇଥିଲା । ଅବସ୍ଥା ସଙ୍ଗୀନହେବାରୁ କଟକ ବଡ଼ମେଡ଼ିକାଲ ପରେ ଏମ୍ସ ଭୁବନେଶ୍ୱର ନିଆଯାଇଥିଲେ ହେଁ କବିତାଙ୍କ ମୃତ୍ୟୁ ହୋଇଥିଲା । କବିତାଙ୍କ ମଣଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ କରାଯାଇଥିବା ବେଳେ ତାଙ୍କର ଏକମାତ୍ର ଝିଅ ମାନସୀ ମୁଖାଗ୍ନି ଦେଇଥିଲେ । ମହିଳାଜଣକ ଜଣେ ସର୍ବଧର୍ମ ସମନ୍ୱୟର ପ୍ରତୀକ ଥିଲେ । ତାଙ୍କ ଦ୍ୱାର ସମସ୍ତଙ୍କ ପାଇଁ ଖୋଲା ରହିଥିଲା । ବିଶେଷକରି ଦୀନ,ଦରିଦ୍ର ଦୁଃଖୀଙ୍କ ପାଇଁ ସେ ମୂର୍ତ୍ତିମନ୍ତ ପ୍ରତୀକ ଥିଲେ । ଆବାଳ ବୃଦ୍ଧ ବନିତା ତାଙ୍କ ନିକଟରୁ କେହି ଖାଲିପେଟରେ ଫେରୁନଥିଲେ । ସଦାସର୍ବଦା ସମାଜସେବାରେ ବ୍ରତୀଥିବା ସ୍ୱାମୀ ବିଜୟ ଆଚାର୍ଯ୍ୟ ଏବେ ସ୍ତ୍ରୀଙ୍କ ମୃତ୍ୟୁପରେ ବେସାହାରା । ତେବେ ସ୍ତ୍ରୀ କବିତାଙ୍କ ମୃତ୍ୟୁ ପାଇଁ ବିଶେଷକରି ସ୍ୱାସ୍ଥ୍ୟବିଭାଗର ଅବ୍ୟବସ୍ଥାକୁ ଦାୟୀକରିବା ସହିତ ଆଗାମୀ ଦିନରେ ସରକାର ଏଥିପ୍ରତି ଯନିବାନ ହେବାକୁ ଦୁଃଖର ସହିତ ପ୍ରତିକ୍ରିୟା ଦେଇଛନ୍ତି ।

## ମହିଳାଙ୍କୁ ଅସଦାଚରଣ : ଜଣେ ଗିରଫ

କୁଆଖିଆ (ସବ୍ୟୁ) : ରସୁଲପୁର ବ୍ଲକ ଅନର୍ଗତ ଭୋଟକା ପଂଚାୟତ ଇଚ୍ଛାପୁର ଗ୍ରାମର ଜନୈକ ମହିଳାଙ୍କୁ ଟଣାଓଟରା ଓ ଜାତିଆଣ ଆଖ୍ୟପ କରିବା ମାମଲାରେ ଆଜି ଇଚ୍ଛାପୁର ଗ୍ରାମର ନିରଞ୍ଜନ ସାହୁ ଗିରଫ ହୋଇ ଅଦାଲତ ଚାଲାଣ ହୋଇଛନ୍ତି। କୁଆଖିଆ ପୋଲିସ କେଶ ନଂ ୪୧୭ ରେ ମାମଲା ରୁଜୁ କରି ଥାନା ଅଧିକାରୀ ଚିନ୍ମୟୀ ସାହୁ ଘଟଣା ର ତଦନ୍ତ ଜାରିରଖିଥିଲେ ୫ ଆଜି ଏହି ଘଟଣା ରେ ଇଚ୍ଛାପୁର ଗ୍ରାମର ନିରଞ୍ଜନ ସାହୁ ଙ୍କୁ ଗିରଫ କରାଯାଇ ଅଦାଲତ ଚାଲାଣ କରାଯାଇଛି।

## ବ୍ଲକସ୍ତରୀୟ ବିଜ୍ଞାନ ମେଳା : ୭ ପ୍ରକଳ୍ପ ଜିଲ୍ଲାସ୍ତରକୁ ମନୋନୀତ

ଠାକୁରମୁଣ୍ଡା,(ସବ୍ୟୁ) : ଠାକୁରମୁଣ୍ଡା ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ୨୯ ତାରିଖରେଅନୁଷ୍ଠିତ ହୋଇଯାଇଛି । ପ୍ରାଥମିକ ଓ ମାଧ୍ୟମିକ ସ୍କୁଲ ସ୍ତରରୁ ୧୫୦ ପର୍ଯ୍ୟନ୍ତ ଷ୍ଟଲ ପ୍ରଦର୍ଶନୀରେ ଭାଗ ନେଇଥିଲେ । ୫୩ ନଂ ରାଜ୍ୟ ରାଜପଥ ପାର୍ଶ ତରାମରା ଆର.ଏନ.ଏଚ ଉଚ୍ଚ ବିଦ୍ୟାଳୟ ନିକଟସ୍ଥ ମିନି ଷ୍ଟାଡିୟମ ପରିସରରେ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । ପୂର୍ବାହ୍ନରେ ଉଦଘାଟନୀ ଉତ୍ସବ ଆୟୋଜିତ ହୋଇଥିଲା । ବିଇଓ କୁଞ୍ଜ ବିହାରୀ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ସଭାରେ ବ୍ଲକ ଉପାଧ୍ୟକ୍ଷ, ତରାମରା ସରପଞ୍ଚ ବ୍ରହ୍ମାନନ୍ଦ ଦେହୁରୀ, ଜେପିଏନ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଦର୍ଶନ ରାଉତ, ଅଖାପଲାଣ ହାଇସ୍କୁଲ ପ୍ରଧାନ ଶିକ୍ଷକ ବିଷ୍ଣୁ ଚରଣ ବାରିକ,ଏବିଇଓ ଦିଲ୍ଲୀପ ଧଳ, ଠାକୁରମୁଣ୍ଡା ହାଇସ୍କୁଲ ପ୍ରଧାନ ଶିକ୍ଷକ ଲକ୍ଷ୍ମୀ ନାରାୟଣ ମହାନ୍ତ, ବିଜ୍ଞାନ ସଂଯୋଜକ ଦେବାଶିଷ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଅପରାହ୍ନରେ ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ବିଇଓ କୁଞ୍ଜ ବିହାରୀ ପ୍ରଧାନଙ୍କ ସଭାପତିତ୍ୱରେ ବିଡ଼ିଓ ସପ୍ନେଶର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜ୍ଞାନ ବିକାଶର ମାଧ୍ୟମ ବୋଲି ଅଭିହିତ କରିଥିଲେ । ମୁଖ୍ୟବକ୍ତା ଭାବେ ଠାକୁରମୁଣ୍ଡା ପ୍ରେସ କ୍ଲବ ସଭାପତି ଶରତ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରାକେଶ ରଞ୍ଜନ ଦାସ, ଥାନାଧିକାରିଣୀ ସାବିତ୍ରୀ ଦଳେଇ, ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବଳରାମ ସ୍ୱାଇଁ, ଚମ୍ପାଝର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଶାନ୍ତ ନାଏକ, ବିଜ୍ଞାନ ସଂଯୋଜକ ଦେବାଶିଷ ମଲ୍ଲିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଶିକ୍ଷକ ସାର୍ଥିକ ପଣ୍ଡା ଅତିଥି ପରିଚୟ ଓ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କାର୍ଯ୍ୟକାରୀ ସମ୍ପାଦକ ତଥା ତରାମରା ଆର.ଏନ.ଏଚ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସମର୍ଥ ଶିବିର

ମୋରଡା,(ସବ୍ୟୁ): ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ଚିତ୍ରଡା ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଦିନ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଆୟଜିତ ଶିବିରରେ ମୁଖ୍ୟ ଅତିଥି ଭାବେ ମୋରଡା ବିଧାୟକ ତଥା ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ । ବିଡ଼ିଓ ଅଣାକର ନାଏକ,ସମିତି ସଭ୍ୟ ସୁକୁଲ ମୁର୍ମୁ, ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ ପ୍ରମୁଖ ଶିବିର ଉଦଘାଟନ କରିଥିଲେ । ଉକ୍ତ ଶିବିରରେ ଭିନ୍ନକ୍ଷମଙ୍କ ନିମନ୍ତେ, ମିଶନ କ୍ଷମତା, କୃଷି ବିଭାଗ, ସାଧରଣ ବଣ୍ଟନ ବିଭାଗ, ତହସିଲ, ରୁରାଲ ହାଉସିଂ, ଡିଆରଆଇ ଲୋନ, ବାଣିଶ୍ରୀ ସ୍କୋଲାରସିପ, ପ୍ରାଥମିକ ଚିକିତ୍ସା, ସୂଚନା କେନ୍ଦ୍ର, ଭତ୍ତା ବିଭାଗ ଓଡିଶା ସୂଚନା ଅଧିକାର ଅଭିଯାନ ବିଭାଗ ସହିତ ମହିଳା ଓ ପୁରୁଷ ପଞ୍ଜିକରଣ ଷ୍ଟଲ ଖୋଲା ଯାଇଥିଲା । କାର୍ଯ୍ୟକ୍ରମରେ ବ୍ଲକ ଅଧିକାରୀ ମାନଙ୍କ ସହିତ ଚିତ୍ରଡା ମହାବିଦ୍ୟାଳୟର ଏନଏସଏସ, ଯୁବ ରେଡ କ୍ରସ, ସ୍କାଉଟ ଗାଇଡ଼ ଛାତ୍ରୀଛାତ୍ର ମାନେ ସହଯୋଗ କରିଥିଲେ । ଉକ୍ତ ଶିବିରରେ ମୋଟ ୬୩୧ ଭିନ୍ନକ୍ଷମ ପଞ୍ଜିକରଣ କରିଥିବା ବେଳେ ୩୯୫ ଦିବ୍ୟାଙ୍ଗ ପ୍ରମାଣପତ୍ର,ବସ ପାସ ୯୧ ଜଣ, ଆୟ ପ୍ରମାଣପତ୍ର ୧୨୧,ଗ୍ରାମୀଣ ବାସଗୃହ ୨୨,ମଧୁବାବୁ ପେନସନ ପାଇଁ ୧୧୨ ଜଣ, ବାଣିଶ୍ରୀ ବୃଦ୍ଧି ୧୦ ଜଣ, ଦକ୍ଷତା ବିକାଶ ପ୍ରମାଣପତ୍ର ପାଇଁ ୨ ଜଣ ଆବେଦନ କରିଛନ୍ତି ।

## ଲୋକନୃତ୍ୟରେ "ଇନ୍ଦ୍ରଧନୁ' ରାଜ୍ୟସ୍ତରକୁ ମନୋନୀତ

କେନ୍ଦୁଝର,(ସବ୍ୟୁ) : ଗତ ୨୬ ଓ ୨୭ ତାରିଖ ଦୁଇଦିନ ଧରି ଜିଲ୍ଲା ପ୍ରେକ୍ଷାଳୟରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ତଥା କେନ୍ଦୁଝର ଜିଲ୍ଲା ପ୍ରଶାସନର ମିଳିତ ଆନୁକୁଲ୍ୟରେ ଆୟୋଜିତ ହେଇଥିବା ଯୁବୋତ୍ସବ - ୨୦୨୫ରେ ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ "ଇନ୍ଦ୍ରଧନୁ' ଲୋକନୃତ୍ୟ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରି ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ଯୁବ ମହୋତ୍ସବରେ ଭାଗନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଜିଲ୍ଲାର ବିଭିନ୍ନ ବ୍ଲକରୁ ସ୍କୁଲ, କଲେଜ ତଥା ଅନ୍ୟ ନୃତ୍ୟ ଅନୁଷ୍ଠାନକୁ ମିଶେଇ ପ୍ରାୟ ୨୫ ଗୋଟି ନୃତ୍ୟ ଦଳ ଏହି ଯୁବୋତ୍ସବ-୨୦୨୫ରେ ଭାଗ ନେଇଥିଲେ । ସମସ୍ତଙ୍କୁ ପଛରେ ପକାଇ ଇନ୍ଦ୍ରଧନୁ ଚମ୍ପିୟାନ ଆଖ୍ୟା ହୋଇପାରିଛି । ଗତବର୍ଷ ରାଜ୍ୟ ସ୍ତରୀୟ ଯୁବ ମହୋତ୍ସବରେ ମଧ୍ୟ ଇନ୍ଦ୍ରଧନୁ ଜିଲ୍ଲା ପାଇଁ ପ୍ରତିନିଧି କରି ଅନେକ ସୁନାମ ଆଣିଦେଇଥିଲା । କେନ୍ଦୁଝରରେ ପ୍ରସିଦ୍ଧ ନୃତ୍ୟଗୁରୁ ତଥା ଇନ୍ଦ୍ରଧନୁର ଅଧକ୍ଷା ଗୁରୁ ଶୁଭଶ୍ରୀ ପଟ୍ଟନାୟକ ଏବଂ ମାଷ୍ଟର ସାତ୍ତ୍ୱମ ରେଡ୍ଡୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପିଲାମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡା

କେନ୍ଦୁଝର, (ସବ୍ୟୁ): ସ୍ଥାନୀୟ ଜେଲରୋଡସ୍ଥିତ ସରସତୀ ଶିଶୁ ବିଦ୍ୟା ମନ୍ଦିର ଓ ବିଦ୍ୟା ମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କେନ୍ଦୁଝରଗଡର ୩୯ ତମ ବାର୍ଷିକ କ୍ରୀଡା ଉତ୍ସବ ୨୦୨୫ ସ୍ଥାନୀୟ ଷ୍ଟାଡିୟମ ପଡିଆରେ ଉଦଯାପିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାୟକ ଯୋଗ ଦେଇ ଶିଶୁମାନଙ୍କ ମନରେ ସର୍ବଦା ଖେଳୁଆଡ ମନୋଭାବ ରହିବା ଆବଶ୍ୟକ ବୋଲି ନିଜ ବକ୍ତବ୍ୟରେ କହିଥିଲେ । ଅନ୍ୟତମ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା ସମିତିର ସଂପାଦକ ସୁଧାଂଶୁ ଶେଖର ପଣ୍ଡା ଉପସ୍ଥିତ ଥିଲେ । ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଦୁଇ ଦିନ ଧରି ଚାଲିଥିବା ଏହି କ୍ରୀଡାରେ ମୋଟ ୬୦ଟି ଖେଳରେ ଭାଇ ୭୧୫ଜଣ ଓ ଭଉଣୀ ୬୯୫ ଜଣ ଭାଗ ନେଇଥିଲା ବେଳେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଉଦଯାପନି ସମାରୋହରେ ଶିଶୁଙ୍କ ଦ୍ୱାରା ନୃତ୍ୟ, ପିରାମିଡ, ବ୍ୟାୟାମ ଯୋଗ, ଡମ୍ବରୁଯୋଗ, ସୂର୍ଯ୍ୟ ନମସ୍କାର ଆଦି ପ୍ରଦର୍ଶନ କରିଥିଲେ । ବିଦ୍ୟାଳୟ କ୍ରୀଡା ଶିକ୍ଷକ ବିରଂଚି ନାରାୟଣ ମହାନ୍ତ ବାର୍ଷିକ କ୍ରୀଡା ବିବରଣୀ ପଠନ କରିଥିବା ବେଳେ ଅନ୍ୟ ସମସ୍ତ ଗୁରୁଜୀଗୁରୁମା, ସେବକସେବିକା ସହଯୋଗ କରିଥିଲେ ।

## ଶିକ୍ଷା ବିଭାଗର ତିନୋଟି ଦାୟିତ୍ୱରେ ଜଣେ ଅଧିକାରୀ : ସରକାର ନୀରବ

କୁଜଙ୍ଗ (ସବ୍ୟୁ) ଜଗତ୍‌ସିଂହପୁର ଜିଲ୍ଲାର ଶିକ୍ଷା ବିଭାଗରେ କେତେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଜଣେ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି । ଏଥିନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଗତ ଚବିଶ ମସିହା ଫେବୃୟାରୀ ମାସଠାରୁ କୁଜଙ୍ଗ ବ୍ଲକ୍ ବିଇଓ ଓ ଏହିବର୍ଷ ଆଠମାସ ହେବ ତିର୍ତ୍ତୋଲ ବ୍ଲକ୍ ବିଇଓ ଭାବେ କୁଜଙ୍ଗ ବନବିହାରି ଶତାୟୁ ଶିକ୍ଷାନୁଷ୍ଠାନର ପ୍ରଧାନ ଶିକ୍ଷକ ମନୋଜ ବେହରାଙ୍କୁ ଏହି ତିନି ଦାୟିତ୍ୱରେ ନିଯୁକ୍ତି ମିଳିଛି । ବନବିହାରୀ ହାଇସ୍କୁଲ୍‌ରେ ସାତଶହ ଷାଠିଏ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ଏହା ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷାନୁଷ୍ଠାନ ହୋଇଥିବାବେଳେ ରାଜ୍ୟ ଶିକ୍ଷା ବିଭାଗର ବହୁ ପରୀକ୍ଷା ଏହି ସ୍କୁଲ୍‌ରେ ଅନୁଷ୍ଠିତ ହେଉଛି । ଏହା ସହିତ ସ୍କୁଲ୍ ପିଲାମାନଙ୍କର ବିଜ୍ଞାନମେଳା, ଚିତ୍ରାଙ୍କନ ପ୍ରତିଯୋଗୀତା, ସାହିତ୍ୟ କାର୍ଯ୍ୟକ୍ରମ ଓ ବିଭିନ୍ନ ଆନୁଷ୍ଠାନିକ କାର୍ଯ୍ୟଗୁଡିକ ସମ୍ପନ୍ନ ହେଉଛି । ବନବିହାରୀ ହାଇସ୍କୁଲ୍‌ରେ କିଛି ସମୟ କାର୍ଯ୍ୟକରି ପଙ୍କପାଳଠାରେ କୁଜଙ୍ଗ ବିଇଓ ଓ ଏଠାରୁ ତେର କିଲୋମିଟର ଗଲେ ପଡୁଛି ତିର୍ତ୍ତୋଲ ବିଇଓ ଅଫିସ୍ । ଏହି ସମସ୍ତ କାର୍ଯ୍ୟଗୁଡିକୁ ଜଣେ ଅଧିକାରୀ କିପରି କାର୍ଯ୍ୟକାରି କରିପାରୁଛନ୍ତି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସରକାରଙ୍କ କାର୍ଯ୍ୟାଦେଶକୁ ଯଥା ସମ୍ମାନ ଦେଇ ଜଣେ ଅଧିକାରୀ କୌଣସି ପ୍ରତ୍ୟୁତର ନ କରି ତିନୋଟି ଅଫିସ୍‌ର ଅଧିକାରୀ ଭାବେ କାର୍ଯ୍ୟ ତୁଲାଉଛନ୍ତି । ସମସ୍ତ କାର୍ଯ୍ୟ ସାରି ନିଜ ଘରକୁ ରାତିରେ କୁଜଙ୍ଗ ଫେରିଆସିବାକୁ ପଡୁଛି ବୋଲି ଶ୍ରୀ ବେହେରାଙ୍କୁ ଟେଲିଫୋନ୍ ଯୋଗେ ସାକ୍ଷାତ୍ କାରରେ ସେ ପ୍ରକାଶ କରିଛନ୍ତି । ଏପରିକି ନିଜ ପରିବାର କଥା ବୁଝିବା ପାଇଁ ତାଙ୍କ ପାଖରେ ସମୟ ନାହିଁ ବୋଲି ସେ କହିଛନ୍ତି । ନୂଆ ସରକାର ଆସିବା ପରେ ଏହି ପଦବୀରେ ନିଯୁକ୍ତିରେ କୌଣସି ପରିବର୍ତନ ହେବା ବଦଳରେ ଅଧିକ ଦାୟିତ୍ୱ ତାଙ୍କୁ ଦିଆଯାଇଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି । କୁଜଙ୍ଗ ବନବିହାରୀ ହାଇସ୍କୁଲ ଏ ଗ୍ରେଡ୍ ସ୍କୁଲ୍ ହୋଇଥିବା ବେଳେ ଏହାର ପ୍ରଧାନ ଶିକ୍ଷକ ଏବେ ଆହୁରି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଉଛନ୍ତି । ଏପଟେ ବନବିହାରୀ ହାଇସ୍କୁଲ୍ ପରିଚାଳନା ପାଇଁ ସହକାରୀ ଶିକ୍ଷକମାନେ ବାଧ ହୋଇ ଦାୟିତ୍ୱ ତୁଲାଉଛନ୍ତି । ରାଜ୍ୟ ସରକାର ଏ ଦିଗରୁ ଦୃଷ୍ଟି ଦେଇ ତୁରନ୍ତ କୁଜଙ୍ଗ ଓ ତିର୍ତ୍ତୋଲରେ ଦୁଇଜଣ ବିଇଓଙ୍କୁ ନିଯୁକ୍ତି ଦେବାକୁ ଦାବି ହେବା ସଂଗେସଂଗେ କୁଜଙ୍ଗ ହାଇସ୍କୁଲ୍‌ର ପ୍ରଧାନ ଶିକ୍ଷକଙ୍କୁ ତାଙ୍କ ସ୍ଥାନକୁ ଫେରାଇ ଆଣିବାକୁ ମତପ୍ରକାଶ ପାଇଛି ।

## ସଦର ଥାନା ଆଖପାଖ ଅଞ୍ଚଳରେ ଲୁଟେରା ଗ୍ୟାଙ୍ଗ ସକ୍ରିୟ

ବାଲେଶ୍ୱର, (ସବ୍ୟୁ) : ବାଲେଶ୍ୱର ସଦର ଥାନାର ଆଖପାଖ ଅଞ୍ଚଳରେ ପଥଚାରୀଙ୍କୁ ବିଭିନ୍ନ ସମୟରେ ଲୁଟୁଥିବା ଗ୍ୟାଙ୍ଗ ଏବେ ସକ୍ରିୟ ଥିବାରୁ ରାତ୍ରି ସମୟରେ ଯାତାୟତ ପାଇଁ ଲୋକେ ସୁରକ୍ଷିତ ମଣୁ ନାହାଁନ୍ତି । ଘଟଣାରୁ ପ୍ରକାଶ ଗତ ୨୬ ତାରିଖ ରାତି ପ୍ରାୟ ୨ଟାରେ ହିନ୍ଦୀ ଖବର କାଗଜର ସାମ୍ବାଦିକ ଗୋବିନ୍ଦ ରାଠୀ ଏବଂ ତାଙ୍କର ବନ୍ଧୁ ଚିରାଗ ଚୌହାନ୍ ଏକ କାର୍ ଯୋଗେ ନିଜର କାର୍ଯ୍ୟ ଶେଷ କରି ସେରଗଡ଼ ପଟରୁ ବାଲେଶ୍ୱର ସହର ଅଭିମୁଖେ ଆସୁଥିବା ସମୟରେ ମେମ୍ସ ଇଂଜିନିୟରିଂ କଲେଜ ପାଖରେ ୨ ଜଣ ଯୁବକ ବାଇକ୍ ଅଟକାଇ ଛିଡ଼ାହୋଇ କଥାବାର୍ତ୍ତା କରୁଥିଲେ । କାର୍‌ଟି ଯେତେବେଳେ ସେମାନଙ୍କ ନିକଟତର ହେଲା ହଠାତ୍ ବାଇକ୍ ପାଖରେ ଛିଡ଼ା ହୋଇଥିବା ୨ଜଣ ଯୁବକ ମଧ୍ୟରୁ ଜଣେ ରାସ୍ତା ଉପରେ ଶୋଇପଡ଼ି କାରକୁ ଅଟକାଇବା ପାଇଁ ଏକ କୌଶଳ ପ୍ରୟୋଗ କରିଥିଲେ । ମାତ୍ର ଶ୍ରୀ ରାଠୀ ଏବଂ ତାଙ୍କର ବନ୍ଧୁ ସମ୍ପୃକ୍ତ ଅଞ୍ଚଳରେ ରାତ୍ରୀ ସମୟରେ କାର୍ ଏବଂ ଟ୍ରକ୍ ଇତ୍ୟାଦିକୁ ଅଟକାଇ ଲୁଟପାଟ ହେଉଥିବା ଘଟଣା ବିଷୟରେ ଅବଗତ ଥିବାରୁ ସେମାନେ କାର୍ ନ ଅଟକାଇ ଦୃତଗତିରେ ରାସ୍ତା ପାଶ୍ୱର୍ ଦେଇ ପଳାଇ ଆସିଥିଲେ । କାର୍ ଅଟକାଇଥିଲେ ସେମାନଙ୍କୁ ଲୁଟେରାମାନେ ଲୁଟ କରିଥାନ୍ତେ ବୋଲି ଶ୍ରୀ ରାଠୀ ପ୍ରକାଶ କରିଛନ୍ତି । ତେବେ ସେ ତୁରନ୍ତ ଏବାବରେ ଥାନା ଅଧିକାରୀ ଏବଂ ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ଅବଗତ କରାଇଛନ୍ତି । ଏଠାରେ ସୂଚନା ଯୋଗଯ ସଦର ଥାନା ଆଖପାଖ ଅଞ୍ଚଳରେ ବିଳମ୍ବିତ ରାତିରେ ନିୟମିତ ଭାବରେ ଏତାଦୃଶ ଯାତ୍ରୀଙ୍କୁ ବିଭିନ୍ନ ମାରାଣାସ୍ତ୍ର ଦେଖାଇ ଲୁଟ ଘଟଣା ଘଟି ଚାଲିଥିବାରୁ ପୁଲିସ ପ୍ରଶାସନ ଏଥିପ୍ରତି ସତର୍କ ହେବା ପାଇଁ ସାଧାରଣରେ ଦାବି ହେଉଛି ।

## ୪୩୩ ଜଣ ନିର୍ମାଣ ଶ୍ରମିକଙ୍କୁ ୨ କୋଟି ୧୭ ଲକ୍ଷ ୬୦ହଜାର ଟଙ୍କା ପ୍ରଦାନ

ଯାଜପୁରସଦର (ସ.ବ୍ୟୁ)- ଯାଜପୁର ଜିଲ୍ଲା ପ୍ରଶାସନ ତରଫରୁ ୪୩୩ ଜଣ ନିର୍ମାଣ ଶ୍ରମିକଙ୍କୁ ୨କୋଟି ୧୭ଲକ୍ଷ ୬୦ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଯାଜପୁର ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କରଙ୍କ ଅନୁମୋଦନ କ୍ରମେ ଗତ ତା- ୨୯/୧୧/୨୦୨୫ରିଖରେ ମୃତ୍ୟୁକାଳୀନ ସହାୟତା ବାବଦରେ ୪୯ଜଣଙ୍କୁ ୧କୋଟି ୩୯ଲକ୍ଷ ,ଅଂେଷ୍ଟି କ୍ରୀୟା ସହାୟତା ବାବଦରେ ୪୯ଜଣଙ୍କୁ ୨ଲକ୍ଷ ୪୦ହଜାର ଟଙ୍କା ,ଶିକ୍ଷା ସହାୟତା ବାବଦରେ ୨୧୮ ଜଣଙ୍କୁ ୧୯ଲକ୍ଷ ୬୬ହଜାର,ବିବାହ ସହାୟତା ବାବଦରେ ୧୧୨ ଜଣଙ୍କୁ ୫୬ଲକ୍ଷ ଟଙ୍କା, ପ୍ରସୁତୀକାଳୀନ ସହାୟତା ବାବଦରେ ୬ଜଣଙ୍କୁ ୬୦ହଜାର ଟଙ୍କା ର ସହାୟତା ରାଶି ବୋର୍ଡ ତରଫରୁ ଜିଲା ଶ୍ରମ ଅଧିକାରୀଙ୍କ ଦ୍ୱାରା ଅନଲାଇନ୍ ମାଧ୍ୟମରେ ବଂଟନ କରାଗଲା।

T-107

### ଓଡ଼ିଶା ସରକାର
### ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
### ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ
### ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସପ୍ତଦଶ ବିଧାନସଭାର ପଞ୍ଚମ ଅଧିବେଶନ ବଳବତ୍ତର ଥିବା ହେତୁ ଆସନ୍ତା ସୋମବାର, ଇଂରାଜୀ ତା ୦୧/୧୨/୨୦୨୫ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR-09014/11/0205/2526

### ସତ୍ୟପାଠ

ନୋଟାରୀ ପବ୍ଲିକ୍, ବଣ୍ଡିଖୋଲଙ୍କ ନିକଟରେ ତା.୧୫.୧୧.୨୦୨୫ ରେ ଏକ ସତ୍ୟପାଠ ଦ୍ୱାରା ମୁଁ ମାନସ ରଞ୍ଜନ ସାହୁ, ବୟସ ପ୍ରାୟ ୪୧ ବର୍ଷ, ପିତା: ୰ ନନ୍ଦ କିଶୋର ସାହୁ, ବାସସ୍ଥାନ ଠିକଣା- ଗ୍ରାମ/ପୋ: ସିହା, ଥାନା: ବଡ୍‌ଚଣା, ଜିଲ୍ଲା: ଯାଜପୁର, ଏତଦ୍ୱାରା ଜଣାଇ ଦେଉଅଛି ଯେ, ମୁଁ ଗତ ତା.୧୪.୧୧.୨୦୨୫ ରେ ଘରକୁ ଯାଉଥିବା ବେଳେ ଧାନମଣ୍ଡଳ ବଜାର ଠାରେ ମୋର ପଞ୍ଜୀକୃତ ବିକ୍ରୟ ଦଲିଲଟି ହଜିଯାଇଛି । ଯାହାକୁ ମୁଁ ମୋର ସମସ୍ତ ଚେଷ୍ଟା ସତ୍ତ୍ୱେ ଖୋଜି ପାଇପାରିଲି ନାହିଁ । ଡକ୍ୟୁମେଣ୍ଟର ବିବରଣୀ: ଖାତା ନଂ.: ୮୮, ପ୍ଲଟ୍ ନଂ. ୫୬୭, କ୍ଷେତ୍ର: ଏକର୦.୧୨ ଡିସିମିଲି, ମୌଜା: ଖଣ୍ଡିଆବନ୍ଧୀ ର ପଞ୍ଜୀକୃତ ବିକ୍ରୟ ଦଲିଲ ।

ମାନସ ରଞ୍ଜନ ସାହୁ

O-1487

**NATIONAL COMPETITIVE BIDDING THROUGH e-Procurement**

**Tel. No.06752222092, e-mail id-eerwpuri@gmail.com**

**TCN NO. TENDER ONLINE - 12 OF 2025-26**

No. 9060 /Dt. 13.11.2025

The Superintending Engineer, Rural Works Division, Puri on behalf of Government of Odisha invites percentage rate tenders through e-procurement for 20 Nos. of work for the year 2025-26 in the District of Puri.

1. Total no. of works: **20 nos.**
2. Tender cost of packages: Amount varies from **Rs.51.08 lakh to Rs.64.44 lakh.**
3. Class of contractor: **As per DTCN.**
4. Period of completion: **5 (Five) Calendar months.**
5. Period of availability of tenders on-line/ Date & time of bidding on-line/ last date of seeking clarification/ Date of opening of tender papers.

| Procurement Officer | Bid identification No. | Availability of tender on-line for bidding | | Last date & time of seeking tender clarification | Date, time & venue of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division, Puri. | Online- 12 | 05.12.2025 at 11.00 A.M. | 20.12.2025 up to 5.00 P.M. | 19.12.2025 up to 01.30 P.M. | 22.12.2025 at 12.00 Noon Office of the S.E., R.W. Division, Puri. | Will be intimated to qualified bidders through the website later |

6. Other details can be seen in the bidding documents, which is available in website "https://tendersodisha.gov.in".

Superintending Engineer,
R.W.Division, Puri

OIPR-25065/11/0030/2526

A-1022

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**UPPER INDRAVATI LEFT CANAL DIVISION NO-II,DHARAMGARH,KALAHANDI,ODISHA**
Email: eeuilcdii@gmail.com
**NOTICE INVITATION FOR BIDS (NIFB)**
**e-Procurement Notice No: SE/UILCD-II-03/2025-26 (01-03)**

1. Type/Nature of work: **Civil Works**
2. Total No. of works: **3 (Three) Nos.**
3. Approx. value of works: **Varies from 7.71 lakh(s) to 20.92 lakh(s) Excluding GST**
4. Period of completion: **03 months and 04 months (As per DTCN)**
5. Classification of bidders: **D or C or B (As per DTCN)**

**Other details as follows:**

| Procurement Officer. | e-Procurement Notice No. | Availability & Submission of bids in online. | | Date & time of opening of tender. |
|---|---|---|---|---|
| | | From | To | |
| 1 | 2 | 3 | 4 | |
| Superintending Engineer, UI Left Canal Division No-II, Dharamgarh, Dist-Kalahandi. | SE/UILCD-II-03/2025-26 (01-03) for 03 (Three) Nos. of works. | 02.12.2025 At 10.00 A.M | 11.12.2025 Up to 5.30PM. | 12.12.2025 At 11.30A.M |

N.B: Further details can be seen from the e-procurement portal www.tendersodisha.gov.inAny addendum/ Corrigendum/ Cancellation to the above notice will be published in the Govt. website www.tendersodisha.gov.in

-Sd-
Superintending Engineer,
U.I.L.C.D.No.II,Dharamgarh

OIPR-32483/11/0004/2026

# ଓଷ୍ଟା ପକ୍ଷରୁ ମେଧା ଅନ୍ୱେଷଣ ପରୀକ୍ଷା

କଟକ, (ସବ୍ୟୁ): ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଆନୁକୁଲ୍ୟରେ ରାଜ୍ୟବ୍ୟାପୀ ୨୯ଟି ଜିଲ୍ଲାର ୧୦୪ଟି ପରୀକ୍ଷା କେନ୍ଦ୍ରରେ ଓଷ୍ଟା ମେଧା ଅନ୍ୱେଷଣ ପରୀକ୍ଷା ସମାହିତ ହୋଇଯାଇଛି । ସମଗ୍ର ରାଜ୍ୟର ନବମ ଶ୍ରେଣୀରେ ପଢୁଥିବା ଯୋଗ୍ୟ ବିବେଚିତ ୧୦୭୨୯ ଜଣ ଛାତ୍ରଛାତ୍ରୀ ଏହି ମେଧା ଅନ୍ୱେଷଣ ପରୀକ୍ଷାରେ ଅଂଶ ଗ୍ରହଣ କରିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଅଷ୍ଟମ ଶ୍ରେଣୀରେ ୬୦%ରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ଛାତ୍ରଛାତ୍ରୀମାନେ ଏହି ପରୀକ୍ଷା ଦେବା ପାଇଁ ଯୋଗ୍ୟବିବେଚିତ ହୋଇଥାନ୍ତି । ଉକ୍ତ ପରୀକ୍ଷାରେ ସାହିତ୍ୟ, ଇଂରାଜୀ, ଗଣିତ, ସାଧାରଣ ଜ୍ଞାନ, ସାମାଜିକ ବିଜ୍ଞାନ, ସାଧାରଣ ବିଜ୍ଞାନ ଓ ମାନସିକ ଦକ୍ଷତା ଆଦି ବିଷୟରେ ମୋଟ୍ ୧୦୦ ଗୋଟି ବହୁଗୁଣିତ ମନୋନୀତ ପ୍ରଶ୍ନ ଆସିଥାଏ । ମେଧା ଅନ୍ୱେଷଣ ପରୀକ୍ଷା ୨୦୨୫ର ଫଳ ଆଗାମୀ ରାଜ୍ୟସ୍ତରୀୟ ଶିଶୁମେଳା ଅବସରରେ ପ୍ରକାଶିତ ହେବ । ଉକ୍ତ ପ୍ରତିଯୋଗିତାରେ ଶ୍ରେଷ୍ଠ ୧୦୦ ଜଣ କୃତୀ ପ୍ରତିଯୋଗିଙ୍କୁ ରାଜ୍ୟ ଓଷ୍ଟାର ସମ୍ମିଳନୀ କକ୍ଷରେ ଏକ ସ୍ୱତନ୍ତ୍ର ଉତ୍ସବ ଆୟୋଜନ କରାଯାଇ ବୃତ୍ତି ରାଶି ୩୦୦୦ ଟଙ୍କା, ଆକର୍ଷଣୀୟ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥାଏ ।

ପ୍ରିୟ ଛାତ୍ରଛାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଓଷ୍ଟାର ଏହି ଲୋକାଭିମୁଖୀ ମେଧା ଅନ୍ୱେଷଣ କାର୍ଯ୍ୟକ୍ରମ ସଫଳତାର ସହ ସଂପନ୍ନ ହୋଇଥିବାରୁ ଓଷ୍ଟାର ସମସ୍ତ ପଦାଧିକାରୀ, ଜିଲ୍ଲା ସଂପାଦକ, ବ୍ଲକ୍ ସଂପାଦକ, ଓଷ୍ଟାର ଅନ୍ୟାନ୍ୟ କର୍ମକର୍ତ୍ତା, ପରୀକ୍ଷା କେନ୍ଦ୍ର ପରିଚାଳକ, ପର୍ଯ୍ୟବେକ୍ଷକ ଏବଂ ପରୀକ୍ଷାରେ ସହଯୋଗ କରିଥିବା ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ତଥା ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କୁ ଓଷ୍ଟା ପକ୍ଷରୁ ସର୍ବଶ୍ରୀ ଅକ୍ଷୟ କୁମାର ମିଶ୍ର, ନୀଳମଣି ପୁରୋହିତ, ରଞ୍ଜନ କୁମାର ଦାଶ, ବ୍ରଜକିଶୋର ବିଶ୍ୱାଳ, ଅଶୋକ କୁମାର ମହାପାତ୍ର, ଶଙ୍କର କୁମାର ସୁବୁଦ୍ଧି ଓ ପ୍ରଣବ କୁମାର ଜେନା ପ୍ରମୁଖ କୃତଜ୍ଞତା ଜ୍ଞାପନ କରିବା ସହ ସାଧୁବାଦ ଜଣାଇଛନ୍ତି । ପରିଶେଷରେ ସମସ୍ତ ପରିକ୍ଷାର୍ଥୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

# ବିଶ୍ୱ ଏଡସ ଦିବସ, ୨୪ବର୍ଷରେ ୩୧୫ଜଣଙ୍କ ମୃତ୍ୟୁ

ଖୋର୍ଦ୍ଧା, (ସବ୍ୟୁ): ଡିସେମ୍ବର ୧ ବିଶ୍ୱ ଏଡସ ଦିବସ । ସ୍ୱାସ୍ଥ୍ୟକ୍ଷେତ୍ରରେ ବିଶେଷ ଉନ୍ନତି ଘଟିଥିଲେ ମଧ୍ୟ ଏଡସ ନିରାକରଣ ଦିଗରେ ଏଯାବତ୍ ଔଷଧ ଆବିଷ୍କାର କରିବାରେ ସଫଳ ହୋଇପାରିନାହାନ୍ତି । ଖୋର୍ଦ୍ଧା ଜିଲାରେ ଗତ ୨୦୦୨ରୁ ୨୦୨୫ ଅକ୍ଟୋବର ସୁଦ୍ଧା ୨୪ବର୍ଷ ମଧ୍ୟରେ ୨୦ଲକ୍ଷ ୩୯ ହଜାର୧୬୪ଜଣଙ୍କୁ କାଉନସିଲିଂ କରାଯାଇଥିବା ବେଳେ ସମସ୍ତଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଛି । ସେଥିରୁ ୫୨୫୪ ଜଣ ପଜିଟିଭି ଚିହ୍ନଟ ହୋଇଛନ୍ତି । ତେବେ ୩୧୫ଜଣଙ୍କ ମୃତ୍ୟୁ ଘଟିଥିବା କିଶୋର କୁମାର କାନୁନଗୋ ସୂଚନା ଦେଇଛନ୍ତି । ପ୍ରତିବର୍ଷ ଏଡସ ସଚେତନତା ଲାଗି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କୋଟି କୋଟି ଶ୍ରାଦ୍ଧ କରୁଛନ୍ତି । ଅଥଚ ଫଳାଫଳ ଶୂନ । କ୍ରମାଗତ ଭାବେ ରୋଗୀଙ୍କ ମୃତ୍ୟୁ ସଂଖ୍ୟା ବଢିବାରେ ଲାଗିଛି । ପ୍ରତିବର୍ଷ ଜିଲାରେ ଏଡସ ରୋଗୀଙ୍କ ମୃତ୍ୟୁହାର ବଢି ଚାଲିଛି । ଏଡସ୍ ସଚେତନତା କେବଳ ସଭା,ସମିତି, ଶୋଭାଯାତ୍ରା, ମାରାଥାନାରେ ସୀମିତ ରହିଛି । ଜିଲା ପ୍ରଶାସନର ଅବହେଳା ତଥା ସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱହୀନତା ଏଥିଲାଗି ଉତର ଦାୟୀ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଅନ୍ୟପଟେ ଏଡସ ଚିହ୍ନଟ ରୋଗୀଙ୍କୁ ଦିଆଯାଉଥିବା ମାସିକ ଭତା ଠିକ୍ ସମୟରେ ଦିଆଯାଉନଥିବା ଅନେକ ରୋଗୀ ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି । ଜିଲା ପ୍ରଶାସନ ର ଆନ୍ତରିକତା ଅଭାବ ଏବଂ ସ୍ଥାନୀୟ ସ୍ତରରେ ପ୍ରଶାସନିକ ଦାୟିତ୍ୱହୀନତାରୁ ଦୀର୍ଘ ବର୍ଷ ଧରି ଏହି ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ଭତା ଏବଂ ଅନ୍ୟାନ୍ୟ ସୁବିଧା ଦେବାରେ ଅବହେଳା କରାଯାଉଛି ବୋଲି ଅଭିଯୋଗ କରିଛନ୍ତି ।



ବାଙ୍କୀ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠର ଶତବାର୍ଷିକ ଉତ୍ସବ ଉପଲକ୍ଷେ ଶିକ୍ଷକ ଓ କର୍ମଚାରୀଙ୍କୁ କମିଟି ସଭାପତି ଭବାନୀ ପଣ୍ଡିତ ଓ ସଂଯୋଜକ ନୀଳମଣି ତ୍ରିପାଠୀଙ୍କ ଦ୍ୱାରା ପୁରସ୍କାର ବିତରଣ ।

## ୨୬ତମ ବିଜ୍ଞାନ ଓ ପରିବେଶ କଂଗ୍ରେସ ଉଦ୍‌ଯାପିତ

# ନିରନ୍ତର ବିକାଶ ହାସଲରେ ବିଜ୍ଞାନ ଅଗ୍ରଣୀ ଭୂମିକା ଗ୍ରହଣ କରୁ

ଭୁବନେଶ୍ୱର, (ସବ୍ୟୁ) ଓଡ଼ିଶା ପରିବେଶ ସମିତି ଏବଂ କିଟ୍ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ବିଶ୍ୱବିଦ୍ୟାଳୟ ଅଡିଟୋରିୟମ୍‌ରେ ଆୟୋଜିତ ୨୬ତମ ଓଡ଼ିଶା ବିଜ୍ଞାନ ଏବଂ ପରିବେଶ କଂଗ୍ରେସ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଘାଟନୀ ସମାରୋହ ପରେ, ଭାରତ ସରକାରଙ୍କ ପୂର୍ବତନ ସଚିବ ଡ. ଅରୁଣ କୁମାର ରଥ 'ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡ଼ିଜି): ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାରେ ନବସୃଜନ' ବିଷୟବସ୍ତୁ ଉପରେ ମୁଖ୍ୟବକ୍ତା ରୂପେ ଅଭିଭାଷଣ ପ୍ରଦାନ କରିଥିଲେ । ବିଭିନ୍ନ ଅଧିବେଶନରେ ବେଙ୍ଗାଲୁରୁର ଭାରତୀୟ ଉଦ୍ୟାନ କୃଷି ଗବେଷଣା ଅନୁଷ୍ଠାନର ନିର୍ଦ୍ଦେଶକ ଡ. ତୁଷାରକାନ୍ତି ବେହେରା, ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ପ୍ରଫେସର ଦୀନବନ୍ଧୁ ସାହୁ, ଗ୍ରୀଡକୋର ପୂର୍ବତନ ଏମ୍‌ଡି ତ୍ରିଲୋଚନ ପଣ୍ଡା, ବେଲଜିୟମ୍‌ର କାଥୋଲିଏକେ ବିଶ୍ୱବିଦ୍ୟାଳୟର ପ୍ର. ୱାଲ୍ଟର



ଲୁଏଟେନ୍; ଏବଂ ଭୁବନେଶ୍ୱର, ଓୟୁଟିଆର୍ କୁଳପତି ପ୍ର. ବିଭୂତି ଭୂଷଣ ବିଶ୍ୱାଳ, ୧୭ଟି ଏସ୍‌ଡ଼ିଜିର ବିଭିନ୍ନ ଦିଗ ଉପରେ ଆଲୋଚନା ଉପସ୍ଥାପନ କରିଥିଲେ ।

ପୂର୍ବତନ ଏନ୍‌ଆଟି ନିର୍ଦ୍ଦେଶକ ପ୍ର. ସୁନୀଲ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା ଅଧିବେଶନରେ ଆଲୋଚକ ରୂପେ ଡ. ଶୁଭ୍ରାଂଶୁ ଭୂଷଣ ରାୟ, ପ୍ର. ବିନୋଦ ଚନ୍ଦ୍ର ଚୌଧୁରୀ, ଡ. ନିଶିଥ କୁମାର ମହାନ୍ତି ଏବଂ ପ୍ର. ଗୋପାଳ ଚନ୍ଦ୍ର କୁଣ୍ଡୁ 'ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ନବସୃଜନ - ଆହ୍ୱାନ ଏବଂ ସମ୍ଭାବନା' ବିଷୟବସ୍ତୁ ଉପରେ ବକ୍ତବ୍ୟ ରଖିଥିଲେ । ପୂର୍ବତନ କୁଳପତି ପ୍ର. ପ୍ରଦୀପ କୁମାର ଚାନ୍ଦ 'ଏସ୍‌ଡ଼ିଜି: ବୈଶ୍ୱିକ ଆହ୍ୱାନର ସମାଧାନ ଦିଗରେ' ଶୀର୍ଷକ ଅନ୍ୟ ଏକ ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ ।

ଓଇଏସ୍ କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ସଭା ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବରେ ତାମିଲନାଡୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପଦ୍ମଶ୍ରୀ ପ୍ର. ଆଦିତ୍ୟ ପ୍ରସାଦ ଦାଶ ତଥା ସମ୍ମାନିତ ଅତିଥି ଭାବରେ ଓୟୁଟିଆର୍ କୁଳପତି ପ୍ର. ବିଭୂତି ଭୂଷଣ ବିଶ୍ୱାଳ ଯୋଗଦାନ କରିଥିଲେ ଓ ଅତିଥିମାନେ ୨୦୩୦ ମଧ୍ୟରେ ୧୭ଟି ସ୍ଥାୟୀ ବିକାଶ ଲକ୍ଷ୍ୟ ଦ୍ୱାରା ନିର୍ଦ୍ଧାରିତ ୧୬୯ଟି ଉଦ୍ଦେଶ୍ୟ ହାସଲ କରିବାରେ ବିଜ୍ଞାନ ଏବଂ ପ୍ରଯୁକ୍ତିର ଭୂମିକା ଉପରେ ଆଲୋକପାତ କରିଥିଲେ । ଗବେଷଣା କ୍ଷେତ୍ରରେ ଜୀବନବ୍ୟାପୀ ଅବଦାନ ନିମନ୍ତେ ପ୍ରଫେସର ଦାଶଙ୍କୁ 'ଜୀବ ବିଜ୍ଞାନରେ ଉତ୍କର୍ଷତା ପୁରସ୍କାର'ରେ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଆଳୁ ବିହନ ବିତରଣ କଲେ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ସବ୍ୟୁ): କଟକ ଜିଲ୍ଲା ଆଠଗଡ଼ ବ୍ଲକର ଧୁରୁଷିଆ ପଞ୍ଚାୟତ ଅନ୍ତର୍ଗତ ଜଗମୋହନପୁର ଗ୍ରାମ ଠାରେ ଏକ ଆୟୋଜିତ ବିଶେଷ କାର୍ଯ୍ୟକ୍ରମରେ ଚଳିତ ରବି ଋତୁରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଳୁ ବିହନ ବିତରଣ କରିଛନ୍ତି ।

ଏହି ଅବସରରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଉପମୁଖ୍ୟମନ୍ତ୍ରୀ ମନ୍ତ୍ରୀ ଶ୍ରୀ ସିଂହଦେଓ ସମବେତ କୃଷକମାନଙ୍କୁ ସମ୍ବୋଧନ କରି ଆଳୁ ଚାଷର ଉତ୍ପାଦନ ବୃଦ୍ଧି ନିମନ୍ତେ ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳତା ହ୍ରାସ ଏବଂ ରାଜ୍ୟରେ ଆଳୁଯୋଗାଣ ପ୍ରକ୍ରିୟାକୁ ସୁନିଶ୍ଚିତ କରିବା ଦିଗରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ବ୍ୟକ୍ତ କରିଥିଲେ । ଆଠଗଡ଼ ବିଧାୟକ ତଥା ପୂର୍ବତନ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆଳୁର ଅଧିକ ଉତ୍ପାଦନକ୍ଷମ ଗୁଣାତ୍ମକ ବିହନ ସହିତ ଉନ୍ନତ ବୈଜ୍ଞାନିକ ଚାଷ ପ୍ରଣାଳୀ ମାଧ୍ୟମରେ ରାଜ୍ୟରେ ଆଳୁ ଉତ୍ପାଦନ ବୃଦ୍ଧି ପାଇଁ ସମବେତ କୃଷକମାନଙ୍କୁ ଉତ୍ସାହିତ କରିଥିଲେ । ବର୍ତ୍ତମାନ ସୁଦ୍ଧା ୧ଲକ୍ଷ ୪୦ ହଜାର କ୍ୱିଣ୍ଟାଲ ବିହନ ଆଳୁ ପଠାଯାଇଛି । ବିଭିନ୍ନ ଜିଲ୍ଲାର ଚାଷୀମାନଙ୍କ ମଧ୍ୟରେ ୯୧,୬୩୩ କ୍ୱିଣ୍ଟାଲ ବିହନ ଆଳୁ ବଣ୍ଟନ କରାଯାଇଛି । କଟକ



ଜିଲ୍ଲାରେ ୮୦୦ ହେକଟର ଜମିକୁ କଭର କରିବାର ଯୋଜନା ରହିଛି । ଯାହା ମଧ୍ୟରୁ ଆଠଗଡ଼ ଉପଖଣ୍ଡରେ ୨୭୦ ହେକଟର ଜମିରେ ଆଳୁ ଚାଷ କରାଯିବା ଯୋଜନା ରହିଛି ।

ଅନ୍ୟମାନଙ୍କ ମଧ୍ୟରେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ଶିନ୍ଦେ, ରାଜ୍ୟ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ଭଞ୍ଜ, ସୁବ୍ରତ କୁମାର ଚାନ୍ଦ, କଟକ ଜିଲ୍ଲାର ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ସାଣ୍ଡୁଲ୍ ରାମା ରାଓ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କମଳାକାନ୍ତ ପାଣିଗ୍ରାହୀ, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ, ବାଙ୍କୀ ଉପଖଣ୍ଡର ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକ, ଆଠଗଡ଼ ଉପଖଣ୍ଡର ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ତଥା କଟକ ଜିଲ୍ଲାର ସମସ୍ତ ବ୍ଲକର ସହକାରୀ ଉଦ୍ୟାନ କୃଷି ଅଧିକାରୀଗଣ, ସ୍ଥାନୀୟ ଲୋକ ପ୍ରତିନିଧି ଉକ୍ତ ବିହନ ଆଳୁ ବିତରଣ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# କେୟାର ରିହାବ ସେଣ୍ଟର୍ ଉଦ୍‌ଘାଟିତ




କଟକ, (ସ୍ୱପ୍ର): ଶରୀରକୁ ନିରୋଗ ରଖିବା ପାଇଁ ମହତାବ ରୋଡ ସ୍ଥିତ ଗ୍ରାଣ୍ଡ ସିନେମା ହଲ୍ ସମ୍ମୁଖ ଲେନରେ କେୟାର ରିହାବ ସେଣ୍ଟର ରବିବାର ଉଦ୍‌ଘାଟିତ ହୋଇଯାଇଛି । ଏହି ଉଦଘାଟନୀ ଉତ୍ସବରେ ବିଶିଷ୍ଟ ଶଲ୍ୟ ଡାକ୍ତର ଉମେଶ ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ସୁସ୍ଥ ଶରୀର ପାଇଁ ନିୟମିତ ଯୋଗ, ବ୍ୟାୟାମ ସହିତ ଶାରିରିକ ପରିଶ୍ରମ କରିବା ସହିତ ସନ୍ତୁଳିତ ଆହାର ଆବଶ୍ୟକ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ସମାଜସେବୀ ସରୋଜ କୁମାର ଶତପଥୀ ଏବଂ ଫ୍ରିଡମ ତେଲର ଓଡିଶା ମୁଖ୍ୟ ଅମୀୟ କୁମାର ଧଳ ପ୍ରମୁଖ ଯୋଗ ଦେଇଥିଲେ । ଏଠାରେ ଓକୁପେସନାଲ ଥେରାପି, ସ୍ପିଚ ଥେରାପି, ସାଇକୋଲୋଜୀ କାଉନସେଲିଂ, ଫିଜିଓଥେରାପି ଆଦି ପ୍ରଦାନ କରାଯାଇଥାଏ ବୋଲି ସେଣ୍ଟର ମୁଖ୍ୟପରିଚାଳିକା ସ୍ମରଣିକା ନାୟକ ସୂଚନା ପ୍ରଦାନ କରିଛନ୍ତି । ଏହି ଉଦଘାଟନୀ ଉତ୍ସବରେ ସିନିୟର ଥେରାପିଷ୍ଟ ଡ. ମେହେବୁବ ଅଲ୍ଲୀ, ବ୍ୟବସାୟିକ ଥେରାପିଷ୍ଟ ଡ. ମଧୁମିତା ଦାସ, ଥେରାପିଷ୍ଟ ଡ. ସତ୍ୟଜିତ ଜେନା, ସହ-ଥେରାପିଷ୍ଟ ଅଭିଜିତ ନାୟକଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ସେଣ୍ଟ୍ ଜୋସେଫ ବାଳିକା ବିଦ୍ୟାଳୟ ୧୯୭୫ ବ୍ୟାଚ ବନ୍ଧୁମିଳନ




କଟକ, (ସ୍ୱପ୍ର) : ସ୍ଥାନୀୟ ସେଣ୍ଟ ଜୋସେଫ ବାଳିକା ବିଦ୍ୟାଳୟ ୧୯୭୫ ମାଟ୍ରିକ୍ ବ୍ୟାଚ ଛାତ୍ରୀମାନଙ୍କର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ହୋଟେଲ ପ୍ରମୋଦରେ ଅନୁଷ୍ଠିତ ହୋଇଯାଇଛି । ଆଜି ନିଜ ନିଜ କ୍ଷେତ୍ରରେ ବଡ଼ ବଡ଼ ପଦ ପଦବୀରେ ଅବସ୍ଥାପିତ ହୋଇଥିଲେ ମଧ୍ୟ ସେମାନେ ଦୀର୍ଘ ୫୦ବର୍ଷ ତଳେ ବିଦ୍ୟାଳୟରେ ପାଠ ପଢୁଥିବା ବେଳର ସ୍ମୃତିକୁ ଏହି ବନ୍ଧୁମିଳନରେ ପରସ୍ପର ମଧ୍ୟରେ ବାଣ୍ଟି ଥିଲେ । ଏ ଅବସରରେ ସେମାନେ ଦିବଂଗତ ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କ ଆତ୍ମାର ସଦ୍‌ଗତି କାମନା କରି ନୀରବ ପ୍ରାର୍ଥନା କରିଥିଲେ । ବର୍ତ୍ତମାନ ସେଠାରେ କାର୍ଯ୍ୟରତ ଥିବା ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ମାନଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିବା ସହିତ ସେମାନଙ୍କୁ ପୁଷ୍ପ ଗୁଚ୍ଛ, ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଦୀର୍ଘ ୫୦ ବର୍ଷ ତଳେ ସେମାନଙ୍କୁ ପାଠ ପଢ଼ାଇଥିବା ଶିକ୍ଷୟିତ୍ରୀ ମାନଙ୍କ ମଧ୍ୟରେ ଜି. କର, ସୁଲେଖା ବେରା, ଲିଲି ମହାପାତ୍ର, ଗୀତା ବିଶ୍ୱାଳ, ନିବେଦିତା ରାଉତଙ୍କ ସହିତ ବନ୍ଧୁମିଳନରେ ଉପସ୍ଥିତ ଥିବା ସମସ୍ତ ଛାତ୍ରୀମାନେ ସ୍କୁଲ ଜୀବନର ସ୍ମୃତି ଚାରଣ କରିଥିଲେ । ଏହି ବନ୍ଧୁମିଳନରେ ଯୋଗଦେଇଥିବା ସମସ୍ତ ସହପାଠୀନିମାନେ ସ୍କୁଲର ଉନ୍ନତି କାମନା କରି ୫୦ ହଜାର ଟଙ୍କା ସହିତ ଏକ କାନ୍ଥ ଘଣ୍ଟା ସ୍କୁଲକୁ ପ୍ରଦାନ କରିଥିଲେ ।

# ଅଭିପ୍‌ସା ଇଣ୍ଟରନ୍ୟାସନାଲ ସ୍କୁଲରେ ମୀନା ବଜାର

କଟକ, (ସ୍ୱପ୍ର): ସ୍ଥାନୀୟ ନେତାଜୀ ନଗର ସ୍ଥିତ ଅଭିପ୍‌ସା ଇଣ୍ଟରନ୍ୟାସନାଲ ସ୍କୁଲରେ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ ଏକ ମିନାବଜାର ଅନୁଷ୍ଠିତ ହୋଇଯାଇଛି । ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ମିନାବଜାରକୁ ଶିକ୍ଷାବିତ୍ ଡ଼ଃ ପ୍ରଦୀପ କୁମାର ତ୍ରିପାଠୀ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ସ୍କୁଲର ଚେୟାରମ୍ୟାନ ସୁପ୍ରଭା ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ମିନାବଜାରେ ସମାଜସେବୀ ଅଭିମନ୍ୟୁ ଦାସ, ସ୍କୁଲର ପ୍ରିନ୍‌ସିପାଲ ଅମିତା ପତି, ଆକଫିଭିଟି ଇନଚାର୍ଜ ଇସିତା ସାହୁ ପ୍ରମୁଖ ଯୋଗଦେଇ ୩୦ ଟି ଷ୍ଟଲରେ ଛାତ୍ର, ଛାତ୍ରୀ ଓ ସେମାନଙ୍କ ଅବିଭାବକ, ଅବିଭାବିକା ମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ରକମର ଖାଦ୍ୟ ବିକ୍ରୀକୁ ଦେଖିବା ସହିତ ଏହାର ପ୍ରଶଂସା କରିଥିଲେ । ଏହି ଷ୍ଟଲ ଗୁଡିକରେ ଦହିବରା, ଗୁପଚୁପ, ବିରିୟାନୀ, ସିଝା ଅଣ୍ଡା, ପକୋଡା ଆଦି




ବିଭିନ୍ନ ପ୍ରକାରର ସୁସ୍ୱାଦୁ ବ୍ୟଞ୍ଜନ ବିକ୍ରୀ କରାଯାଇଥିଲା । କଳା ଏବଂ ହସ୍ତକଳା ଓ ବହି ଷ୍ଟଲରେ ଅଧିକ ଭିଡ଼ ଜମୁଥିବା ଦେଖିବାକୁ ମିଳିଥିଲା । ଏହି କାର୍ଯ୍ୟକ୍ରମରେ ପିଲାମାନଙ୍କ ଦ୍ୱାରା ନୃତ୍ୟ, ଗୀତ ପରିବେଷଣ ପରିବେଶକୁ ବେଶ ଚିତାକର୍ଷକ କରିଥିଲା । ଛାତ୍ର, ଛାତ୍ରୀ ମାନଙ୍କୁ କିଣା ବିକା କରିବାର କୌଶଳ ଶିଖାଇବା ସହିତ ସେମାନଙ୍କୁ ଭବିଷ୍ୟତରେ ନେତୃତ୍ୱ ନେବାର ଦକ୍ଷତା ବୃଦ୍ଧି କରିବାକୁ ସ୍କୁଲ ପକ୍ଷରୁ ଏପରି ମିନାବଜାର ଆୟୋଜନ କରାଯାଉଛି ବୋଲି ଚେୟାରମ୍ୟାନ ସୁପ୍ରଭା ସାହୁ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ର, ଛାତ୍ରୀ ଓ ସେମାନଙ୍କ ଅବିଭାବକ, ଅବିଭାବିକାମାନଙ୍କ ସହିତ ବହୁ ସଂଖ୍ୟାରେ ସ୍ଥାନୀୟ ଜନସାଧାରଣ ମିନାବଜାରେ କିଣାକିଣି କରୁଥିବା ଦେଖିବାକୁ ମିଳିଥିଲା ।

# ତିନିଦିନ ବ୍ୟାପୀ ହେବ ମା' ରମାଦେବୀଙ୍କ ୧୨୫ତମ ଜନ୍ମବାର୍ଷିକୀ ଉଦଯାପନୀ ଉତ୍ସବ

ଭୁବନେଶ୍ୱର (ସବ୍ୟୁ): ଉତ୍କଳ ଗାନ୍ଧୀ ସ୍ମାରକ ନିଧି, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ଉତ୍କଳ ସର୍ବୋଦୟ ମଣ୍ଡଳ, କସ୍ତୁରବା ଗାନ୍ଧୀ ରାଷ୍ଟ୍ରୀୟ ସ୍ମାରକ ଟ୍ରଷ୍ଟ, ବାଜିରାଉତ ଛାତ୍ରାବାସ, ଠକ୍କର ବାପା ଆଶ୍ରମ, ଲୋହିଆ ଏକାଡ଼େମୀ, ରମାଦେବୀ ଚୌଧୁରୀ ସ୍ମାରକ ଟ୍ରଷ୍ଟ, ରାଷ୍ଟ୍ରୀୟ ଯୁବା ସଂଗଠନ ଆଦି ସଂଗଠନମାନଙ୍କୁ ନେଇ ଗଠିତ ଗାନ୍ଧିବାଦୀ ଗଣ ସଂଗଠନ ସମୂହଙ୍କ ପକ୍ଷରୁ ଆଗାମୀ ଡିସେମ୍ବର ୧ ତାରିଖରୁ ୩ ତାରିଖ ଯାଏ ମା' ରମାଦେବୀଙ୍କ ୧୨୫ତମ ଜନ୍ମବାର୍ଷିକୀର ରାଜ୍ୟବ୍ୟାପୀ ଉଦଯାପନୀ ଉତ୍ସବ ପାଳିତ ହେବ ବୋଲି ନିଷ୍ପତ୍ତି ହୋଇଛି । ୧ ତାରିଖ ପୂର୍ବାହ୍ନରେ ଯାଜପୁର ଜିଲ୍ଲାର ବାଲିପଡ଼ିଆସ୍ଥିତ ଠକ୍କରବାପା ଆଶ୍ରମ, ୨ ତାରିଖରେ ଭୁବନେଶ୍ୱରସ୍ଥିତ ଲୋହିଆ ଏକାଡ଼େମୀ ପରିସରରେ ତଥା ତିନି ତାରିଖ ଅପରାହ୍ନରେ ତାଙ୍କ ପୈତୃକ ଗୃହ ସତ୍ୟଭାମାପୁରଠାରେ ତଥା ସନ୍ଧ୍ୟାରେ କଟକ ଗାନ୍ଧୀ ଭବନ ଓ ଅନୁଗୁଳସ୍ଥିତ ବାଜି ରାଉତ ଛାତ୍ରାବାସ ପରିସରରେ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ପାଳନ କରାଯିବ । ମାଆ ରମାଦେବୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ କାର୍ଯ୍ୟକ୍ରମମାନଙ୍କରେ ବହୁସଂଖ୍ୟାରେ ଯୋଗଦେବା ପାଇଁ କୃଷ୍ଣା ମହାନ୍ତି, ଜଷ୍ଟିସ ମନୋରଞ୍ଜନ ମହାନ୍ତି, ଡଃ ବିଶ୍ୱଜିତ, ମିହିର ପ୍ରତାପ ଦାସ, ବିରୁପାକ୍ଷ ତ୍ରିପାଠୀ, ସନ୍ଧ୍ୟାରାଣୀ ମଲ୍ଲିକ, ଜୟନ୍ତ ଦାସ, ଇଂ ଧନେଶ୍ୱର ସାହୁ, ପ୍ର. ସୀତା ସାହୁ, ଆର୍ଯ୍ୟଭଟ୍ଟ ମହାନ୍ତି, ସୂର୍ଯ୍ୟ ନାରାୟଣ ନାଥ, ମାନସ ପଟ୍ଟନାୟକ ପ୍ରମୁଖ ପ୍ରେସ ବାର୍ତ୍ତାରେ ନିବେଦନ କରିଛନ୍ତି ।

# ପ୍ରଧାନ ଶିକ୍ଷୟତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଖୋର୍ଦ୍ଧା, (ସବ୍ୟୁ): ସ୍ଥାନୀୟ କଦଳୀବାଡ଼ି ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ପୁଷ୍ପମଞ୍ଜରୀ ବିଶ୍ୱାଳଙ୍କର ଆଜି ଅବସରକାଳୀନ ସମ୍ବର୍ଦ୍ଧନା ସଭା ଖୋର୍ଦ୍ଧା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏବିଇଓ ଭରତ ଚନ୍ଦ୍ର ପ୍ରଧାନ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ସନ୍ଧ୍ୟାବତୀ ଲେଙ୍କା ଯୋଗଦେଇ ଶ୍ରୀମତୀ ବିଶ୍ୱାଳଙ୍କ ବହୁମୁଖି ପ୍ରତିଭା ସମ୍ପର୍କରେ ଉପସ୍ଥାପନ କରି ପ୍ରଶଂସା କରିଥିଲେ । ଶ୍ରୀମତୀ ବିଶ୍ୱାଳ ୧୯୮୯ ମସିହାରେ ଚାକିରି ଜୀବନ ଆରମ୍ଭ କରି ବାଜପୁର, ପୋଡ଼ାପୁଟ, ନିଆଳ, ଭାଲିଆବାଡି, ବ୍ଲକ ଆରଇଓ କଲୋନୀ, ଗଡଖୋର୍ଦ୍ଧା ପ୍ରାଥମିକ ବିଦ୍ୟାଳୟ ରେ ସଫଳତାର ସହ ଶିକ୍ଷକତା ଜୀବନ ଅତିବାହିତ କରି ଶେଷରେ କଦଳୀବାଡ଼ି ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ପଦରୁ ଅବସର ନେଇଛନ୍ତି ।

# ସୂର୍ଯ୍ୟସ୍ନାତ ତ୍ରିପାଠୀଙ୍କୁ ସୋଆ ଯୁବ ସାହିତ୍ୟ ସମ୍ମାନ

ଭୁବନେଶ୍ୱର, (ସବ୍ୟୁ): ସମାଜରେ ଯଦି ଜନଜାତି ସଂସ୍କୃତି ଓ ପରମ୍ପରାକୁ ଅନୁସରଣ କରାଯାଏ ତେବେ ବର୍ତ୍ତମାନ ସମାଜରେ ଉପୁଜୁଥିବା ଅନେକ ସମସ୍ୟାର ସମାଧାନ ହୋଇପାରିବ ବୋଲି ରବିବାର କହିଛନ୍ତି ବିଶିଷ୍ଟ ସାନ୍ତାଳୀ ଲେଖିକା ଶ୍ରୀମତି ଦମୟନ୍ତୀ ବେସ୍ରା । ଜନଜାତି ସଂସ୍କୃତିରେ ଯୌତୁକ ପ୍ରଥା ନାହିଁ ଏବଂ ମହିଳାଙ୍କୁ ଆଦିବାସୀ ସମାଜରେ ଅନେକ ସମ୍ମାନ ପ୍ରଦାନ କରାଯାଏ ବୋଲି ତୃତୀୟ ସୋଆ ସାହିତ୍ୟ ଉତ୍ସବର ଦ୍ୱିତୀୟ ଦିନରେ ନିଜ ବକ୍ତବ୍ୟରେ କହିଛନ୍ତି ପଦ୍ମଶ୍ରୀ ପୁରସ୍କାର ବିଜେତା ଶ୍ରୀମତି ବେସ୍ରା । ଓଡ଼ିଶାର ଜନଜାତି ସମ୍ପ୍ରଦାୟ ପ୍ରଭୁ ଜଗନ୍ନାଥଙ୍କୁ ପୂଜା କରିଥାନ୍ତି ଏବଂ ଓଡ଼ିଶାର ସଂସ୍କୃତି ଆଦିବାସୀମାନଙ୍କର ଜୀବନଶୈଳୀର ଅନୁଶୀଳନ ବୋଲି ଶ୍ରୀମତି ବେସ୍ରା କହିଛନ୍ତି । ଜନଜାତି ସମ୍ପ୍ରଦାୟ ତିନି ମୂର୍ତ୍ତୀ ମହାପ୍ରଭୁ ଜଗନ୍ନାଥ, ପ୍ରଭୁ ବଳଭଦ୍ର ଏବଂ ତାଙ୍କର ଭଉଣୀ ଦେବୀ ସୁଭଦ୍ରାଙ୍କୁ ଆରାଧନା କରିଥାନ୍ତି । ସାରା ରାଜ୍ୟର ସାନ୍ତାଳ, କନ୍ଧ




ଏବଂ ଶବର ସମ୍ପ୍ରଦାୟ ମଧ୍ୟ ତିନି ଠାକୁରଙ୍କୁ ଆରାଧ୍ୟ ଦେବତା ଭାବେ ବିବେଚନା କରିଥାନ୍ତି ବୋଲି ସେ କହିଛନ୍ତି ।

ମୁଖ୍ୟମନ୍ତ୍ରୀ ଏହି ସାହିତ୍ୟ ଉତ୍ସବର ଆୟୋଜନ କରିଥିବାରୁ ସୋଆ ବିଶ୍ୱବିଦ୍ୟାଳୟକୁ ଏକ ବାର୍ତ୍ତା ମାଧ୍ୟମରେ ଶୁଭେଚ୍ଛା ଜଣାଇଥିଲେ । ଚଳିତ ବର୍ଷ ଆରମ୍ଭ କରାଯାଇଥିବା ସୋଆ ଯୁବ ସାହିତ୍ୟ ପୁରସ୍କାର ଯୁବ ସାହିତ୍ୟିକ ସୂର୍ଯ୍ୟସ୍ନାତ ତ୍ରିପାଠୀଙ୍କୁ ତାଙ୍କ କ୍ଷୁଦ୍ର ଗଳ୍ପ ସଂକଳନ 'ଠିଆ ପୁଚି ନାରଙ୍ଗ' ନିମନ୍ତେ ପ୍ରଦାନ କରାଯାଇଥିଲା । ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଉପସଭାପତି ଶ୍ରୀମତି ଶାଶ୍ୱତୀ ଦାସ ଶ୍ରୀ ତ୍ରିପାଠୀଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ । ଶ୍ରୀ ତ୍ରିପାଠୀଙ୍କୁ ଏକ ରୌପ୍ୟ ଫଳକ, ମାନପତ୍ର, ଉତରୀୟ ଏବଂ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ନିଜ ଅଭିଭାଷଣରେ ସୋଆ ଉପସଭାପତି ଶ୍ରୀମତି ଶାଶ୍ୱତୀ ଦାସ କହିଥିଲେ ଯେ ସାହିତ୍ୟ ଏବଂ ସଂସ୍କୃତିକୁ ଅଣଦେଖା କରି କୌଣସି ସମାଜ ଅଗ୍ରଗତି କରିପାରିବ ନାହିଁ । ଯୁବପିଢ଼ିଙ୍କ ମଧ୍ୟରେ ସାହିତ୍ୟ ପ୍ରତି ଆଗ୍ରହକୁ ବୃଦ୍ଧି କରିବା ହିଁ ଏଭଳି ଉତ୍ସବ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଥିଲେ । ସୋଆର ଉପକୁଳପତି ପ୍ରଫେସର ପ୍ରଶାନ୍ତ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାଚୀନର ମୁଖ୍ୟ ତଥା ସୋଆ ସାହିତ୍ୟ ଉତ୍ସବର ନିର୍ଦ୍ଦେଶିକା ଓ ଅଧିକ୍ଷକ ପ୍ରଫେସର ଗାୟତ୍ରୀବାଳା ପଣ୍ଡା ଏବଂ ସୋଆ ଛାତ୍ରମଙ୍ଗଳ ଡିନ୍ ଓ ମୁଖ୍ୟ ସଂଯୋଜକ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ବକ୍ତବ୍ୟ ରଖିଥିଲେ ।

## ଦୁଇ ବସ୍ ମଧ୍ୟରେ ମୁହାଁମୁହିଁ ଧକ୍କା: ୧୦ ମୃତ, ୨୦ରୁ ଅଧିକ ଆହତ



**ଚେନ୍ନାଇ:** ତାମିଲନାଡୁର ଶିବଗଙ୍ଗା ଜିଲ୍ଲାର କୁମ୍ମନଗୁଡ଼ି ନିକଟରେ ଦୁଇଟି ସରକାରୀ ବସ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୧୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୦ରୁ ଅଧିକ ଆହତ ହୋଇଛନ୍ତି। ଗୋଟିଏ ବସ୍ ତିରୁପ୍ପୁରରୁ କାରାଇକୁଡି ଅଭିମୁଖେ ଯାଉଥିବା ବେଳେ ଅନ୍ୟ ବସ୍ଟି କାରାଇକୁଡ଼ିରୁ ଡିଣ୍ଡିଗୁଲ ଅଭିମୁଖେ ଯାଉଥିଲା। ବସ୍ ଦୁଇଟି ମଧ୍ୟରେ ଏତେ ଜୋରରେ ଧକ୍କା ହୋଇଥିଲା ଯେ ଗୋଟିଏ ବସ୍ର ଡ୍ରାଇଭର ବସୁଥିବା ପାର୍ଶ୍ୱ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରିଥିଲେ। ପୁଲିସ୍ ଓ ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚି ଆହତମାନଙ୍କୁ ଡାକ୍ତରଖାନା ନେଇଥିଲେ। ଆହତମାନଙ୍କ ମଧ୍ୟରୁ କିଛି ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଅନ୍ୟପକ୍ଷରେ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍କେ ଷ୍ଟାଲିନ। ମୃତକଙ୍କ ପରିବାର ଲୋକଙ୍କୁ ସେ ସମବେଦନା ଜଣାଇବା ସହିତ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏଇ ସପ୍ତାହକ ମଧ୍ୟରେ ତାମିଲନାଡୁରେ ଏହା ହେଉଛି ଦ୍ୱିତୀୟ ବଡ଼ ବସ୍ ଦୁର୍ଘଟଣା। କିଛି ଦିନ ତଳେ ତେନକାସି ଜିଲ୍ଲାରେ ଦୁଇଟି ଘରୋଇ ବସ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ୬ ଜଣଙ୍କ ମୃତ୍ୟୁ ଘଟିଥିଲା।

## ପୋଲିସ ଡିଜି- ଆଇଜି ସମ୍ମିଳନୀ

# ଏଆଇ, ପ୍ରଯୁକ୍ତି ବିଦ୍ୟା ଉପରେ ଗୁରୁତ୍ୱ

**ରାଏପୁର:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାୟପୁରର ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟଠାରେ ପୁଲିସ ମହାନିର୍ଦ୍ଦେଶକ/ ମହାନିରୀକ୍ଷକଙ୍କ ୬୦ତମ ସର୍ବଭାରତୀୟ ସମ୍ମିଳନୀରେ ଯୋଗ ଦେଇଛନ୍ତି । ଏହି ତିନି ଦିନିଆ ସମ୍ମିଳନୀର ବିଷୟବସ୍ତୁ "ବିକଶିତ ଭାରତ: ସୁରକ୍ଷା ପରିଦୃଶ୍ୟ' ।

ପ୍ରଧାନମନ୍ତ୍ରୀ ଏହିସମ୍ମିଳନୀରେ ଅଧ୍ୟକ୍ଷତାକରି ପେସାଦାର ମନୋଭାବ, ସମ୍ବେଦନଶୀଳତା ଏବଂ ପ୍ରତିକ୍ରିୟାଶୀଳତା ବୃଦ୍ଧି କରି ପୁଲିସ ପ୍ରତି ସାଧାରଣରେରହିଥିବାଧାରଣାବଦଳାଇବାଉପରେଗୁରୁତ୍ୱାରୋପକରିଛନ୍ତି ।ବିଶେଷକରି ଯୁବପିଢ଼ିଙ୍କ ସହସମ୍ପର୍କ ସୁଦୃଢ଼ କରିବାଲାଗି ସେ କହିଛନ୍ତି । ଶ୍ରୀ ମୋଦୀ ସହରାଞ୍ଚଳ ପୁଲିସବ୍ୟବସ୍ଥାକୁ ମଜବୁତ କରିବା, ପର୍ଯ୍ୟଟନ ପୁଲିସବ୍ୟବସ୍ଥାକୁ ସକ୍ରିୟକରିବା ଏବଂ ନୂତନ ଭାବରେ ପ୍ରଣୀତ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ସାକ୍ଷ୍ୟ ଅଧିନିୟମ ଏବଂ ଭାରତୀୟ ନାଗରିକ ସୁରକ୍ଷା ସଂହିତା ସମ୍ପର୍କରେ ଜନସଚେତନତା ବୃଦ୍ଧି କରିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଏସବୁଆଇନ ଉପନିବେଶବାଦୀ ଯୁଗର ଅପରାଧିକ ଆଇନକୁ ବଦଳାଇବ ବୋଲି ସେ କହିଛନ୍ତି ।

ପ୍ରଧାନମନ୍ତ୍ରୀ ରାଜ୍ୟ ଏବଂ କେନ୍ଦ୍ର ଶାସିତ ପ୍ରଦେଶ ପୁଲିସ ଓସମ୍ପ୍ରସାରିତ ପ୍ରଶାସନକୁ ଅଭିନବ ରଣନୀତି ଗ୍ରହଣ କରିବାକୁପରାମର୍ଶଦେଇଛନ୍ତି । ଜନଶୂନ୍ୟଦ୍ୱୀପପୁଞ୍ଜକୁ ସମନ୍ୱିତ କରିବାକୁ ସେ କହିଛନ୍ତି । ନ୍ୟାଟ୍ ଗ୍ରିଡ୍ଅଧୀନରେ ସମନ୍ୱିତ ଡାଟାବେସ୍ର ପ୍ରଭାବଶାଳୀ ବ୍ୟବହାର କରିବା ଏବଂ କାର୍ଯ୍ୟାନୁଷ୍ଠାନଯୋଗ୍ୟ ବ୍ୟବସ୍ଥା ସୃଷ୍ଟି କରିବା ପାଇଁପ୍ରଧାନମନ୍ତ୍ରୀ କହିଛନ୍ତ । ଏଥିସହିତ କୃତ୍ରିମ ବୁଦ୍ଧିମତ୍ତା ମାଧ୍ୟମରେ ଏହି ବ୍ୟବସ୍ଥାଗୁଡ଼ିକୁ ସଂଯୋଗ କରିବାକୁ ନିର୍ଦ୍ଦେଶ ଦେଇଥିଲେଛ ଶ୍ରୀ ମୋଦୀ ବିଶ୍ୱବିଦ୍ୟାଳୟ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକୁ ପୁଲିସ ତଦନ୍ତରେ ଫୋରେନସିକ୍ ବ୍ୟବହାର ଉପରେ କେସ୍ ଷ୍ଟଡି କରିବାକୁ ଉତ୍ସାହିତ କରିବାକୁ ଆହ୍ୱାନ କରିଥିଲେ । ସେ ଉଲ୍ଲେଖ କରିଥିଲେ ଯେ ବର୍ଦ୍ଧିତ ଫୋରେନସିକ୍ ପ୍ରୟୋଗ ଫୌଜଦାରୀ ନ୍ୟାୟ ବ୍ୟବସ୍ଥାକୁ ଆହୁରି ମଜବୁତ କରିବ ।

ନିଷିଦ୍ଧ ସଂଗଠନଗୁଡ଼ିକର ନିୟମିତ ତଦାରଖ ପାଇଁ ସୁଦୃଢ଼ବ୍ୟବସ୍ଥା, ବାମପନ୍ଥୀ ଉଗ୍ରବାଦରୁ ମୁକ୍ତ ଅଞ୍ଚଳଗୁଡ଼ିକର ସାମଗ୍ରିକ ବିକାଶ ସୁନିଶ୍ଚିତ କରିବା ଏବଂ ଉପକୂଳ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଅଭିନବ ମଡେଲ ଗ୍ରହଣ କରିବାର ଗୁରୁତ୍ୱକୁ ସେ ପୁନର୍ବାର ଦୋହରାଇଥିଲେ । ପ୍ରଧାନମନ୍ତ୍ରୀ ଜୋରଦେଇକହିଥିଲେ, ନିଶା କାରବାର ମୁକାବିଲା ପାଇଁ ଏକ ସମ୍ପୂର୍ଣ୍ଣ ସରକାରୀ ଆଭିମୁଖ୍ୟ ଆବଶ୍ୟକ, ଯାହା କାର୍ଯ୍ୟକାରିତା, ଥଇଥାନ ଏବଂ ଗୋଷ୍ଠୀସ୍ତରୀୟ ହସ୍ତକ୍ଷେପକୁ ଏକତ୍ରିତ କରିପାରୁଥିବ । ସମ୍ମିଳନୀରେ ଜାତୀୟ ସୁରକ୍ଷା ପ୍ରସଙ୍ଗରେ ବ୍ୟାପକ ଆଲୋଚନା ହୋଇଥିଲାଛ ଭିଜନ ୨୦୪୭କୁ ସାକାରକରିବା ଲାଗିପୁଲିସିଂ ପାଇଁ ଦୀର୍ଘକାଳୀନ ରୋଡମ୍ୟାପ୍, ଆତଙ୍କବାଦ ବିରୋଧୀ ଏବଂ ମୌଳବାଦ ବିରୋଧୀ ଧାରା, ମହିଳା ସୁରକ୍ଷା ବୃଦ୍ଧି ପାଇଁ ପ୍ରଯୁକ୍ତିବିଦ୍ୟାର ଉପଯୋଗ, ବିଦେଶରେ ଥିବା ଭାରତୀୟ ପଳାତକଅପରାଧୀଙ୍କୁ ଫେରାଇ ଆଣିବା ପାଇଁ ରଣନୀତି ଏବଂ ପ୍ରଭାବଶାଳୀ ତଦନ୍ତ ଏବଂ ଦଣ୍ଡବିଧାନ ସୁନିଶ୍ଚିତ କରିବା ପାଇଁ ଫରେନସିକ୍ କ୍ଷମତାକୁ ସୁଦୃଢ଼ କରିବା ଉପରେ ଆଲୋଚନା ହୋଇଥିଲା ।

ପ୍ରଭାବୀ ଢଙ୍ଗରେ ବିପର୍ଯ୍ୟୟ ପରିଚାଳନା ପାଇଁ ଦୃଢ଼ ପ୍ରସ୍ତୁତି ଏବଂ ସମନ୍ୱୟର ଆବଶ୍ୟକତା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ।ଘୂର୍ଣ୍ଣିଝଡ଼ ଦିତଓ୍ୱାର ସ୍ଥିତି ସମେତ ସାମୁଦ୍ରିକଝଡ଼, ବନ୍ୟା ଏବଂ ଅନ୍ୟାନ୍ୟ ପ୍ରାକୃତିକ ଜରୁରୀକାଳୀନ ପରିସ୍ଥିତିର ମୁକାବିଲାକରିବା ଲାଗିବ୍ୟବସ୍ଥାକୁସୁଦୃଢ଼କରିବାଲାଗି ସେପୁଲିସ ମୁଖ୍ୟମାନଙ୍କୁ ଅନୁରୋଧ କରିଥିଲେ ।ସେ ଗୁରୁତ୍ୱାରୋପ କରିକହିଥିଲେ ଯେ ଏପରି ଘଟଣା ସମୟରେ ଜୀବନ ସୁରକ୍ଷା ଏବଂ ସର୍ବନିମ୍ନ କ୍ଷୟକ୍ଷତିସୁନିଶ୍ଚିତ କରିବା ପାଇଁ ସକ୍ରିୟ ଯୋଜନା, ବାସ୍ତବ-ସମୟ ସମନ୍ୱୟ, ତୁରନ୍ତ ପ୍ରତିକ୍ରିୟା ଏବଂ ଏକ ସମ୍ପୂର୍ଣ୍ଣ ସରକାରୀ ଆଭିମୁଖ୍ୟ ଅତ୍ୟନ୍ତ ଜରୁରୀ ପ୍ରଧାନମନ୍ତ୍ରୀ ତାଙ୍କ ଅଭିଭାଷଣରେ, ଏକ ବିକାଶଶୀଳ ରାଷ୍ଟ୍ର ବିକଶିତ ଭାରତ ହେବାର ଆକାଂକ୍ଷା ପୂରଣ କରିବା ପାଇଁ ପୁଲିସିଂ ଶୈଳୀକୁ ପୁନଃପ୍ରସ୍ତୁତ କରିବାକୁ ପୁଲିସ ନେତୃତ୍ୱଙ୍କୁ ଆହ୍ୱାନ କରିଥିଲେ ।



ପ୍ରଧାନମନ୍ତ୍ରୀ ଗୁଇନ୍ଦା ବ୍ୟୁରୋର ଅଧିକାରୀମାନଙ୍କୁ ବିଶିଷ୍ଟ ସେବା ପାଇଁ ରାଷ୍ଟ୍ରପତି ପୁଲିସ ପଦକ ପ୍ରଦାନକରିଥିଲେ । ସେ ସହରାଞ୍ଚଳ ପୁଲିସବ୍ୟବସ୍ଥାରେ ଶ୍ରେଷ୍ଠ ପ୍ରଦର୍ଶନ କରୁଥିବା ତିନୋଟି ସହରକୁ ପୁରସ୍କାର ମଧ୍ୟ ପ୍ରଦାନ କରିଥିଲେ । ଏହା ସହରାଞ୍ଚଳ ପୁଲିସିଂରେ ନବସୃଜନ ଏବଂ ଉନ୍ନତିକୁ ଉତ୍ସାହିତ କରିବାଲାଗି ପ୍ରଥମ ଥର ପାଇଁ ପ୍ରଚଳନ କରାଯାଇଥିବା ଏକ ସ୍ୱୀକୃତି ।

ସମ୍ମିଳନୀର କେନ୍ଦ୍ର ଗୃହମନ୍ତ୍ରୀ, ଜାତୀୟ ସୁରକ୍ଷା ପରାମର୍ଶଦାତା, ଗୃହ ରାଷ୍ଟ୍ରମନ୍ତ୍ରୀ ଏବଂ କେନ୍ଦ୍ର ଗୃହ ସଚିବ ଯୋଗ ଦେଇଥିଲେ । ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ପୁଲିସଡିଜି, ଆଇଜି, ସିଏପିଏଫ୍ ଏବଂ କେନ୍ଦ୍ରୀୟ ପୁଲିସ ସଂଗଠନର ମୁଖ୍ୟମାନେ ଅଂଶଗ୍ରହଣ କରିଥିଲେ । ସେହିପରି ସାରା ଦେଶରୁ ୭୦୦ରୁ ଅଧିକ ପୁଲିସଅଧିକାରୀ ଆଭାସୀ ମାଧ୍ୟମରେ ସମ୍ମିଳନୀରେଯୋଗ ଦେଇଥିଲେ। ଆଭାସୀ ମାଧ୍ୟମରେ ସମ୍ମିଳନୀରେ ଯୋଗ ଦେଇଥିଲେ ।

## ବିନା ସିମ୍ କାର୍ଡରେ ଚାଲିବନି, ହ୍ୱାଟ୍ସଆପ୍, ଟେଲିଗ୍ରାମ ଓ ସ୍ନାପଚାଟ

**ନୂଆଦିଲ୍ଲୀ:** ଏବେ ସିମ୍ କାର୍ଡ ବିନା ବ୍ୟବହାର କରିପାରିବେନି ହ୍ୱାଟ୍ସଆପ୍। ଦେଶର ସାଇବର ଅପରାଧ ବଢୁଥିବାରୁ ଏହା ଉପରେ ଲଗାମ ଲଗାଇବାକୁ କେନ୍ଦ୍ର ସରକାର ହ୍ୱାଟ୍ସଆପ୍ ସମେତ ଅନ୍ୟ ମେସେଜିଂ ଆପ୍ଗୁଡ଼ିକ ପାଇଁ କଡ଼ା ନିୟମ ଆଣିବାକୁ ଯାଉଛନ୍ତି। ଦୂରସଂଚାର ବିଭାଗ (DoT) ଦ୍ୱାରା ଜାରି କରାଯାଇଥିବା ଦୂରସଂଚାର ସାଇବରସୁରକ୍ଷା ସଂଶୋଧନ ନିୟମ ୨୦୨୫ ଅନୁଯାୟୀ ପ୍ରତ୍ୟେକ ହ୍ୱାଟସଆପ୍ ଆକାଉଣ୍ଟ ସର୍ବଦା ଆକ୍ଟିଭ ଥିବା ସିମ୍ କାର୍ଡ ସହିତ ଲିଙ୍କ୍ ରହିବା ଆବଶ୍ୟକ। କେବଳ ହ୍ୱାଟ୍ସଆପ୍ ନୁହେଁ, ସମାନ ମେସେଜିଂ ଆପଗୁଡ଼ିକ ପାଇଁ ମଧ୍ୟ ଏହି ନିୟମ ଲାଗୁ ହେବ। ନିୟମ ପାଳନ କରିବାକୁ ମେସେଜିଂ ଆପ୍ଗୁଡ଼ିକୁ ୯୦ ଦିନ ସମୟ ଦିଆଯାଇଛି। ନୂଆ ନିୟମରେ ପ୍ରତି ୬ ଘଣ୍ଟାରେ ମେସେଜିଂ ଆପ୍ର ୱେବ୍ ଭର୍ସନ ସ୍ୱୟଂଚାଳିତ ଭାବେ ଲଗ୍ଆଉଟ୍ ହୋଇଯିବ। ଏହାପରେ ୟୁଜର କ୍ୟୁଆର୍ କୋଡ୍ ମାଧ୍ୟମରେ ଏହାକୁ ପୁନଃ ରି-ଅଥେଣ୍ଟିକେଟ୍ ବା ଲଗ ଇନ କରିପାରିବେ। ଏଥିରେ ବିନା ସିମ୍ରେ ଗ୍ରାହକଙ୍କ ଆକାଉଣ୍ଟ ବ୍ୟବହାର କରି ହେଉଥିବା ସ୍କାମରେ ରୋକ ଲାଗିବ। ଏଥିରେ ସାଇବର ଅପରାଧ ନିୟନ୍ତ୍ରଣ ହୋଇପାରିବ ବୋଲି ଅଧିକାରୀମାନେ ବିଶ୍ୱାସ ରଖିଛନ୍ତି।

### ନୂଆ ନିୟମଟି କ'ଣ?

ନୂଆ ନିର୍ଦ୍ଦେଶନାମା ଅନୁଯାୟୀ, ହ୍ୱାଟ୍ସଆପ୍କୁ ଏବେ ଏକ ଟେଲିକମ୍ୟୁନିକେସନ୍ ଆଇଡେଣ୍ଟିଫାୟର୍ ୟୁଜର୍ ଏଣ୍ଟିଟି (TIUE) ଭାବରେ ବର୍ଗୀକୃତ କରାଯାଇଛି। ଭାରତୀୟ ଟେଲିକମ୍ ଆଇନ ଅଧୀନରେ ତିଆରି ହୋଇଥିବା ଏହା ଏକ ନୂଆ କ୍ୟାଟେଗୋରୀ। ଏହାର ଅର୍ଥ ହେଲା ହ୍ୱାଟ୍ସଆପ୍କୁ ଏବେ ଟେଲିକମ କମ୍ପାନୀଗୁଡ଼ିକ ଭଳି ସାଇବର ସିକ୍ୟୁରିଟି ଓ ଭେରିଫିକେସନର ନିୟମଗୁଡ଼ିକୁ ପାଳନ କରିବାକୁ ପଡ଼ିବ। ଏହି ନିୟମର ମୂଳ ଉଦ୍ଦେଶ୍ୟ ହେଉଛି ସିମ୍ ବାଇଣ୍ଡିଂ ବାଧ୍ୟତାମୂଳକ। ଅର୍ଥାତ୍ ହେଉଛି ହ୍ୱାଟ୍ସଆପକୁ ସବୁବେଳେ ଯାଞ୍ଚ କରିବାକୁ ପଡ଼ିବ ଯେ ପଞ୍ଜିକୃତ ହୋଇଥିବା SIM କାର୍ଡଟି ଆକ୍ଟିଭ୍ ଅଛି ଏବଂ ଡିଭାଇସରେ ପଡ଼ିଛି। ଯଦି ସିମକୁ ଡିଭାଇସ୍ରୁ ବାହାର କରିଦିଆଯାଏ, ବଦଳାଯାଏ, କିମ୍ବା ଡିଆକ୍ଟିଭେଟ୍ ବା ନିଷ୍କ୍ରିୟ କରାଯାଏ, ତେବେ ହ୍ୱାଟ୍ସଆପ୍ କାମ କରିବା ବନ୍ଦ କରିଦେବ। DoT ତିନି ମାସ ମଧ୍ୟରେ ଏହି ସିଷ୍ଟମ କାର୍ଯ୍ୟକାରୀ କରିବାକୁ ହ୍ୱାଟ୍ସଆପ୍ ଏବଂ ଅନ୍ୟାନ୍ୟ ମେସେଜିଂ ସେବା ଯେପରିକି ଟେଲିଗ୍ରାମ, ସିଗନାଲ ଏବଂ ସ୍ନାପଚାଟକୁ ନିର୍ଦ୍ଦେଶ ଦେଇଛି। ଏହି ନିୟମ WhatsApp ର ୱେବ୍ ଭର୍ସନ ପାଇଁ ମଧ୍ୟ ଲାଗୁ ହେବ। ଯେଉଁଥିରେ ପ୍ରତି ୬ ଘଣ୍ଟାରେ ହ୍ୱାଟ୍ସଆପ୍ ଲଗ ଆଉଟ ହୋଇଯିବ। ୟୁଜର ଏହାକୁ ପୁନଃ କ୍ୟୁଆର୍ କୋଡ ସ୍କାନ କରି ଲଗ ଇନ କରିପାରିବେ। ଭାରତର ହ୍ୱାଟ୍ସଆପ୍ ୟୁଜରଙ୍କ ଉପରେ କଣ ପଡ଼ିବ ପ୍ରଭାବ? ଭାରତରେ ଥିବା ୫୦୦ ମିଲିଅନରୁ ଅଧିକ ହ୍ୱାଟ୍ସଆପ୍ ୟୁଜର ଅଛନ୍ତି। ନୂଆ ନିୟମ ଲାଗୁ ହେଲେ ଆପ ଚଲାଇବା ଟିକେ ଜଟିଳ ହୋଇଯିବ। କାରଣ ଯେଉଁମାନେ Wi-Fi-କେବଳ ଟାବଲେଟ୍ ଉପରେ ନିର୍ଭର କରନ୍ତି କିମ୍ବା ବାରମ୍ବାର ଡିଭାଇସ୍ ବଦଳାଇଥାନ୍ତି,ସେମାନେ ସମସ୍ୟାରେ ପଡ଼ିପାରନ୍ତି। କାରଣ WhatsApp ଆକାଉଣ୍ଟ ସହିତ ଲିଙ୍କ୍ ହୋଇଥିବା ଫୋନ୍ରେ ସିମ୍ର ଫିଜିକାଲି ରହିବା ନିହାତି ଆବଶ୍ୟକ ରହିଛି।

ଏନେଇ କିଛି ସାଇବର ସୁରକ୍ଷା ବିଶେଷଜ୍ଞ କହିଛନ୍ତି ଯେ ଏହି ପଦକ୍ଷେପ ଦ୍ୱାରା ଉତ୍ତମ ଟ୍ରେସେବିଲିଟି ସୁନିଶ୍ଚିତ କରିବାରେ ସାହାଯ୍ୟ କରିପାରିବ। ତେବେ ଅନ୍ୟ କିଛି ବିଶେଷଜ୍ଞ କିନ୍ତୁ ଭିନ୍ନ ମତ ଦେଇଛନ୍ତି। କେବଳ ସିମ୍ ବାଇଣ୍ଡିଂ ଠକେଇକୁ ରୋକିପାରିବ ନାହିଁ,କାରଣ ସାଇବର ଅପରାଧୀମାନେ ଏବେ ବି ନକଲି କିମ୍ବା ଉଧାର ନିଆଯାଇଥିବା ଆଇଡି ବ୍ୟବହାର କରି ନୂଆ ସିମ୍ କାର୍ଡ ପାଇପାରିବେ। ବ୍ୟାଙ୍କିଙ୍ଗ ଏବଂ ୟୁପିଆଇ ଆପ୍ କ୍ଷେତ୍ରରେ ମଧ୍ୟ ସମାନ ଯାଞ୍ଚ ବ୍ୟବସ୍ଥା ପୂର୍ବରୁ ରହିଛି। ତଥାପି ଆର୍ଥିକ ଠକେଇ ବୃଦ୍ଧି ପାଇବାରେ ଲାଗିଛି ବୋଲି ସେମାନେ ଯୁକ୍ତି ଦେଇଛନ୍ତି।

## ୩ ଆତଙ୍କବାଦୀଙ୍କୁ ଗିରଫ କଲା ଦିଲ୍ଲୀ ପୋଲିସ

**ନୂଆଦିଲ୍ଲୀ:** ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍ ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ଆଇଏସଆଇ ସହିତ ଜଡିତ ତିନି ଜଣ ଆତଙ୍କବାଦୀଙ୍କୁ ଗିରଫ କରିଛି। ଏହି ଆତଙ୍କବାଦୀମାନେ ପାକିସ୍ତାନୀ ଗ୍ୟାଙ୍ଗଷ୍ଟର ଶହଜାଦ ଭଟ୍ଟି ସହିତ ଜଡିତ, ଯିଏ ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ISIର ନିର୍ଦ୍ଦେଶରେ କିଏ କାମ କରୁଥିଲା। । ପୋଲିସ ଗିରଫଦାରୀଗୁଡ଼ିକୁ ଲାଲକିଲ୍ଲା ବିସ୍ଫୋରଣ ସହିତ ମଧ୍ୟ ଜଡିତ କରାଯାଉଛି। ଏହି ଗିରଫଦାରୀ ଦିଲ୍ଲୀ ବିସ୍ଫୋରଣର ତଦନ୍ତକୁ ଏକ ନୂତନ ଦିଗ ପ୍ରଦାନ କରୁଛି। ଆତଙ୍କବାଦୀ ସଂଗଠନ ବ୍ୟତୀତ ପାକିସ୍ତାନର ପ୍ରମୁଖ ଗ୍ୟାଙ୍ଗଷ୍ଟର ଶହଜାଦ ଭଟ୍ଟିର ନାମ ମଧ୍ୟ ସାମ୍ନାକୁ ଆସିଛି। ଏହି ତିନି ଆତଙ୍କବାଦୀଙ୍କୁ ଉତ୍ତର ପ୍ରଦେଶ, ପଞ୍ଜାବ ଏବଂ ମଧ୍ୟପ୍ରଦେଶରୁ ଗିରଫ କରାଯାଇଥିଲା। ପୋଲିସର ସୂଚନା ଅନୁଯାୟୀ, ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତ ପାକିସ୍ତାନରୁ ପରିଚାଳିତ ଶହଜାଦ ଭଟ୍ଟି ଆତଙ୍କୀ ମଡ୍ୟୁଲର ନେତୃତ୍ୱରେ କାମ କରୁଥିଲେ। ସ୍ପେଶାଲ ସେଲ୍ ଆଣ୍ଟି ଟେରର ୟୁନିଟ ଗୁଇନ୍ଦା ଏଜେନ୍ସି ଇନପୁଟ୍ ଆଧାରରେ ଏହି ମଡ୍ୟୁଲର ପର୍ଦ୍ଦାଫାଶ କରିଛି। ଗିରଫ ଆତଙ୍କବାଦୀ ପଞ୍ଜାବ ସହ ଜଡିତ ସନ୍ଦିଗ୍ଧ ମୁଖ୍ୟ ରହିଛି, ଯିଏକି ଗ୍ୟାଙ୍ଗଷ୍ଟର ନେଟଓ୍ୱର୍କ ଜରିଆରେ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ତସ୍କରି କରୁଥିଲା। ମଡ୍ୟୁଲର ଅନ୍ୟ ସଦସ୍ୟ ଉତ୍ତର ପ୍ରଦେଶର ଲକ୍ଷ୍ନୌ ଓ ମୁରାଦାବାଦ ତଥା ମଧ୍ୟ ପ୍ରଦେଶରୁ ଧରାପଡିଛି। ପୋଲିସ ତଦନ୍ତରୁ ଜଣାପଡିଛି ଯେ ଏହି ମଡ୍ୟୁଲ୍ ପାକିସ୍ତାନୀ ହ୍ୟାଣ୍ଡଲରଙ୍କ ସହ ଯୋଗାଯୋଗରେ ଥିଲା। ଅଭିଯୁକ୍ତମାନେ ସୋସିଆଲ ମିଡିଆ ଆକାଉଣ୍ଟ ମାଧ୍ୟମରେ ISI ଠାରୁ ନିର୍ଦ୍ଦେଶ ପାଉଥିଲେ ଏବଂ ଦିଲ୍ଲୀ-ଏନସିଆରରେ ବିସ୍ଫୋରକ ଆକ୍ରମଣ ଯୋଜନା କରୁଥିଲେ। ପୋଲିସ ସନ୍ଦେହ କରୁଛି ଯେ ଏହି ନେଟୱାର୍କ ପଞ୍ଜାବ, ଉତ୍ତର ପ୍ରଦେଶ ଏବଂ ମଧ୍ୟ ପ୍ରଦେଶରେ ଯୁବକମାନଙ୍କୁ ନିଯୁକ୍ତି ଦେଉଥିଲା। ସୂଚନାଥାଉକି, ଶାହଜାଦ ଭଟ୍ଟି ନିକଟରେ ପଞ୍ଜାବର ଜଣେ ବିଜେପି ନେତାଙ୍କ ଘର ବାହାରେ ହୋଇଥିବା ଗ୍ରେନେଡ୍ ଆକ୍ରମଣରେ ସମ୍ପୃକ୍ତ ଥିଲା । ଭଟ୍ଟି ପାଖରେ ମରକ୍କୋର ପାସପୋର୍ଟ ଅଛି ଏବଂ ସେ ୟୁଏଇରେ ସକ୍ରିୟ ଅଛି ବୋଲି ଜଣାପଡିଛି। ଭଟ୍ଟି ସୋସିଆଲ ମିଡିଆରେ ଅନେକ ଭିଡିଓ ଜାରି କରି ନିଜକୁ "ଇସଲାମ ଏବଂ ପାକିସ୍ତାନର ସୈନିକ" ବୋଲି କହିଛି ।

## ବାୟୁ ପ୍ରଦୂଷଣରୁ ନିସ୍ତାର ପାଇବେ ଦିଲ୍ଲୀବାସୀ

**ନୂଆଦିଲ୍ଲୀ:** ଦିଲ୍ଲୀର ଗମ୍ଭୀର ବାୟୁ ପ୍ରଦୂଷଣ ବାସିନ୍ଦାଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଉଛି। ଯାହା ଫଳରେ ସୁରକ୍ଷା ଅତ୍ୟାବଶ୍ୟକ ହୋଇପଡୁଛି। ଶୀତଦିନ ହେବା ମାତ୍ରେ ଦିଲ୍ଲୀ ପୁଣି ଥରେ ବିଷାକ୍ତ କୁହୁଡ଼ିର ଘନ ଚାଦରରେ ଘୋଡ଼ାଇ ହୋଇଯାଏ। ଲଗାତାର କିଛି ଦିନ ଧରି ଏପରି ରହିବା ଫଳରେ ବାୟୁର ଗୁଣବତ୍ତା ଆହୁରି ଖରାପ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ଦିଲ୍ଲୀ ସରକାର ପ୍ରଦୂଷଣ ମୁକାବିଲା ପାଇଁ ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି।ପବ୍ଲିକ୍ ୱାର୍କସ୍ ବିଭାଗ (PWD) ପକ୍ଷରୁ ୧୩ଟି ପ୍ରଦୂଷଣ ହଟସ୍ପଟ୍ରେ ମିଷ୍ଟ ସ୍ପ୍ରେ ସିଷ୍ଟମ୍କୁ ସ୍ଥାପନ କରିବାର ଯୋଜନା କାରଯାଉଛି। ଯାହା ପାଇଁ ୩୦୫ଟି ବିଦ୍ୟୁତ୍ ଖୁଣ୍ଟ କୁ ଚୟନ କରାଯାଇଛି। ଟେଣ୍ଡର ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ଅଛି। ଏହି ସୁବିଧା ଆଗାମୀ ୧୫ ରୁ ୨୦ ଦିନ ମଧ୍ୟରେ କାର୍ଯ୍ୟକ୍ଷମ ହେବ ବୋଲି ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କହିଛନ୍ତି। ମିଷ୍ଟ ସ୍ପ୍ରେ ସିଷ୍ଟମ କାର୍ଯ୍ୟ କରିବ କିପରି? ଶୀତଦିନ ଆସିବା ସହ ଦିଲ୍ଲୀରେ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ଅସମ୍ଭାଳ ହୋଇପଡିଥାଏ। ଏହି ସମସ୍ୟାକୁ କମାଇବା ପାଇଁ ପାଇଁ ଅନେକ ପରୀକ୍ଷଣ କରାଯାଇଥାଏ। ଏସବୁ ମଧ୍ୟରେ ପ୍ରଦୂଷଣ ହ୍ରାସ କରିବା ପାଇଁ ଦିଲ୍ଲୀରେ ଗତ ଦୁଇ ବର୍ଷ ଧରି ଏକ ନୂତନ ପରୀକ୍ଷଣ ଚାଲିଛି। ବିଦ୍ୟୁତ୍ ଖୁଣ୍ଟରେ କୁହୁଡ଼ି ସ୍ପ୍ରେ ବା ମିଷ୍ଟ ସ୍ପ୍ରେ ସିଷ୍ଟମ୍ ଲଗାଯାଉଛି।

## ଡିସେମ୍ବର ୧୧ ଯାଏଁ ଚାଲିବ ଏସଆଇଆର

**ନୂଆଦିଲ୍ଲୀ:** ନିର୍ବାଚନ କମିଶନ ୧୨ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଜାରି ରହିଥିବା ସ୍ୱତନ୍ତ୍ର ବ୍ୟାପକ ସଂଶୋଧନ ବା ଏସଆଇଆର ଲାଗି ସମୟ ସୀମା ବୃଦ୍ଧି କରିଛନ୍ତି । ଆଉ ୭ ଦିନ ଏସଆଇଆର ପ୍ରକ୍ରିୟା ଲାଗି ସମୟ ବଢ଼ିଛି । ଅନ୍ତିମ ମତଦାତାଙ୍କ ସୂଚୀ ଫେବ୍ରୁଆରୀ ୧୪, ୨୦୨୬ରେ ପ୍ରକାଶ ପାଇବ । ଏବେ ଭୋଟର ତାଲିକାରେ ସଂଶୋଧନ ଡିସେମ୍ବର ୧୧ ଯାଏଁ ଚାଲିବ । ପୂର୍ବରୁ ଡିସେମ୍ବର ୪ ଯାଏଁ ସମୟ ଥିଲା ।ସେହିଭଳି ଡ୍ରାଫ୍ଟ ଲିଷ୍ଟ ଡିସେମ୍ବର ୯ରେ ଜାରି ହେବାର ଥିଲା, ଏବେ ଏହି ତାଲିକା ଡିସେମ୍ବର ୧୬ରେ ଜାରି ହେବ ।

ବିହାର ପରେ, ଅକ୍ଟୋବର ୨୮ ରେ ୧୨ ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ SIR ଆରମ୍ଭ ହୋଇଥିଲା। ଏହି ପ୍ରକ୍ରିୟା ଭୋଟର ତାଲିକାକୁ ଅପଡେଟ୍ କରିବ। ନୂତନ ଭୋଟରଙ୍କ ନାମ ଯୋଡାଯିବ ଏବଂ ଭୋଟର ତାଲିକାରେ ଦେଖାଯାଇଥିବା ତ୍ରୁଟି ସଂଶୋଧନ କରାଯିବ। ଶନିବାର ଦିନ ଏକ ପ୍ରେସ୍ ବିଜ୍ଞପ୍ତିରେ ନିର୍ବାଚନ କମିଶନ କହିଛନ୍ତି ଯେ, ୫୧ କୋଟି ଭୋଟରଙ୍କ ପାଇଁ ତିଆରି ହୋଇଥିବା ଫର୍ମର ୯୯.୫୩% ବଣ୍ଟନ କରାଯାଇଛି। ଏହି ଫର୍ମଗୁଡ଼ିକର ପ୍ରାୟ ୭୯% ଡିଜିଟାଇଜେସନ୍ ମଧ୍ୟ ସମାପ୍ତ ହୋଇଛି। ଏହାର ଅର୍ଥ ହେଉଛି, ପ୍ରତ୍ୟେକ ଘରୁ ବିଏଲଓଙ୍କ ଦ୍ୱାରା ସଂଗୃହୀତ ଫର୍ମରେ ରେକର୍ଡ ହୋଇଥିବା ନାମ, ଠିକଣା ଏବଂ ଅନ୍ୟାନ୍ୟ ବିବରଣୀ ଅନଲାଇନ୍ ସିଷ୍ଟମରେ ପ୍ରବେଶ କରାଯାଇଛି।

ବିରୋଧୀ ଦଳ SIR ପ୍ରକ୍ରିୟାକୁ ଲଗାତାର ଟାର୍ଗେଟ କରିଆସୁଛନ୍ତି । ଏସଆଇଆର ସମୟରେ କାର୍ଯ୍ୟ ଚାପ ଯୋଗୁଁ ବିଏଲଓଙ୍କ ମୃତ୍ୟୁକୁ କଂଗ୍ରେସ ହତ୍ୟା ବୋଲି ବର୍ଣ୍ଣନା କରିଛି। କଂଗ୍ରେସ ମୁଖପାତ୍ର ସୁପ୍ରିୟା ଶ୍ରୀନେତ କହିଛନ୍ତି ଯେ, ୨୦ ଦିନରେ ୨୬ ଜଣ ବିଏଲଓଙ୍କ ମୃତ୍ୟୁ ସ୍ପଷ୍ଟ ଦିବାଲୋକରେ ହତ୍ୟା ସହିତ ସମାନ। ଗୋଣ୍ଡାର ବିଏଲଓ ବିପିନ ଯାଦବଙ୍କ ବିଷୟରେ ଉଲ୍ଲେଖ କରି ସୁପ୍ରିୟା କହିଛନ୍ତି ଯେ, ତାଙ୍କ ପରିବାର ଅଭିଯୋଗ କରିଛନ୍ତି ଯେ, ଭୋଟର ତାଲିକାରୁ ପଛୁଆ ବର୍ଗଙ୍କ ନାମ ବାଦ ଦେବା ପାଇଁ ତାଙ୍କ ଉପରେ ଚାପ ଥିଲା । ସେ କହିଛନ୍ତି, ଏହା କୌଣସି କାହାଣୀ ନୁହେଁ, ବରଂ ଦେଶ ସାମ୍ନାରେ ଥିବା ଏକ କଠୋର ସତ୍ୟ। ଏତେ ତରବର କ'ଣ ପାଇଁ ? ସମୟ ନିଅ ଏବଂ ଏସଆଇଆର କର । ଏସଆଇଆର ପ୍ରସଙ୍ଗ କୌଣସି ଛୋଟ କଥା ନୁହେଁ। ଏହା ଭୋଟ ଚୋରିର ସବୁଠାରୁ ଶକ୍ତିଶାଳୀ ପଦ୍ଧତି। ସେଥିପାଇଁ ଏହାକୁ ଏତେ ଖୋଲାଖୋଲି ଭାବରେ ବ୍ୟବହାର କରାଯାଉଛି।

## ସିଲିଗୁଡି କରିଡରକୁ ସୁଦୃଢ଼ କଲା ଭାରତ

**ନୂଆଦିଲ୍ଲୀ:** ଭାରତ ସିଲିଗୁଡି କରିଡରକୁ ଆହୁରି ସୁଦୃଢ଼ କରିଛି । ଏକ ନିର୍ଣ୍ଣାୟକ ସାମରିକ ଗଠନ ସହିତ ଏହାର ପୂର୍ବ ସୀମାକୁ ପରିବର୍ତ୍ତନ କରୁଛି । ଯାହା ଦେଶର ସାତଟି ଉତ୍ତର-ପୂର୍ବ ରାଜ୍ୟକୁ ମୁଖ୍ୟଭୂମି ସହିତ ସଂଯୋଗ କରୁଥିବା ସଂକୀର୍ଣ୍ଣ ୨୨ କିଲୋମିଟର ଷ୍ଟ୍ରିପ୍। ଏହି ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ତିନୋଟି ନୂତନ ସାମରିକ ପ୍ରତିଷ୍ଠାନ ବୃଦ୍ଧି କରୁଛି ଭାରତ । ନୂଆଦିଲ୍ଲୀ ଏହାର ସବୁଠାରୁ ଦୁର୍ବଳ ରଣନୈତିକ ପଏଣ୍ଟକୁ ସୁରକ୍ଷିତ କରିବା ଏବଂ ଉତ୍ତର-ପୂର୍ବକୁ ସୁରକ୍ଷା ଦେବା ପାଇଁ ତିନୋଟି ଆଗୁଆ ଘାଟି ନିର୍ମାଣ କରୁଛି। ଧୁବ୍ରି ନିକଟରେ ଲାଚିତ ବୋରଫୁକାନ ସାମରିକ ଷ୍ଟେସନ, ବିହାରର କିଶନଗଞ୍ଜ ଏବଂ ପଶ୍ଚିମବଙ୍ଗର ଚୋପ୍ରାରେ ଆଗୁଆ ଘାଟି ସହିତ, ପ୍ରତିରକ୍ଷା ଗାରିସନ୍ ଅପେକ୍ଷା ଅଧିକ ପ୍ରତିନିଧିତ୍ୱ କରେ। ଏଗୁଡ଼ିକ ଦ୍ରୁତ ନିୟୋଜନ ବାହିନୀ, ଗୁଇନ୍ଦା ୟୁନିଟ୍ ଏବଂ ପାରା ସ୍ପେଶାଲ୍ ଫୋର୍ସ ସହିତ ସଜ୍ଜିତ ରଣନୈତିକ ନୋଡ୍, ଯାହା କରିଡରକୁ କେବେବି ଆଘାତ କରିପାରିବ ନାହିଁ, ତାହା ନିଶ୍ଚିତ କରିବା ପାଇଁ ଡିଜାଇନ୍ କରାଯାଇଛି। ତେବେ ବାଂଲାଦେଶରେ ଭୂକମ୍ପୀୟ ରାଜନୈତିକ ପରିବର୍ତ୍ତନ ପ୍ରତି ଏହା ଭାରତର ପ୍ରତିକ୍ରିୟାକୁ ପ୍ରତିଫଳିତ କରେ। ଶେଖ ହାସିନାଙ୍କ ଭାରତ-ସମର୍ଥକ ସରକାରକୁ ମହମ୍ମଦ ୟୁନୁସଙ୍କ ଅଧୀନରେ ଏକ ମଧ୍ୟବର୍ତ୍ତୀକାଳୀନ ପ୍ରଶାସନ ଦ୍ୱାରା ବଦଳାଯାଇଛି, ଯାହାଙ୍କ ବୈଦେଶିକ ନୀତି କ୍ରମଶଃ ଚୀନ୍ ଏବଂ ପାକିସ୍ତାନ ସହିତ ସମାନ ଥିବା ଦେଖାଯାଇଛି । ରିପୋର୍ଟ ଅନୁଯାୟୀ, ବାଂଲାଦେଶ ୨.୨ ବିଲିୟନ ଡଲାର ମୂଲ୍ୟର ଚୀନ୍ J-10C ଲଢୁଆ କିଣିବାକୁ ଯୋଜନା କରୁଛି ଏବଂ ଡ୍ରୋନ୍ ନିର୍ମାଣରେ ବେଜିଂ ସହିତ ସହଯୋଗ କରୁଛି, ଯେତେବେଳେ ପାକିସ୍ତାନ JF-17 ବ୍ଲକ C ଥଣ୍ଡର ଜେଟ୍ ବାଂଲାଦେଶକୁ ପ୍ରଦାନ କରିଛି। ଭାରତ ପାଇଁ, ଏକ ସମ୍ବେଦନଶୀଳ ସୀମାରେ ବାଂଲାଦେଶର ପ୍ରତିପକ୍ଷଙ୍କ ଆଡ଼କୁ ଢଳୁଥିବା ଏକ ରଣନୈତିକ ଦୁଃସ୍ୱପ୍ନକୁ ପ୍ରତିନିଧିତ୍ୱ କରେ। ସିଲିଗୁଡି କରିଡର, ଯାହା ଏହାର ସଂକୀର୍ଣ୍ଣ ବିନ୍ଦୁରେ ମାତ୍ର ୨୨ କିଲୋମିଟର ଚଉଡା, ଉତ୍ତର-ପୂର୍ବରେ ୪୫ ଲକ୍ଷରୁ ଅଧିକ ଲୋକଙ୍କୁ ଦେଶର ଅନ୍ୟାନ୍ୟ ଅଂଶ ସହିତ ସଂଯୋଗ କରେ, ଯେକୌଣସି ବାଧା ଏହି ଗୁରୁତ୍ୱପୂର୍ଣ୍ଣ ସଂଯୋଗକୁ ବିଚ୍ଛିନ୍ନ କରିପାରେ। ତେଣୁ ଭାରତ ଏହାକୁ ନୂଆନ ସାମରିକ ଘାଟି ସହ ଆହୁରି ସୁଦୃଢ଼ କରିଛି । ନୂତନ ଘାଟିଗୁଡ଼ିକ କରିଡରର ଓଭରଲାପିଂ କଭରେଜ ପ୍ରଦାନ କରେ, ଚୋପ୍ରା ସଂସ୍ଥାପନ ବାଂଲାଦେଶ ସୀମାରୁ ଏକ କିଲୋମିଟରରୁ କମ୍ ଦୂରରେ ଅବସ୍ଥିତ। ଏହି ଆଗୁଆ ସ୍ଥିତିଗୁଡ଼ିକ ବାଂଲାଦେଶ ଭିତରେ ଗଭୀର ନଜର ରଖିବା ଏବଂ ଆବଶ୍ୟକ ହେଲେ ଦ୍ରୁତ ଗତିଶୀଳତାକୁ ସକ୍ଷମ କରେ, ସୀମାରେ କାର୍ଯ୍ୟକ୍ଷମ ସନ୍ତୁଳନକୁ ମୌଳିକ ଭାବରେ ପରିବର୍ତ୍ତନ କରେ।

## ମାଗଣା ଜିନିଷ ବିରୋଧରେ ଚେତାବନୀ

**ନୂଆଦିଲ୍ଲୀ:** ଭାରତରେ ନିର୍ବାଚନ ଋତୁ ପାଖେଇ ଆସିବା ସହିତ ଜନସାଧାରଣଙ୍କୁ ମାଗଣା ଏବଂ ନଗଦ ପ୍ରତିଶ୍ରୁତିର ବର୍ଷା କରାଯାଉଛି। ପ୍ରତ୍ୟେକ ଦଳ ଅନ୍ୟ ଦଳକୁ ପଛରେ ପକାଇ ଦିଅନ୍ତି। କିନ୍ତୁ ଆପଣ କେବେ ଚିନ୍ତା କରିଛନ୍ତି ଯେ, ଏହାର ଦେଶର ଅର୍ଥନୀତି ଉପରେ କ'ଣ ପ୍ରଭାବ ପଡ଼େ? ଏହି ଗମ୍ଭୀର ପ୍ରସଙ୍ଗରେ, ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆରବିଆଇ)ର ପୂର୍ବତନ ଗଭର୍ଣ୍ଣର ଡି. ସୁବାରାଓ ଏକ ଗମ୍ଭୀର ଚେତାବନୀ ଦେଇଛନ୍ତି।



ସେ କହିଛନ୍ତି ଯେ, ଏହି କୌଶଳଗୁଡ଼ିକ ନିର୍ବାଚନ ଜିତିପାରେ, କିନ୍ତୁ ଏକ ଶକ୍ତିଶାଳୀ ରାଷ୍ଟ୍ର ଗଠନ କରିପାରିବ ନାହିଁ। ନୋଟ୍ ଦେଇ ଭୋଟ୍ ଜିତିବା ଦେଶର ଭବିଷ୍ୟତ କ'ଣ ହେବ ବୋଲି ସେ ଚିନ୍ତା ପ୍ରକଟ କରିଛନ୍ତି।

ସୁବାରାଓ ସ୍ପଷ୍ଟ ଭାବରେ କହିଛନ୍ତି, ମାଗଣାରେ ସବୁକିଛି ପ୍ରତିଶ୍ରୁତି ଦେବା ମୂଳତଃ ରାଜନୈତିକ ବିଫଳତାର ସ୍ୱୀକାରୋକ୍ତି। ଯେତେବେଳେ ସରକାର ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଭଳି ମୌଳିକ ଆବଶ୍ୟକତା ପୂରଣ କରିବାରେ ତଥା ଲୋକଙ୍କ ଜୀବନଧାରଣରେ ସ୍ଥାୟୀ ଉନ୍ନତି ହାସଲ କରିବାରେ ବିଫଳ ହୁଅନ୍ତି। ସେତେବେଳେ ସେମାନେ ଏପରି ସର୍ଟକର୍ଟର ବ୍ୟବହାର କରିଥାନ୍ତି। ଏହି ଧାରା ବିପଦପୂର୍ଣ୍ଣ କାରଣ ଏହା ଦେଶର ଦୀର୍ଘକାଳୀନ ବିକାଶ ପାଇଁ ଅତ୍ୟାବଶ୍ୟକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକରେ ନିବେଶକୁ ବାଧା ଦିଏ।

ବିହାର ନିର୍ବାଚନରେ ପ୍ରତିଶ୍ରୁତି

ତାଙ୍କ ମତକୁ ସ୍ପଷ୍ଟ କରିବା ପାଇଁ, ସୁବାରାଓ ବିହାର ଏବଂ ଆନ୍ଧ୍ରପ୍ରଦେଶ ନିର୍ବାଚନର ଉଦାହରଣ ଦେଇଥିଲେ। ଘଣମାଧ୍ୟମର ରିପୋର୍ଟକୁ ଉଦ୍ଧୃତ କରି, ସେ ବ୍ୟାଖ୍ୟା କରିଥିଲେ ଯେ, କିପରି ବିହାର ନିର୍ବାଚନରେ ଏନଡିଏ ମହିଳାମାନଙ୍କୁ ୧୦,୦୦୦ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲା। ଯେତେବେଳେ ବିରୋଧୀ ମହାଗଠବନ୍ଧନ ଏହାକୁ ୩୦,୦୦୦ ଟଙ୍କାକୁ ବୃଦ୍ଧି କରିଥିଲା ଏବଂ ପ୍ରତ୍ୟେକ ପରିବାର ପାଇଁ ଏକ ସରକାରୀ ଚାକିରି ପ୍ରତିଶ୍ରୁତି ଦେଇଥିଲା। ସୁବାରାଓଙ୍କ ଅନୁସାରେ, ଏହି ପ୍ରତିଶ୍ରୁତିଗୁଡ଼ିକ ମୂଲ୍ୟହୀନ ଥିଲା। ଏହା ଦେଖାଯାଉଥିଲା ଯେପରି ରାଜନୈତିକ ବର୍ଗ ସମସ୍ତ ଆର୍ଥିକ ଗଣନା ଏବଂ ବଜେଟ୍ ପରିତ୍ୟାଗ କରିଛନ୍ତି। ଏହା କେବଳ ପରସ୍ପରକୁ ପଛରେ ପକାଇବା ପାଇଁ ଏକ ପ୍ରତିଯୋଗିତା ଥିଲା।

ବିଜୟ ପରେ ପ୍ରତିଶ୍ରୁତି ସମସ୍ୟା ପାଲଟୁଛି

ପୂର୍ବତନ ରାଜ୍ୟପାଳ ଯୁକ୍ତି ଦେଇଛନ୍ତି ଯେ, ଯେତେବେଳେ ସମସ୍ତ ଦଳ ଏପରି ବଡ଼ ବଡ଼ ପ୍ରତିଶ୍ରୁତି ଦିଅନ୍ତି, ଏହି ମାଗଣା ଉପହାରଗୁଡ଼ିକ ପରସ୍ପରକୁ ଶେଷ କରିଦିଅନ୍ତି। ଯଦିଓ ଏହା କିଛି ଭୋଟ୍ ଦେଇପାରେ ତେବେ ଏହା ନେତାମାନଙ୍କ ଉପରେ ଜନସାଧାରଣଙ୍କ ବିଶ୍ୱାସକୁ ହ୍ରାସ କରିଥାଏ। ସବୁଠାରୁ ବଡ଼ ଚିନ୍ତାର ବିଷୟ ହେଉଛି ଯେ, ନିର୍ବାଚନ ଜିତିବା ପରେ, ନିର୍ବାଚିତ ସରକାରଗୁଡ଼ିକ ଏହି ପ୍ରତିଶ୍ରୁତି ପୂରଣ କରିବାକୁ ସଂଘର୍ଷ କରୁଛନ୍ତି। ସୁବାରାଓ ଚେତାବନୀ ଦେଇଛନ୍ତି, ଖାଲି ନଗଦ ପ୍ରତିଶ୍ରୁତି ଯୋଗୁ ସରକାରଗୁଡ଼ିକ ଚାପରେ ଅଛନ୍ତି ଏବଂ ରାଷ୍ଟ୍ର ନିର୍ମାଣର ପ୍ରକୃତ କାର୍ଯ୍ୟ ପଛରେ ପଡ଼ିଯାଉଛି।

## ରାଜଧାନୀର ଭୂତଳ ଜଳରେ ୟୁରାନିୟମ

**ନୂଆଦିଲ୍ଲୀ:** ରାଜଧାନୀ ଦିଲ୍ଲୀ ବର୍ତ୍ତମାନ ବାୟୁ ପ୍ରଦୂଷଣ ବିପଦ ସହ ଲଢୁଥିବା ବେଳେ ଏବେ ପାଣି ପ୍ରଦୂଷଣ ଚିନ୍ତା ଘାରିଛି। ରାଜଧାନୀ ଦିଲ୍ଲୀରେ ଭୂତଳ ଜଳରେ ୟୁରାନିୟମ ମାତ୍ରା ଅଧିକ ରହିଛି। ପଞ୍ଜାବ ଓ ହରିଆଣା ପରେ ଦିଲ୍ଲୀର ଏଭଳି ଅବସ୍ଥା ରାଜଧାନୀବାସୀଙ୍କ ଚିନ୍ତା ବଢ଼ାଇଲାଣି।। କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ ଦ୍ୱାରା ସଦ୍ୟ ପ୍ରକାଶିତ ବାର୍ଷିକ ଭୂତଳ ଜଳ ମାନ ରିପୋର୍ଟ ୨୦୨୫ରେ ଯେ ଦିଲ୍ଲୀରେ ପରୀକ୍ଷିତ ଭୂତଳ ଜଳ ନମୁନାର ୧୩-୧୫% ରେ ଆବଶ୍ୟକତା ସୀମା ୩୦ ପିପିବିରୁ ଅଧିକ ୟୁରାନିୟମ ମିଳିଛି। ଯାହା ପାନୀୟ ଜଳ ସୁରକ୍ଷା ଏବଂ ଜନସ୍ୱାସ୍ଥ୍ୟ ପ୍ରତି ଚିନ୍ତା ବଢ଼ାଇଛି। ଏନେଇ ଟାଇମ୍ସ ଅଫ୍ ଇଣ୍ଡିଆରେ ରିପୋର୍ଟ ପ୍ରକାଶ ପାଇଛି। ରିପୋର୍ଟରେ ଜଳ ପ୍ରଦୂଷଣ ନିରନ୍ତର ବଢୁଛି। ୨୦୨୦ ମସିହାରେ କରାଯାଇଥିବା ଏକ ଏକ ବିସ୍ତୃତ ପରୀକ୍ଷାରେ ୧୧.୭% ନମୁନାରେ ୟୁରାନିୟମ ସୀମାଠାରୁ ମାତ୍ରାଧିକ ମିଳିଥିଲା। ଏବଂ ଉତ୍ତର ପଶ୍ଚିମ ଜିଲ୍ଲାର ଏକ ଟ୍ୟୁବୱେଲରୁ ସର୍ବାଧିକ ୮୯.୪ ପିପିବି ୟୁରାନିୟମ ରେକର୍ଡ କରାଯାଇଥିଲା। ୨୦୨୪ ସୁଦ୍ଧା, ୬ ଜିଲ୍ଲା - ଉତ୍ତର, ଉତ୍ତର ପଶ୍ଚିମ, ଦକ୍ଷିଣ, ଦକ୍ଷିଣ ପୂର୍ବ, ଦକ୍ଷିଣ ପଶ୍ଚିମ ଏବଂ ପଶ୍ଚିମରେ ଭୂତଳ ଜଳରେ ସୁରକ୍ଷିତ ସୀମାଠାରୁ ଅଧିକ ୟୁରାନିୟମ ଥିବା ରିପୋର୍ଟରେ କୁହାଯାଇଛି। ଏହି ସଦ୍ୟତମ ତଥ୍ୟ ପରିବେଶବିତ ଓ ସମ୍ପର୍କିତ ସଂସ୍ଥାଗୁଡ଼ିକୁ ଚିନ୍ତାର ପକାଇଛି। ସେମାନେ ଜଳ-ମାନ ସମ୍ବନ୍ଧୀୟ ବିସ୍ତୃତ ତଥ୍ୟ ଏବଂ ଚିକିତ୍ସା ପ୍ରୋଟୋକଲ୍ ଉପରେ ସ୍ୱଚ୍ଛତା ମାଗିଛନ୍ତି। ବିଶେଷକରି ଚିନ୍ତାଜନକ କଥା ହେଉଛି ଭୂତଳ ଜଳରେ କେବଳ ୟୁରାନିୟମ ନୁହେଁ, ନାଇଟ୍ରେଟ୍, ଫ୍ଲୋରାଇଡ୍ ଏବଂ ଲବଣତା ସ୍ତର ମଧ୍ୟ ଅଧିକ ରହୁଛି। ଯାହା ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। ସ୍ୱାସ୍ଥ୍ୟ ଉପରେ ସାଂଘାତିକ ପ୍ରଭାବ ନୂଆ ରିପୋର୍ଟ ଅନୁଯାୟୀ, ମାତ୍ରାଧିକ ୟୁରାନିୟମ, ଆର୍ସେନିକ୍ ଏବଂ ସୀସା ଭାଗ ଥିବା ପାଣି ଦୀର୍ଘଦିନ ଧରି ବ୍ୟବହାର କରିବା ଦ୍ୱାରା କିଡ୍ନୀ ସମସ୍ୟା, ସ୍ନାୟୁଗତ ସମସ୍ୟା, କଙ୍କାଳ ବିକୃତି ଏବଂ କର୍କଟ ରୋଗର ଆଶଙ୍କା ବଢ଼ିପାରେ। ଲୌହ ଏବଂ ମାଙ୍ଗାନିଜର ଉଚ୍ଚ ସ୍ତର ଥିଲେ ଶିଶୁ ଏବଂ ପିଲାମାନଙ୍କ ପାଇଁ ଅତିରିକ୍ତ ବିପଦ ସୃଷ୍ଟି କରେ। ଏହି ପ୍ରଦୂଷଣ ଭୂତଳ ଜଳର ପାନୀୟ କ୍ଷମତାକୁ ହ୍ରାସ କରିବା ସହ ମାଟି ଏବଂ ଫସଲରେ ବିଷାକ୍ତ ପଦାର୍ଥ ଜମା କରି କୃଷିକୁ ମଧ୍ୟ କ୍ଷତି ପହଞ୍ଚାଏ। ୟୁରାନିୟମ୍ ଏକ ଭାରୀ ଧାତୁ ଏବଂ ରେଡିଓଆକ୍ଟିଭ୍ ମୌଳିକ, ଏବଂ ଏହାର ସ୍ୱାସ୍ଥ୍ୟ ଉପରେ ପ୍ରଭାବ ମୁଖ୍ୟତଃ ବିକିରଣ ନୁହେଁ ବରଂ ଏହାର ରାସାୟନିକ ବିଷାକ୍ତତାରୁ ଆସିଥାଏ।

# ରାଞ୍ଚିରେ ରୋମାଞ୍ଚକର ବିଜୟ

ରାଞ୍ଚି,୩୦ା୧୧(ଏଜେନ୍ସି): ରାଞ୍ଚିରେ ରୋମାଞ୍ଚକର ବିଜୟ ହାସଲ କରିଛି ଭାରତ। ଦ.ଆଫ୍ରିକା ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚରେ ଭାରତ ୧୭ ରନରେ ବିଜୟୀ ହୋଇଛି। ବିଜୟ ସହ ଭାରତ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ଶୃଙ୍ଖଳାରେ ୧-୦ରେ ଅଗ୍ରଣୀ ହାସଲ କରିଛି। ଭାରତ ପକ୍ଷରୁ ଧାର୍ଯ୍ୟ ୩୫୦ ରନର ବିଜୟଲକ୍ଷ୍ୟକୁ ପିଛା କରି ଦ.ଆଫ୍ରିକା ୩୩୨ ରନରେ ଅଲଆଉଟ୍ ହୋଇଥିଲା। ଭାରତର କୁଳଦୀପ ଯାଦବ ୪ ୱିକେଟ୍ ନେଇ ଦଳ ବିଜୟରେ ଉଲ୍ଲେଖନୀୟ ଯୋଗଦାନ ଦେଇଥିଲେ। ଏହା ପୂର୍ବରୁ ଭାରତ ୫୦ ଓଭରରେ ୮ ୱିକେଟ୍ ହରାଇ ୩୪୯ ରନ୍ କରିଥିଲା। ବିରାଟ କୋହଲି ୧୩୫, ରୋହିତ ଶର୍ମା ୫୭ ଓ ଲୋକେଶ ରାହୁଲ ୬୦ ରନର ଜମାଣିଆ ଇନିଂସ ଖେଳିଥିଲେ। ଶତକୀୟ ଇନିଂସ ପାଇଁ କୋହଲିଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା। ଶୃଙ୍ଖଳା ଦ୍ୱିତୀୟ ଦିନିକିଆ ମ୍ୟାଚ ଆଗାମୀ ୩ ତାରିଖରେ ରାୟପୁରରେ ଖେଳାଯିବ। ରୋହିତ ଶର୍ମାଙ୍କ ସହ ଯଶସ୍ୱୀ ଜୟସ୍ୱାଲ ଇନିଂସ ଓପନ କରିଥିଲେ। ୨୫ ରନ ସ୍କୋରରେ ଭାରତକୁ ପ୍ରଥମ ଝଟକା ଲାଗିଥିଲା। ୧୮ ରନ୍ କରି ଜୟସ୍ୱାଲ ପାଭିଲିୟନ୍ ଫେରିଥିଲେ। ଏହାପରେ ରୋହିତଙ୍କ ସହ ଯୋଗଦେଇଥିଲେ କୋହଲି। ରୋକୋଙ୍କ କମ୍ବିନେସନ ରାଞ୍ଚିରେ ବିସ୍ଫୋରଣ କରିଥିଲା। ପଡ଼ିଆର ଚତୁର୍ଦ୍ଦିଗକୁ ଚୌକା ଛକାର ବର୍ଷା କରି ଦଳୀୟ ସ୍କୋରକୁ ଦୁହେଁ ଆଗେଇ ନେଇଥିଲେ। ଏହି କ୍ରମରେ ରୋହିତ ଓ କୋହଲି ନିଜର ଅର୍ଦ୍ଧଶତକ ପୁରା କରିଥିଲେ। ଦୁଇ ବ୍ୟାଟର ଦ୍ୱିତୀୟ ୱିକେଟ୍ ପାଇଁ ଶତକୀୟ ପାର୍ଟନରସିପ କରି ବିଶାଳସ୍କୋରର ମୂଳଦୁଆ ପକାଇଥିଲେ। ୧୬୧ ରନ୍ ସ୍କୋରରେ ଭାରତକୁ ଦ୍ୱିତୀୟ ଝଟକା ଲାଗିଥିଲା। ରୋହିତ ଶର୍ମା ପୁଲ ସଟ ଖେଳିବାକୁ ଯାଇ ମାର୍କୋ ଜନସନଙ୍କ ବଲରେ ଏଲବିଡବ୍ଲ୍ୟୁ ହୋଇଥିଲେ। ଋତୁରାଜ ଗାଏକ୍ୱାର୍ଡ ୮ ରନ ଓ ୱାଶିଂଟନ ସୁନ୍ଦର ୧୩ ରନ୍ କରି ଆଉଟ୍ ହୋଇଥିଲା। କୋହଲି ଦମଦାର ବ୍ୟାଟିଂ କରି ୧୦୨ ବଲରୁ ୫୨ ତମ ଦିନିକିଆ ଶତକ ହାସଲ କରିଥିଲେ। କୋହଲି ଓ ରାହୁଲ ପଞ୍ଚମ ୱିକେଟ୍ ପାଇଁ ୭୬ ରନ୍ ଯୋଡି



ଥିଲେ। ଦଳୀୟ ସ୍କୋର ୨୭୬ ରନ୍ ବେଳେ କୋହଲି ଆଉଟ୍ ହୋଇଥିଲେ। ସେ ୧୨୦ ବଲରୁ ୧୧ଟି ଚୌକା ଓ ୭ଟି ଛକା ସହ ୧୩୫ ରନ କରିଥିଲେ। ରାହୁଲ ଓ ରବିନ୍ଦ୍ର ଜାଡେଜାଙ୍କ ମଧ୍ୟରେ ଷଷ୍ଠ ୱିକେଟ୍ ପାଇଁ ୬୫ ରନର ପାର୍ଟନରସିପ୍ ହୋଇଥିଲା। ରାହୁଲ ୫୬ ବଲରୁ ୨ଟି ଚୌକା ଓ ୩ ଟି ଛକା ସହ ୬୦ ରନ୍ କରିଥିଲେ। ଶେଷ ଓଭରରେ ଭାରତ ଦୁଇ ୱିକେଟ୍ ହରାଇଥିଲେ ହେଁ ୩୪୯/୮ ରନରେ ବଡ଼ ସ୍କୋରରେ ପହଞ୍ଚି ଯାଇଥିଲା। ୩୫୦ ରନର ବିଜୟଲକ୍ଷ୍ୟକୁ ପିଛା କରିଥିବା ଦ.ଆଫ୍ରିକା ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳର ୧୧ ରନରେ ୩ ୱିକେଟ୍ ହରାଇଥିଲା। ଇନିଂସର ଦ୍ୱିତୀୟ ଓଭରରେ ହର୍ସିତ ରାଣା ୨ ୱିକେଟ୍ ନେଇଥିଲେ। ରିଆନ୍ ରିକେଲଟନ୍ ଓ କ୍ୱିଣ୍ଟନ ଡିକକଙ୍କୁ ଖାତା ଖୋଲିବାକୁ ଦେଇନଥିଲେ। ଅଧିନାୟକ ଆଦିନ ମାକ୍ରାମ ୭ ରନ୍ କରି ଅର୍ଶଦୀପ ସିଂଙ୍କ ଶିକାର ହୋଇଥିଲେ। ଉଭୟ ଚତୁର୍ଥ ୱିକେଟ୍ ପାଇଁ ୬୬ ରନ୍ ଯୋଡି ଥିଲେ। ଜୋର୍ଜି ୩୯ ରନ୍ କରି କୁଳଦୀପଙ୍କ ବଲରେ ଆଉଟ୍ ହୋଇଥିଲେ। ପୁଣି ବ୍ରେଭିସ ଓ ବ୍ରିଟକେଙ୍କ ମଧ୍ୟରେ ଭଲ ପାର୍ଟନରସିପ ହୋଇଥିଲା। ଚତୁର୍ଥ ୱିକେଟ୍ ପାଇଁ ଦୁହେଁ ୬୬ ରନ୍ ଯୋଡି ଥିଲେ। ଜୋର୍ଜି ୩୯ ରନ୍ କରି କୁଳଦୀପଙ୍କ ବଲରେ ଆଉଟ୍ ହୋଇଥିଲେ। ପୁଣି ବ୍ରିଟଜେ ଓ ବ୍ରେଭିସ୍ ପଞ୍ଚମ ୱିକେଟରେ ୫୩ ରନ୍ ଯୋଡି ଥିଲେ। ବ୍ରେଭିସ ୨୮ ବଲରୁ ୩୭ରନ୍ କରି ହର୍ସିତଙ୍କ ତୃତୀୟ ଶିକାର ବନିଥିଲେ। ୧୩୦ ରନରେ ୫ ୱିକେଟ୍ ହରାଇଥିବା ସତ୍ତ୍ୱେ ଦ.ଆଫ୍ରିକା ପକ୍ଷରୁ ଜନସନ ଓ ମ୍ୟାଟକେଙ୍କ ମଧ୍ୟରେ ୯୭ ରନର ପାଟନରସିପ୍ ହୋଇଥିଲା। ଦୁଇ ବ୍ୟାଟର ଅର୍ଦ୍ଧଶତକ ହାସଲ କରିଥିଲେ। ଏହି ଯୋଡି ଟିମ୍ ଇଣ୍ଡିଆ ପାଇଁ ଅଡୁଆ ସ୍ଥିତି ଆଣି ଦେଇଥିଲେ। ୩୪ ତମ ଓଭରରେ କୁଳଦୀପ ଯାଦବ ଏହି ଯୋଡିକୁ ଭାଙ୍ଗିବା ପାଇଁ ସକ୍ଷମ ହୋଇଥିଲେ। ଜନସେନ ଓ ବ୍ରିଟେଜ ଉଭୟ କୁଳଦୀପଙ୍କ ଶିକାର ହୋଇଥିଲେ। ଜନସେନ ୩୯ ବଲରୁ ୭୦ ବ୍ରିଟେଜ ରନ୍ କରିଥିଲେ। ତଥାପି କୋରବିନ ବୋଶ୍ଚ ହାର ମାନିବାକୁ ଦେଇନଥିଲେ। ସେ ଶେଷ ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିଥିଲେ। ଶେଷ ଓଭରରେ ପ୍ରସିଦ୍ଧକ୍ରିଷ୍ଣଙ୍କ ବଲରେ ବୋଶ୍ଚ ବଡ଼ ସଟ ଖେଳିବାକୁ ଯାଇ ରୋହିତଙ୍କ ହାତରେ ଧରା ପଡିଥିଲେ। ସଂଘର୍ଷ କରିବା ପରେ ଦ.ଆଫ୍ରିକା ୩୩୨ ରନରେ ଅଲଆଉଟ୍ ହୋଇଥିଲା। ଭାରତର କୁଳଦୀପ ଯାଦବ ସର୍ବାଧିକ ୪ ୱିକେଟ୍ ନେଇଛନ୍ତି। ଅର୍ଶଦୀପ ସିଂଙ୍କୁ ଦୁଇଟି ଓ ପ୍ରସିଦ୍ଧକ୍ରିଷ୍ଣାଙ୍କୁ ୱିକେଟ୍ ସଫଳତା ମିଳିଛି।

## ବାରବାଟୀ କପ୍ କ୍ରିକେଟ ସେମିରେ ୟୁନିଅନ ସ୍ପୋର୍ଟିଂ

ନିମାପଡା,୩୦ା୧୧(ସବ୍ୟୁ): ରବିବାର ନିମାପଡା ବାରବାଟୀ ପଡିଆରେ ଅଲ୍ ଓଡିଶା ବାରବାଟୀ କପ୍ ତଥା ୫ମ ଟୁବୁଲି ମେମୋରିଆଲ୍ କ୍ରିକେଟ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ରବିବାରର ଉଦଘାଟନୀ ପ୍ରଥମ କ୍ୱାର୍ଟରଫାଇନାଲ ମ୍ୟାଚରେ ଏସ୍‌ପି ଫାଉଣ୍ଡେସନ ନିମାପଡାକୁ ୯୪ ରନରେ ହରାଇ ୟୁନିୟନ ସ୍ପୋର୍ଟିଂ କଟକ ସେମିରେ ପ୍ରବେଶ କରିଛି। ୨୫ ଓଭର ବିଶିଷ୍ଟ ମ୍ୟାଚ୍‌ରେ ଏସ୍.ପି ଫାଉଣ୍ଡେସନ ପ୍ରଥମେ ଟସ୍ ଜିଣି ବୋଲିଂ କରିବାକୁ ନିଷ୍ପତି ନେଇଥିଲା। ୟୁନିୟନ ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୯ଟି ୱିକେଟ ହରାଇ ୧୯୭ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବିନାୟକ ସାହୁ ସର୍ବାଧିକ ୩୩ ରନ୍,ଅରବିନ୍ଦ ସିଂହ ୩୦ ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ବୋଲର ସଦିଗାଜିଜ୍ ୩ଟି ୱିକେଟ୍ ଓ ପ୍ରିୟ ରଞ୍ଜନ ମୁଦୁଲି ୨ଟି ୱିକେଟ ନେଇଥିଲେ। ଏହାର ଜବାବରେ ଏସ୍.ପି ଫାଉଣ୍ଡେସନ ବ୍ୟାଟିଂ କରି ୨୩.୫ ଓଭରରେ ମାତ୍ର ୧୦୩ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ଜ୍ୟୋତି ରଂଜନ ବିଶ୍ୱାଲ୨୫ ରନ୍ ଓ ପ୍ରିୟ ରଂଜନ ପଲାଇ ୨୧ ରନ୍ ସଂଗ୍ରହ କରିଥିଲେ। ୟୁନିୟନ ସ୍ପୋର୍ଟିଂ ବୋଲର ବିନାୟକ ସାହୁ ଓ ଗଣେଷ ୨ଟି ଲେଖାଏଁ ଓ୍ୱିକେଟ ଅକ୍ତିଆର କରିଥିଲେ। ଉଦଘାଟନୀ ମ୍ୟାଚରେ ଅତିଥିଭାବେ ଶିକ୍ଷାବିତ୍ କ୍ଷୀରୋଦ ରାୟ ମହାପାତ୍ର, ଅମରେଶ ନନ୍ଦନ ସାହୁ, ପ୍ରଭାତ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ଖେଳାଳି ମାନଙ୍କୁ ଉସାହିତ କରିଥିଲେ। ବିଜୟୀ ଦଳର ବିନାୟକ ସାହୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ବିବେଚିତ ହୋଇଥିଲେ। ମ୍ୟାଚକୁ ନିର୍ମଳ ମିଶ୍ର ଓ ଅୟଶ କାନ୍ତ ମିଶ୍ର ପରିଚାଳନା କରିଥିଲେ।

## ଇନୋଭାରେ କପ୍

## ଏସଥ୍ରୀସି, ଷ୍ଟାଟଅଫ୍, ସିସିସି, ମାଭେରିକ୍ସ ବିଜୟୀ

ଭୁବନେଶ୍ୱର,୩୦ା୧୧(ସବ୍ୟୁ): ଇନୋଭାରେ କପ କର୍ପୋରେଟ୍ ଟୁର୍ଣ୍ଣାମେଣ୍ଟରେ ରବିବାର ଅନୁଷ୍ଠିତ ମ୍ୟାଚ ଗୁଡିକରେ ଏସଥ୍ରୀସି, ଷ୍ଟଟଅପ୍ ସିସିସି ଏବଂ ମାଭେରିକ୍ସ ବିଜୟଲାଭ କରିଛି। ଇଡକୋ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଏସଥ୍ରୀସି ୬ ରନରେ ଆରସିସିକୁ ପରାଜିତ କରିଛି। ଦ୍ୱିତୀୟ ମ୍ୟାଚରେ ଷ୍ଟଟଅପ୍ ଏକାଦଶ ୫ ୱିକେଟରେ ସାଫେରିକ୍ସକୁ ଧରାଶାୟୀ କରିଥିଲା। ସୋଆ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ସିସିସ ୬ ୱିକେଟରେ ଇଡକୋକୁ ପରାଜିତ କରିଥିଲା। ଦ୍ୱିତୀୟ ମ୍ୟାଚରେ ମାଭେରିକ୍ସ ୮ ୱିକେଟରେ ସୋଆକୁ ପରାଜିତ କରିଛି। ବିଜୟୀ ଦଳର ସୌରଭ କୁମାର ଦାଶଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା।

## ୟୁରୋ କିଡ୍ସର ବାର୍ଷିକ କ୍ରୀଡା

## ଯୋଗଦେଲେ ଅଲିମ୍ପିଆନ୍ ଦୂତୀ ଚାନ୍ଦ




ଭୁବନେଶ୍ୱର,୩୦ା୧୧(ସବ୍ୟୁ): ବିଜେବିନଗର ସ୍ଥିତ ୟୁରୋ ସ୍ଥିତ ବାର୍ଷିକ କ୍ରୀଡା ଉତ୍ସବ ଫିଟ୍ ଆଣ୍ଡ ଫନ୍ ଫିଏଷ୍ଟ ଅନୁଷ୍ଠିତ ହୋଇଯାଇଛି। ଅଲିମ୍ପିଆନ୍ ଦୂତୀ ଚାନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଭୁବନେଶ୍ୱର ମେୟାର ସୁଲୋଚନା ଦାସ, ସୁବ୍ରଜିତ ପଣ୍ଡା ଓ ଅଖିଳ ପଲେଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସ୍ୱାସ୍ଥ୍ୟ ହିଁ ସମ୍ପଦ ବାର୍ତ୍ତା ନେଇ ଛୋଟ ଛୋଟ ପିଲାମାନେ ବିଭିନ୍ନ କୌତୁକିଆ କ୍ରୀଡାରେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଅଭିଭାବକମାନେ ଉପସ୍ଥିତ ରହି ପିଲାଙ୍କ ମନୋବଳ ବଢ଼ାଇଥିଲେ।

## କୁମାରବସ୍ତ ଲୋକନାଥଦେବ କ୍ରିକେଟ

## ମଞ୍ଚେଶ୍ୱର ଚାମ୍ପିଅନ

ଖୋର୍ଦ୍ଧା ,୩୦ା୧୧(ସବ୍ୟୁ): ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଖେଳପଡିଆ ଠାରେ ରାଇଜିଂଷ୍ଟାର କ୍ରିକେଟ କ୍ଲବ, କୁମାରବସ୍ତ ଆନୁକୂଲ୍ୟରେ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜିର ଫାଇନାଲ ମ୍ୟାଚରେ ମଞ୍ଚେଶ୍ୱର୍ ଦଳ ମେଣ୍ଢାଶାଳକୁ ୪ ୱିକେଟ ରେ ପରାସ୍ତ କରିଛି। ଟସ୍ ରେ ବିଜୟ ଲାଭ କରି ମେଣ୍ଢାଶାଳ ଦଳ ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତି ନେଇଥିଲା।ପ୍ରଥମେ ବ୍ୟାଟିଂ କରି ମେଣ୍ଢାଶାଳ ଦଳ ନିର୍ଦ୍ଧାରିତ ୨୦ ଓଭର ରୁ ୫ ୱିକେଟ ହରାଇ ୧୬୫ ରନ ସଂଗ୍ରହ କରିଥିଲେ।ଦଳ ପକ୍ଷରୁ ଅଭିମନ୍ୟୁ ସ୍ୱାଇଁ ଓ ଆଇ ଏସ ଗିରି ଅର୍ଦ୍ଧଶତକ ହାସଲ କରିଥିଲେ। ଜବାବରେ ମଞ୍ଚେଶ୍ୱର ଦଳ ନିର୍ଦ୍ଧାରିତ ୧୮ ଓଭର ରୁ ୬ୱିକେଟ ହରାଇ ୧୬୬ ରନ୍ ସଂଗ୍ରହ କରି ବିଜୟ ହାସଲ କରି ଚମ୍ପିୟାନ ହୋଇଥିଲା। ଏସ କେ ସଲମାନ ମ୍ୟାଚ୍ ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ।ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ଭାବେ ଆଇ ଏସ ଗିରି,ଶ୍ରେଷ୍ଠ ବୋଲର ମନୋଜ କୁମାର ବାରିକ ଓ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ଶ୍ରେୟାନ୍ସ ସାହୁ ପୁରସ୍କୃତ ହୋଇଥିଲେ।ଆଜିର ସଭା ରେ ମୁଖ୍ୟ ଅତୀଥି ଭାବରେ ବୋଲଗଡ଼ ବେଗୁନିଆ ର ପୂର୍ବତନ ବିଧାୟକ ଶ୍ରୀ ରାଜେନ୍ଦ୍ର କୁମାର ସାହୁ ଯୋଗ ଦେଇଥିଲେ।ସମ୍ମାନିତ ଅତିଥି ରାଇସିଂ ଷ୍ଟାର କ୍ଲବ ର ସଭାପତି ସଞ୍ଜୟ ପାଇକରାୟ,ମଣ୍ଡଳ ସଭାପତି ଉତ୍ତର ଖୋର୍ଦ୍ଧା ସଂଗ୍ରାମ କେଶରୀ ସାମନ୍ତ ସିଂହାର,ସମାଜସେବୀ ରାମ ଚନ୍ଦ୍ର ସାମନ୍ତ ରାୟ ଓ ବିହାରୀ ଲାଲ ଫାଇଟର କ୍ଲବ ର ସଭାପତି ଅକ୍ଷୟ ଜେନା, ପ୍ରତାପ ମାଗପାତ୍ର, ଗୋବର୍ଧନ ହାତୀ, ଅମରେନ୍ଦ୍ର ବରାଳ, ବନବିହାରୀ ସ୍ୱାଇଁ, ରାଜେଶ ବରାଳ ଯୋଗ ଦେଇ ସମସ୍ତ ଦଳ ଓ ଖେଳାଳି ମାନଙ୍କୁ ପୁରସ୍କୃତ କରିଥିଲେ। ଆଜିର ଖେଳକୁ ପରିଚାଳନା କରୁଥିଲେ ରୀୟାଜତ ଅଲି ଓ ପ୍ରୋଦୋଷ ବଳିଆର ସିଂହ। ସ୍କୋରର ଦାୟିତ୍ୱରେ ପ୍ରକାଶ ସାହୁ,ଅଭିଜିତ ସାମନ୍ତରାୟ ଓ ସୂର୍ଯ୍ୟ ପ୍ରତାପ ଗଜେନ୍ଦ୍ର ଓ ତାରାପ୍ରସାଦ ରାଉତରାୟ ରହିଥିଲେ। କ୍ୟାମେରା ମ୍ୟାନ ଭାବେ ବିନୋଦ ଜେନା ରହିଥିଲେ।ଭାଷ୍ୟକାର ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ପ୍ରଶାନ୍ତ ନାଟୁଆ ଓ ଅମୀୟ ପ୍ରଧାନ କାର୍ଯ୍ୟ କରିଥିଲେ। କାଜଲ ବଳିୟାର ସିଂ ମ୍ୟାଚ ରେଫରୀ ଦାୟିତ୍ୱ ତୁଲାଇଥିଲେ।ମଞ୍ଚ ପରିଚାଳନା କରିଥିଲେ ଅବ୍ୟକ୍ତ ହରିହର ଖାଡଙ୍ଗା।ଶେଷରେ ଦୂର୍ଯ୍ୟଧନ ପରିଡ଼ା ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଆଜିଠୁ ମିଳିବ ଅନଲାଇନ୍ ଟିକେଟ୍




ଭୁବନେଶ୍ୱର,୩୦ା୧୧(ସବ୍ୟୁ): ଆଗାମୀ ଡିସେମ୍ବର ୯ ତାରିଖରେ ଭାରତ-ଦ.ଆଫ୍ରିକା ଟି-୨୦ ଶୃଙ୍ଖଳାର ପ୍ରଥମ ମ୍ୟାଚ ବାରବାଟୀ ଷ୍ଟାଡିୟମରେ ଖେଳାଯିବ। ଏହି ମ୍ୟାଚକୁ ନେଇ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚି ସାରିଛି। ବାରବାଟୀର ପିଚ ଉଭୟ ନାଲି ଓ କଳା ମାଟିରେ ପ୍ରସ୍ତୁତ କରାଯାଇଛି। ଡିସେମ୍ବର ୧ ଅର୍ଥାତ୍ ସୋମବାରଠାରୁ ଏହି ମ୍ୟାଚ ପାଇଁ ଅନଲାଇନରେ ଟିକେଟ ବିକ୍ରି ହେବ। ଏସମ୍ପର୍କରେ ଓସିଏ ସମ୍ପାଦକ ସଞ୍ଜୟ ବେହେରା ସୂଚନା ଦେଇଛନ୍ତି। ବାରବାଟୀ ମ୍ୟାଚ ପାଇଁ କେବଳ ୨୦୦୦ ଟିକେଟ୍ ଅନଲାଇନରେ ବିକ୍ରି କରାଯିବ। ପୂର୍ବ ମ୍ୟାଚରେ ଅନଲାଇନରେ ୪୦୦୦ ଟିକେଟ୍ ବିକ୍ରି ହେବ। ଯେଉଁମାନେ ଅନଲାଇନ ଟିକେଟ୍ କିଣିବେ ସେମାନେ ଡିସେମ୍ବର ୮ ଓ ୯ରେ କେମ୍ବ୍ରିଜ ସ୍କୁଲରୁ ଟିକେଟ ସଂଗ୍ରହ କରିବେ। ଡିଷ୍ଟ୍ରିକ୍ଟ ବାଏଜୋମାଟ ଆପରେ ଟିକେଟ୍ ଉପଲବ୍ଧ ହେବ। ଚଳିତବର୍ଷ ଟିକେଟ୍ ସଂଖ୍ୟା କମିଥିବା ବେଳେ ଅନଲାଇନରେ ୨୦୦୦ ଟିକେଟ୍ ବିକ୍ରି ପାଇଁ ନିଷ୍ପତ୍ତି ହୋଇଛି। ଗ୍ୟାଲେରୀ ୧ ଏବଂ ୩ର ଟିକେଟ୍ ମୂଲ୍ୟ ୧୧୦୦ ଟଙ୍କା, ଗ୍ୟାଲେରୀ ୨ ଓ ୪ର ଟିକେଟ୍ ମୂଲ୍ୟ ୯୦୦ ଟଙ୍କା, ଗ୍ୟାଲେରୀ ୫ର ୧୨୦୦ ଟଙ୍କା, ଗ୍ୟାଲେରୀ ୭ର ୭୦୦ ଟଙ୍କା, ସ୍ପେଶାଲ ଏନକ୍ଲୋଜର ୬୦୦୦, ଏସି ବକ୍ସ ୮୦୦୦, ନ୍ୟୁ ପାଭିଲିୟନ୍ ୧୦,୦୦୦, କର୍ପୋରେଟ୍ ବକ୍ସ ଟିକେଟ ଦାମର ୨୦,୦୦୦ ଟଙ୍କା ରହିଛି। ପୂର୍ବ ମ୍ୟାଚରେ ୪୪,୫୦୦ ଟିକେଟ୍ ବିକ୍ରି ହୋଇଥିଲା। ଏଥର ୪୨,୦୦୦ ଟିକେଟ୍ ବିକ୍ରି କରାଯିବ। ଗ୍ୟାଲେରୀ ସିଟକୁ ୧୯ ଇଞ୍ଚ ବଦଳରେ ୨୨ ଇଞ୍ଚ କରାଯାଇଛି। ୧୮,୪୦୦ କମ୍ପିମେଣ୍ଟରୀ ଟିକେଟ୍ ରହିଥିବା ବେଳେ ଚଳିତ ବର୍ଷ ଉଭୟ ଅନଲାଇନ ଓ ଅଫଲାଇନରୁ ୩୦୮୦ଟିକେଟ୍ ସାଧାରଣ ଦର୍ଶକଙ୍କ କଟିଥିବା ବେଳେ କମ୍ପ୍ଲିମେଣ୍ଟରୀରୁ ୫୬୦ ଟିକେଟ କଟିଛି। ଡିସେମ୍ବର ୫ରେ ଅଫଲାଇନ ଟିକେଟ ବିକ୍ରି କରାଯିବ। ଡିସେମ୍ବର ୩ ଓ ୪ ତାରିଖରେ ଅନୁବନ୍ଧିତ କ୍ଲବ ମାନଙ୍କୁ ଟିକେଟ ବିକ୍ରି କରାଯିବ। ମ୍ୟାଚ ଦିନ ଦର୍ଶକ ଅପରାହ୍ନ ୪ଟା ବେଳେ ଷ୍ଟାଡିୟମକୁ ପ୍ରବେଶ କରିପାରିବେ। ଏତଦବ୍ୟତୀତ ମ୍ୟାଚ ଆରମ୍ଭ ହେବା ପୂର୍ବରୁ ଦର୍ଶକ ଲାଇଟ ଶୋ'ର ମଜା ନେବେ।

## ଖେଲୋ ଇଣ୍ଡିଆ ସଫ୍ଟ ଟେନିସ୍ ଲିଗ୍ ଉଦଯାପିତ

ଭୁବନେଶ୍ୱର,୩୦ା୧୧(ସବ୍ୟୁ): ଭୁବନେଶ୍ୱରର ଟାଇମ୍ସ ସ୍କୋଲାର୍ସ ଗୁରୁକୁଳ ପରିସରରେ ଅସ୍ମିତା ଖେଲୋ ଇଣ୍ଡିଆ ସଟ ଟେନିସ୍ ଲିଗ୍ ଅନୁଷ୍ଠିତ ହୋଇଯାଇଛି। ୧୫ ବର୍ଷରୁ କମ ବାଳିକା ବିଭାଗରେ ଲୋପା ଲିପସାନି ସ୍ୱର୍ଣ୍ଣ, ବର୍ଷା ପ୍ରିୟଦର୍ଶିନୀ ସେଠୀ ରୌପ୍ୟ, ଆଦ୍ୟାସା ରାଉତରାୟ ଏବଂ ଅଶ୍ୱିନୀ ଦିଗଲ ବ୍ରୋଞ୍ଜ ପଦକ ଜିତିଛନ୍ତି। ୧୮ ବର୍ଷରୁ କମ ବାଳିକାରେ ଲିପ୍ସାରାଣୀ ପ୍ରଧାନ ସ୍ୱର୍ଣ୍ଣ, ଆଦିପ୍ତା ସାହୁ ରୌପ୍ୟ, ଅର୍ଚନା ମହାପାତ୍ର ଓ ତନୁଶ୍ରୀ ନାୟକ ବ୍ରୋଞ୍ଜ ପଦକ ଜିତିଛନ୍ତି। ୨୧ ବର୍ଷରୁ କମ ବାଳିକାରେ ଅରୁଣିକା ମେହେଟ୍ଟା ସ୍ୱର୍ଣ୍ଣ, ରିସିକା ନନ୍ଦ ରୌପ୍ୟ, ଦିବ୍ୟଙ୍କା ମେହେର ଏବଂ ତାନିଆ ଜେନା ବ୍ରୋଞ୍ଜ ପଦକ ଜିତିଛନ୍ତି। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍କୁଲର ପ୍ରିନ୍ସିପାଲ ରଞ୍ଜିତା ମହାପାତ୍ର, ସାଧାରଣ ସମ୍ପାଦକ ମହମ୍ମଦ ଆଜମ, ଆୟୋଜକ ମୁଖ୍ୟ ଚିନ୍ମୟ ମହାନ୍ତି, ଏଚଓଡି ପ୍ରଜ୍ଞାନ ବଳିଆରସିଂ, ଆରତୀ ପଣ୍ଡା ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ସଫଳତା ପାଇଁ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଟାଇମ୍ସ ସ୍କୋଲାର୍ସ ଗୁରୁକୁଳର ଚେୟାରମ୍ୟାନ ସାରଦା ପ୍ରସାଦ ମିଶ୍ର, ଦିପ୍ତୀରଞ୍ଜନ ବେହେରା, ମହମ୍ମଦ ଅମନ, ରଞ୍ଜନ କୁମାର ନନ୍ଦ, ଦିଲ୍ଲୀପ କୁମାର ମହାନ୍ତି, ଟିଟନ ସାହୁ, ତପନ ମହାନ୍ତି, ବାସୁଦେବ ଓଝା ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।



## ବାଜିରାଉତ ସର୍ବଭାରତୀୟ ଆମନ୍ତ୍ରଣ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ

# ଡାଇମଣ୍ଡ ହାରବର ଚାମ୍ପିଅନ




ଢେଙ୍କାନାଳ,୩୦ା୧୧(ସବ୍ୟୁ): ଢେଙ୍କାନାଳ ଜିଲ୍ଲା ତଥା ଦେଶର ସର୍ବକନିଷ୍ଠ ସହୀଦ ବାଜିରାଉତଙ୍କ ଜନ୍ମ ଶତବାର୍ଷିକ ଅବସରରେ ସର୍ବଭାରତୀୟ ଆମନ୍ତ୍ରଣ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଡାଇମଣ୍ଡ ହାରବର କୋଲକୋତା ଚେନାଇକୁ ୭-୦ ଗୋଲରେ ପରାସ୍ତ କରି ଚଳିତ ବର୍ଷର ଚାମ୍ପିଆନ ହୋଇଛି। ଜିଲ୍ଲା କ୍ରୀଡା ସଙ୍ଘ ଏବଂ ଓଡିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ଓ ଢେଙ୍କାନାଳ ଜିଲ୍ଲାପ୍ରଶାସନର ମିଳିତ ସହଯୋଗରେ ଆୟୋଜିତ ହେଉଛି। ଆଜି ଅନୁଷ୍ଠିତ ମ୍ୟାଚ ଆସାମ ରାଇଫଲ ସିଲଙ୍ଗ ଏବଂ କୋଲକୋତା ଡାଇମଣ୍ଡ ହାରବର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ଡାଇମଣ୍ଡ ହାରବର କୋଲକୋତା ୭-୦ ଗୋଲରେ ଚେନାଇ ଇନକମଟାକ୍ସକୁ ପରାସ୍ତ କରି ଚାମ୍ପିଆନ ହୋଇଛି। ଏହି ମ୍ୟାଚରେ ପ୍ରଥମ ଓ ଦ୍ୱିତୀୟ ଗୋଲ ରାମଦିନ ତାବା ଦେଇଥିବା ବେଳେ ତୃତୀୟ ଗୋଲ ଜୁବି ଜଷ୍ଟିନ ଦେଇଥିବାବେଳେ ଚତୁର୍ଥ ଗୋଲ ରାମଲିନ ଥାରା, ୫ମ ଗୋଲ କ୍ଲେଟନ ସେଭେରା, ଷଷ୍ଠ ଗୋଲ ବ୍ରାଇଟ ଇନାବାଖେ ଓ ସପ୍ତମ ଗୋଲ ଆନୋନିଓ ମୋୟାନେ ଦେଇଥିଲେ। ଆଜିର ଉତ୍ସବରେ ମୁଖ୍ୟ ଅତିଥି ଭାବରେ ମ୍ରିଦୁଳା ଠାକୁର ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବରେ ଯୁବରାଜ ଅମରଜ୍ୟୋତି ସିଂହଦେଓ, ନଓ୍ୱାର ନିର୍ଦ୍ଦେଶକ ରାଜେଶ ଘୋଷ, କ୍ରୀଡା ସମ୍ପାଦକ ନଳିନି କୁମାର ଦାଶ, ବିଜେପି ଜିଲ୍ଲା ସଭାପତି ରାସ ବିହାରୀ ବେହେରା, ଉପସଭାପତି ସଞ୍ଜୟ କୁମାର ଭଞ୍ଜ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଚାମ୍ପିଆନ ଟିମକୁ ଦୁଇ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରିଥିବା ବେଳେ ରନର୍ସ ଅପ ଟିମକୁ ଅମରଜ୍ୟୋତି ସିଂହଦେଇ ୧ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଖେଳକୁ ନେଇ ମୁଖ୍ୟ ଅତିଥି ସନ୍ତୋଷ ବ୍ୟକ୍ତ କରିବା ସହିତ ଏଭଳି ଖେଳର ଆୟୋଜନ ହେବା ଉଚିତ ବୋଲି କହିଥିଲେ। ବିଶିଷ୍ଟ ଫୁଟବଲ ଖେଳ ସଙ୍ଗଠକ ଅରୁଣ ଆସମାନ ଦାଶ ଏବଂ ପ୍ରତୀକ ଭଞ୍ଜ ସମସ୍ତ ରେଫରୀ ଏବଂ ସଭ୍ୟ ମାନଙ୍କୁ ସମ୍ମାନୀତ କରିଥିଲେ। ଏହି ମ୍ୟାଚରେ କ୍ରୀଡା ସମ୍ପାଦକ ନଳିନୀକୁମାର ଦାସ, ଉପସଭାପତି ସଞ୍ଜୟ କୁମାରଭଞ୍ଜଙ୍କ ସହିତ ଅନ୍ୟମାନେ ସହଯୋଗ କରିଥିଲେ। ଘୋଷଣ ଭାବରେ ପର୍ଶୁରାମ ମିଶ୍ର, ପ୍ରେମାନନ୍ଦ ମହାନ୍ତି, ଆଡଭୋକେଟ ସରୋଜ କୁମାର ପାଢୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାଜ୍ୟ ଓପନ ଚେସ ଚାମ୍ପିଅନସିପ୍: ପ୍ରାନ୍ସୁ ବିଜେତା



ଭୁବନେଶ୍ୱର,୩୦ା୧୧(ସବ୍ୟୁ): ଓଡ଼ିଶା ରାଜ୍ୟ ଚେସ ସଂଘ ଏବଂ ରୟାଲ ପବ୍ଲିକ ସ୍କୁଲର ମିଳିତ ଆନୁକୂଲ୍ୟରେ ୧୭ ବର୍ଷରୁ କମ ରାଜ୍ୟ ଓପନ ଚେସ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ଆପିଜୟ ସ୍କୁଲର ଛାତ୍ର ପ୍ରାନ୍ସୁ ଦାସ ଚାମ୍ପିଅନ ହୋଇଛନ୍ତି। କେନ୍ଦ୍ରୀୟ ବିଦ୍ୟାଳୟ ୧ ଭୁବନେଶ୍ୱରର ଛାତ୍ର ଆୟୁଷମାନ ବେହେରା ଦ୍ୱିତୀୟ ସ୍ଥାନ, ସାହିଲ କ୍ରିଷ୍ଣା ସାମଲ ତୃତୀୟ , କୁମାର ପ୍ରଥମ ଚତୁର୍ଥ ଏବଂ ଆରିସ ନନ୍ଦ ଗୋସ୍ୱାମୀ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଏତଦବ୍ୟତୀତ ବିଭିନ୍ନ ବୟସବର୍ଗ ଓ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଉଦଯାପନୀ ଉତ୍ସବରେ ରୟାଲ ପବ୍ଲିକ ସ୍କୁଲର ଭାଇସ ପ୍ରିନ୍ସିପାଲ ପ୍ରଜ୍ଞା ପରମିତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।

# ଡିସେମ୍ବର ୬ରେ ଏସଏସଆଇ କ୍ରୀଡା ସମ୍ମାନ




ଭୁବନେଶ୍ୱର,୩୦ା୧୧(ସବ୍ୟୁ): କ୍ରୀଡା ବିଜ୍ଞାନ ଓ କ୍ରୀଡା ପ୍ରୋତ୍ସାହନ ସଂସ୍ଥା ଏସଏସଆଇ ପକ୍ଷରୁ ଭୁବନେଶ୍ୱରରେ ଭାରତୀୟ କ୍ରୀଡାକୁ ଏକ ଉଲ୍ଲେଖନୀୟ ଉତ୍ସବ ପାଳନ କରିବାକୁ ଯାଉଛି। ଡକ୍ଟର ସାର୍ଥକ ପଟ୍ଟନାୟକ ଏବଂ ସୌମ୍ୟ ପଟ୍ଟନାୟକଙ୍କ ଦ୍ୱାରା ସ୍ଥାପିତ ଏସଏସଆଇ ପକ୍ଷରୁ ଡିସେମ୍ବର ୬ ତାରିଖରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଏସଏସଆଇ ସ୍ପୋର୍ଟ୍ସ ନ୍ୟାସନାଲ ଆୱାର୍ଡ ଆୟୋଜିତ ହେବାକୁଯାଉଛି। ପରେ ପରେ ୭ ତାରିଖରେ ହୋଟେଲ ଲାଇଫରେ ସ୍ପୋର୍ଟ୍ସ ସାଇନ୍ସ କନକ୍ଲେବ ଆୟୋଜନ ହେବ। ବୈଜ୍ଞାନିକ ପଦ୍ଧତିରେ ତାଲିମ ଆଥଲେଟଙ୍କ କଲ୍ୟାଣ ଏବଂ ସୁସଂଗଠିତ ସ୍ୱୀକୃତିର ବର୍ଦ୍ଧିତ ଗୁରୁତ୍ୱ ସମ୍ପର୍କରେ ଏହି କନକ୍ଲେଭ ଆଲୋକପାତ କରିବ। କଳିଙ୍ଗ ଷ୍ଟାଡିୟମରେ ଡିସେମ୍ବର ୬ରେ ହେବାକୁଥିବା ଏସଏସଆଇ ସ୍ପୋର୍ଟ୍ସ ଆୱାର୍ଡ ୧୬ ଜଣ ବିଶିଷ୍ଟ ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତର କ୍ରୀଡା ବ୍ୟକ୍ତିତ୍ୱ ପାଇବେ। ଏମାନଙ୍କ ମଧ୍ୟରୁ ଅନେକ ଅର୍ଜୁନ ଏବଂ ଦ୍ରୋଣାଚାର୍ଯ୍ୟ ଭଳି ଜାତୀୟ ପୁରସ୍କାର ଲାଭ କରିସାରିଛନ୍ତି। ପୁରସ୍କାର ପ୍ରଦାନ ସମାରୋହରେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, କ୍ରୀଡା ସଚିବ ସଚିନ ରାମଚନ୍ଦ୍ର ଯାଦବ ଏବଂ ଅତିରିକ୍ତ ଡିଜି ତଥା ପରିବହନ କମିଶନର ଅମିତାଭ ଠାକୁର ଯୋଗଦେବେ। ସମ୍ମାନିତ ହେବାକୁଥିବା କ୍ରୀଡା ବ୍ୟକ୍ତିତ୍ୱଙ୍କ ମଧ୍ୟରେ ଭାରତୀୟ ଆଇସି ହକି ଟିମ୍ ଅନ୍ତର୍ଭୁକ୍ତ। ଯାହା ବିଶ୍ୱର ସବୁଠାରୁ କଷ୍ଟକର କ୍ରୀଡାରେ ନିଜର ସାହସ ଓ ପ୍ରତିଭା ଦେଖାଇଛି। ବ୍ୟାଟମିଣ୍ଟନ ପ୍ରତିଭା ଆୟୁଷ ସେଠୀ, ଆଇକନିକ୍ ସଟପୁଟର, ଟ୍ରିପଲ ଅଲମ୍ପିଆନ, ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ଏବଂ ଜାତୀୟ ଥ୍ରୋଇଂ ଇଭେଣ୍ଟ, ଶକ୍ତି ସିଂ, ଅଲିମ୍ପିଆନ୍ ସନ୍ତରଣକାରୀ, ଏକାଧିକ ଜାତୀୟ ରେକର୍ଡ ଧାରୀ ସଜନ ପ୍ରକାଶ ଟେବୁଲ ଟେନିସ୍ ଖେଳାଳି ଅଚନ୍ତା ଶରଥକମଲ, ଜାତୀୟ ରେକର୍ଡଧାରୀ ହଡଲର ଜ୍ୟୋତି ଏରାଜି ପ୍ରମୁଖ ଉତ୍ସବରେ ଉପସ୍ଥିତ ରହି ସମ୍ମାନ ଗ୍ରହଣ କରିବେ। ଏସଏସଆଇ କର୍ଣ୍ଣ ପୁରସ୍କାର ବିରତ୍ୱ, ଲକ୍ଷବଦ୍ଧତା ଏବଂ କ୍ରୀଡାରେ ଉତ୍ସାହର ପ୍ରତୀକ ଭାବରେ ପୌରାଣିକ ଯୋଦ୍ଧାଙ୍କ ଅନୁଯାୟୀନାମିତ କରାଯାଇଛି। ମିଲଖା ସିଂ ସ୍ପ୍ରିଣ୍ଟ ଆୱାର୍ଡ ପ୍ରଦାନ କରାଯିବ। ଦିଲୀପ ତିର୍କୀ ଏବଂ ଶକ୍ତି ସିଂଙ୍କ ନାମରେ ନାମିତ ପୁରସ୍କାର ଯଥାକ୍ରମେ ହକି ଓ ଥ୍ରୋଇଂ ଇଭେଣ୍ଟରେ କ୍ରୀଡା ବ୍ୟକ୍ତିତ୍ୱଙ୍କୁ ପ୍ରଦାନ କରାଯିବ। ତୃଣମୁଳସ୍ତରରେ କାର୍ଯ୍ୟ ପ୍ରଶିକ୍ଷଣ କ୍ଷେତ୍ରରେ ଅବଦାନ କ୍ରୀଡା ବିଜ୍ଞାନରେ ନବସଞ୍ଜନ ଏବଂ ଜୀବନବ୍ୟାପୀ ସେବା ଆଦିରେ ଅନେକ ସମ୍ମାନ ପ୍ରଦାନ କରାଯିବ। ଏସଏସଆଇ କ୍ରୀଡା ସମ୍ମାନ ସମ୍ପର୍କରେ ଡକ୍ଟର ସାର୍ଥକ ପଟ୍ଟନାୟକ କହିଛନ୍ତି। ଏସଏସଆଇ ସ୍ପୋର୍ଟ୍ସ ନ୍ୟାସନାଲ ଆୱାର୍ଡ ଏବଂ ସ୍ପୋର୍ଟ୍ସ ସାଇନ୍ସ କନକ୍ଲେଭ ଭଳି କାର୍ଯ୍ୟକ୍ରମ ଭାରତରେ କ୍ରୀଡା ଓ କ୍ରୀଡା ବିଜ୍ଞାନ ସମ୍ପର୍କରେ ସଚେତନତା ସୃଷ୍ଟି ନିମନ୍ତେ ନିତ୍ୟାନ୍ତ ଜରୁରୀ। ଆମେ ତୃଣମୁଳ ସ୍ତରରୁ ଏକ ମଜଭୁତ ମୁଳଦୁଆ ଗଢିବା ଏବଂ ବିଶ୍ୱସ୍ତରୀୟ ଆଥଲେଟକ ପ୍ରସ୍ତୁତ କରିବାକୁ ହେଲେ ବିଜ୍ଞାନ, ସ୍ୱୀକୃତି ଏବଂ ସଂଗଠିତ ସମର୍ଥନ ରହିବା ଆବଶ୍ୟକ। ତେବେ ଓଡ଼ିଶା ପାଇଁ ଏହା ଗର୍ବିତ ମୁହୂର୍ତ୍ତ। କାରଣ ୧୬ ଜଣ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡା ବ୍ୟକ୍ତିତ୍ୱ ଭୁବନେଶ୍ୱର ଆସିବେ। ଏମାନଙ୍କ ମଧ୍ୟରେ ଅନେକ ଅର୍ଜୁନ ଓ ଦ୍ରୋଣାଚାର୍ଯ୍ୟ ସମ୍ମାନ ଲାଭ କରିଛନ୍ତି। ଏମାନଙ୍କୁ ସମ୍ମାନିତ କରିବାର ସୁଯୋଗ ଆମେ ପାଇବାକୁ ଯାଉଛୁ। ସେମାନଙ୍କୁ ଉପସ୍ଥିତ କ୍ରୀଡାର ବିକାଶ ଦିଗରେ ଓଡ଼ିଶାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏସଏନଏମ ଗ୍ରୁପର ଏମଡି ପ୍ରବୋଧ ମହାନ୍ତି ଏବଂ ଏସଏସଆଇର ସଦସ୍ୟ ଲିପିକା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି କ୍ରୀଡା ପୁରସ୍କାର ଓ ଆଭିମୁଖ୍ୟ ସକ୍ଷପରେ ବିସ୍ତୃତ କରିଛି।

ସୂଚନା
ସମୟ
BHIM
BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ। ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ। ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି